# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୮/୨୦୨୦ (୧୩ ପୃଷ୍ଠା) | Bhubaneswar, Wednesday, July 8/2020 | ★★★★★★

୪୬ଶ ଭାଗ ୨୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ମେକ୍‌ଅପ୍ ସମୟରେ ନେହାଙ୍କ ମସ୍ତି**

ସିଙ୍ଗିଙ୍ଗ୍ କୁଇନ୍ ନେହା କକ୍କର ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ ସେ ମେକ୍‌ଅପ ବେଳେ ଗୀତ ସହ ଡ୍ୟାନ୍ସ କରୁଥିବା ନଜର ଆସିଛନ୍ତି।

୧୦

୧୧

**୩୯ ବର୍ଷରେ ଧୋନୀ**

ଭାରତୀୟ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୩୯ ବର୍ଷରେ ପଦାର୍ପଣ କରିଛନ୍ତି।



# ୩୦% କମିଲା ସିବିଏସ୍‌ଇ ସିଲାବସ୍

## ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମୁଣ୍ଡରୁ ବୋଝ ହ୍ରାସ

ନୂଆଦିଲ୍ଲୀ,୭।୭

ମହାମାରୀ କରୋନା ସମସ୍ତଙ୍କୁ ଆତଙ୍କିତ କରି ରଖିଥିବା ବେଳେ କେନ୍ଦ୍ର ସରକାର ସ୍କୁଲ ସିଲାବସ୍‌ରେ କେତେକ ପରିବର୍ତ୍ତନ କରିବା ଲାଗି ଚିନ୍ତା କରିଛନ୍ତି। ସିବିଏସ୍‌ଇ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ପାଠ୍ୟକ୍ରମ ହ୍ରାସ କରାଯାଇଛି। ସିବିଏସ୍‌ଇ ସିଲାବସ୍‌ରୁ ୩୦% କମାଯାଇଛି। ଏନେଇ ମଙ୍ଗଳବାର ମାନବ ସମ୍ବଳ ମନ୍ତ୍ରୀ ରମେଶ ଚନ୍ଦ୍ର ପୋଖରିଆଲ ନିଶଙ୍କ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପୂର୍ବରୁ ସିବିଏସ୍‌ଇକୁ ପାଠ୍ୟକ୍ରମର ପୁନର୍ବିଚାର କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥି ସହିତ କିଛି ସପ୍ତାହ ପୂର୍ବରୁ ସମଗ୍ର ଭାରତର ଶିକ୍ଷାବିତ୍‌ଙ୍କୁ ମଧ୍ୟ ଏନେଇ ପରାମର୍ଶ ମାଗିଥିଲି। ଖୁସି ଲାଗିଲା ଯେ, ୧୫୦୦ରୁ ଅଧିକ ପରାମର୍ଶ ଆସିଥିଲା। ତେଣୁ ନବମରୁ ଦ୍ୱାଦଶ ୩୦ପ୍ରତିଶତ ସିଲାବସ୍ କମାଇବା ପାଇଁ ନିଷ୍ପତ୍ତି ନେଲୁ। ଏ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସିବିଏସ୍‌ଇକୁ ପରାମର୍ଶ ଦିଆଯାଇଥିଲା। ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମୁଣ୍ଡରୁ ବୋଝ କମାଇବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ସିବିଏସ୍‌ଇ ପକ୍ଷରୁ ସରକାରଙ୍କ ନିର୍ଦ୍ଦେଶାବଳୀକୁ ଗ୍ରହଣ କରାଯାଇଛି। ହ୍ରାସ ପାଇଥିବା ସିଲାବସ୍‌ରୁ କୌଣସି ବିଷୟ ପରୀକ୍ଷାରେ ପଡ଼ିବ ନାହିଁ ବୋଲି ଦର୍ଶାଯାଇଛି।

୨୦୨୦-୨୧ ଶିକ୍ଷାବର୍ଷ ଲାଗି ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ସିଲାବସ୍‌ରେ ପରିବର୍ତ୍ତନ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ବୋର୍ଡର କରିକୁଲମ୍ କମିଟି, ଗଭର୍ଣ୍ଣିଂ ବୋର୍ଡ ବୈଠକ ବସି ପାଠ୍ୟକ୍ରମ ପରିବର୍ତ୍ତନ ସମ୍ପର୍କରେ ବିଚାର କରାଯିବ ଓ ମୁଖ୍ୟ ବିଷୟଗୁଡ଼ିକୁ ଗୁରୁତ୍ୱ ଦିଆଯିବ ବୋଲି ବୋର୍ଡ କହିଛି। ପ୍ରକାଶଥାଉ କି, ଗତମାସରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ସବୁ ଶ୍ରେଣୀ ଲାଗି ସିଲାବସ୍‌ରେ ୩୦% କମାଯିବା ସପକ୍ଷରେ ମତ ଦେଇଥିଲେ। ମାର୍ଚ୍ଚ ୨୪ରେ ଦେଶବ୍ୟାପୀ ଲକ୍‌ଡାଉନ୍ ସରକାର ଘୋଷଣା କରିବା ପରେ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, ମହାମାରୀ କରୋନା ଯୋଗୁ ଆଇସିଏସ୍‌ଇ ଓ ଆଇଏସ୍‌ସି ବାର୍ଷିକ ପରୀକ୍ଷା ପରିଚାଳନା କରୁଥିବା ବୋର୍ଡ ଆଗାମୀ ଶିକ୍ଷାବର୍ଷଠାରୁ ୨୫% ସିଲାବସ୍ କମାଇବା ଲାଗି ନିଷ୍ପତ୍ତି ନେଇସାରିଛି।

# ଅଭିଯୁକ୍ତ ଡାକ୍ତର ଗିରଫ



ଗିରଫ ଡାକ୍ତର ଦେବାଶିଷ ଘୋଷ।

ସୁନ୍ଦରଗଡ଼, ୭।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନାରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ଗର୍ଭପାତ ଘଟଣାରେ କ୍ରାଇମବ୍ରାଞ୍ଚ ଥାନାର ବହିଷ୍କୃତ ଆଇଆଇସି ଆନନ୍ଦ ଚନ୍ଦ୍ର ମାଝିଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଆଇଆଇସି ମାଝିଙ୍କ କଥାରେ ସମ୍ପୃକ୍ତ ନାବାଳିକାଙ୍କ ବେଆଇନ ଗର୍ଭପାତ କରାଇଥିବା ବୀରମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦେବାଶିଷ ଘୋଷଙ୍କୁ ମଙ୍ଗଳବାର କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଛି। ପ୍ରଥମେ ଡାକ୍ତର ଘୋଷଙ୍କୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଥାନାକୁ ଆଣି ପଚରାଉଚରା କରିଥିଲା। ଏହାପରେ ତାଙ୍କୁ ଗିରଫ ଦର୍ଶାଇ ସୁନ୍ଦରଗଡ଼ ପୋକ୍‌ସୋ ଅଦାଲତରେ ହାଜର କରିଥିଲା। ଅଦାଲତ ଆସନ୍ତା ୧୬ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୪ ଅଭିଯୁକ୍ତ ଫେରାର ଅଛନ୍ତି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୫ରେ ମେଳା ଦେଖିବାକୁ ସମ୍ପୃକ୍ତ ନାବାଳିକା ବୀରମିତ୍ରପୁର ଯାଇଥିଲେ। ହେଲେ ☞ପୃଷ୍ଠା-୪

**ବୀରମିତ୍ରପୁର ଥାନାରେ ନାବାଳିକାଙ୍କୁ ବଳାତ୍କାର ଘଟଣା**

## ରିପୋର୍ଟ ମାଗିଲେ ଜନଜାତି ଆୟୋଗ

■ ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ନିର୍ଦ୍ଦେଶ

କଟକ ଅଫିସ୍,୭।୭

ବୀରମିତ୍ରପୁର ଥାନାରେ ନାବାଳିକାଙ୍କୁ ବଳାତ୍କାର ଏବଂ ପରେ ଗର୍ଭପାତ ଘଟଣାରେ ମଙ୍ଗଳବାର ରିପୋର୍ଟ ତଲବ କରିଛନ୍ତି ଜାତୀୟ ଅନୁସୂଚିତ ଜନଜାତି ଆୟୋଗ (ନ୍ୟାଶନାଲ କମିଶନ ଫର୍ ସିଡ୍ୟୁଲ୍ଡ ଟ୍ରାଇବ୍)। ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ ସୁନ୍ଦରଗଡ଼ ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉପରୋକ୍ତ ଘଟଣା ନେଇ ବିଭିନ୍ନ ସଙ୍ଗଠନ କମିଶନ ନିକଟରେ ଫେରାଦ ହୋଇଥିଲେ। ଉପରୋକ୍ତ ଅପରାଧ ଅନୁସୂଚିତ ଜାତି ଏବଂ ଜନଜାତି (ପ୍ରିଭେନ୍ସନ୍ ଅଫ୍ ଆଟ୍ରୋସିଟି) ଆକ୍ଟ-୧୯୮୯ ଅଧୀନରେ ଆସୁଛି। ତେଣୁ ସେହି ଆଧାରରେ ଅଭିଯୁକ୍ତଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହାର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଆୟୋଗ। ଏଥିସହ ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବା ପାଇଁ ପୋଲିସକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ବୀରମିତ୍ରପୁର ଥାନା ଭିତରେ ଜଣେ ଆଦିବାସୀ ନାବାଳିକାଙ୍କୁ ରଖି ପୂର୍ବତନ ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି ପ୍ରଥମେ ବଳାତ୍କାର ଏବଂ ପରେ ଗର୍ଭପାତ କରିଥିବା ଅଭିଯୋଗ ହୋଇଥିଲା।




# ନୂତନ ନିଯୁକ୍ତି ବନ୍ଦ

ଭୁବନେଶ୍ୱର, ୭।୭(ବ୍ୟୁରୋ)

**ରାଜକୋଷ ଉପରେ କରୋନା ମାଡ଼**

- ■ ଯାନବାହନ କିଣା, ବାବୁଙ୍କ ବିଦେଶ ଗସ୍ତ ନିଷେଧ
- ■ ନୂତନ ନିର୍ମାଣ, ନବୀକରଣ, ହୋଟେଲରେ ବୈଠକ ବନ୍ଦ
- ■ ୫ ବର୍ଷରୁ ଉର୍ଦ୍ଧ୍ୱ ଖାଲି ପଦବୀ ଉଚ୍ଛେଦ ହେବ
- ■ ୨ ବର୍ଷ ଯାଏ ସରକାରୀ କୋଠା, ଅତିଥି ଭବନ ନିର୍ମାଣ ବନ୍ଦ
- ■ ସବୁ ବିଭାଗକୁ ଖର୍ଚ୍ଚକାଟ୍ ନିର୍ଦ୍ଦେଶ

କୋଭିଡ୍-୧୯ ସଂକ୍ରମଣ ବେଳକୁ ବେଳ ଭୟଙ୍କର ହେବାରେ ଲାଗିଛି। ଏହି ମହାମାରୀ କେବଳ ସ୍ୱାସ୍ଥ୍ୟ ନୁହେଁ ରାଜକୋଷକୁ ମଧ୍ୟ ଦୁର୍ବଳ କଲାଣି। ଖର୍ଚ୍ଚକାଟ୍ କରିବାକୁ ରାଜ୍ୟ ସରକାର ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମଙ୍ଗଳବାର ଅର୍ଥ ବିଭାଗ ସଚିବ ଅଶୋକ ମୀନା ସବୁ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ସଚିବଙ୍କୁ ଚିଠି ଲେଖି ଜଣାଇଛନ୍ତି। ଅତି ଆବଶ୍ୟକ ଖର୍ଚ୍ଚକୁ ଛାଡି ଅନ୍ୟ ସମସ୍ତ ଖର୍ଚ୍ଚ ଉପରେ ଅର୍ଥ ବିଭାଗ ଅଙ୍କୁଶ ଲଗାଇଛି।

ଆସନ୍ତା ଦୁଇବର୍ଷ ପାଇଁ ନୂଆ ଯାନବାହନ କିଣିବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଯଦି କୌଣସି ନୂଆ ଯାନବାହନ କିଣିବାକୁ ହେବ, ତେବେ ଅର୍ଥ ବିଭାଗର ଅନୁମୋଦନ ନେବାକୁ ପଡ଼ିବ। ସମସ୍ତ ସରକାରୀ ଗସ୍ତକୁ ବାତିଲ କରାଯାଇଛି। ସବୁକିଛି ଭିଡିଓକନଫରେନ୍ସ ଦ୍ୱାରା କରିବାକୁ ପରାମର୍ଶ ଦିଆଯାଇଛି। ସରକାରୀ ଅର୍ଥରେ ବିଦେଶ ଗସ୍ତ କରାଯାଇ ପାରିବ ନାହିଁ। ବିମାନ ☞ପୃଷ୍ଠା-୪

# ତାଳଚେର ସାର କାରଖାନା ପ୍ରକଳ୍ପ କାର୍ଯ୍ୟ ବନ୍ଦ

ନୂଆଦିଲ୍ଲୀ,୭।୭

- ■ ଚାଇନା କମ୍ପାନୀକୁ ମିଳିଥିଲା କଣ୍ଟ୍ରାକ୍ଟ
- ■ କରୋନା, ସୀମା ବିବାଦ ଯୋଗୁ ସମସ୍ୟା ଉପୁଜିଛି



ଭାରତ-ଚାଇନା ଯୁଦ୍ଧ ଲଦାଖର ଗଲ୍‌ୱାନ ଉପତ୍ୟକାରେ ହୋଇଥାଇପାରେ, କିନ୍ତୁ ତାହାର ପ୍ରଭାବ ଦୂରଦୂରାନ୍ତରେ ପଡୁଛି। ଓଡ଼ିଶାର ଦୁଇଜଣ ଶହୀଦ ଚନ୍ଦ୍ରକାନ୍ତ ପ୍ରଧାନ ଓ ନନ୍ଦୁରାମ ସୋରେନ ପ୍ରଥମ ୨୦ ଭାରତୀୟ ମୃତ ଯବାନଙ୍କ ମଧ୍ୟରେ ଥିବାବେଳେ ଏବେ ଦୁଇଦେଶ ମଧ୍ୟରେ ଲାଗିରହିଥିବା ତିକ୍ତତାର ପ୍ରଭାବ ଶିଳ୍ପକ୍ଷେତ୍ରରେ ମଧ୍ୟ ପଡ଼ିଛି। ତାଳଚେର ସାର କାରଖାନା ପୁନରୁଦ୍ଧାର କାର୍ଯ୍ୟକୁ ଏକ ଚାଇନା କମ୍ପାନୀ ଦ୍ୱାରା କରାଯିବାର ନିର୍ଣ୍ଣୟ କେନ୍ଦ୍ର ସରକାର କରିଥିଲେ। ଏବେ ମିଳିଥିବା ଖବର ଅନୁଯାୟୀ ତାଳଚେର ସାର କାରଖାନା ଏବଂ କୋଇଲା ଗ୍ୟାସିଫିକେଶନ ପ୍ରକଳ୍ପ କାମ ବନ୍ଦ ହୋଇଯାଇଛି।

୧୩,୨୭୭ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେଉଥିବା ଏହି ପ୍ଲାଣ୍ଟର କାର୍ଯ୍ୟ ଚାଇନାର ଉହାନ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍‌କୁ ଗତ ସେପ୍ଟେମ୍ବରରେ ପ୍ରଦାନ କରାଯାଇଥିଲା। ମାତ୍ର ବିଭିନ୍ନ ବୈଷୟିକ କାରଣ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଏବେ ବନ୍ଦ ରହିଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କରୋନା ମହାମାରୀ ଯୋଗୁ ଭିଜା ସମସ୍ୟା, ଟେକ୍ନିସିଆନ, ଆବଶ୍ୟକ ଯନ୍ତ୍ରପାତି ଏବଂ ଶ୍ରମିକଙ୍କୁ ଭାରତ ଆଣି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଉକ୍ତ କମ୍ପାନୀ ବିଭିନ୍ନ ସମସ୍ୟାର ସାମ୍ନା କରୁଛି। ଫଳରେ ପ୍ରକଳ୍ପ କାର୍ଯ୍ୟ ବର୍ତ୍ତମାନ ଆଗେଇ ନ ପାରି ବନ୍ଦ ହୋଇ ପଡିଥିବା ଜଣାପଡ଼ିଛି।

ସୀମାରେ ଭାରତ-ଚାଇନା ସେନା ମୁହାଁମୁହିଁ ଘଟଣା ପ୍ରକଳ୍ପ କାର୍ଯ୍ୟ ଉପରେ ପ୍ରଭାବ ପକାଇଥିବା କୁହାଯାଇଛି। ମାତ୍ର ଏହି କମ୍ପାନୀ ପ୍ରକଳ୍ପକାର୍ଯ୍ୟକୁ ଆଗକୁ ବଢ଼ାଇବ କି ନାହିଁ, ସେ ସମ୍ପର୍କରେ ବର୍ତ୍ତମାନ କହିହେବ ନାହିଁ ବୋଲି ଅଧିକାରୀ ଜଣକ ପ୍ରକାଶ କରିଛନ୍ତି। କୋଲ୍ ଗ୍ୟାସିଫିକେଶନ ପଦ୍ଧତିରେ କୋଇଲା ଉତ୍ପାଦନ ହେବାରେ ଦେଶର ପ୍ରଥମ ପ୍ରକଳ୍ପ। ଏହା କାର୍ଯ୍ୟକ୍ଷମ ହେଲେ ୟୁରିଆ ଆମଦାନୀ କ୍ଷେତ୍ରରେ ନିର୍ଭରତା କମିବ। ଭାରତ-ଚାଇନା ମଧ୍ୟରେ ଉପୁଜିଥିବା ସୀମା ବିବାଦ ସଂକ୍ରାନ୍ତ ଆଲୋଚନା କେଉଁ ମୋଡ଼ ନେଉଛି ତାହା ଉପରେ ନଜର ରହିଛି, ଯାହାକି ପ୍ରକଳ୍ପ କାର୍ଯ୍ୟର ଭବିଷ୍ୟତ ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି। ଏହି ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢାଇବା ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ବିଚାର କରିବେ। ହେଲେ ଜାତୀୟ ସ୍ୱାର୍ଥକୁ ମଧ୍ୟ ବିଚାର କରାଯିବ ବୋଲି ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

କେନ୍ଦ୍ର ସରକାର ନିକଟରେ ଟିକ୍‌ଟକ୍ ସମେତ ୫୯ ଚାଇନା ମୋବାଇଲ ଆପ୍ଲିକେଶନକୁ ଭାରତରେ ☞ପୃଷ୍ଠା-୪

# 'ମୋ ସରକାର'ରେ କୋଭିଡ୍ ପରିଚାଳନା

ଭୁବନେଶ୍ୱର, ୭।୭(ବ୍ୟୁରୋ)

କୋଭିଡ୍ ପରିଚାଳନାକୁ ଅଧିକ ଉତ୍ତରଦାୟୀ କରିବା ପାଇଁ ଏହାକୁ 'ମୋ ସରକାର'ରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍ ରୋଗୀ ଓ ଯୋଦ୍ଧାମାନଙ୍କ ସହିତ ନିୟମିତ ଯୋଗାଯୋଗ କରି ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରିବାପାଇଁ ଜିଲା କୋଭିଡ୍ ପର୍ଯ୍ୟବେକ୍ଷକ ଓ ବରିଷ୍ଠ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ମଧ୍ୟ କୋଭିଡ୍ ଯୋଦ୍ଧା ଓ ରୋଗୀମାନଙ୍କଠାରୁ ତଥ୍ୟ ସଂଗ୍ରହ କରିବେ। ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପାଣି ମାଡ଼ି ଆସିଛି**






**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

# ଚୟନ ଶିବିରରେ ମଞ୍ଜୁ, ଜ୍ୟୋତି

କଟକ ଅଫିସ,୭।୭



ଜ୍ୟୋତି କୁମାରୀ



ମଞ୍ଜୁ ଗଞ୍ଜୁ

୧୭ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପାଇଁ ଗୋଆଠାରେ ଆସନ୍ତା ୨୦ରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଜାତୀୟ ଦଳର ଚୟନ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ସ୍ଥାନ ପାଇଛନ୍ତି ଓଡ଼ିଶାର ଦୁଇ ଫୁଟବଲ ପ୍ରତିଭା ଜ୍ୟୋତି କୁମାରୀ ଓ ମଞ୍ଜୁ ଗଞ୍ଜୁ। ମଞ୍ଜୁଙ୍କ ଘର ସୁନ୍ଦରଗଡ଼ ଜିଲାରେ। ଜ୍ୟୋତି ଉତ୍ତରପ୍ରଦେଶ ବନାରସର ହୋଇଥିଲେ ମଧ୍ୟ ଗତ ୪ବର୍ଷ ହେବ ଓଡ଼ିଶା ପକ୍ଷରୁ ଖେଳି ଆସୁଛନ୍ତି। ବିଶ୍ୱକପ୍ ଦଳ ବଛାଯିବା ପାଇଁ ଏହା ଶେଷ ପର୍ଯ୍ୟାୟ। ଏହି ଦୁଇ ପ୍ରତିଭା ଚୂଡ଼ାନ୍ତ ଦଳରେ ସାମିଲ ହେଲେ ଓଡ଼ିଶା ଇତିହାସ ରଚିବ। ରାଜ୍ୟର ପ୍ରଥମ ମହିଳା ଖେଳାଳି ଭାବେ ଏମାନେ ବିଶ୍ୱକପ୍ ଦଳରେ ସ୍ଥାନ ପାଇବେ। ସୂଚନା ଥାଉକି, ଉକ୍ତ ବିଶ୍ୱକପ୍‌ର ଆୟୋଜକ ହେଉଛି ଭାରତ। ଦେଶର ୫ଟି ଭେନ୍ୟୁରେ ପ୍ରତିଯୋଗିତା ହେବ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏହାର ଅନ୍ୟତମ ଭେନ୍ୟୁ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଗାଁ ପଡ଼ିଆରୁ ଗୋଆ**

ମଞ୍ଜୁଙ୍କ ଘର ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଦେନ୍ତା ଗ୍ରାମରେ। ବାପା ସମରା ଗଞ୍ଜୁ ଓ ମା' ସୀତା ଗଞ୍ଜୁଙ୍କ ୩ ସନ୍ତାନ ମଧ୍ୟରୁ ମଞ୍ଜୁ ହେଲେ ବଡ଼। ବାପା ସମରା ଚାଷ କାମ କରିବା ସହ ଦିନମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପୋଷନ୍ତି। ସୀତା ଜଣେ ଗୃହିଣୀ। ଆର୍ଥିକ ଦୁରବସ୍ଥାରେ ବାନ୍ଧି ହୋଇଥିବା ଏହି ପରିବାରର ଝିଅ ମଞ୍ଜୁ ନିଜ ପରିଶ୍ରମ ବଳରେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟିଆକର୍ଷଣ କରି ପାରିଛନ୍ତି। ୧୪ବର୍ଷ ବୟସରୁ ସେ ଖେଳିବା ଆରମ୍ଭ କରିଥିଲେ। ଗାଁରେ ଖେଳିବା ପାଇଁ ସେଭଳି କିଛି ବିଶେଷ ସୁବିଧା ସୁଯୋଗ ନ ଥିଲା। ଏକ କ୍ଲବ ଥିଲା, ଯାହା ଗାଁଠାରୁ ୫କିମି ଦୂର। କିଛି ବାଳକଙ୍କ ସହ ମଞ୍ଜୁ ଖେଳ ଆରମ୍ଭ କରିଥିଲେ। ଗାଁ ଦଳରେ ☞ପୃଷ୍ଠା-୪



ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ୍ ରାମ ମାନ୍‌ଝିଙ୍କ ହିନ୍ଦୁସ୍ଥାନୀ ଆୱାମ୍ ମୋର୍ଚ୍ଚା(ଧର୍ମନିରପେକ୍ଷ) ଏନ୍‌ଡିଏରେ ସାମିଲ ହୋଇପାରେ। ଏନେଇ ଆଗାମୀ ୧୦ ତାରିଖରେ ଘୋଷଣା କରାଯିବ। ଜିତନ୍ ରାମ ମାନ୍‌ଝିଙ୍କ ହିନ୍ଦୁସ୍ଥାନୀ ଆୱାମ୍ ମୋର୍ଚ୍ଚା(ଧର୍ମନିରପେକ୍ଷ)ର ବିହାର ବିଧାନସଭା ଓ ବିଧାନ ପରିଷଦରେ ଜଣେ ଲେଖାଏ ସଦସ୍ୟ ଅଛନ୍ତି। ଦଳ ଏନ୍‌ଡିଏରେ ମିଶିବା ପୂର୍ବରୁ କୌଣସି ଆସନ ଲାଗି ସର୍ତ୍ତ ରଖିବ ନାହିଁ ବୋଲି ମତ ପ୍ରକାଶ ପାଇଛି।



ରୋମ୍‌ରେ କରୋନା ଲକ୍‌ଡାଉନ୍ ଯୋଗୁ ବାହାଘର ବନ୍ଦ ହୋଇଯାଇଥିବା ଯୁବତୀମାନେ ଟ୍ରେଭି ଫାଉଣ୍ଟେନରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଏଲ୍‌ଏସିରେ ଭାରତୀୟ ଲଢୁଆ ବିମାନର ନାଇଟ୍ ପାଟ୍ରୋଲିଂ

**ନୂଆଦିଲ୍ଲୀ,୭।୭**

ପୂର୍ବ ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଦେଖାଦେଇଥିବା ଉତ୍ତେଜନା ସାମାନ୍ୟ କମିଛି। ଚାଇନା ସୈନ୍ୟ ପଛକୁ ଘୁଞ୍ଚିଥିଲେ ହେଁ ଏବେ ବି ସେଠାରେ କେତେକ ଟେଣ୍ଟ, ଯୁଦ୍ଧାସ୍ତ୍ର ବହନକାରୀ ଗାଡ଼ି ରହିଛି। ପର୍ଯ୍ୟାୟକ୍ରମେ ସେସବୁ ସେଠାରୁ ହଟାଯିବ। ଆଲୋଚନା ମାଧ୍ୟମରେ ଦୁଇଦେଶ ସୀମା ସମସ୍ୟାର ସମାଧାନ କରିବା ଲାଗି ରାଜି ହୋଇଛନ୍ତି। ହେଲେ ଏଲ୍‌ଏସିରେ ଭାରତର ଲଢୁଆ ବିମାନ ମିଗ୍-୨୯ ଓ ଆପାଚେ ଲଢୁଆ ହେଲିକପ୍ଟର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଭାରତୀୟ ବାୟୁସେନା ନାଇଟ୍ ପାଟ୍ରୋଲିଂ କରିବା ସହ ଆଗୁଆ ଘାଟିର ସ୍ଥିତି ପରଖୁଛନ୍ତି ବୋଲି



ଗ୍ରୁପ୍ କ୍ୟାପ୍ଟେନ ଏ. ରଥୀ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଲଦାଖ ଗସ୍ତ ପରେ ଯବାନମାନେ ଉତ୍ସାହିତ ହୋଇପଡ଼ିଥିବା ସେ କହିଛନ୍ତି। ଲେହ, ଶ୍ରୀନଗର ସମେତ ବିଭିନ୍ନ ସୀମାନ୍ତ ଅଞ୍ଚଳରେ ବାୟୁସେନାର ସୁଖୋଇ-୩୦, ମିରେଜ-୨୦୦୦, ଚିନୁକ, ଆପାଚେ, ଜାଗୁଆର୍ ପ୍ରସ୍ତୁତ ହୋଇ ରହିଛନ୍ତି। କ୍ରମଶଃ ଚାଇନା ଏଲ୍‌ଏସିରୁ ହଟିବା ପରେ ପରିସ୍ଥିତି ପୂର୍ବ ଭଳି ଶାନ୍ତ ହୋଇଯିବ ବୋଲି କୁହାଯାଉଛି।

# ବ୍ରାଜିଲ ରାଷ୍ଟ୍ରପତି କରୋନା ଆକ୍ରାନ୍ତ

**ସାଓ ପାଉଲୋ,୭।୭**

ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବୋଲ୍‌ସୋନାରୋ କରୋନା ଆକ୍ରାନ୍ତ ହୋଇଛନ୍ତି। ମଙ୍ଗଳବାର ପରୀକ୍ଷା ରିପୋର୍ଟରେ ତାଙ୍କର ପଜିଟିଭ୍ ଆସିଛି। ରବିବାର ତାଙ୍କୁ ସାମାନ୍ୟ ଜ୍ୱର ଆସିବା ପରେ ସେ କରୋନା ପରୀକ୍ଷା କରିଥିଲେ। ଏବେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ, ଆମେରିକା ପରେ ବ୍ରାଜିଲ ବିଶ୍ୱର ଦ୍ୱିତୀୟ ସର୍ବାଧିକ କରୋନା ଆକ୍ରାନ୍ତ ଦେଶ ଭାବେ ଉଭାହୋଇଛି। ଏଠାରେ ୧୬.୨୮ ଲକ୍ଷରୁ ଊର୍ଦ୍ଧ୍ୱ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ ୬୫,୬୩୧ ଜଣଙ୍କ ଜୀବନ ଗଲାଣି।



ଜୈର୍ ବୋଲ୍‌ସୋନାରୋ

## ଭାରତରେ କରୋନା ସ୍ଥିତି

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୨,୧୭,୧୨୧ | ୮୯,୨୯୬ | ୧,୧୮,୯୯୭ | ୯,୨୫୦ |
| ତାମିଲନାଡୁ | ୧,୧୮,୫୯୪ | ୪୫,୮୮୨ | ୭୧,୧୧୬ | ୧,୬୩୭ |
| ଦିଲ୍ଲୀ | ୧,୦୨,୮୮୩ | ୨୫,୪୪୯ | ୭୪,୨୧୭ | ୩,୧୬୫ |
| ତେଲଙ୍ଗାନା | ୨୫,୭୩୩ | ୧୦,୬୪୬ | ୧୪,୭୮୧ | ୩୦୬ |
| କେରଳ | ୫,୮୯୫ | ୨,୪୧୧ | ୩,୪୫୨ | ୨୮ |
| ଉତ୍ତରପ୍ରଦେଶ | ୨୮,୬୩୬ | ୮,୭୧୮ | ୧୯,୧୦୯ | ୮୦୯ |
| ଆନ୍ଧ୍ରପ୍ରଦେଶ | ୨୧,୧୯୭ | ୧୧,୨୦୦ | ୯,୭୪୫ | ୨୫୨ |
| ରାଜସ୍ଥାନ | ୨୦,୯୨୨ | ୪,୧୩୭ | ୧୬,୩୨୦ | ୪୬୫ |
| ମଧ୍ୟପ୍ରଦେଶ | ୧୫,୨୮୪ | ୩,୦୮୮ | ୧୧,୫୮୯ | ୬୧୭ |
| କର୍ଣ୍ଣାଟକ | ୨୫,୩୧୭ | ୧୪,୩୮୨ | ୧୦,୫୨୯ | ୪୦୨ |
| ଗୁଜରାଟ | ୩୬,୮୫୮ | ୮,୫୭୪ | ୨୬,୩୨୩ | ୧,୯୬୧ |
| ହରିୟାଣା | ୧୭,୭୭୦ | ୪,୧୦୧ | ୧୩,୩୩୯ | ୨୭୬ |
| ଜମ୍ମୁ-କଶ୍ମୀର | ୮,୬୭୫ | ୩,୨୧୯ | ୫,୩୧୮ | ୧୩୮ |
| ପଶ୍ଚିମବଙ୍ଗ | ୨୩,୮୩୭ | ୭,୨୫୩ | ୧୫,୭୯୦ | ୭୯୪ |
| ପଞ୍ଜାବ | ୬,୭୪୯ | ୨,୦୨୦ | ୪,୫୫୪ | ୧୭୫ |
| ଓଡ଼ିଶା | ୧୦,୦୯୭ | ୩,୩୪୦ | ୬,୭୦୩ | ୫୪ |
| ବିହାର | ୧୨,୫୨୫ | ୩,୦୮୯ | ୯,୩୩୮ | ୯୮ |
| ଉତ୍ତରାଖଣ୍ଡ | ୩,୨୨୮ | ୫୪୪ | ୨,୬୧୩ | ୪୩ |
| ଆସାମ | ୧୨,୫୨୩ | ୪,୧୭୫ | ୮,୩୩୦ | ୧୫ |
| ଚଣ୍ଡିଗଡ଼ | ୪୯୨ | ୮୪ | ୪୦୧ | ୭ |
| ଲଦାଖ | ୧,୦୪୧ | ୧୮୦ | ୮୬୦ | ୧ |
| ହିମାଚଳ ପ୍ରଦେଶ | ୧.୦୭୮ | ୨୯୧ | ୭୬୪ | ୧୦ |
| ଆଣ୍ଡାମାନ ଓ ନିକୋବର | ୧୪୭ | ୭୩ | ୭୪ | - |
| ଛତିଶଗଡ଼ | ୩,୪୧୫ | ୬୭୩ | ୨,୭୨୮ | ୧୪ |
| ଗୋଆ | ୧,୯୦୩ | ୭୩୯ | ୧,୧୫୬ | ୮ |
| ପୁଡୁଚେରୀ | ୧,୦୪୩ | ୫୧୨ | ୫୧୭ | ୧୪ |
| ଝାଡ଼ଖଣ୍ଡ | ୨,୮୭୭ | ୭୮୯ | ୨,୦୬୮ | ୨୦ |
| ମଣିପୁର | ୧,୪୩୦ | ୬୫୯ | ୭୭୧ | - |
| ଅରୁଣାଚଳ ପ୍ରଦେଶ | ୨୭୦ | ୧୭୬ | ୯୨ | ୨ |
| ନାଗାଲାଣ୍ଡ | ୬୪୪ | ୩୪୧ | ୩୦୩ | - |
| ମିଜୋରାମ | ୧୯୭ | ୫୮ | ୧୩୯ | - |
| ତ୍ରିପୁରା | ୧,୬୯୨ | ୪୫୯ | ୧,୨୧୯ | ୧ |
| ମୋଟ | ୭,୩୯,୬୪୬ | ୨,୬୪,୦୭୨ | ୪୫୪,୮୫୮ | ୨୦,୬୧୮ |

https://www.covid19india.org ତଥ୍ୟ ଅନୁଯାୟୀ(ମଙ୍ଗଳବାର ରାତି ୯ଟା ସୁଦ୍ଧା)

# ସଙ୍କଟରେ ସମନ୍ୱୟ ଜରୁରୀ

**ନୂଆଦିଲ୍ଲୀ,୭।୭**

ମହାମାରୀ କରୋନା ଭାରତକୁ ଅନେକ ଯନ୍ତ୍ରଣାଦାୟକ ଶିକ୍ଷା ଦେଇଛି। ପ୍ରଥମଟି ହେଲା ଆମେ ପ୍ରକୃତିର ନିର୍ମମ ଶୋଷଣ ଜାରି ରଖିପାରିବା ନାହିଁ। ସେହିପରି ଜଳବାୟୁ ସଙ୍କଟ, ଅନିଶ୍ଚିତ ପାଣିପାଗ, ବାୟୁ, ସ୍ଥଳ ଓ ସମୁଦ୍ରର ପ୍ରଦୂଷଣ ଭାରତ ତଥା ବିଶ୍ୱକୁ ବିପଦ ମୁହଁକୁ ଠେଲିଦେଇଥିବାରୁ ଏସବୁ ଦିଗରେ ସଚେତନ ହୋଇ ଉପଯୁକ୍ତ କାର୍ଯ୍ୟପନ୍ଥା ନ ଆପଣାଇଲେ ଚଳିତ ଶତାବ୍ଦୀର ଶେଷ ଆଡ଼କୁ ସମସ୍ୟା ବହୁଗୁଣିତ ହେବ। ତେଣୁ କୋଭିଡ୍-୧୯କୁ ହରାଇବା ଲାଗି ପ୍ରକୃତିର ସୁରକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ନିବେଶ, ଗରିବଙ୍କ ପାଇଁ ସୁରକ୍ଷିତ ବ୍ୟବସ୍ଥା ଓ ବୈଶ୍ୱିକ ସହଯୋଗିତାକୁ ତ୍ୱରାନ୍ୱିତ କରିବା ଜରୁରୀ ହୋଇପଡ଼ିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଲକ୍‌ଡାଉନ ବେଳେ ପ୍ରଦୂଷଣ ସ୍ତର ହ୍ରାସ ପାଇବାରୁ ଅନେକ ଦଶନ୍ଧି ପରେ ନୀଳ ଆକାଶ ଦେଖିବାର ସୁଯୋଗ ମିଳିଲା। ଅନେକ ପ୍ରଜାତିର ପ୍ରାଣୀ, ପକ୍ଷୀ ଓ କୀଟ ପ୍ରାକୃତିକ ସହାବସ୍ଥାନରେ ଚଳପ୍ରଚଳ ହେଲେ। ଏହି ସକାରାତ୍ମକ ଘଟଣାକ୍ରମଗୁଡ଼ିକୁ ସ୍ଥାୟୀଭାବେ ବଳବତ୍ତର ରଖିବା ଲାଗି ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ଦ୍ୱିତୀୟ ଶିକ୍ଷାଟି ହେଉଛି ଭାରତକୁ ନିଜର ବିକାଶମୂଳକ ଯୋଜନାଗୁଡ଼ିକୁ ପୁନର୍ଗଠନ କରି ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଏହି ଦୁଇ କ୍ଷେତ୍ରରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ର ୩% ଖର୍ଚ୍ଚ ହେଉଛି। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରକୁ ପୁନର୍ଗଠନ କରି ସୁଦୃଢ଼ କରା ନ ଗଲେ ବିଶ୍ୱସ୍ତରୀୟ ଶକ୍ତି ଭାବେ ଉଭା ହେବା ପାଇଁ ରହିଥିବା ସମସ୍ତ ଯୋଜନା ବେକାର ହୋଇଯିବ। ସ୍ୱାଧୀନତା ପରଠୁ ଆମେ ଏହା ହାସଲ କରି ନ ପାରିବା ଏକ ଜାତୀୟ ବିଫଳତା। ଏହା ମଧ୍ୟ ସ୍ପଷ୍ଟ ଯେ, ଭାରତ ଭଳି ଏକ ବିଶାଳ ଦେଶରେ ଯେଉଁ ଦଳ କ୍ଷମତାରେ ଥାଉ ନା କାହିଁକି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଘନିଷ୍ଠ ସହଯୋଗିତା ଜରୁରୀ ବୋଲି ଏପରି ସଙ୍କଟ ବାଟ ବତାଏ। ସ୍ୱାସ୍ଥ୍ୟ ଏକ ରାଜ୍ୟ ପ୍ରସଙ୍ଗ ଏବଂ ବୃତ୍ତାନ୍ତ ବିଶ୍ଳେଷଣରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ହିଁ ସାମ୍ପ୍ରତିକ ସଙ୍କଟର ତୃଣମୂଳ ସ୍ତରରେ ମୁକାବିଲା କରିଛନ୍ତି। ଏହି କ୍ଷେତ୍ରରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ନ କରି ସଂଘୀୟ ସହଯୋଗିତା ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ।

ତୃତୀୟରେ ଜଗତୀକରଣର ଧାରଣାକୁ ଭାଙ୍ଗିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ନେତାମାନେ ଉଦ୍ୟମ କରୁଛନ୍ତି। ଏହାସତ୍ତ୍ୱେ ଏପରି ସଙ୍କଟରେ ଆନ୍ତର୍ଜାତିକ ସମନ୍ୱୟ ଜରୁରୀ। କରୋନା ଭାଇରସ୍‌ରୁ ମୁକ୍ତି ପାଇଁ ଭାକ୍‌ସିନ ବାହାର କରିବା ହେଉ ଅଥବା ମେଡିସିନ ଓ ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ) ଉପଲବ୍ଧ କରିବା ସବୁଠି ଅନ୍ତର୍ଜାତୀୟ ସ୍ତରରେ ପାରସ୍ପରିକ ସହଯୋଗ ଆବଶ୍ୟକ। ଭାରତର 'ବସୁଧୈବ କୁଟୁମ୍ବକମ୍' ବିଚାର ଆମକୁ ଶିକ୍ଷା ଦିଏ ଯେ, ମାନବ ସମଗ୍ର ଜାତିକୁ ମିଶିକି ରହିବାକୁ ପଡ଼ିବ। ଭାରତରେ ବିଶ୍ୱର ଅନେକ ଦକ୍ଷ ବୈଜ୍ଞାନିକ ଓ ଗବେଷକ ଅଛନ୍ତି। କରୋନା ମହାମାରୀ ବିରୋଧରେ ଟିକା ଉଦ୍ଭାବନ ପାଇଁ ସେମାନେ ଲାବୋରେଟୋରିଗୁଡ଼ିକରେ ଦିନରାତି ପରିଶ୍ରମ କରୁଛନ୍ତି। ଅନ୍ୟ ଦେଶର ଥିବା ପ୍ରୟୋଗଶାଳାଗୁଡ଼ିକ ସହିତ ମଧ୍ୟ ଆମକୁ ସହଯାଗିତା ରଖିବାକୁ ପଡ଼ିବ।

କରୋନା ମୁକାବିଲା ପାଇଁ ହଠାତ୍ ଲକ୍‌ଡାଉନ ଜାରି କରାଯିବା ପରେ ପ୍ରସ୍ତୁତ ହୋଇ ନ ଥିବା ଲୋକଙ୍କ ଅସହ୍ୟ ଯନ୍ତ୍ରଣା ଆମକୁ ଆଉ ଗୋଟିଏ ଶିକ୍ଷା ଦିଏ। ତାହା ହେଉଛି ସହରରେ ଜୀବିକା ହରାଇ ଗାଁକୁ ଫେରିଥିବା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଯୋଜନାର ଅଭାବ ଦେଶ ଲାଗି ଏକ ଲଜ୍ଜାକର ବିଷୟ ହୋଇ ରହିବ। ଏଥିରୁ ଶିକ୍ଷା ମିଳୁଛି ଯେ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଦେଶର ଏକ-ଚତୁର୍ଥାଂଶ (ଦୁର୍ବଳ ଶ୍ରେଣୀର) ଲୋକଙ୍କ ପାଇଁ ଏକ ସୁରକ୍ଷା ବ୍ୟବସ୍ଥା ରହିବା ଜରୁରୀ। ଏଭଳି ଲୋକଙ୍କୁ ବ୍ୟାଙ୍କ ଖାତା ଜରିଆରେ ଏକ ନିଶ୍ଚିତ ପରିମାଣର ଅର୍ଥରାଶି ଦିଆଗଲେ ହିଁ ଏହି ଲକ୍ଷ୍ୟ ହାସଲ କରିହେବ। ଭାରତର ଆର୍ଥିକ ଯୋଜନାର ପୁନର୍ଗଠନ ଓ ବିତ୍ତୀୟ ନୀତିର ସମୀକ୍ଷା ଦ୍ୱାରା ଏହା ସମ୍ଭବ। ପଞ୍ଚମରେ କରୋନା ଭୂତାଣୁ ଆମକୁ ଗାଁକୁ ଯାଇ ପରିବାର ଓ ବନ୍ଧୁ ସମ୍ପର୍କୀୟଙ୍କ ସହ ମିଶିବାର ସୁଯୋଗ ଦେଇଛି। ବିଶେଷକରି ବୟୋଜ୍ୟେଷ୍ଠଙ୍କୁ ସ୍ନେହ ଆଦର କରିବା ଲାଗି ଭାଇରସ୍ ଶିକ୍ଷା ଦେଇଛି। ଲକ୍‌ଡାଉନ୍ ବେଳେ ଘରୋଇ ହିଂସା ବୃଦ୍ଧି ପାଇବା ଚିନ୍ତାଜନକ। ଆମକୁ ଯାହା ଆବଶ୍ୟକ ଏହା ହେଉଛି ତା'ର ବିପରୀତ। ଏପରି ସମୟରେ ପ୍ରଚଳିତ ଆଇନଗୁଡ଼ିକୁ କଡ଼ାକଡ଼ି ଭାବେ କାର୍ଯ୍ୟକରୀ କରାଯିବା ଆବଶ୍ୟକ। କରୋନା ସଙ୍କଟ ଆମକୁ ବ୍ୟକ୍ତିଗତ ଜୀବନଶୈଳୀରେ ପରିବର୍ତ୍ତନ ଆଣି ଅନାବଶ୍ୟକ ଖର୍ଚ୍ଚ କାଟ୍ କରିବାକୁ ମଧ୍ୟ ସନ୍ଦେଶ ଦେଉଛି।

## ଭାରତକୁ ମହାମାରୀ ଶିକ୍ଷା



# ପ୍ରଯୋଜକ ହରିଶ ଶାହଙ୍କ ପରଲୋକ

**ମୁମ୍ବାଇ,୭।୭**

ବଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ୨୦୨୦ ଯେପରି ଅଶୁଭ ବର୍ଷ। ଜଣକ ପରେ ଜଣେ ବଲିଉଡ୍ କଳାକାର, ନିର୍ମାତା, ନିର୍ଦ୍ଦେଶକଙ୍କ ମୃତ୍ୟୁ ଘଟୁଛି। ମଙ୍ଗଳବାର ବଲିଉଡ୍‌କୁ ଆଉ ଏକ ଝଟ୍‌କା ଲାଗିଛି। ୭୬ ବର୍ଷରେ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ହରିଶ ଶାହାଙ୍କ ମୃତ୍ୟୁ ଘଟିଛି। ସେ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ରୋଗାକ୍ରାନ୍ତ ଥାଇ ମଧ୍ୟ ସେ ଏକ ସର୍ଟ ଫିଲ୍ମ ନିର୍ମାଣ କରିଥିଲେ। ଯାହାର ନାମ ହେଲା 'ହ୍ୱାଇ ମି'। ଏହି ମୁଭିକୁ ରାଷ୍ଟ୍ରପତି ପୁରସ୍କାର ମଧ୍ୟ ମିଳିଥିଲା। ମୁମ୍ବାଇ ବାନ୍ଦ୍ରାସ୍ଥିତ ତାଙ୍କ ବାସଭବନରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ମୁମ୍ବାଇସ୍ଥିତ ପବନହଂସରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ପ୍ରମୁଖ ସିନେମା ମଧ୍ୟରେ ରହିଛି 'ମେରେ ଜୀବନ ସାଥୀ', 'ରାମ ତେରେ କିତ୍ନେ ନାମ', 'ଧନ ଦୌଲତ୍', 'ଜଲ୍‌ଜଲା', ଜାଲ୍, କାଲା ସୋନା ଇତ୍ୟାଦି। ତାଙ୍କ ମୃତ୍ୟୁରେ ବହୁ କଳାକାର ଦୁଃଖ ପ୍ରକାଶ କରିଛନ୍ତି।



# ପିଓକେରେ ଚାଇନା-ପାକ୍ ବିରୋଧୀ ବିକ୍ଷୋଭ

**ଇସଲାମାବାଦ୍, ୭।୭**

ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ସ୍ଥିତି ଏବେ ଖରାପ ହେବାରେ ଲାଗିଛି। ସ୍ଥାନୀୟ ନୀଲମ୍ ଏବଂ ଝେଲମ୍ ନଦୀ ଉପରେ ଚାଇନା କମ୍ପାନୀ ଦ୍ୱାରା ନିର୍ମିତ ହେଉଥିବା ଜଳବିଦ୍ୟୁତ୍ ଯୋଜନାକୁ ଲୋକେ ବିରୋଧ କରିଛନ୍ତି। ଏନେଇ ପ୍ରଦର୍ଶନ ଜାରି ରହିଛି। ଏହି ଜଳ ବିଦ୍ୟୁତ୍ ଯୋଜନା ଦ୍ୱାରା ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଲୋକେ କହିଛନ୍ତି। ମୁଜାଫରବାଦ୍‌ରେ ଏହା ବିରୋଧରେ ଲୋକେ ଏକଜୁଟ ହୋଇଛନ୍ତି। ଖୋହାଲାଠାରେ ୨୪୦ କୋଟି ଡଲାର ବ୍ୟୟରେ ୧,୧୨୪ ମେଗାୱାଟ କ୍ଷମତା ବିଶିଷ୍ଟ ଜଳ ବିଦ୍ୟୁତ୍ ପ୍ରକଳ୍ପର ନିର୍ମାଣ ଚାଇନାର ଥ୍ରୀ ଗୋର୍ଜେସ୍ କର୍ପୋରେଶନ ପକ୍ଷରୁ କରାଯାଉଛି। ଏହି ଜଳ ବିଦ୍ୟୁତ୍ ଯୋଜନା ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡରର ଅଂଶ ବିଶେଷ ବୋଲି କୁହାଯାଉଛି। ଖୋହାଲା ଜଳ ବିଦ୍ୟୁତ୍ ଯୋଜନା ବେଆଇନ ଭାବେ କରାଯାଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳ ବିବାଦୀୟ ହୋଇଥିବାବେଳେ ଚାଇନା-ପାକିସ୍ତାନ କେଉଁ ଆଇନର ପ୍ରୟୋଗ କରି ଏଭଳି କରୁଛନ୍ତି, ଏନେଇ ପ୍ରଶ୍ନ ଉଠିଛି। ପୂର୍ବରୁ ୨୦୧୮ରେ ଏହି ଜଳ ବିଦ୍ୟୁତ୍ ଯୋଜନା ଲାଗି ପ୍ରସ୍ତୁତ ହୋଇଥିବା ୨୦ କିମି ଲମ୍ବ କେନାଲ ଡିଜାଇନିଂକୁ ଲୋକେ ବିରୋଧ କରିଥିଲେ। ଏହି କେନାଲ ମୁଜାଫରବାଦ୍ ମଧ୍ୟ ଦେଇ ପ୍ରବାହିତ ହେବ।



# ଏଲ୍‌ଏସିରେ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୭।୭**

ସୀମା ବିବାଦକୁ ନେଇ ପୂର୍ବ ଲଦାଖର ଗଲ୍‌ୱାନ୍ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଏବେ ଏଲ୍‌ଏସିକୁ ଲାଗି ରହିଥିବା ଭାରତୀୟ ଅଞ୍ଚଳର ଭିତ୍ତିଭୂମି ବିକାଶ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି। ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବିଆର୍‌ଓ (ବର୍ଡର ରୋଡ୍‌ସ ଅର୍ଗାନାଇଜେଶନ) ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଲ୍‌ଏସି ଏବଂ ଏଲ୍‌ଓସିକୁ ଲାଗିଥିବା ଅଞ୍ଚଳରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ନେଇ ଏଥିରେ ସମୀକ୍ଷା କରାଯାଇଥିଲା। ସାଉଥ୍ ବ୍ଲକରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଆର୍‌ଓ ଡିଜି ଓ ଅନ୍ୟମାନେ ଯୋଗ ଦେଇଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୀମାଞ୍ଚଳରେ ସେନା ଯାତାୟାତ ସହଜ କରିବା ଲାଗି ଭିତ୍ତିଭୂମି କାର୍ଯ୍ୟ ଯୁଦ୍ଧକାଳୀନ ଭାବେ ଶେଷ କରିବା ଲାଗି ସିଂ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ଉପାନ୍ତ ଅଞ୍ଚଳରେ ସେନାର ଉପସ୍ଥିତି ଲାଗି ରାସ୍ତା, ପୋଲ, ଟନେଲ, ଏୟାରଫିଲ୍ଡ ଆଦିର ନିର୍ମାଣ ଜାରିରହିଛି।

## ବିଆର୍‌ଓ ଅଧିକାରୀଙ୍କ ସହ ରାଜନାଥଙ୍କ ସମୀକ୍ଷା

# ଆମେରିକାରୁ ବିଦାହେବେ ବିଦେଶୀ ଛାତ୍ରୀଛାତ୍ର

**ୱାଶିଂଟନ,୭।୭**

କରୋନା ଭାଇରସ୍ ଯୋଗୁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଆମେରିକା ଏବେ ସଂକ୍ରମଣରୁ ମୁକୁଳିବା ପାଇଁ ନାନା ଉପାୟ ବାହାର କରିବାରେ ଲାଗିଛି। ଏହି କ୍ରମରେ ଅନ୍‌ଲାଇନ୍ କ୍ଲାସ୍ ଜରିଆରେ ସମ୍ପୂର୍ଣ୍ଣ ପାଠପଢ଼ା ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି। ଭର୍ଚୁଆଲ କ୍ଲାସ୍ ହୋଇପାରିଲେ ସେଠାରେ ଥିବା ସମସ୍ତ ବିଦେଶୀ ଛାତ୍ରୀଛାତ୍ରଙ୍କୁ ଆମେରିକାରେ ରହିବାକୁ ଦିଆଯିବ ନାହିଁ। ସେମାନଙ୍କୁ ନିଜ ନିଜ ଦେଶକୁ ଫେରିଯିବା ପାଇଁ ବାଧ କରାଯିବ। ଆମେରିକାର ସଂଘୀୟ ଆପ୍ରବାସନ କର୍ତ୍ତୃପକ୍ଷ ସୋମବାର ଏକ ନୂଆ ଗାଇଡ୍‌ଲାଇନ୍ ଜାରିକରି ଏହି ବିଷୟ ସ୍ପଷ୍ଟ କରିଛନ୍ତି।

ଆମେରିକାରେ ଯୁବବର୍ଗଙ୍କ ମଧ୍ୟରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଟ୍ରମ୍ପ୍ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଆପ୍ରବାସନ ଓ ସୀମା ଶୁଳ୍କ ପ୍ରବର୍ତ୍ତନ (ଆଇସିଇ) ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ସମ୍ପୂର୍ଣ୍ଣ ଭାବେ ଅନ୍‌ଲାଇନ୍‌ରେ କ୍ଲାସ୍ ଆରମ୍ଭ ହେଲେ ସ୍କୁଲ, କଲେଜକୁ ଯାଉଥିବା ଅଣପ୍ରବାସୀ ଏଫ୍-୧ ଏବଂ ଏମ୍-୧ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ପାଠ ପଢ଼ିପାରିବେ। ସେମାନେ ଆମେରିକାରେ ନ ରହି ନିଜ ନିଜ ଦେଶକୁ ଫେରିଯିବେ। ନିଜ ଦେଶରେ ରହି ମଧ୍ୟ ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ ଶିକ୍ଷା ଗ୍ରହଣ କରିପାରିବେ। ଛାତ୍ରୀଛାତ୍ର ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ ନ କଲେ ଆପ୍ରବାସନ କର୍ତ୍ତୃପକ୍ଷ ସେମାନଙ୍କୁ ପ୍ରତ୍ୟର୍ପଣ କରିବେ। ସେହିପରି ଶିକ୍ଷାନୁଷ୍ଠାନଗୁଡ଼ିକରେ ସମ୍ପୂର୍ଣ୍ଣ ଭାବେ ସେମିଷ୍ଟର ପଢ଼ା ଚାଲିଲେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ପରରାଷ୍ଟ୍ର ବିଭାଗ ପକ୍ଷରୁ ଭିଜା ପ୍ରଦାନ କରାଯିବ ନାହିଁ। କଷ୍ଟମ୍ସ ଆଣ୍ଡ ବର୍ଡର ପ୍ରୋଟେକ୍ସନ ମଧ୍ୟ ଏହି ଛାତ୍ରୀଛାତ୍ରଙ୍କୁ ଆମେରିକାରେ ପ୍ରବେଶ ପାଇଁ ଅନୁମତି ଦେବନାହିଁ। ଏଫ୍-୧ ଛାତ୍ରୀଛାତ୍ର ଶୈକ୍ଷିକ ପାଠ୍ୟକ୍ରମରେ ପାଠ ପଢୁଥିବାବେଳେ ଏମ୍-୧ ପିଲା ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରିଥାନ୍ତି। ଏହି ନୂଆ ଗାଇଡ୍‌ଲାଇନ୍ ଯୋଗୁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପରିସର ଖୋଲିବା ପାଇଁ ଚାପ ବଢ଼ିଯାଇଛି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ସମେତ ଆଉ କେତେକ ଶିକ୍ଷାନୁଷ୍ଠାନ ଅନ୍‌ଲାଇନ୍ କ୍ଲାସ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ୟୁନିଭର୍ସିଟିଗୁଡ଼ିକରେ ହାଇବ୍ରିଡ୍ କ୍ଲାସ୍ ପାଇଁ ମଧ୍ୟ ଯୋଜନା ଚାଲିଛି। ସ୍କୁଲ ଓ କଲେଜଗୁଡ଼ିକୁ ନିଜ ନିଜ ପରିସରରେ ଯଥାଶୀଘ୍ର ସମ୍ଭବ କ୍ଲାସ୍ ଆରମ୍ଭ କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିର୍ଦ୍ଦେଶ ଦେଇଥିଲେ। ନୂଆ ଗାଇଡ୍‌ଲାଇନ୍ ଜାରି ହେବା ପରେ ଟ୍ରମ୍ପ୍ ଲଗାତର ଟୁଇଟ୍ କରି ଶରତ ଋତୁରେ ସ୍କୁଲଗୁଡ଼ିକ ଖୋଲିଯିବା ଜରୁରୀ ବୋଲି କହିଛନ୍ତି। ଏହା ପୂର୍ବରୁ ସେ ଅଭିଯୋଗ ଆଣିଥିଲେ ଯେ ଡେମୋକ୍ରାଟମାନେ ସ୍କୁଲଗୁଡ଼ିକୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ନୁହେଁ, ବରଂ ରାଜନୈତିକ କାରଣରୁ ବନ୍ଦ ରଖିବାକୁ ଚାହୁଁଛନ୍ତି। ଏହା ସେମାନଙ୍କୁ ନଭେମ୍ବର ମାସରେ (ରାଷ୍ଟ୍ରପତି ନିର୍ବାଚନ ବେଳେ) ସହାୟକ ହେବ ବୋଲି ଡେମୋକ୍ରାଟମାନେ ମନେକରୁଛନ୍ତି, ଯାହାକି ଏକ ଭୁଲ୍ ଧାରଣା। ଲୋକେ ସବୁ ବୁଝିପାରୁଛନ୍ତି ବୋଲି ଟୁଇଟର୍‌ରେ ଟ୍ରମ୍ପ୍ ଲେଖିଛନ୍ତି।

## ଅନ୍‌ଲାଇନ୍ କ୍ଲାସ୍ ଚାଲିବ



# ଭାରତ ସପକ୍ଷରେ ଆମେରିକା ସେନା

**ୱାଶିଂଟନ,୭।୭**

ଭାରତ-ଚାଇନା ସୀମା ବିବାଦ ପରିପ୍ରେକ୍ଷୀରେ ଆମେରିକା ସେନା ଭାରତକୁ ସମର୍ଥନ କରିବ। ହ୍ୱାଇଟ୍‌ହାଉସର ଜଣେ ଅଧିକାରୀ ମଙ୍ଗଳବାର ଏହା ସ୍ପଷ୍ଟ କରିଛନ୍ତି। ହ୍ୱାଇଟ୍‌ହାଉସ ଚିଫ୍ ଅଫ୍ ଷ୍ଟାଫ୍ ମାର୍କ ମେଆଡୋଜ ଫକ୍ ନ୍ୟୁଜକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ଆମେରିକାର ସନ୍ଦେଶ ସ୍ପଷ୍ଟ। ଆମେ ଚାଇନାକୁ ସମର୍ଥନ କରିବୁ ନାହିଁ କିମ୍ବା ଏହାକୁ ସବୁଠୁ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହେବାକୁ ଦେବୁନାହିଁ। ସେହିପରି ଆମେରିକା ନୌସେନା ପକ୍ଷରୁ ଦକ୍ଷିଣ ଚାଇନା ସାଗର (ଏସ୍‌ସିଏସ୍)ରେ ଦୁଇଟି ଯୁଦ୍ଧଜାହାଜ ମୁତୟନ କରାଯାଇଛି। ସମ୍ପୃକ୍ତ କ୍ଷେତ୍ରରେ ନିଜ ଉପସ୍ଥିତିକୁ ମଜଭୁତ କରିବା ଲାଗି ଏପରି କରାଯାଇଥିବା କହିଛନ୍ତି।



ମାର୍କ ମେଆଡୋଜ

**ହୀରାକୁଦ ଡ୍ୟାମ୍‌ର ୫ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ**

ସମ୍ବଲପୁର (ବ୍ୟୁରୋ): ହୀରାକୁଦ ଡ୍ୟାମର ଜଳସ୍ତର ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ୬୦୦.୬୫ ଫୁଟ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୭୩ ହଜାର ୫୮୮ କ୍ୟୁସେକ ଜଳ ପ୍ରବେଶ କରୁଛି । ଡାହାଣ ପାର୍ଶ୍ୱର ୨ଟି ଓ ବାମ ପାର୍ଶ୍ୱର ୩ଟି ସ୍ଲୁଇସ୍ ଗେଟ୍ ସହ ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରୁ ୭୩ହଜାର ୫୮୮ କ୍ୟୁସେକ ଜଳ ନିଷ୍କାସନ ହେଉଛି।

# ବାଦ୍ ପଡୁଛନ୍ତି ବହୁ ପିଲା

## ଅନ୍‌ଲାଇନ୍ ଶିକ୍ଷା




ଭୁବନେଶ୍ୱର, ୭।୭(ବ୍ୟୁରୋ)

କରୋନା ଯୋଗୁ ଶିକ୍ଷାକ୍ଷେତ୍ର ଅବ୍ୟବସ୍ଥିତ ହୋଇପଡ଼ିଛି। ରାଜ୍ୟ ସରକାର ସ୍କୁଲ, କଲେଜକୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବନ୍ଦ ରଖିଥିବାବେଳେ ଏହା କେବେ ଖୋଲିବ ସେନେଇ କେହି ଠିକ୍ ଭାବେ କହିପାରୁ ନାହାନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଘୋର ବାଧାପ୍ରାପ୍ତ ହେଉଛି। ଏଭଳି ସମସ୍ୟାକୁ ମୁକାବିଲା କରିବା ପାଇଁ ସରକାର ପ୍ରାଥମିକଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଅନ୍‌ଲାଇନ୍ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦେଇଛନ୍ତି। ହେଲେ କେତେଦୂର ଫଳପ୍ରଦ ହେଉଛି ସେନେଇ କ୍ୱଚିତ ଚିନ୍ତା କରୁଛନ୍ତି। ରାଜ୍ୟ ସରକାରଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଓଡ଼ିଶାରେ ୬୦ଲକ୍ଷ ପିଲାଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୨ଲକ୍ଷ ପିଲା ଅନ୍‌ଲାଇନକୁ ଆସିଛନ୍ତି। ଅର୍ଥାତ୍ ଏବେବି ୩୮ ଲକ୍ଷ ଛାତ୍ରଛାତ୍ରୀ ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତ ଅଛନ୍ତି।

ଅନ୍‌ଲାଇନ୍ ଶିକ୍ଷା ପାଇଁ ବିଶେଷକରି ଡେସ୍କଟପ୍, ଲାପ୍‌ଟପ୍ କିମ୍ବା ସ୍ମାର୍ଟ ଫୋନ୍ ସହିତ ଇଣ୍ଟରନେଟ୍ ସଂଯୋଗ ଥିବା ଆବଶ୍ୟକ। ସହରାଞ୍ଚଳରେ କୌଣସି ପ୍ରକାରେ ଅନ୍‌ଲାଇନ୍ ପାଠପଢ଼ା ହୋଇଯାଉଥିବାବେଳେ ଗ୍ରାମାଞ୍ଚଳରେ ବିଭିନ୍ନ ସମସ୍ୟା ଦେଖାଦେଉଛି। କହିବାକୁ ଗଲେ ସେମାନଙ୍କ ପାଇଁ ଅନ୍‌ଲାଇନ ଶିକ୍ଷା ଏକ ପ୍ରକାର ସ୍ୱପ୍ନ ହୋଇଯାଇଛି। କାରଣ ଗ୍ରାମାଞ୍ଚଳରେ ବାସ କରୁଥିବା ଅଧିକାଂଶଙ୍କ ପାଖରେ କମ୍ପ୍ୟୁଟର ତ ଦୂର କଥା, ଇଣ୍ଟରନେଟ(ୱାଇଫାଇ) ସଂଯୋଗ ନାହିଁ। ଏବେ କିଛି କିଛି ସ୍ଥାନରେ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ଅଭିଭାବକମାନେ ଫୋନ୍ କିଣିବାରେ ଲାଗି ପଡ଼ିଛନ୍ତି। ଅନ୍ୟପଟେ ଯେଉଁମାନଙ୍କ ପାଖରେ ଫୋନ୍ ରହିଛି ସେମାନେ ମଧ୍ୟ ଏହି ଶିକ୍ଷାର ପୂରା ସୁବିଧା ନେଇପାରୁ ନାହାନ୍ତି। କାରଣ ସେମାନଙ୍କୁ ଇଣ୍ଟରନେଟ ସୁବିଧା ଠିକ୍‌ଭାବେ ମିଳୁନାହିଁ। ରାଜ୍ୟରେ ଇଣ୍ଟରନେଟ୍ ସେବା ଯୋଗାଉଥିବା ଟେଲିକମ୍ ସଂସ୍ଥାଗୁଡ଼ିକ ଯେଉଁ ହାରରେ ଇଣ୍ଟରନେଟ୍ ଯୋଗାଉଛନ୍ତି ବୋଲି କହୁଛନ୍ତି ବାସ୍ତବରେ କିନ୍ତୁ ତାହା ଭିନ୍ନ। ଖୋଦ୍ ରାଜଧାନୀର ଅନେକ ସ୍ଥାନରେ ନେଟ୍‌ୱର୍କ ଭଲ ଭାବେ ଆସୁନାହିଁ। ଅଧିକାଂଶ ମୋବାଇଲ ଘର ଭିତରେ ମଧ୍ୟ ଠିକ୍‌ରେ କାମ କରୁ ନ ଥିବାରୁ ଲୋକଙ୍କୁ ରାସ୍ତା ଉପରକୁ ଆସି କଥା ହେବାକୁ ପଡୁଛି। ଏଭଳି ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କ ପାଇଁ ପାଠପଢ଼ା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି।

ସେପଟେ ଏହି ଅନ୍‌ଲାଇନ୍ ଶିକ୍ଷା ପିଲାଙ୍କ ମଧ୍ୟରେ ଧନୀ ଓ ଗରିବର ବ୍ୟବଧାନ ମଧ୍ୟ ସୃଷ୍ଟି କରୁଛି। ଯେଉଁ ପିଲା ଅନ୍‌ଲାଇନ୍ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି, ସେମାନଙ୍କ ମନରେ ହତାଶାଭାବ ସୃଷ୍ଟି ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କେରଳରେ ଅନ୍‌ଲାଇନ କ୍ଲାସ କରି ନ ପାରି ଜଣେ ଛାତ୍ରୀର ଆତ୍ମହତ୍ୟା କରିଥିଲେ। କେବଳ ପିଲା ନୁହେଁ, ଅଭିଭାବକଙ୍କ ଭିତରେ ବି ହୀନମନ୍ୟତା ଦେଖାଦେଲାଣି। ସେମାନେ ମନସ୍ତାପରେ ରହିଲେଣି।

ବିଶେଷଜ୍ଞଙ୍କ କହିବାନୁଯାୟୀ, ସ୍ମାର୍ଟଫୋନ୍ ଜରିଆରେ ଅନ୍‌ଲାଇନ୍ ପାଠପଢ଼ା ସେତେଟା ସହଜ ନୁହେଁ। ନାଇଜରର ସ୍କୁଲ ଅଫ୍ କମ୍ପ୍ୟୁଟର ସାଇନ୍ସର ଆସିଷ୍ଟାଣ୍ଟ ପ୍ରଫେସର ଶୁଭଙ୍କର ମିଶ୍ର କୁହନ୍ତି, ତିନୋଟି ମାଧ୍ୟମରେ ଅନ୍‌ଲାଇନ ଶିକ୍ଷା ଦିଆଯାଇପାରିବ। ଷ୍ଟଡି ମ୍ୟାଟେରିଆଲ ଡାଉନଲୋଡ୍ କରି ପଢ଼ିବା, ଭିଡିଓ ରେକର୍ଡରୁ ପଢ଼ିବା ଓ ଲାଇଭ୍ କ୍ଲାସ୍। ମୋବାଇଲରେ କେବଳ ଷ୍ଟଡି ମ୍ୟାଟେରିଆଲ ଡାଉନ୍‌ଲୋଡ୍ କରି ପଢ଼ିହେବ। କିନ୍ତୁ ରେକର୍ଡିଂ ଭିଡିଓକୁ ଡାଉନ୍‌ଲୋଡ୍ କରିବା ସବୁ ବେଳେ ସମ୍ଭବ ହୋଇ ନ ଥାଏ। କାରଣ ଭିଡିଓଗୁଡ଼ିକ ପ୍ରାୟ ୩୦୦ରୁ ୪୦୦ଏମ୍‌ବି ଥାଏ।

ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ରାଜ୍ୟରେ ୬୦ ଲକ୍ଷ ପିଲାଙ୍କ ମଧ୍ୟରୁ ୨୨ ଲକ୍ଷ ପିଲା ଅନ୍‌ଲାଇନକୁ ଆସିଛନ୍ତି। ଅବଶିଷ୍ଟ ପିଲାଙ୍କୁ କିପରି ଏହି ସୁବିଧା ଯୋଗାଇ ହେବ ସେ ସମ୍ପର୍କରେ ଆଲୋଚନା ଚାଲିଛି। ଏହି ସମସ୍ୟାର ସମାଧାନ ନିମନ୍ତେ ଏକ ଏକ୍ସପର୍ଟ କମିଟି ଗଠିତ ହୋଇଛି। ଏହି କମିଟି ଗ୍ରାମାଞ୍ଚଳଗୁଡ଼ିକୁ ଯାଇ ଶିକ୍ଷକଙ୍କ ସହ ଆଲୋଚନା କରି ଏହାର ବିକଳ୍ପ ଖୋଜିବେ। ସେହିପରି ଅନ୍‌ଲାଇନ୍ ସୁବିଧା ପାଇପାରୁ ନ ଥିବା ଛାତ୍ରଛାତ୍ର ଯେଉଁ ଅଞ୍ଚଳରେ ରହୁଛନ୍ତି, ସେଠାରେ ଶିକ୍ଷକଙ୍କୁ କିପରି ବିନିଯୋଗ କରାଯାଇପାରିବ ତାହାର ମଧ୍ୟ ବିଶ୍ଳେଷଣ ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି।

**–ରିପୋର୍ଟ: ଅସମାପିକା ସାହୁ**

– ସହାୟତା: ବିଭୂପ୍ରସାଦ ବେହେରା, ଆଶୀର୍ବାଦ ରାଉତ, ଦୀପକ ପଣ୍ଡା, ଶୁଭାଶିଷ ପାଢ଼ୀ, ଅମିତ୍ ସାମଲ

### ଶିକ୍ଷାର ବିକଳ୍ପ ବ୍ୟବସ୍ଥା ହୋଇପାରୁନି



ରାଜ୍ୟରେ ୬୦ଲକ୍ଷ ପିଲାଙ୍କ ମଧ୍ୟରୁ ମାତ୍ର ୨୨ଲକ୍ଷ ପିଲାଙ୍କ ନିକଟରେ ଅନ୍‌ଲାଇନ୍ ଶିକ୍ଷା ପହଞ୍ଚି ଥିବା ସରକାର କହୁଛନ୍ତି। କିନ୍ତୁ ଆମ ହିସାବରେ ମାତ୍ର ୧୫ଲକ୍ଷ ପିଲାଙ୍କ ପାଖରେ ଏହି ଶିକ୍ଷା ପହଞ୍ଚିଥିବା ଛୋଟ ପିଲାଙ୍କ ପାଇଁ ଏଭଳି ଶିକ୍ଷା ପ୍ରଦାନ ଠିକ୍ ନୁହେଁ। କାରଣ ଶିକ୍ଷକ ଓ ପିଲାଙ୍କ ମଧ୍ୟରେ ବାର୍ତ୍ତାଳାପ ନ ହେଲେ ଶିକ୍ଷାଦାନ ଫଳପ୍ରସୂ ହୋଇପାରିବନି। ହ୍ୱାଟ୍‌ସଆପ୍‌ରେ ଯେଉଁ ପାଠପଢ଼ା ଦିଆଯାଉଛି, ତାହା ଏକତରଫା ହୋଇଯାଉଛି। ଯେଉଁ ୧୯ପ୍ରତିଶତ ପିଲାଙ୍କ ପାଖରେ ପହଞ୍ଚୁଛି, ସେମାନେ ମଧ୍ୟ ତାହାର ସୁବିଧା ନେଇପାରୁ ନାହାନ୍ତି। ତେଣୁ ଅନ୍‌ଲାଇନ୍ ଶିକ୍ଷା ପ୍ରଦାନ ଏକ ବିକଳ୍ପ ବ୍ୟବସ୍ଥା ହୋଇପାରୁନାହିଁ।

**- ପ୍ରକାଶ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ**

### ଅନ୍‌ଲାଇନ୍ ଶିକ୍ଷା ବନ୍ଦ ହେଉ



ରାଜ୍ୟରେ ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା ଫେଲ୍ ମାରିଛି। ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ବ୍ୟତୀତ ଓଡ଼ିଶାରେ ପ୍ରାୟ ୧୩ଲକ୍ଷ ପିଲା ଘରୋଇ ବିଦ୍ୟାଳୟରେ ପଢୁଛନ୍ତି। ରାଜ୍ୟରେ ଥିବା ଘରୋଇ ବିଦ୍ୟାଳୟ ମଧ୍ୟରେ ୬୦ ପ୍ରତିଶତ ରହିଛି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର। ଏହି ସ୍କୁଲରେ ପାଠ ପଢୁଥିବା ପିଲାଙ୍କ ପାଖରେ ସ୍ମାର୍ଟ ଫୋନ୍ ଏକ ପ୍ରକାର ସ୍ୱପ୍ନ। ସେହିପରି ରାଜ୍ୟର ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୮ ଲକ୍ଷ ପିଲା ମଧ୍ୟ ଅନ୍‌ଲାଇନ୍‌ରେ ପଢୁଛନ୍ତି। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଏନ୍‌ସିପିସିଆର୍) ଅନୁଯାୟୀ, ଏମାନଙ୍କୁ ଫୋନ୍ ଆଦୌ ଦେବା ଉଚିତ ନୁହେଁ। ସବୁଦିଗକୁ ଦେଖିଲେ ଅନ୍‌ଲାଇନ ଶିକ୍ଷା ପ୍ରଦାନ ବନ୍ଦ କରିବା ଉଚିତ।

**- ବାସୁଦେବ ଭଟ୍ଟ, ଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ**

### ଗ୍ରାମାଞ୍ଚଳରେ ୪ଜି ସେବା ଅପହଞ୍ଚ



ଅନ୍‌ଲାଇନ୍ କ୍ଲାସ୍ ସବୁ ବର୍ଗର ପିଲାଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ସାଧାରଣଭାବେ ସରକାରୀ ସ୍କୁଲଗୁଡ଼ିକରେ ଗରିବ ଶ୍ରେଣୀର ପିଲାମାନେ ପାଠ ପଢ଼ନ୍ତି। ଏଣୁ ସବୁ ପିଲାଙ୍କ ଅଭିଭାବକଙ୍କ ପାଖରେ ସ୍ମାର୍ଟଫୋନ୍(୪ଜି) ମୋବାଇଲ ଉପଲବ୍ଧ ନାହିଁ। ବିଶେଷକରି ଏହି ବର୍ଗର ପିଲାମାନେ ଅନ୍‌ଲାଇନ୍ କ୍ଲାସ କ'ଣ ବୁଝନ୍ତି ନାହିଁ। ଅପରପକ୍ଷରେ ଗ୍ରାମାଞ୍ଚଳରେ ୪ଜି ସେବା ଉପଲବ୍ଧ ହେଉ ନ ଥିବାରୁ ଏହା ଏକ ବଡ଼ ସମସ୍ୟା।

**- ସୁରଜିତା ନାୟକ,ଭଦ୍ରକ, ଓଷ୍ଟା ରାଜ୍ୟ ସମ୍ପାଦିକା**

## ଏମାନଙ୍କ ମତରେ

### ଗାଁକୁ ଯାଇ ପଢ଼ାଇବା ଉଚିତ



ଅନ୍‌ଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା ଫଳପ୍ରଦ ହୋଇପାରୁ ନାହିଁ। ଆମ ସ୍କୁଲରେ ୧୩୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମୋ କ୍ଲାସ୍‌ରେ ୨୨ଜଣ ଅଛନ୍ତି। ଏମାନଙ୍କ ମଧ୍ୟରୁ କେବଳ ୭ଜଣ ଅନ୍‌ଲାଇନ୍‌ରେ ପାଠ ପଢିବା ପାଇଁ ଫୋନ୍ ନମ୍ବର ଦେଇଥିଲେ। ମାତ୍ର ଗତ ଏକ ମାସ ଭିତରେ ଏବେ ଗ୍ରୁପ୍‌ରୁ ସମସ୍ତେ ଓହରି ଯାଇଛନ୍ତି। ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ଏହି ପିଲାମାନଙ୍କ ଆଣ୍ଡ୍ରଏଡ୍ ଫୋନ୍ ନାହିଁ। ସେମାନେ ପାଖ ପଡ଼ୋଶୀଙ୍କ ନମ୍ବର ଦେଇଥିଲେ। ଏବେ ଫୋନ୍ କଲେ ସେମାନେ ସହଯୋଗ କରିବାକୁ ମନା କରି ଦେଉଛନ୍ତି। ଏଣୁ ଏଭଳି ନିୟମ ନ କରି ସାମାଜିକ ଦୂରତା କଟକଣା ପାଳନ କରି ପାଠ ପଢ଼ାଗଲେ ଭଲ ହୁଅନ୍ତା। ଆବଶ୍ୟକ ପଡ଼ିଲେ ଶିକ୍ଷକମାନେ ଗାଁ ଗାଁକୁ ଯାଇ ମଧ୍ୟ ପାଠ ପଢାଇ ପାରିଲେ ଛାତ୍ରଛାତ୍ର ଲାଭ ପାଇପାରନ୍ତେ।

**- ଜୟନ୍ତୀ ପଣ୍ଡା, ଗଲୁଣ୍ଡା ପ୍ରାଥମିକ ସ୍କୁଲ, ସମ୍ବଲପୁର**

### ଗ୍ରାମାଞ୍ଚଳର ପିଲା ଏବେ ବି ସୁବିଧାଠୁ ଦୂରରେ



ରାଜ୍ୟରେ ବିଶେଷ କରି ଅନ୍‌ଲାଇନ୍ ଶିକ୍ଷାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଆଶାନୁପାତରେ ଫଳପ୍ରଦ ହୋଇନାହିଁ। ସହରରେ ରହୁଥିବା ୩୦ପ୍ରତିଶତ ଛାତ୍ରଛାତ୍ରୀମାନେ ଏହାର ସୁଫଳ ପାଉଛନ୍ତି। ନେଟ୍‌ୱର୍କ ସମସ୍ୟା ଓ ଆଣ୍ଡ୍ରଏଡ୍ ଫୋନ୍ ନ ଥିବାରୁ ରାଜ୍ୟରେ ୭୦ପ୍ରତିଶତ ପିଲା ଏହି ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ଗ୍ରାମାଞ୍ଚଳର ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ପକ୍ଷରୁ ଚାଲୁଥିବା ଆଇସିଟି(ଇଣ୍ଟିଗ୍ରେଟେଡ୍ କମ୍ୟୁନିକେସନ୍ ଆଣ୍ଡ ଟେକ୍ନୋଲୋଜି) ମାଧ୍ୟମରେ ଅଧିକାଂଶ ଶିକ୍ଷୟିତ୍ରୀଶିକ୍ଷକ ଅନ୍‌ଲାଇନ ପଢ଼ା ପାଇଁ ଅଧିକରୁ ଅଧିକ ପିଲାଙ୍କୁ ଯୋଡ଼ିବାକୁ ଚେଷ୍ଟା କରୁଛନ୍ତି।

**- ମଧୁସ୍ମିତା ନନ୍ଦ, ପ୍ରଧାନ ଶିକ୍ଷୟିତ୍ରୀ, ଅନୁଗୋଳ ଉଚ୍ଚ ବିଦ୍ୟାଳୟ**

### ପିଲାଙ୍କ ମଧ୍ୟରେ ଉତ୍ସାହ ରହିଛି, କିନ୍ତୁ ଫୋନ୍ ନାହିଁ



ରାଜ୍ୟରେ ଆରମ୍ଭ ହୋଇଥିବା ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥାରେ ପିଲାଙ୍କ ମଧ୍ୟରେ ଉତ୍ସାହ ରହିଛି। କିନ୍ତୁ ବହୁ ପିଲାଙ୍କ ପାଖରେ ଆଣ୍ଡ୍ରଏଡ୍ ଫୋନ୍ ନ ଥିବାରୁ ସେମାନେ ବଞ୍ଚିତ ହେଉଛନ୍ତି। ଆଉ କେତେକ ସ୍ଥାନରେ ଅଭିଭାବକମାନେ ସଚେତନ ହେଉ ନଥିବାରୁ ଆଶାନୁପାତରେ ଫଳ ମିଳୁନାହିଁ। ଯାହାଦ୍ୱାରା ସରକାରୀ ବିଦ୍ୟାଳୟରେ ପାଠପଢ଼ା ପ୍ରଭାବିତ ହେଉଛି। କ୍ଲାସ ରୁମ୍‌ରେ ପିଲାମାନେ ଅଭ୍ୟସ୍ତ ଥିବାରୁ ଏବେ ଅନ୍‌ଲାଇନ୍ ପାଠପଢ଼ାକୁ ଏତେ ଶୀଘ୍ର ଗ୍ରହଣ ମଧ୍ୟ କରିପାରୁନାହାନ୍ତି।

**- ଭାରତୀ ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ, ଅନୁଗୋଳ ପିସିସି ଉଚ୍ଚ ବିଦ୍ୟାଳୟ**

### ଅନ୍‌ଲାଇନ୍ ପାଠପଢ଼ା ଫଳପ୍ରଦ ହେଉନି



ସରକାରୀ ସ୍କୁଲରେ ପଢୁଥିବା ଛାତ୍ରଛାତ୍ର ଆଣ୍ଡ୍ରଏଡ୍ ମୋବାଇଲ ପ୍ରାୟତଃ ବ୍ୟବହାର କରନ୍ତି ନାହିଁ। ନିଜ ବଡ଼ଭାଇ, ବାପା କିମ୍ବା କୌଣସି ଅନ୍ୟ ସମ୍ପର୍କୀୟଙ୍କ ମୋବାଇଲ୍ ସେମାନେ ବ୍ୟବହାର କରନ୍ତି। ଏଣୁ ଅନ୍‌ଲାଇନ୍ ପାଠପଢ଼ା ସମ୍ପୂର୍ଣ୍ଣ ଭାବେ ସଫଳ ହେଉଛି ବୋଲି କହିହେବ ନାହିଁ। ଆର୍ଥିକ ଦୁର୍ବଳ ଥିବା ଅନେକ ପିଲା ଆମ ସ୍କୁଲରେ ପଢ଼ନ୍ତି। ଯେଉଁମାନଙ୍କୁ ଅନ୍‌ଲାଇନରେ ପଢ଼ିବାକୁ ଆମେ ବାଧ କରିପାରିବୁ ନାହିଁ। ଦିନ ସମୟରେ କିଛି ପାଠ(ପିଡିଏଫ୍ ଫାଇଲ) ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଦେଲେ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ଉତ୍ତର ମିଳୁନି। ସହରାଞ୍ଚଳରେ ଯଦି ଏଭଳି ସମସ୍ୟା, ତେବେ ଗାଁ ଗହଳିରେ କିଭଳି ସମସ୍ୟା ହେଉଥିବ ତାହା ଅନୁମାନ କରାଯାଇପାରେ।

**- ମମତା ବେବର୍ତ୍ତା ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ, ପ୍ୟାରୀମୋହନ ଏକାଡେମୀ, କଟକ**

### ଲାଇଭ୍ କ୍ଲାସ୍ ସମ୍ଭବ ହୋଇପାରୁନି



ଆବଶ୍ୟକ ସୁବିଧା ନ ଥିବାରୁ ଅନ୍‌ଲାଇନ୍ ଲାଇଭ୍ କ୍ଲାସ୍ ସମ୍ଭବ ହୋଇପାରୁନି। ମଧୁଆପ୍, ଶିକ୍ଷା ଆପ୍, ଶିକ୍ଷା ସଂଯୋଗ, ୟୁଟ୍ୟୁବ୍‌ରୁ ଲେଶନଗୁଡ଼ିକୁ ସର୍ଚ୍ଚ କରି ଛାତ୍ରଛାତ୍ରଙ୍କୁ ହ୍ୱାଟ୍‌ସଆପ୍ ମାଧ୍ୟମରେ ପଠାଯାଉଛି। କିନ୍ତୁ ଏହାଦ୍ୱାରା କେବଳ ୧୦ ରୁ ୧୫ ପ୍ରତିଶତ ଯେଉଁ ଅଭିଭାବକଙ୍କ ନିକଟରେ ଆଣ୍ଡ୍ରଏଡ୍ ତଥା ସ୍ମାର୍ଟ ଫୋନ୍ ଅଛି ସେହି ଛାତ୍ରଛାତ୍ରୀମାନେ କିଛି ପରିମାଣରେ ଉପକୃତ ହୋଇପାରୁଛନ୍ତି। ଅନେକଙ୍କ ପାଖରେ ସ୍ମାର୍ଟ ଫୋନ୍ ନ ଥିବାରୁ ସେମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ଅନ୍‌ଲାଇନ୍ କ୍ଲାସ୍ କରିବାରେ ଶିକ୍ଷକମାନେ ମଧ୍ୟ ପୂର୍ବରୁ ଅଭ୍ୟସ୍ତ ନ ଥିଲେ । ପ୍ରଥମ ଥର ହେଉଥିବାରୁ ଶିକ୍ଷକମାନଙ୍କୁ ମଧ୍ୟ ଅନ୍‌ଲାଇନ୍ ଲେଶନ ଶେୟାରିଂରେ ସମସ୍ୟା ହେଉଛି।

**- କେଦାରନାଥ ପାତ୍ର, ପ୍ରଧାନଶିକ୍ଷକ, ଚୈତନ୍ୟ ବିଦ୍ୟାପୀଠ ପୋଡାମାରୀ**

# ୧୦ ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

- ଆଉ ୬ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ
- ନୂଆ ୫୭୧ ପଜିଟିଭ୍ ଚିହ୍ନଟ, ୨୧୭ ସୁସ୍ଥ
- ଖୋର୍ଦ୍ଧାରେ ଏକ ହଜାର ଟପିଲା ସଂଖ୍ୟା

ଭୁବନେଶ୍ୱର, ୭।୭(ବ୍ୟୁରୋ)

ରାଜ୍ୟରେ କରୋନା ପଜିଟିଭ୍ ସଂଖ୍ୟା ୧୦ହଜାର ଟପିଯାଇଛି। ମଙ୍ଗଳବାର ୫୭୧ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ପରେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦,୦୯୭ରେ ପହଞ୍ଚିଛି। ରାଜ୍ୟରେ ପ୍ରଥମ କରୋନା ସଂକ୍ରମିତ ମାର୍ଚ୍ଚ ୧୫ତାରିଖରେ ରାଜଧାନୀରେ ଚିହ୍ନଟ ହୋଇଥିଲେ। ସେହିପରି ମଙ୍ଗଳବାର ରାଜ୍ୟରେ ୪ଜଣଙ୍କ ଜୀବନ ନେଇଛି କରୋନା। ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୪୨କୁ ବୃଦ୍ଧି ପାଇଛି। ଗଞ୍ଜାମ ଜିଲ୍ଲାରୁ ୩ ଏବଂ କଟକ ଜିଲ୍ଲାରୁ ଜଣଙ୍କର ମୃତ୍ୟୁ ଘଟିଛି। ଗଞ୍ଜାମର ୩ ମୃତକ ହେଲେ ୭୦, ୬୦ ଓ ୫୩ ବର୍ଷୀୟ ପୁରୁଷ। ଏମାନଙ୍କ ମଧ୍ୟରୁ ଦୁଇଜଣ ମଧୁମେହ ରୋଗରେ ପୀଡ଼ିତ ଥିଲେ। ସେହିପରି କଟକର ମୃତକ ୪୮ ବର୍ଷୀୟ ପୁରୁଷ ଏବଂ ସେ ମଧୁମେହ ଓ ଯକୃତ ରୋଗରେ ପୀଡ଼ିତ ଥିଲେ। ସେପଟେ ଆଉ ୨ଜଣ କରୋନା ଆକ୍ରାନ୍ତଙ୍କର ଅନ୍ୟ ରୋଗ ପାଇଁ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଅନ୍ୟ ରୋଗରେ ୧୨ଜଣ କରୋନା ପଜିଟିଭ୍‌ଙ୍କ ଜୀବନ ଗଲାଣି।

ଗୋଟିଏ ଦିନରେ ୨୧ ଜିଲ୍ଲାରୁ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୬୮ ଜଣ ସ୍ଥାନୀୟ ସଂକ୍ରମିତ ଥିବାବେଳେ ୪୦୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଠାବ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୨୭୩ ଜଣ ରହିଛନ୍ତି। ଫଳରେ ଗଞ୍ଜାମରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୬୨୧ ଛୁଇଁଛି। ସେହିପରି ଖୋର୍ଦ୍ଧାରେ ଆଉ ୩୭ଜଣ ଚିହ୍ନଟ ହେବା ପରେ ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ଏକ ହଜାର ଟପିଯାଇ ୧,୦୨୯ ହୋଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଜପତି ଜିଲ୍ଲାରୁ ୫୬, ସୁନ୍ଦରଗଡ଼ରୁ ୫୧, କଟକରୁ ୨୯, ବାଲେଶ୍ୱରରୁ ୨୮, ଜଗତ୍‌ସିଂହପୁରରୁ ୧୭, ଯାଜପୁରରୁ ୧୬, ମୟୂରଭଞ୍ଜରୁ ୧୪, ରାୟଗଡ଼ାରୁ ୧୦, କେନ୍ଦୁଝର ଓ ନବରଙ୍ଗପୁରରୁ ୭ଜଣ ଲେଖାଏ, ସମ୍ବଲପୁରରୁ ୬, ବଲାଙ୍ଗୀରରୁ ୫, ପୁରୀ ଓ ଅନୁଗୋଳରୁ ୪ଜଣ ଲେଖାଏ, କେନ୍ଦ୍ରାପଡ଼ାରୁ ୩, ଭଦ୍ରକ, ଢେଙ୍କାନାଳ, ଝାରସୁଗୁଡ଼ା ଏବଂ ନୟାଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ସେହିପରି ମଙ୍ଗଳବାର ୨୧୭ଜଣ କରୋନାରୁ ଆରୋଗ୍ୟ ହୋଇଛନ୍ତି। ଫଳରେ ରାଜ୍ୟରେ ଆରୋଗ୍ୟଙ୍କ ସଂଖ୍ୟା ୬,୭୦୩କୁ ବୃଦ୍ଧି ପାଇଛି।

## ଓଡ଼ିଶାରେ କରୋନାର ୪ ଗ୍ରୁପ୍

- ଆଣ୍ଟିଜେନ୍ ଟେଷ୍ଟ ପଜିଟିଭ୍ ଥିଲେ କନ୍‌ଫର୍ମ ଧରାଯିବ
- ଅଧିକ ପରୀକ୍ଷା ଯୋଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି

ଭୁବନେଶ୍ୱର, ୭।୭(ବ୍ୟୁରୋ)

ଦେଶରେ କରୋନା ଭାଇରସର ଯେଉଁ ୪ଟି ଗ୍ରୁପ୍ ଅଛି ତାହା ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଛି। ୪ଟି ମଧ୍ୟରୁ ଗୋଟିଏ ଗ୍ରୁପ୍ ଅଧିକ ଦେଖାଯାଇଛି। ଏହି ଗ୍ରୁପ୍ ତାମିଲନାଡୁ ଓ ମହାରାଷ୍ଟ୍ରରୁ ଆସିଥିବା ଆକ୍ରାନ୍ତଙ୍କ ପାଖରେ ଦେଖିବାକୁ ମିଳିଛି। ତେବେ ଏହା ଉପରେ ଅଧିକ ଗବେଷଣା ଚାଲିଛି ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ ନିର୍ଦ୍ଦେଶକ ଅଜୟ ପରିଡ଼ା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ରାଜ୍ୟରେ ମଙ୍ଗଳବାରଠାରୁ ଆଣ୍ଟିଜେନ୍ ଟେଷ୍ଟ ଆରମ୍ଭ ହୋଇଛି। ଏହି ଟେଷ୍ଟ ପାଇଁ ଫୋକସ୍ ଏରିଆ ଭାବେ ଗଞ୍ଜାମ ଓ କଟକ ଜିଲ୍ଲାକୁ ନିଆଯାଇଛି। କଟକରେ ଏହି ଟେଷ୍ଟ ଆରମ୍ଭ ହୋଇଛି। ଆଣ୍ଟିଜେନ୍ ଟେଷ୍ଟ ଯଦି କାହାର ପଜିଟିଭ୍ ଆସେ ତେବେ ତାଙ୍କୁ କରୋନା ପଜିଟିଭ୍ ହୋଇଥିବା କନ୍‌ଫର୍ମ ଭାବେ ଧରାଯିବ। କିନ୍ତୁ ଯଦି କୌଣସି ବ୍ୟକ୍ତିଙ୍କର ଆଣ୍ଟିଜେନ ଟେଷ୍ଟ ନେଗେଟିଭ ଆସେ ଓ ତାଙ୍କର କରୋନା ଲକ୍ଷଣ ଥାଏ ତେବେ ଆର୍‌ଟିପିସିଆର୍ ଟେଷ୍ଟ ପାଇଁ ସ୍ୱାବ୍ ପଠାଯିବ। ଏଭଳି ଟେଷ୍ଟ କରାଗଲେ ଦିନକୁ ଅଧିକ ଲୋକଙ୍କୁ ପରୀକ୍ଷା କରାଯାଇପାରିବ।

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସମ୍ପର୍କରେ ସୂଚନା ଦେଇ ନିର୍ଦ୍ଦେଶକ ପରିଡ଼ା କହିଛନ୍ତି, ଗତ କିଛିଦିନ ହେବ ଅଧିକ ପରୀକ୍ଷା ହେଉଥିବାରୁ ଅଧିକ ପଜିଟିଭ୍ ଚିହ୍ନଟ ହେଉଛନ୍ତି। କିନ୍ତୁ ରାଜ୍ୟରେ ଏବେ ବି ଗୋଷ୍ଠୀ ସଂକ୍ରମଣ ହୋଇନାହିଁ। ହସ୍ପିଟାଲଗୁଡ଼ିକରେ ଯେଉଁ ପଜିଟିଭ୍ ବାହାରିଛନ୍ତି ସେ ନେଇ କହିଥିଲେ ଯେ, ଗଞ୍ଜାମରୁ ଜଣେ ବ୍ୟକ୍ତି ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲକୁ ଯାଇଥିଲେ। ତାଙ୍କ ମାଧ୍ୟମରୁ ହସ୍ପିଟାଲ କର୍ମଚାରୀଙ୍କୁ ଭୂତାଣୁ ବ୍ୟାପିଥିଲା। କିନ୍ତୁ ହସ୍ପିଟାଲଗୁଡ଼ିକରେ କରୋନା ମୁକାବିଲା ପାଇଁ କାର୍ଯ୍ୟ କରୁଥିବା ଆଗ ଧାଡ଼ିର ଯୋଦ୍ଧାମାନଙ୍କୁ ଅଧିକ ସଚେତନ ହେବାକୁ ପଡ଼ିବ। କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ ପାଇଁ ରାଜ୍ୟରେ ଆଣ୍ଟିଜେନ୍, ସେରୋଲୋଜିକାଲ, ଆର୍‌ଟିପିସିଆର୍ ଆଦି ୩ ପ୍ରକାର ଟେଷ୍ଟ କରାଯାଉଛି। ତେବେ ଓଡ଼ିଶାରେ କରୋନା ମୃତ୍ୟୁ ହାର ଅନ୍ୟ ରାଜ୍ୟ ତୁଳନାରେ କମ୍ ରହିଛି। ସେହିପରି ଭ୍ୟାକ୍ସିନ ପ୍ରସଙ୍ଗରେ ସେ କହିଛନ୍ତି, ଭ୍ୟାକ୍ସିନ ଆସୁ ଆସୁ ଆସନ୍ତା ବର୍ଷ ହୋଇଯିବ। ହ୍ୟୁମାନ ଟ୍ରାଏଲ ରେଜଲ୍ଟ ପରେ ହିଁ ଭ୍ୟାକ୍ସିନ ଆସିପାରିବ।

# ଗଞ୍ଜାମର ସବୁ ସହରାଞ୍ଚଳ, ୫ ବ୍ଲକ ହେଡ୍‌କ୍ୱାର୍ଟର୍ସ ଶଟ୍‌ଡାଉନ୍

- ୯ରୁ ୧୩ ତାରିଖ କେବଳ ସ୍ୱାସ୍ଥ୍ୟ ସ୍କ୍ରିନିଂ, ୨୦୦ ଟିମ୍ ଗଠନ
- ଥର୍ମାଲ, ଅକ୍ସିପଲସ୍, ବ୍ଲଡପ୍ରେସର ଯାଞ୍ଚ ହେବ
- ବିଭିନ୍ନ ରୋଗୀଙ୍କ ତାଲିକା ପ୍ରସ୍ତୁତ କରାଯିବ

ଛତ୍ରପୁର,୭।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜିଲାର ସମସ୍ତ ସହରାଞ୍ଚଳ ଏବଂ ୫ ବ୍ଲକ ହେଡକ୍ୱାର୍ଟରକୁ ୫ ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଆସନ୍ତା ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳି ମ୍ୟୁନିସିପାଲିଟି, ୧୬ ଏନ୍‌ଏସି ସମେତ ଶେରଗଡ଼, ଧରାକୋଟ, ସାନଖେମୁଣ୍ଡି, ଜଗନ୍ନାଥପ୍ରସାଦ ଓ ପାତ୍ରପୁର ବ୍ଲକ ହେଡକ୍ୱାର୍ଟର ସମ୍ପୂର୍ଣ୍ଣ ଶଟ୍‌ଡାଉନ ରହିବ ବୋଲି ଜିଲାପାଳ ମଙ୍ଗଳବାର ସୂଚନା ଦେଇଛନ୍ତି।

ଶଟ୍‌ଡାଉନ୍ ସମୟରେ ଉପରୋକ୍ତ ଅଞ୍ଚଳଗୁଡ଼ିକରେ ପ୍ରତି ଘରକୁ ଯାଇ ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯିବ। ଏଥିପାଇଁ ୨୦୦ ଟିମ୍ ଗଠନ ହୋଇଛି। ସେଥିମଧ୍ୟରୁ ବ୍ରହ୍ମପୁର ମହାନଗର ନିଗମରେ ୧୦୦ ଟିମ୍ ଏବଂ ଅନ୍ୟ ଅଞ୍ଚଳରେ ୧୦୦ ଟିମ୍ କାମ କରିବେ। ପ୍ରତି ଟିମ୍‌ରେ ଜଣେ ଡାକ୍ତର ଓ ୨ ଜଣ ଅଙ୍ଗନୱାଡି କର୍ମୀ ରହିବେ। ଏମାନେ ଦୈନିକ ୫୦ ଘରକୁ ଯାଇ ପରିବାର ସଦସ୍ୟଙ୍କ ଥର୍ମାଲ ସ୍କ୍ରିନିଂ, ଅକ୍ସିପଲ୍‌ସ ସ୍କ୍ରିନିଂ (ପଲ୍‌ସ ଓ ଅକ୍ସିଜେନ୍) କରିବେ। ଏଥିସହ ବ୍ଲଡପ୍ରେସର ମଧ୍ୟ ଯାଞ୍ଚ କରିବେ। କରୋନା ଲକ୍ଷଣ ଚିହ୍ନଟ ହେଲେ ତୁରନ୍ତ ଆଇସୋଲେଶନ, ଟେଷ୍ଟିଂ ଓ ଚିକିତ୍ସା କରିବା ଏହାର ଲକ୍ଷ୍ୟ ବୋଲି ଜିଲାପାଳ କହିଛନ୍ତି। ଶଟ୍‌ଡାଉନ୍ ଅବଧିରେ କ୍ୟାନସର, ଡାଇବେଟିସ୍, ରକ୍ତଚାପ, କିଡ୍‌ନୀ ଓ ଯକ୍ଷ୍ମା ରୋଗୀଙ୍କ ତାଲିକା ମଧ୍ୟ ପ୍ରସ୍ତୁତ କରାଯିବ। ଏହା ସ୍ୱାସ୍ଥ୍ୟସେବା, ଟେଲିମେଡିସିନ୍ ଯୋଗାଇବାରେ ସହାୟକ ହେବ। ଏହି ରୋଗୀମାନଙ୍କୁ ନେଇ ଏକ ହ୍ୱାଟସ ଆପ୍ ଗ୍ରୁପ ଗଠନ ହେବ, ଯାହାଦ୍ୱାରା ସେମାନେ ସେବା ପାଇପାରିବେ। ଜିଲାର ସହରାଞ୍ଚଳରେ ୫୯,୨୨୦ ଘର ଓ ବ୍ରହ୍ମପୁର ମହାନଗରରେ ୭୨ ହଜାର ଘରକୁ ସ୍ୱାସ୍ଥ୍ୟ ଟିମ୍ ଯିବେ। ବ୍ରହ୍ମପୁର ମହାନଗରରେ ୪ ଲକ୍ଷ ଓ ଅନ୍ୟ ଅଞ୍ଚଳରେ ୩ ଲକ୍ଷ ୬ହଜାର ୩୯୧ ଜଣ ଏପରି ମୋଟ ୭ ଲକ୍ଷ ୬ ହଜାର ୩୯୧ ଜଣଙ୍କ ସ୍କ୍ରିନିଂ କରାଯିବ। ଶଟ୍‌ଡାଉନ୍‌ରେ ସ୍ୱାସ୍ଥ୍ୟସେବା, କୃଷି ସମ୍ପର୍କୀୟ ଓ ମାଲ ପରିବହନ ବ୍ୟତୀତ ଅନ୍ୟ କୌଣସି ଗାଡି ଚଳାଚଳ କରିବନି। ଦୋକାନ ବି ଖୋଲିବନି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# କନ୍ଧମାଳରେ ପୁଣି ଗୁଳି ବିନିମୟ



ଜବତ ବନ୍ଧୁକ ଏବଂ ଅନ୍ୟାନ୍ୟ ସାମଗ୍ରୀ।

## ଜଣେ ମାଓବାଦୀ ମୃତ

**୩ ଦିନରେ ୫ ନିହତଙ୍କ ମଧ୍ୟରେ ଅଛନ୍ତି ଷ୍ଟେଟ କ୍ୟାଡର ଶୁକ୍ରୁ**

ଫୁଲବାଣୀ ଅଫିସ, ୭।୭

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ସିର୍ଲା ପଞ୍ଚାୟତ କିହାଲଗୁଡ଼ା ଜଙ୍ଗଲ କ୍ଲାଉଡଙ୍ଗା ଅଞ୍ଚଳରେ ଗତ ଶନିବାର ବିଳମ୍ବିତ ରାତିରେ ପୋଲିସ ଗୁଳିରେ ୪ ମାଓବାଦୀ ନିହତ ହୋଇଥିଲେ। ଏହି ଘଟଣା ପରେ ମାଓବାଦୀମାନେ ପ୍ରତିହିଂସା ପରାୟଣ ହୋଇପଡ଼ିଛନ୍ତି। ସେମାନେ ପୋଲିସକୁ ଚକ୍‌ମା ଦେଖାଇ ହିଂସା ଘଟାଇବାକୁ ଉଦ୍ୟମ କରୁଥିବା ବେଳେ ସୋମବାର ସନ୍ଧ୍ୟାରେ ପୁଣି ଗୁଳି ବିନିମୟ ହୋଇଛି। ଏଥିରେ ଆଉ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନିକଟରୁ ଦୁଇଟି ଦେଶୀ ବନ୍ଧୁକ ଏବଂ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ଜବତ ହୋଇଛି।

ସିର୍ଲା ଜଙ୍ଗଲରେ କୋମ୍ବିଂ ବେଳେ ୩ ଦିନରେ ୨ ମହିଳାଙ୍କ ସମେତ ୫ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ମାଲକାନଗିରିର ଷ୍ଟେଟ କ୍ୟାଡର ଶୁକ୍ରୁ ଓରଫ କୋଶାସୋଡି, ଛତିଶଗଡର ଏରିଆ କମିଟି ମେମ୍ବର ଇତେଶ ଏବଂ ରୀନା। ରବିବାର ଭୋର୍‌ରେ ଏମାନଙ୍କ ମୃତଦେହ ମିଳିଥିଲା। ଶୁକ୍ରୁଙ୍କ ନାମରେ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଇତେଶ ଏବଂ ରୀନାଙ୍କ ନାମରେ ୪ ଲକ୍ଷ ଲେଖାଏ ଟଙ୍କା ପୁରସ୍କାର ରାଶି ଘୋଷଣା ହୋଇଥିଲା। କନ୍ଧମାଳ ଏସ୍‌ପି ପ୍ରତୀକ ଗୀତା ସିଂ ମଙ୍ଗଳବାର ଜିଲା ପୋଲିସ ରିଜର୍ଭ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଏସ୍‌ପି ସିଂ ଆହୁରି କହିଛନ୍ତି, ୪ ମାଓବାଦୀଙ୍କ ନିହତ ହେବା ପରେ ଛତ୍ରଭଙ୍ଗ ଦେଇଥିବା ଅନ୍ୟ ମାଓବାଦୀମାନେ ପ୍ରତିହିଂସା ପରାୟଣ ହୋଇ ନିକଟସ୍ଥ ଗ୍ରାମକୁ ଯାଇ ଲୋକଙ୍କୁ ଧମକାଇଥିଲେ। ପୋଲିସକୁ କିଏ ସୂଚନା ଦେଇଛ ବୋଲି କହିବା ସହ ପୋଲିସକୁ ମାରିବା ପାଇଁ ଯୋଜନା କରିଥିଲେ। ଏ ସମ୍ପର୍କରେ ସୂଚନା ମିଳିବା ପରେ ଏସ୍‌ଓଜି ଏବଂ ଡିଭିଏଫ (ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରି ଫୋର୍ସ) କୋମ୍ବିଂ ଜୋରଦାର କରିଥିଲେ। ଜଙ୍ଗଲ ମଧ୍ୟରେ ମାଓବାଦୀମାନେ ପ୍ରଥମେ ଗୁଳି ଚଳାଇଥିଲେ। ସେମାନଙ୍କୁ ଆତ୍ମସମର୍ପଣ କରିବାକୁ କୁହାଯାଇଥିଲା। ହେଲେ ସେମାନେ ନ ମାନି ଗୁଳିଚାଳନା ଜାରି ରଖିଥିଲେ। ଯବାନମାନେ ସଜାଗ ହୋଇ ପାଲଟା ଜବାବ ଦେଇଥିଲେ। ଗୁଳି ବନ୍ଦ ହେବା ପରେ ସର୍ଚ୍ଚ ଅପରେଶନ ବେଳେ ଆଉ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା। ମାଓବାଦୀମାନେ ବଡ଼ ଧରଣର ହିଂସା ପାଇଁ ଯୋଜନା କରୁଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରେ ଷ୍ଟେଟ କ୍ୟାଡର ନିଖିଲ ଏବଂ ଇନ୍ଦୁ ଥିବା ଜଣାପଡିଛି। କେକେବିଏନ୍ ଏବଂ ବିଜିଏନ୍‌ର ସଦସ୍ୟ କାର୍ଯ୍ୟକ୍ରମ ଜାରି ରଖିଥିବା ସୂଚନା ମିଳିଛି। ସେମାନେ କାହିଁକି ଏକାଠି ହୋଇଥିଲେ ତାହାର ତଦନ୍ତ ଚାଲିଥିବା ଏସ୍‌ପି କହିଛନ୍ତି। ମାଓବାଦୀମାନେ ସରକାରଙ୍କ ନିୟମ ଅନୁସାରେ ଆତ୍ମସମର୍ପଣ କରି ସୁବିଧା ନେବାକୁ ଏସ୍‌ପି ନିବେଦନ କରିଛନ୍ତି।

THANKS TO ALL HAVING TRUST US FROM LAST 10 YEARS
ORIGINAL
NAVRATNA BHAVISHYA
NAVRATNA YANTRA
Live NEPAL 1 TV
Lucky Yantra In Every 15 Minutes
Check Your Lucky Yantra on NEPAL 1 TV

| DTH Platform | Channel No. |
|---|---|
| TATA SKY | 1956 |
| DISH TV | 1537 |
| VIDEOCONE | 848 |
| AIRTEL | 672 |
| BIG TV | 783 |
| SUN | 693 |

also available on Jain HITS - 949 & AO TV (Mobile Arlin ) A

| 07.07.2020 | NAVRATNA | RAJARANI | ROYAL | CHETAK |
|---|---|---|---|---|
| 08.30 | 62 | 00 | 52 | 33 |
| 09.00 | 32 | 65 | 32 | 51 |
| 09.30 | 58 | 94 | 21 | 73 |
| 10.00 | 58 | 32 | 43 | 56 |
| 10.30 | 21 | 50 | 30 | 26 |
| 11.00 | 87 | 11 | 39 | 87 |
| 11.30 | 18 | 21 | 48 | 28 |
| 12.00 | 31 | 74 | 23 | 01 |
| 12.30 | 22 | 80 | 66 | 50 |
| 01.00 | 10 | 12 | 93 | 79 |
| 01.30 | 70 | 39 | 35 | 36 |
| 02.00 | 60 | 46 | 53 | 84 |
| 02.30 | 34 | 54 | 17 | 79 |
| 03.00 | 96 | 58 | 68 | 68 |
| 03.30 | 59 | 20 | 87 | 31 |
| 04.00 | 53 | 06 | 97 | 81 |
| 04.30 | 56 | 09 | 61 | 52 |
| 05.00 | 93 | 80 | 51 | 39 |
| 05.30 | 03 | 64 | 48 | 27 |
| 06.00 | 94 | 63 | 72 | 37 |

Contact for Bulk Booking of Ring
Contact for Subh Ank on This Phone Numbers :
Ph.: 8657216263, 9136183911, 9967910136, 9967793681
Website : navratnayantracoupon.com goldennavratnacoupon.com

## ହୋମ୍ କ୍ୱାରାଣ୍ଟାଇନ୍‌ରେ ଏମ୍‌ପି

ଢେଙ୍କାନାଳ ଅଫିସ, ୭।୭: ଢେଙ୍କାନାଳ ଏମ୍‌ପି ମହେଶ ସାହୁ ୩ଦିନ ହେଲା ହୋମ୍ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଶୁକ୍ରବାର ସେ ନିଜର ସ୍ୱାବ୍ ପରୀକ୍ଷା କରାଇବେ ବୋଲି ଜିଲାପାଳ ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିବା ସୂଚନା ଦେଇଛନ୍ତି। ସହରର ଜଣେ ପୂଜକ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ପୁଅ ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ହୋଇଥିବାରୁ ସେ ହୋମ୍ କ୍ୱାରାଣ୍ଟାଇନ୍ ଅଛନ୍ତି। ୩୧ ତାରିଖ ଯାଏ ସେ ସଙ୍ଗରୋଧରେ ରହିବେ ବୋଲି ସୂଚନା ଦେଇଛନ୍ତି।

**ଆଜିର ମନ୍ତବ୍ୟ**

" ଗଲ୍‌ୱାନ୍ ଉପତ୍ୟକାର ବିଫଳତାକୁ ଏଡ଼ାଇବା ଲାଗି ଭାଜପା ପ୍ରୟାସ କରୁଛି।
–ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଚୁନି
ପରିବାରବର୍ଗ


ସତ୍ୟସାଇ
ପରିବାରବର୍ଗ


ପ୍ରିତି
ପରିବାରବର୍ଗ


ସୁକାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ଅଭିଯୁକ୍ତ ଡାକ୍ତର...

କରୋନା କଟକଣା ପାଇଁ ମେଳା ବନ୍ଦ ହୋଇଯାଇଥିଲା। ନାବାଳିକା ଜଣକ କୌଣସି କାରଣରୁ ଆଉ ଗାଁକୁ ଫେରି ପାରି ନ ଥିଲେ। ପାଟ୍ରୋଲିଂରେ ଥିବା ପୋଲିସ ଥାନାକୁ ଆଣି ତାଙ୍କୁ ଅଟକ ରଖିଥିଲା। ପରେ ଥାନା ଅଧିକାରୀ ମାଝି ନାବାଳିକାଙ୍କୁ ଉପର ମହଲାରେ ନେଇ ରଖିଥିଲେ। ସେଦିନ ରାତିରେ ଥାନା ଅଧିକାରୀ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପରଦିନ ନାବାଳିକାଙ୍କୁ ତାଙ୍କ ଘରକୁ ନେଇ ଛାଡି ଦିଆଯାଇଥିଲା। ଏହା ପରେ ୩ ମାସ କାଳ ନିୟମିତ ସମ୍ପୃକ୍ତ ନାବାଳିକାଙ୍କୁ ଥାନାକୁ ଡକା ଯାଉଥିଲା। ତାଙ୍କୁ ଥାନାର ଉପର ମହଲାରେ ରହିବାକୁ ଦିଆଯାଉଥିଲା। ଥାନା ବାବୁଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରୁଥିବା ଅଭିଯୋଗ ହୋଇଥିଲା। ଗତ ୧୬ ତାରିଖରେ ଝିଅଟି ନିଜର ଶାରୀରିକ ଅସୁସ୍ଥତା ନେଇ ବୀରମିତ୍ରପୁର ଡାକ୍ତରଖାନାକୁ ଯାଇଥିଲେ। ଏକଥା ଜଣାପଡ଼ିବା ପରେ ଥାନା ବାବୁ ଭୟଭୀତ ହୋଇ ତରବରିଆ ଭାବେ ଡାକ୍ତର ଘୋଷଙ୍କ ଦ୍ୱାରା ସମ୍ପୃକ୍ତ ନାବାଳିକାଙ୍କ ଗର୍ଭପାତ କରାଇଥିଲେ।

## 'ମୋ ସରକାର'ରେ...

କହିଛନ୍ତି। ସେହିପରି ରୋଗୀଙ୍କ ପରିବାରକୁ ରୋଗୀର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସୂଚନା ଦେବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କୋଭିଡ୍-୧୯ ପରିଚାଳନା ନେଇ ଭିଡିଓ କନ୍‌ଫରେନ୍ସରେ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। କୋଭିଡ୍ ଯୋଦ୍ଧାମାନେ କିପରି ସଂକ୍ରମଣରୁ ସୁରକ୍ଷିତ ରହିବେ ସେଥିପାଇଁ ସେମାନଙ୍କୁ ଉପଯୁକ୍ତ ତାଲିମ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନରେ କୋଭିଡ୍ କେୟାର ହୋମ୍‌ର ତଦାରଖ ପାଇଁ ଅନ୍‌ଲାଇନ୍ ଏଣ୍ଟ୍ରି ବ୍ୟବସ୍ଥା କରାଯିବା ଆବଶ୍ୟକ। ଏଥିସହିତ ବିଭିନ୍ନ କୋଭିଡ୍ ଡାକ୍ତରଖାନାରେ ଆମ୍ବୁଲାନ୍ସ ସେବାକୁ ସୁବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।

ରାଜ୍ୟର ସବୁ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଓ ହଟ୍‌ସ୍ପଟ୍ ଜିଲାଗୁଡ଼ିକରେ ଆଣ୍ଟିଜେନ୍ ଟେଷ୍ଟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇ ପରି ହଟ୍‌ସ୍ପଟ୍ ସହରରୁ ଯେପରି କମ୍ ସଂଖ୍ୟାରେ ଟ୍ରେନ୍ ଓ ଉଡ଼ାଜାହାଜ ଆସିବ ସେଥିପାଇଁ କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗରେ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜୁନ୍ ୨୯ରେ ହୋଇଥିବା ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ କୋଭିଡ୍ ପରିଚାଳନା ପାଇଁ ଏକ ନବସୂତ୍ରୀ ପରାମର୍ଶ ଦେଇଥିଲେ। ସେଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଆଲେଚନା ହୋଇଛି। ରାଜ୍ୟରେ କୋଭିଡ୍ ପରୀକ୍ଷା ୩ ଲକ୍ଷରେ ପହଞ୍ଚିଥିବା ବେଳେ ଆର୍‌ଏମ୍‌ଆର୍‌ସି ଦ୍ୱାରା ୧ ଲକ୍ଷ ପରୀକ୍ଷା କରାଯାଇଛି। ମାର୍ଚ୍ଚରେ ରାଜ୍ୟରେ କେବଳ ଆର୍‌ଏମ୍‌ଆର୍‌ସିରେ ପରୀକ୍ଷା କରାଯାଉଥିବା ବେଳେ ବର୍ତ୍ତମାନ ୧୯ ଲାବରେଟୋରିରେ ପରୀକ୍ଷା କରାଯାଉଛି। ପୁରୀ, ଭୁବନେଶ୍ୱର ଓ ଗଞ୍ଜାମରେ ସେରୋଲୋଜିକାଲ ଟେଷ୍ଟ ଚାଲିଛି। ଗଞ୍ଜାମକୁ ଆଣ୍ଟିଜେନ୍ ଟେଷ୍ଟ ପାଇଁ ପଠାଯାଇଛି।

ଆଲୋଚନାରୁ ଜଣାଯାଇଛି, ରାଜ୍ୟର ପ୍ରତି ପଞ୍ଚାୟତରେ କଲ୍ୟାଣ ସମିତିସ୍ତରରେ ୪୭,୬୧୩ କୋଭିଡ୍ କେୟାର କମିଟି ଗଠନ କରାଯାଇଥିବା ବେଳେ ଏହାର ସଦସ୍ୟମାନଙ୍କ ତାଲିମ ମଧ୍ୟ ଶେଷ କରାଯାଇଛି। ସେହିପରି ଗ୍ରାମ ପଞ୍ଚାୟତଗୁଡ଼ିକରେ ୪୯୨୧୮ ଶଯ୍ୟାବିଶିଷ୍ଟ ୫୪୮୦ କୋଭିଡ୍ ଗୃହ ସ୍ଥାପନ କରାଯାଇଛି। ଏଥିସହିତ ୩୭୯୯୮ ଶଯ୍ୟାବିଶିଷ୍ଟ ୧୧୦୫ ଟିଏମ୍‌ସି କ୍ଲଷ୍ଟର ମଧ୍ୟ କାର୍ଯ୍ୟ କରୁଛି। ୧୧୪ ପୌରାଞ୍ଚଳରେ ୨୦୩୫ କୋଭିଡ୍ କେୟାର କମିଟି ଗଠନ କରାଯାଇଥିବା ବେଳେ ୫୯୫୬ ଶଯ୍ୟା ବିଶିଷ୍ଟ କୋଭିଡ୍ ଗୃହ ସ୍ଥାପନ କରାଯାଇଛି। ଏଥିସହିତ ୫୮,୯୮୮ ଶଯ୍ୟାବିଶିଷ୍ଟ ୮୧୮ ଟିଏମ୍‌ସି କେନ୍ଦ୍ର ସ୍ଥାପନ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି।

## ନୂତନ ନିଯୁକ୍ତି...

ଯାତ୍ରା ନ କରି ଭିଡିଓ କନଫରେନ୍ସ ଜରିଆରେ ବୈଠକରେ ଯୋଗ ଦେବାକୁ ଅଧିକାରୀମାନଙ୍କୁ କୁହାଯାଇଛି। ବିମାନରେ ଯାତ୍ରା କରିବାକୁ ହେଲେ ସ୍ୱତନ୍ତ୍ର ଅନୁମତି ନେବାକୁ ହେବ। ତେବେ କୌଣସି ସରକାରୀ ଅଧିକାରୀ ପ୍ରଥମ ଶ୍ରେଣୀ ଏ/ସି ଟିକେଟରେ ଟ୍ରେନ୍‌ରେ ଯାତ୍ରା କରିପାରିବେ ନାହିଁ। ଟୁର୍ ବେଳେ ଅଧିକାରୀମାନେ ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇରେ ଥିବା ଓଡ଼ିଶା ଭବନ ଓ ନିବାସରେ ନ ରହି ଉକ୍ତ ସହରର କୌଣସି ହୋଟେଲରେ ରହିବେ। କିନ୍ତୁ ସେଥିଲାଗି ସରକାରୀ ତହବିଲରୁ ଭରଣା କରିପାରିବେ ନାହିଁ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବ୍ୟତୀତ କୌଣସି ବିଭାଗ ନୂତନ ପଦବୀ ସୃଷ୍ଟି କରି ପାରିବେ ନାହିଁ। ଯଦି ଜରୁରୀ ପରିସ୍ଥିତିରେ ପଦବୀ ସୃଷ୍ଟି କରିବା ଆବଶ୍ୟକ ପଡିଲା ତେବେ ଅର୍ଥ ବିଭାଗର ଅନୁମତି ନେବାକୁ ପଡିବ। ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଖାଲିପଡିଥିବା ପଦବୀଗୁଡିକ ଉଚ୍ଛେଦ ହେବ। ୨୦୨୦ ଜୁଲାଇ ସୁଦ୍ଧା ଉକ୍ତ ପଦବୀଗୁଡିକ ଉଚ୍ଛେଦ ନେଇ ବିଜ୍ଞପ୍ତି ପ୍ରକାଶ କରି ବିଭାଗଗୁଡ଼ିକ ଅର୍ଥ ବିଭାଗକୁ ଜଣାଇବେ। କୌଣସି ପ୍ରକାର ଠିକା, ଆଉଟସୋର୍ସ କିମ୍ବା ଅବସରପ୍ରାପ୍ତ କର୍ମଚାରୀଙ୍କ ନିଯୁକ୍ତି ଉପରେ କଟକଣା ଜାରି କରାଯାଇଛି। ଏନେଇ ଅର୍ଥ ବିଭାଗର ଅନୁମତି ନେବାକୁ ପଡିବ।

ମେଡିକାଲ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ସରଞ୍ଜାମ ବ୍ୟତୀତ କୌଣସି ବିଭାଗ ନୂଆ ସାମଗ୍ରୀ କ୍ରୟ କରି ପାରିବେ ନାହିଁ। ଡିଜିଟାଲ ସାମଗ୍ରୀ କ୍ରୟ କରିବାକୁ ହେଲେ ଅର୍ଥ ବିଭାଗର ଅନୁମୋଦନ ନେବାକୁ ହେବ। କୌଣସି ପ୍ରକାର ନବୀକରଣ କିମ୍ବା କାର୍ଯ୍ୟାଳୟ ପାଇଁ ଆସବାବପତ୍ର କ୍ରୟ ନିଷେଧ କରାଯାଇଛି। ଏପରି କି ବୈଠକ, ସେମିନାର, କର୍ମଶାଳା ଲାଗି ହୋଟେଲରେ ଖାଇବା ପିଇବା ଉପରେ କଟକଣା ଲଗାଯାଇଛି। କେବଳ ଭିଡିଓ କନଫରେନ୍ସ ମାଧ୍ୟମରେ ବୈଠକ କରିବାକୁ କୁହାଯାଇଛି। ସରକାରୀ କର୍ମଚାରୀଙ୍କୁ ଘର ନିର୍ମାଣ, ଯାନବାହନ, କମ୍ପ୍ୟୁଟର କିଣା ନେଇ ଦୀର୍ଘମିଆଦି ଅର୍ଥ ନ ଦେବାକୁ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଦୁଇବର୍ଷ ଯାଏ କୌଣସି କର୍ମଚାରୀଙ୍କୁ ଏଲ୍‌ଟିସି ଦିଆଯିବ ନାହିଁ। ଅଫିସରେ ହେଉଥିବା କାଗଜ ଓ ଅନ୍ୟାନ୍ୟ ଅଫିସ ଷ୍ଟେସନେରି ଖର୍ଚ୍ଚକୁ ଯଥା ସମ୍ଭବ କମ୍ କରିବାକୁ ପରାମର୍ଶ ଦିଆଯାଇଛି। ଚଳିତ ବର୍ଷ ବିଭାଗର ଅନ୍ୟାନ୍ୟ ଜରୁରିକାଳୀନ ଖର୍ଚ୍ଚକୁ ୬୦ ପ୍ରତିଶତରେ ସୀମିତ ରଖିବାକୁ କୁହାଯାଇଛି। ଅନ୍‌ଲିମିଟେଡ ଟେଲିଫୋନ ଖର୍ଚ୍ଚ ଉପରେ ମଧ୍ୟ ଅଙ୍କୁଶ ଲଗାଯାଇଛି। ଜୀବନ ଜୀବିକା, ଚାଷ ଓ ଆନୁଷଙ୍ଗିକ କ୍ଷେତ୍ରକୁ ବାଦ୍ ଦେଇ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଜାରି ରହିଥିବା ଯୋଜନା ଗୁଡିକର ଖର୍ଚ୍ଚକାଟ୍ କରିବାକୁ କୁହାଯାଇଛି। ଅର୍ଥ ବିଭାଗର ବାର୍ଷିକ ରକ୍ଷଣାବେକ୍ଷଣ ଯୋଜନା(ଏଏମ୍‌ପି) ଅନୁମୋଦନ ନେଇ ବାର୍ଷିକ ମେଣ୍ଟେନାନ୍ସ ଖର୍ଚ୍ଚ ୬୦ ପ୍ରତିଶତରୁ ଅଧିକ ନ କରିବାକୁ କୁହାଯାଇଛି। ସରକାରୀ କାର୍ଯ୍ୟାଳୟ, ସରକାରୀ ଅତିଥି ଭବନ, କିମ୍ବା ସରକାରୀ କୋଠାଗୁଡ଼ିକର ନବୀକରଣକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ସରକାରୀ କୋଠାର ମରାମତି ପାଇଁ ୫ ଲକ୍ଷ ଉପରକୁ ଏବଂ ସରକାରୀ କ୍ୱାର୍ଟର୍ସଗୁଡ଼ିକର ଖର୍ଚ୍ଚ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେଉଥିଲେ ସରକାରଙ୍କ ଅନୁମୋଦନ ନେବା ବାଧ୍ୟତାମୂଳକ କରାଯାଇଛି। ଚଳିତ ବର୍ଷ କୌଣସି ପ୍ରକାର ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରିବା, ପାର୍କ ଏବଂ ସର୍ବସାଧାରଣ ସ୍ଥାନଗୁଡ଼ିକର ସୌନ୍ଦର୍ଯ୍ୟକରଣ କରିବା ଉପରେ ମଧ୍ୟ କଟକଣା ଲାଗୁ କରାଯାଇଛି। ଚଳିତ ବର୍ଷ କୌଣସି ନୂତନ ଟେଣ୍ଡର ଡକାଯିବ ନାହିଁ। ଯଦି କୌଣସି ଜରୁରୀ କାର୍ଯ୍ୟ ଲାଗି ୫ କୋଟିରୁ ଅଧିକ ଏବଂ ଦ୍ରବ୍ୟ ଓ ସେବା ଯୋଗାଇବା ପାଇଁ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟେଣ୍ଡର ଡାକିବାକୁ ପଡ଼େ, ତେବେ ଅର୍ଥ ବିଭାଗର ଅନୁମତି ନେବାକୁ କୁହାଯାଇଛି। ପୂର୍ବରୁ ଯେଉଁ ଟେଣ୍ଡର ଡକାଯାଇଛି ଏବଂ ତାହା ଜରୁରୀ ନୁହେଁ ସେଭଳି କ୍ଷେତ୍ରରେ ଉକ୍ତ ଟେଣ୍ଡରଗୁଡ଼ିକୁ ତୁରନ୍ତ ରଦ୍ଦ କରିବାକୁ କୁହାଯାଇଛି। ଆସନ୍ତା ୨୦୨୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ନୂତନ ସରକାରୀ କୋଠା, ଅତିଥି ଭବନ କିମ୍ବା ସରକାରୀ ବାସଗୃହ ନିର୍ମାଣକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହି କଟକଣା କେବଳ ସରକାରୀ କାର୍ଯ୍ୟାଳୟ ନୁହେଁ, ସମସ୍ତ ଅନୁଦାନପ୍ରାପ୍ତ ଅନୁଷ୍ଠାନ, ସମବାୟ ସଂସ୍ଥା, ସ୍ୱୟଂଶାସିତ ସଂସ୍ଥାଗୁଡ଼ିକ ପାଇଁ ଲାଗୁ ହେବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ଚୟନ ଶିବିରରେ...

ତାଙ୍କୁ ଗୋଲକିପର ଦାୟିତ୍ୱ ଦିଆଯାଇଥିଲା। ପରେ ନିଜର ଅଦମ୍ୟ ପ୍ରଚେଷ୍ଟା ବଳରେ ସେ ରାଜ୍ୟ ଦଳରୁ ଗୋଲକିପର ଭାବେ ଖେଳିବା ପାଇଁ ମନୋନୀତ ହୋଇଥିଲେ। ଇତି ମଧ୍ୟରେ ସେ ୧୫ବର୍ଷରୁ କମ୍, ୧୬ବର୍ଷରୁ କମ୍ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରି ସାରିଲେଣି। ମଞ୍ଜୁଙ୍କ ପ୍ରଶିକ୍ଷକ ହେଉଛନ୍ତି ମମତା ସାମନ୍ତ। ମମତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲର ଅନ୍ତେବାସୀ ଭାବେ ପ୍ରଶିକ୍ଷଣ ନେଉଛନ୍ତି। ଗାଁ ପଡ଼ିଆରେ ଖେଳୁଥିବା ଏହି ଝିଅ ଏବେ ବିଶ୍ୱକପ ଦଳ ଚୟନ ଶିବିର ପାଇଁ ଗୋଆ ଯିବେ। ମଞ୍ଜୁ ଗାଁ ଲୋକଙ୍କ ପାଇଁ ଗର୍ବ ଆଣିଛନ୍ତି ବୋଲି ତାଙ୍କ ପରିବାର ଲୋକେ କୁହନ୍ତି।

**ପରିଶ୍ରମ ବୃଥା ଯିବନି:** ଜ୍ୟୋତି କୁମାରୀ ଗତ ୪ବର୍ଷ ହେବ କଟକ ସାଇ ହଷ୍ଟେଲରେ ରହି ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। କୋଚ୍ ସୁରଜିତ କୁମାର ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜ୍ୟୋତି ପ୍ରଶିକ୍ଷଣ ନେଉଛନ୍ତି। ଜ୍ୟୋତିଙ୍କ ପିତା ହେଲେ ସଞ୍ଜୟ ପଟେଲ ଓ ମା ଶାନ୍ତି ଦେବୀ। ସଞ୍ଜୟ ବନାରସରେ ମୁଢ଼ି ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ୬ ଭାଇ ଭଉଣୀ(୪ ଝିଅ, ୨ପୁଅ)ଙ୍କ ଭିତରୁ ଜ୍ୟୋତି ହେଲେ ୩ୟ ସନ୍ତାନ। ଜ୍ୟୋତି ଓ ତାଙ୍କ ୩ ଭଉଣୀ ସମସ୍ତେ ଫୁଟବଲ ଖେଳାଳି। ଅନ୍ୟ ୩ ଭଉଣୀ ଉତ୍ତରପ୍ରଦେଶ ପକ୍ଷରୁ ଖେଳୁଥିବା ବେଳେ ଜ୍ୟୋତି ଏକ କ୍ୟାମ୍ପରେ ଯୋଗଦେଇ କଟକ ସାଇ ହଷ୍ଟେଲକୁ ଆସିଥିଲେ। ଜ୍ୟୋତି ଇତି ମଧ୍ୟରେ ୧୫ବର୍ଷରୁ କମ୍, ୧୬ବର୍ଷରୁ କମ୍ ଓ ୧୭ବର୍ଷରୁ କମ୍ ବୟସ ବର୍ଗରେ ଜାତୀୟ ଦଳରେ ଖେଳି ସାରିଲେଣି। ସେ ଦଳରେ ଡିଫେଣ୍ଡର(ରାଇଟ୍ ବ୍ୟାକ୍) ଭାବେ ଖେଳନ୍ତି। ବିଶ୍ୱକପ୍ ଦଳରେ ଜ୍ୟୋତି ସୁଯୋଗ ପାଇବେ ବୋଲି ତାଙ୍କ ପରିବାର ଲୋକେ ଆଶାବାଦୀ ଅଛନ୍ତି। ସେ କଠିନ ପରିଶ୍ରମ କରୁଛନ୍ତି। ତାଙ୍କ ପରିଶ୍ରମ କେବେ ବୃଥା ଯିବନି ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି।

## ତାଳଚେର ସାର...

ନିଷିଦ୍ଧ କରିଦେଇଛନ୍ତି। ସେହିଭଳି ଚାଇନା କମ୍ପାନୀଗୁଡିକ ଭାରତରେ ନିବେଶ ଲାଗି ରଖିଥିବା ୫୦ ପ୍ରସ୍ତାବ ଉପରେ ସରକାର ବିଚାର କରୁଛନ୍ତି। ତାଳଚେର ଫର୍ଟିଲାଇଜର ଲିମିଟେଡ୍ ୪ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପ୍ରଚେଷ୍ଟାରେ ସ୍ଥାପନ ହେଉଥିବା ଯୌଥ ଉଦ୍ୟୋଗ। ଏହି କମ୍ପାନୀଗୁଡିକ ମଧ୍ୟରେ ଗେଲ୍ ଇଣ୍ଡିଆ, କୋଲ ଇଣ୍ଡିଆ, ରାଷ୍ଟ୍ରୀୟ କେମିକାଲ ଆଣ୍ଡ ଫର୍ଟିଲାଇଜର ଲିମିଟେଡ୍ ଏବଂ ଫର୍ଟିଲାଇଜର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ ରହିଛି। ପ୍ରକଳ୍ପର ଅଗ୍ରଗତି ନେଇ ଏହି କମ୍ପାନୀଗୁଡ଼ିରୁ ସ୍ପଷ୍ଟୀକରଣ ଲୋଡ଼ାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରିନାହିଁ। ପ୍ରକଳ୍ପ ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ, କାର୍ଯ୍ୟ ଆଗେଇବା ଦିଗରେ କରୋନା ବାଧକ ସାଜିଛି। କିଛି ଘଟଣାକୁ ଦେଖି ପ୍ରକଳ୍ପ କାମ ବନ୍ଦ ହୋଇଗଲା ବୋଲି କହି ହେବ ନାହିଁ। ୨୦୨୩ ସେପ୍ଟେମ୍ବର ସୁଦ୍ଧା ଉକ୍ତ ୟୁନିଟକୁ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଉକ୍ତ ୟୁନିଟ କାର୍ଯ୍ୟକ୍ଷମ ହେଲେ ଏଠାରୁ ୧.୨୭ ନିୟୁତ ଟନ୍ କୋଇଲା ଉତ୍ପାଦନ କରିବା ନେଇ ଲକ୍ଷ୍ୟ ରଖାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜନ ଥିଲେ ଧନ ନାହିଁ, ଧନ ଥିଲେ ଜନ ନାହିଁ।**
**କାନ ଥିଲେ ସୁନା ନାହିଁ, ସୁନା ଥିଲେ କାନ ନାହିଁ।**

ଈଶ୍ୱର ସମସ୍ତଙ୍କୁ ସବୁ ଜିନିଷ ପରିପୂର୍ଣ୍ଣ କରି ଦେଇ ନ ଥାନ୍ତି। କାହାର ବହୁ କୁଟୁମ୍ବ ପରିବାର ଅଥଚ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ତ ପୁଣି କାହାର ଅଚଳାଚଳ ସମ୍ପତ୍ତି ଥାଇ ଭୋଗ କରିବାକୁ କେହି ନ ଥାଏ। ସେହିପରି କାହାର ରାଜପ୍ରାସାଦ ପରି ବିରାଟ ଘର କିନ୍ତୁ ରହିବାକୁ କେହି ଲୋକ ନାହାନ୍ତି, ପୁଣି କାହାର ଲୋକବାକ ଥିଲେ ବି ରହିବାକୁ ଘର ଖଣ୍ଡିଏ ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ଥିବା ଏ ପ୍ରକାର ପ୍ରଭେଦକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜାଲ କାଠ ବିଡି ବିଡି; ଘାଟର କଉଡ଼ି ନ ଦେଲେ ତୁହି**
**ବନ୍ଧା ଦିଅ ମଲ୍ଲିକଢ଼ି।**

ଆଗକାଳରେ ଗମନାଗମନର ସେତେ ସୁବିଧା ନ ଥିଲା। ଲୋକେ ନଈନାଳ ପାର ହେବା ପାଇଁ ଡଙ୍ଗାର ସାହାଯ୍ୟ ଲୋଡୁଥିଲେ। ଘାଟରୁ ଏ କୂଳରୁ ସେ କୂଳକୁ ପାର ହେବା ପାଇଁ ନାଉରିଆକୁ ପଇସା ଦେବାକୁ ପଡୁଥିଲା ବେଳେ ପଇସା ବଦଳରେ ଜିନିଷ ବନ୍ଧା ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବଳବାନ୍ କର୍ମାଧିପତିଙ୍କ ସହ ଚତୁର୍ଥାଧିପ ହେତୁ ଆଜି ହଠାତ୍ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି କାର୍ଯ୍ୟକାରୀ ହୋଇଯିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦବୃଦ୍ଧିର ସମ୍ଭାବନା ରହିଛି। କୃତ୍ତିକା ନକ୍ଷତ୍ର ବ୍ୟକ୍ତିଙ୍କ ଶାରୀରିକ ଅସୁସ୍ଥତା ହୋଇପାରେ।

**ବୃଷ** ଭାଗ୍ୟାଧିପତିଙ୍କ ଶୁଭତ୍ୱ କାରଣରୁ ଯେ କୌଣସି ପ୍ରକାରର ପରିସ୍ଥିତି ମଧ୍ୟରେ ଆପଣ ପଛକୁ ଫେରିବେ ନାହିଁ। ବିଜୟର ଜୟଯାତ୍ରା କର୍ମକ୍ଷେତ୍ରକୁ ଗୁଞ୍ଜିମନ୍ତ କରିବ। ପାରିବାରିକ କ୍ଷେତ୍ରର ବ୍ୟତିକ୍ରମଜନିତ ମନକଥା ମନରେ ମାରି ଚଳିବାକୁ ବାଧ୍ୟ ହେବେ। ମାତ୍ର ବିବାଦୀୟ ଘଟଣା ଓ ଆର୍ଥିକ ସମସ୍ୟାର ସମାଧାନ ଘଟିବ।

**ମିଥୁନ** ଆଜିର ଚନ୍ଦ୍ର ଦୁଃସ୍ଥାନରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଦୁଶ୍ଚିନ୍ତା ବୃଦ୍ଧି କରିବ। କୌଣସି କାମ ସହଜ କିମ୍ବା ସୁବିଧାରେ ହେବନାହିଁ। ମିତ୍ର ବନ୍ଧୁଙ୍କ ସହ ମନାନ୍ତର ଘଟିବାର ସମ୍ଭାବନା ରହିଛି। ପରୋକ୍ଷଶତ୍ରୁତା ଜନିତ ବାଣିଜ୍ୟ,ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ।

**କର୍କଟ** ଆଜିର ଗ୍ରହସ୍ଥିତି ଆପଣଙ୍କୁ ନୂତନ କର୍ମାରମ୍ଭ ପାଇଁ ପ୍ରେରଣା ପ୍ରଦାନ କରିବ। ଦୀର୍ଘଦିନର ସ୍ଥଗିତ କାମକୁ ଆରମ୍ଭ କରିବାର ଅନୁକୂଳ ବାତାବରଣ ସୃଷ୍ଟି ହେବ। ସହକର୍ମୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ହାତ ବଢାଇବେ। ଆଜିର ପ୍ରତ୍ୟୁଷରୁ ଦୂରଯାତ୍ରା ଫଳପ୍ରଦ ହେବ।

**ସିଂହ** ବିପରୀତ ରାଜଯୋଗ ପ୍ରଭାବରୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଅର୍ଥ ସମ୍ପର୍କ ପ୍ରଭୃତି ପ୍ରତ୍ୟେକ ଦିଗରୁ ଶୁଭଫଳ ପାଇବେ। ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଘରକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହ।

**କନ୍ୟା** ପାପଗ୍ରହ ମଧ୍ୟସ୍ଥ ଧନାଧିପ ଯୋଗୁ ଅସାବଧାନତା କାରଣରୁ ଧନହାନିର ସମ୍ଭାବନା ରହିଛି। ସ୍ଥଗିତ କାମଗୁଡିକ ଆଜି ପରିସ୍ଥିତିବିଶତଃ ଓଲଟା ହେବାରୁ ଚିନ୍ତା ପ୍ରକଟ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ସାହିତ୍ୟ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** ଶନି ଦୃଷ୍ଟ ମଙ୍ଗଳ ଅର୍ଥ ସମ୍ବନ୍ଧିତ ସମସ୍ୟା କିମ୍ବା କଳହର କାରଣ ହୋଇପାରେ। ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ, ନଚେତ୍ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିପାରନ୍ତି। କାର୍ଯ୍ୟ କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ବିଛା** କେନ୍ଦ୍ରସ୍ଥ ମଙ୍ଗଳ ପ୍ରଭାବରେ ସ୍ଥଗିତ କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା କାରଣରୁ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ସାହାଯ୍ୟ ଈର୍ଷାପରାୟଣ ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। କିନ୍ତୁ ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ, ଯାହା କି କାମକୁ ଆସିବ।

**ଧନୁ** କେତୁଗ୍ରହ ଯୁକ୍ତ ବୃହସ୍ପତି ହେତୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ପୂର୍ବାଷାଢା ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ନିର୍ମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଚାପର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରାତଃଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର** ସ୍ୱରାଶିସ୍ଥ ଶନି ପ୍ରଭାବରୁ ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ନିଶ୍ଚିତ ସଫଳତା ପାଇବେ। କେତେକ କ୍ଷେତ୍ରରେ ହାତ ପାହାନ୍ତାକୁ ସୁଯୋଗ ଆସିଯିବ। ଘରେ ବନ୍ଧୁ ମିଳନଜନିତ ଆମୋଦ ପ୍ରମୋଦର ସୁଅ ଛୁଟିବ। ମନ ବୁଝିଲାଭଳି କଥା କହି ପାଖ,ପଡୋଶୀମାନେ ନିଜର କାର୍ଯ୍ୟ ହାସଲ କରିନେବେ।

**କୁମ୍ଭ** ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବା ସଙ୍ଗକୁ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଶୃଙ୍ଖଳିତ ଜୀବନଚର୍ଯ୍ୟା ଓ ସଚେତନତାଜନିତ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ମୀନ** ଶୁକ୍ର ପ୍ରଭାବରେ ଯେ କୌଣସି କାର୍ଯ୍ୟାରମ୍ଭ ପାଇଁ ପ୍ରତିକୂଳ ସ୍ଥିତି ଉପୁଜିବ। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରୁ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଶ୍ରାବଣ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ବୁଧବାର, ଜୁଲାଇ ୮ ତାରିଖ, ରାଶିନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ.୧୨.୩୨ମି. ଗତେ କୁମ୍ଭଚନ୍ଦ୍ର, କର୍କଟ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୭.୫୫ମି. ଗତେ ଘ.୧୧.୨୫ମି. ମଧ୍ୟେ, ଘ.୦୨.୦୩ମି. ଗତେ ଘ.୦୫.୩୩ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୫ମି. ଗତେ ଘ.୧୦.୦୩ମି. ମଧ୍ୟେ, ରାତ୍ରି ଘ.୧୨.୧୩ମି. ଗତେ ଘ.୦୧.୪୦ମି. ମଧ୍ୟେ ଅମୃତବେଳା। ଦିବା ୧୧.୫୧ମି. ଗତେ ଘ. ୦୧.୩୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

ବ୍ରାହ୍ମଣ, ଖଣ୍ଡାୟତ, ଗୁଡ଼ିଆ, ଭଣ୍ଡାରୀ, ବେଙ୍ଗଲି, ତେଲି ଜାତିର ବରପାତ୍ର ପାଇ। 7978736177. D-68251

**GROOM WANTED**

ବ୍ରାହ୍ମଣ, ଖଣ୍ଡାୟତ, ଗୁଡ଼ିଆ, ଭଣ୍ଡାରୀ, ତେଲି, ବେଙ୍ଗଲି ଜାତିର କନ୍ୟାପାତ୍ରୀ ପାଇଁ। 7978736177. D-68252

Unmarried 49 ବୟସ୍କା +2 qualified Govt. Job ବ୍ରାହ୍ମଣ ଝିଅଙ୍କୁ any caste ପୁଅ ଦରକାର। 9668488654. D-67943

Beautiful Brahmin girl 1989, 5'7", B.Tech (IT) serving senior analyst TCS "SUNASANSAR". 9937512659, 8249969649. D-17660

47 ବର୍ଷର ବିଧବା ମହିଳା ପାଇଁ ବରପାତ୍ର ଆବଶ୍ୟକ। SSC Hindi Translater ଭାବେ କାର୍ଯ୍ୟରତ। ଉପଯୁକ୍ତ ବୟସର ବରପାତ୍ର ଯୋଗାଯୋଗ କରନ୍ତୁ। ଅବିବାହିତ ଗ୍ରହଣୀୟ ନୁହେଁ। 7377689793. D-68828




**SALE**

ସୁନ୍ଦରପଦା କ୍ଷେତ୍ରପାଳ ମୌଜା ଓ କୁହାମୌଜାରେ yellow zone ଘରବାରି plot ମିଳୁଛି। 8480348215. D-69521

ଟମାଣ୍ଡୋ N.H ରୁ 800mtr ଦୂରରେ yellow zone plot ଓ ଖୋର୍ଦ୍ଧା ଟାଙ୍ଗିଆପଡ଼ାରେ sqft. 420/-, ରେ possession plot ମିଳୁଛି। 8480348215. D-69522

Plot for sale at Infront of KIIS, near KIIT College, Bhubaneswar. (1600 sqft). 9861999238, 9337661515. D-69701

**Gharabari boundary ସହିତ developed plot ଫୁଲନଖରା ଛକ ନିକଟରେ କିଣନ୍ତୁ। 9937166932.** D-69320

**ଭୁବନେଶ୍ୱର ପିତାପଲ୍ଲୀ ଛକ NH sideରେ boundary wall, 30ft. ରାସ୍ତା ସହିତ plot ମିଳୁଛି ଏବଂ ଜଟଣୀଗେଟ୍‌ରୁ 500, ଦୂରତାରେ ଘରବାରି ପ୍ଲଟ୍ କିଣି ଘର କରନ୍ତୁ। 6370292040.** D-69127

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, outright. 9348232008, 6371569855. D-69128




140sqft. to 1500sqft. well designed Grovis Food Village is opening soon at Infocity Square Patia. Food, Cafe, Games, Beautyparlour, Yogacenter, open theatre. Book your stall today, 9853724437, 9853805227. D-69321

540sqft. First Floor, Hall for commercial purpose near Rupali Square, Saheed Nagar, Bhubaneswar. 7978179503. D-69422

ସାମନ୍ତରାୟପୁରପାଖ ରାସ୍ତାକଡ଼େ ଦୋକାନ, ଅଫିସ୍, ଗୋଦାମ, କଲେଜ ସ୍କୁଲ୍‌ପାଇଁ ଭଡ଼ାଦିଆଯିବ। 7609836849, 9861416754. D-67756

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Herbal full body massage by smart / expert therapist. Contact: 8338067247. D-69702

Experience winter therapeutic Abhyanga Massage feeling refreshing energetic : Appointment- 9668374480. D-69800

Get refreshment body massage by expert therapist (Home service). 9556978408. D-69298

Rejuvenate and Ayurvedic full body massage by smart therapist. 9114402304. D-69299

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Ayurvedic full body massage ladies and gents, Contact: 9861064981. D-69523

**AFFIDAVIT**

By virtue of an affidavit sworn before the Notary Public, Jharsuguda I Purnima Dansana, W/o- Rajkumar Dansana, R/o- Bamara, PO- Govindpur, Dist- Sambalpur declare that my actual name is Purnima Dansana and DOB is 03.12.1949. But in Reliance Nippon Life Insurance bearing police no. 50377910 my name has been wrongly mentioned as Purnima Dansan and DOB is 01.01.1954. D-17697

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରତାରଣା: ଜେଲ ଗଲେ ଫାଣ୍ଡି ଅଧିକାରୀ



**ଖଲ୍ଲିକୋଟ,୭।୭(ଡି.ଏନ୍.ଏ.)**

ପୁଣି ଖାକିରେ କଳଙ୍କ। ମହିଳାଙ୍କୁ ସୁରକ୍ଷା ଦେବା ବଦଳରେ ଦିନକୁଦିନ ସେମାନଙ୍କ ଉପରେ ପୋଲିସର ଅତ୍ୟାଚାର ବଢୁଛି। ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା ଅଭିଯୋଗରେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଭେଜିପୁଟ ଫାଣ୍ଡି ଓଆଇସି ଚୁନା ପିଡ଼ିକାଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣର କରାଯାଇଛି। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ତାଙ୍କୁ ନିଲମ୍ବିତ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱରରେ ଟ୍ରେନିଂ ନେଉଥିବା ବେଳେ ପ୍ରାୟ ୪ ବର୍ଷ ତଳେ ସମ୍ପୃକ୍ତ ଯୁବତୀଙ୍କ ସହ ଚୁନାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ବିବାହ ପ୍ରତିଶ୍ରୁତି ଦେଇ ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ପରେ ବିବାହ କରିବାକୁ ମନା କରିଥିଲେ। ଏପରିକି ତାଙ୍କୁ ନ ଜଣାଇ ଚୁନା ଆଉ ଜଣେ ଯୁବତୀଙ୍କ ସହ ନିର୍ବନ୍ଧ କରିଛନ୍ତି। ଏହା ଜାଣିବା ପରେ ସମ୍ପୃକ୍ତ ଯୁବତୀ ଗତ ୩ ତାରିଖରେ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ସୋମବାର ଏନେଇ ଗଞ୍ଜାମ ଏସ୍‌ପି ରାଏଙ୍କୁ ମଧ୍ୟ ଭେଟି ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଖଲ୍ଲିକୋଟ ଥାନା ଅଧିକାରୀ ନଂ.୧୬୫/୨୦ରେ ମାମଲା ରୁଜୁକରି ଚୁନାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ମଙ୍ଗଳବାର କୋଦଳା ସବ୍‌ଜେଲ୍‌କୁ ପଠାଇଦିଆଯାଇଛି।

## ସାଲେପୁର ବିଧାୟକଙ୍କୁ କରୋନା

କଟକ ଅଫିସ: ରାଜ୍ୟର ଆଉ ଜଣେ ବିଧାୟକ ମଙ୍ଗଳବାର ରାତିରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେ ହେଲେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା। ତାଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବିଧାୟକ ପ୍ରଶାନ୍ତ କାହାକାହା ସହିତ ମିଶିଛନ୍ତି ସେ ନେଇ କଣ୍ଟାକ୍ଟ ଟ୍ରେସିଂ ହୋଇଛି। ଏ ନେଇ ଜିଲା ପ୍ରଶାସନ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଅଧିକ ସୂଚନା ମିଳିପାରି ନାହିଁ। ପୂର୍ବରୁ ସୋମବାର ନୀଳଗିରି ବିଧାୟକ ସୁକାନ୍ତ ନାୟକ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ।



**ସଂକ୍ଷେପରେ**

## ସ୍ୱଳ୍ପ ଲକ୍ଷଣଯୁକ୍ତ ରୋଗୀ କୋଭିଡ୍ ଗୃହରେ ଚିକିତ୍ସିତ ହେବେ

ଭୁବନେଶ୍ୱର,୭।୭(ବ୍ୟୁରୋ): ବର୍ତ୍ତମାନ ରାଜ୍ୟରେ କୋଭିଡ୍ ହସ୍ପିଟାଲରେ ୨୬ ହଜାର ଶଯ୍ୟା ଥିବା ବେଳେ ସେଥିରେ ୩୫୦୦ ରୋଗୀ ଚିକିତ୍ସିତ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ନୂଆ ଗାଇଡ୍‌ଲାଇନ୍ ଅନୁଯାୟୀ ସ୍ୱଳ୍ପ ଓ ମଧ୍ୟମ ଲକ୍ଷଣଥିବା ରୋଗୀମାନଙ୍କୁ କୋଭିଡ୍ ଗୃହରେ ରଖି ଚିକିତ୍ସା ସେବା ଯୋଗାଇ ଦେବା ଏବଂ କେବଳ ଗୁରୁତରଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରିବା ସମ୍ପର୍କରେ ଅଧିକ ବିଚାର ଆଲୋଚନା କରାଯିବ। ମଙ୍ଗଳବାର କୋଭିଡ୍-୧୯ ପରିଚାଳନା ନେଇ ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ରାଜ୍ୟର ସମସ୍ତ ଚିକିତ୍ସାଳୟରେ ଆଣ୍ଟିଜେନ୍ ଟେଷ୍ଟ ପରେ ହିଁ ଜରୁରୀ ଶଲ୍ୟ ଚିକିତ୍ସା କରାଯିବ। ସାମାଜିକ ଦୂରତ୍ୱ ଓ ମାସ୍କ ବ୍ୟବହାର କୋଭିଡ୍ ନିୟନ୍ତ୍ରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏ କ୍ଷେତ୍ରରେ ଶୂନ ସହନଶୀଳ ନୀତି ଗ୍ରହଣ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ କାର୍ଯ୍ୟାଳୟଗୁଡିକୁ ଜିରୋ ଇନ୍‌ଫେକ୍ସନ ଜୋନ୍ କରିବା ପାଇଁ ନିଆଯାଇଥିବା ପଦକ୍ଷେପ, କୋଭିଡ୍ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ମୁଖ୍ୟ ଉପଦେଷ୍ଟା, ପୋଲିସ ମହାନିର୍ଦ୍ଦେଶକ, ଉନ୍ନୟନ କମିଶନର, ବିଭିନ୍ନ ବିଭାଗ ପ୍ରମୁଖ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ପ୍ରମୁଖ ଯୋଗ ଦେଇଥିଲେ।

# ରତ୍ନସିଂହାସନରୁ ପଥର ଉଭାନ

## ଅଭିଯୋଗ ଆଣିଲେ ସେବାୟତ



- ପଥରରେ ଥିଲା ଦେଢ଼ଟି ପଦ୍ମ ପାଖୁଡ଼ା
- ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ ଭକ୍ତ
- ଅଭିଯୋଗରେ ସତ୍ୟାସତ୍ୟ ନାହିଁ: ଏଏସ୍‌ଆଇ ଅଧିକାରୀ

ପୁରୀ ଅଫିସ,୭।୭

ଶ୍ରୀମନ୍ଦିର ରତ୍ନସିଂହାସନରୁ ଖଣ୍ଡିଏ ପଥର ଗାଏବ କରିଦିଆଯାଇଛି। ଏନେଇ ଏକ ସଙ୍ଗିନ ଅଭିଯୋଗ ଆଣିଛନ୍ତି ସେବାୟତ ଈପ୍‌ସିତ ପ୍ରତିହାରୀ। ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ପ୍ରତିହାରୀ କହିଛନ୍ତି ଯେ, ରତ୍ନସିଂହାସନରୁ ଗାଏବ ହୋଇଥିବା ପଥରରେ ଦେଢ଼ଟି ପଦ୍ମ ପାଖୁଡ଼ା ରହିଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ସମ୍ମୁଖ ଭାଗରେ ଏହି ପଥରଟି ଥିଲା। ଏହାର କିଛି ଅଂଶ କଢ଼ାଯାଇଛି। ତେବେ କେବେ କଢ଼ା ହୋଇଛି, କିଏ କାଢ଼ିଛି ଏ ବିଷୟରେ ରାଜ୍ୟ ସରକାର ତଦନ୍ତ କରିବା ଦରକାର। ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛି ପ୍ରତ୍ନତତ୍ତ୍ୱ ବିଭାଗ। ପ୍ରତିବର୍ଷ ମହାପ୍ରଭୁ ନବଦିନାତ୍ମକ ଯାତ୍ରାରେ ବଡ଼ଦାଣ୍ଡକୁ ଓହ୍ଲାଇବା ପରେ ଶ୍ରୀମନ୍ଦିର ଯାଞ୍ଚ ଓ ମରାମତି ହୋଇଥାଏ। ଏଥର ମଧ୍ୟ ଗର୍ଭଗୃହ ସମେତ ଜଗମୋହନ, ନାଟମଣ୍ଡପ ରୋଷଶାଳା ଆଦି ଯାଞ୍ଚ ଏବଂ ମରାମତି କରାଯାଇଛି।

ଈପ୍‌ସିତ କହିଛନ୍ତି, ରଥଯାତ୍ରା ସମୟରେ ଶ୍ରୀମନ୍ଦିରର ମରାମତି ପାଇଁ ମନ୍ଦିର ପ୍ରଶାସନ କେଉଁ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ? ରକ୍ଷଣାବେକ୍ଷଣ ପରେ ପ୍ରତ୍ନତତ୍ତ୍ୱ ବିଭାଗ ଶ୍ରୀମନ୍ଦିର ପ୍ରଶାସନର କେଉଁ ଅଧିକାରୀଙ୍କୁ ରିପୋର୍ଟ କରିଥିଲେ ଏହା ସ୍ପଷ୍ଟ କରାଯାଉ। କାରଣ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ସେହି ସ୍ଥାନରୁ ପଥରକୁ କାଢ଼ି ଚଞ୍ଚକତା ପୂର୍ବକ ବାଲି ସିମେଣ୍ଟ ଦିଆଯାଇ ତାହାକୁ ମେକପ୍ କରିଦିଆଯିବାର ଭ୍ରମ ସୃଷ୍ଟି କରାଯାଇଛି। କେବଳ ଏହି ଗୋଟିଏ ସ୍ଥାନ ନୁହେଁ ଏହା ପାଖରେ ଆଉ ୨ଟି ଜାଗାରେ ଖାଲ ରହିଛି। ଏହି ଖାଲ ଏବେ ହୋଇଛି ନା ଆଗରୁ ତାହା ରାଜ୍ୟ ସରକାର ସ୍ପଷ୍ଟ କରିବା ଦରକାର। ତେଣୁ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ସମ୍ମୁଖରେ ଏହାକୁ ସ୍ପଷ୍ଟ କରାଯିବା ଜରୁରୀ ବୋଲି ଈପ୍‌ସିତ ଗଣମାଧ୍ୟମକୁ କହିଛନ୍ତି। ତଦନ୍ତ ପରେ ପଥର ଗାଏବରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଭକ୍ତ ଦିଲୀପ ବରାଳ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଦିଲୀପ ତାଙ୍କ ନିବେଦନପତ୍ରରେ ଦର୍ଶାଇଛନ୍ତି ଯେ, ରତ୍ନସିଂହାସନରୁ ଖଣ୍ଡିଏ ପଥର ତାଡ଼ି ନିଆଯାଇଥିବା ଶୁଣିବାକୁ ମିଳିଛି। ଏହା ନିଶ୍ଚିତ ଭାବେ ଏକ ଦୁର୍ଭାଗ୍ୟଜନକ ଘଟଣା। ଗତବର୍ଷ ଗରୁଡ଼ ସ୍ତମ୍ଭ ତଳ ଭାଗରେ ଥିବା ଏକ ଛୋଟ ମୂର୍ତ୍ତି କେଉଁଆଡେ ଗାଏବ ହୋଇଯାଇଥିଲା। ବର୍ତ୍ତମାନ ରତ୍ନସିଂହାସନରୁ ପଥର ନେଇଯିବା ଘଟଣାର ଉପଯୁକ୍ତ ତଦନ୍ତ ହେବା ଦରକାର। ତେବେ ରତ୍ନସିଂହାସନରୁ ଖଣ୍ଡିଏ ପଥର ଉଭାନ ହୋଇଯିବା ନେଇ ଯେଉଁ ଅଭିଯୋଗ ହେଉଛି ସେଥିରେ କୌଣସି ସତ୍ୟାସତ୍ୟ ନାହିଁ ବୋଲି ମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏଏସ୍‌ଆଇର ଜଣେ ଅଧିକାରୀ ନିଜ ନାମକୁ ଗୋପନ ରଖି କହିଛନ୍ତି।

# ଆଜିଠୁ ଜିଲା ବାହାର ମୃତଦେହ ଦାହ ମନା

## ସ୍ୱର୍ଗଦ୍ୱାରରେ କରୋନା କଟକଣା




ପୁରୀ ଅଫିସ,୭।୭

କରୋନା ସଂକ୍ରମଣ ଏବେ ରାଜ୍ୟରେ ହୁ ହୁ ହୋଇ ମାଡ଼ୁଛି। ଗତ କିଛିଦିନ ହେବ ଦିନକ ପିଛା ପଜିଟିଭ ସଂଖ୍ୟା ୫୦୦ ଡେଇଁଯାଉଛି। ଆଗକୁ ପରିସ୍ଥିତି ସଙ୍ଗିନ ହୋଇପାରେ। ତେଣୁ ଏହାକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ପକ୍ଷରୁ ସ୍ୱର୍ଗଦ୍ୱାରରେ ମୃତଦେହ ଦାହ କ୍ଷେତ୍ରରେ କଟକଣା ଲଗାଯାଇଛି। ବୁଧବାରଠାରୁ ବାହାର ଜିଲାର ମୃତଦେହ ସ୍ୱର୍ଗଦ୍ୱାରରେ ଦାହ କରାଯାଇପାରିବ ନାହିଁ। ପରିସ୍ଥିତି ପୁଣି ସ୍ୱାଭାବିକ ହେଲେ ପୂର୍ବପରି ସତ୍କାର କାର୍ଯ୍ୟ କରାଯିବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ମଙ୍ଗଳବାର ଭିଡିଓ ବାର୍ତ୍ତାରେ ଜିଲାପାଳ କହିଛନ୍ତି, ସ୍ୱର୍ଗଦ୍ୱାର ପ୍ରତି ସମସ୍ତଙ୍କ ଆଧ୍ୟାତ୍ମିକ ବିଶ୍ୱାସ ରହିଛି। ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ମୃତଦେହ ଦାହ ପାଇଁ ଆସିଥାଏ। ଏଥିସହ ମହୋଦଧିରେ ଅସ୍ଥି ବିସର୍ଜନ କରିବାର ପରମ୍ପରା ବି ରହିଛି। ମାତ୍ର ବର୍ତ୍ତମାନ କୋଭିଡ୍‌ର ଯେଉଁ ସ୍ଥିତି ତାହା ନିଶ୍ଚିତ ଆମ ସମସ୍ତଙ୍କ ପାଇଁ ଏକ ଚ୍ୟାଲେଞ୍ଜ। ବିଶେଷକରି କୌଣସି ବ୍ୟକ୍ତିଙ୍କର ଯଦି ମୃତ୍ୟୁ ହୁଏ ସେ କରୋନା ସଂକ୍ରମିତ କି ନୁହେଁ ତାହା ଜଣାପଡି ନ ଥାଏ। ସେହିପରି ମୃତଦେହ ଆଣି ଆସୁଥିବା ସମ୍ପର୍କୀୟମାନେ ମଧ୍ୟ କୋଭିଡ୍ ଟେଷ୍ଟ ହୋଇ ନ ଥାନ୍ତି। ତେଣୁ ଏଭଳି ସ୍ଥିତିରେ ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ତେଣୁ ଏହାକୁ ନଜରରେ ରଖି ଅନିଚ୍ଛା ସତ୍ତ୍ୱେ କଠୋର ନିଷ୍ପତ୍ତି ନେବାକୁ ପଡୁଛି। ବୁଧବାରଠାରୁ କିଛିଦିନ ପାଇଁ ପୁରୀ ଜିଲା ବାହାରର କୌଣସି ମୃତଦେହ ଦାହ ପାଇଁ ଅନୁମତି ଦିଆଯିବ ନାହିଁ। ଏଥିରେ ପ୍ରଶାସନକୁ ସମସ୍ତେ ସହଯୋଗ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।

# ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୭।୭(ବ୍ୟୁରୋ)

ରାଜ୍ୟ ସରକାର ମଙ୍ଗଳବାର ଓଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ, ଜଳ ସମ୍ପଦ ବିଭାଗ ଅତିରିକ୍ତ ସଚିବ ବରିଷ୍ଠ ଓଏଏସ୍ ଅଫିସର କମଳଲୋଚନ ମିଶ୍ରଙ୍କୁ ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଭାବେ ବଦଳି କରାଯାଇଛି। ଅତିରିକ୍ତ ରିଲିଫ କମିଶନର ଭାବେ ସେ ଏହି ଦାୟିତ୍ୱ ତୁଲାଇବେ। ସେହିପରି ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ରଙ୍କୁ ବାଲେଶ୍ୱର ଡିଆର୍‌ଡିଏରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଭାବେ ବଦଳି କରାଯାଇଛି। ବବିତାରାଣୀ ଦଳବେହେରାଙ୍କୁ ବୌଦ୍ଧ ଡିଆର୍‌ଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ), ରଜନୀକାନ୍ତ ବିଶ୍ୱାଳଙ୍କୁ କରଞ୍ଜିଆ ଉପଜିଲାପାଳ, ଦେବାଶିଷ ମହାନ୍ତିଙ୍କୁ ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ ପ୍ରଶାସନିକ ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ଲଲାଟ କୁମାର ଲୁହାଙ୍କୁ ସୁନ୍ଦରଗଡ଼ ଜିଲା ବଣାଇ ଆଇଟିଡିଏ ପିଏ, ଅଶ୍ୱିନୀ କୁମାର ମେହେରଙ୍କୁ ବୌଦ୍ଧ ଉପଜିଲାପାଳ, ସରୋଜିନୀ ପ୍ରସନ୍ନ କୁଲୁଙ୍କୁ ସୁନ୍ଦରଗଡ଼ ଅତିରିକ୍ତ ଉପଜିଲାପାଳ, ସରୋଜ କୁମାର ଦାଶଙ୍କୁ ଛତ୍ରପୁରର ଅତିରିକ୍ତ ଉପଜିଲାପାଳ ଏବଂ ରଶ୍ମିରେଖା ସ୍ୱାଇଁଙ୍କୁ ବୋର୍ଡ ଅଫ୍ ରେଭିନ୍ୟୁରେ ଉପସଚିବ ଭାବେ ବଦଳିକରାଯାଇଛି। ସେହିପରି ବଡ଼ସାହି ବିଡିଓ ଦିଲୀପ କୁମାର ମହାରଣାଙ୍କୁ ଭଞ୍ଜନଗର ଅତିରିକ୍ତ ଉପଜିଲାପାଳ ଭାବେ ବଦଳି କରାଯାଇଛି।

# କଟକ: ଶଟ୍‌ଡାଉନ ଅବଧି ବୃଦ୍ଧି

କଟକ ଅଫିସ,୭।୭

କଟକ ସହରରେ ଜାରି ହୋଇଥିବା ଶଟ୍‌ଡାଉନ ଅବଧିକୁ ବୃଦ୍ଧି କରିଛି ସିଏମ୍‌ସି। ପୂର୍ବରୁ ବୁଧବାର ମଧ୍ୟରାତ୍ରି ଯାଏ ଶଟ୍‌ଡାଉନ ଘୋଷଣା କରାଯାଇଥିବାବେଳେ ତାହାକୁ ଏବେ ଶୁକ୍ରବାର ଅର୍ଥାତ୍ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଯୋଗୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି। ସମସ୍ତ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସକାଳ ୫ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହିଁ ଖୋଲିପାରିବ। ଶିଳ୍ପସଂସ୍ଥା ଏବଂ ଉତ୍ପାଦକ ସଂସ୍ଥାଗୁଡ଼ିକ ଖୋଲା ରହିବ। ମାତ୍ର ୩୩ ପ୍ରତିଶତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ବ୍ୟାଙ୍କ୍ ଏବଂ ଡାକଘର ଖୋଲା ରହିବ। କିନ୍ତୁ ଗ୍ରାହକମାନେ ଯାଇପାରିବେ ନାହିଁ। କେବଳ ଅନ୍‌ଲାଇନ୍‌ରେ କାର୍ଯ୍ୟ ହେବ। ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ସମସ୍ତ ସରକାରୀ କାର୍ଯ୍ୟାଳୟ କାର୍ଯ୍ୟ କରିବ। ବେସରକାରୀ ସଂସ୍ଥାଗୁଡ଼ିକ ୱାର୍କ ଫ୍ରମ୍ ହୋମ୍ ବ୍ୟବସ୍ଥାକୁ ଗୁରୁତ୍ୱ ଦେବେ। ସମସ୍ତ ପ୍ରକାର ଅନାବଶ୍ୟକ ଗାଡ଼ି ଚଳାଚଳ ଉପରେ କଟକଣା ଜାରି କରାଯାଇଛି।

### ୯ ଦିନ ଶଟ୍‌ଡାଉନରେ ରହିବେ ସହରବାସୀ

ଶନିବାର ଓ ରବିବାର କଟକ ସହରରେ ସପ୍ତାହାନ୍ତ ଶଟ୍‌ଡାଉନ୍ ଥିବାବେଳେ ଗତ ସୋମବାରଠାରୁ ବୁଧବାର ଯାଏ ସିଏମ୍‌ସି ଶଟ୍‌ଡାଉନ ଘୋଷଣା କରିଥିଲା। ଏବେ ତାହାକୁ ଆସନ୍ତା ଶୁକ୍ରବାର ଯାଏ ବଢ଼ାଇ ଦିଆଯାଇଛି। ଏହା ଶେଷ ହେବା ପରେ ପୁଣି ସପ୍ତାହାନ୍ତ ଶଟ୍‌ଡାଉନ ଆରମ୍ଭ ହୋଇଯିବ। ଫଳରେ ସହରବାସୀ ଗତ ୪ରୁ ଆସନ୍ତା ୧୨ ତାରିଖ ଯାଏ ୯ ଦିନ ଶଟ୍‌ଡାଉନରେ ରହିବେ।

# ପଞ୍ଚାୟତିରାଜ ଅନୁଷ୍ଠାନ, ପୌରସଂସ୍ଥାକୁ ମିଳିବ ୨୩,୮୪୮ କୋଟି

ଭୁବନେଶ୍ୱର, ୭।୭(ବ୍ୟୁରୋ): ରାଜ୍ୟ ପଞ୍ଚମ ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ରାଜ୍ୟ ସରକାର ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ପୌର ସଂସ୍ଥାଗୁଡିକୁ ୨୩,୮୪୮ କୋଟି ଟଙ୍କା ପ୍ରଦାନ କରିବେ। ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପାଣ୍ଠି ୨୦୨୦-୨୧ରୁ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ପ୍ରଦାନ କରାଯିବ। ଗୋଟିଏ ଆର୍ଥିକ ବର୍ଷରେ ଦୁଇଟି କିସ୍ତିରେ ପାଣ୍ଠି ପ୍ରଦାନ କରାଯିବ। ପ୍ରଥମ କିସ୍ତି ମେ-ଜୁନ ମାସ ମଧ୍ୟରେ ଏବଂ ଦ୍ୱିତୀୟ କିସ୍ତି ଅକ୍ଟୋବର-ନଭେମ୍ବର ମଧ୍ୟରେ ହସ୍ତାନ୍ତର କରାଯିବ। ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ପ୍ରକଳ୍ପର ଶତକଡ଼ା ୩୦ ଭାଗ ଶେଷ ହୋଇ ନ ଥିଲେ ଦ୍ୱିତୀୟ କିସ୍ତି ମିଳିବ ନାହିଁ। ୬ ବର୍ଷ ମଧ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକୁ ପ୍ରାୟ ୧୫,୭୧୫.୬୦ କୋଟି ଏବଂ ପୌର ସଂସ୍ଥାଗୁଡିକୁ ପ୍ରାୟ ୮,୧୩୨.୫୨ କୋଟି ଟଙ୍କା ପ୍ରଦାନ କରାଯିବ। ଏହି ଅର୍ଥ ପାନୀୟ ଜଳ, ଜଳ ଅମଳ, ପରିମଳ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସୌର ଶକ୍ତି, ପ୍ରାଥମିକ ସ୍କୁଲ ନିର୍ମାଣ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରକ୍ଷଣାବେକ୍ଷଣ ଆଦି କ୍ଷେତ୍ରରେ ଖର୍ଚ୍ଚ କରାଯିବ।

# ରକ୍ଷଣାବେକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି: ପୂର୍ବତଟ ରେଳପଥ

ଭୁବନେଶ୍ୱର, ୭।୭(ବ୍ୟୁରୋ): ରେଳ ମନ୍ତ୍ରଣାଳୟ ପକ୍ଷରୁ ଲକଡାଉନ୍ ସମୟରେ ନିୟମିତ ଯାତ୍ରୀବାହୀ ଟ୍ରେନ୍ ଚଳାଚଳକୁ ବନ୍ଦ ରଖାଯାଇଥିଲା। ପୂର୍ବତଟ ରେଳପଥ ପକ୍ଷରୁ ଏହି ଲକ୍‌ଡାଉନ୍ ସମୟର ଉପଯୋଗ କରାଯାଇ ରେଳପଥ ଭିତ୍ତିଭୂମିର ଉନ୍ନତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଅଧିକ ସମୟ ପର୍ଯ୍ୟନ୍ତ ଟ୍ରାଫିକ୍ ବ୍ଲକ୍‌ର ଆବଶ୍ୟକତା ହେଉଥିବା କାର୍ଯ୍ୟଗୁଡ଼ିକୁ ଏହାମଧ୍ୟରେ ସମାପ୍ତ କରାଯାଇଛି। ସେହିଭଳି ବହୁ ଦିନରୁ ବାକିଥିବା ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।



ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକ ସମ୍ପାଦିତ ହୋଇଥିଲା। ବିକଳ୍ପ ମାର୍ଗର ବ୍ୟବସ୍ଥା ସହିତ ୩ଟି ପ୍ରହରୀଯୁକ୍ତ ରେଳ ଫାଟକକୁ ବନ୍ଦ କରାଯାଇଛି। ବିଭିନ୍ନ ସ୍ଥାନରେ ୧୮ଟି ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଭଦ୍ରକ-ଖୋର୍ଦ୍ଧାରୋଡ଼ ରେଲ୍‌ୱେ ସେକ୍ସନରେ ରୋଡ୍ ଓଭରବ୍ରିଜ୍‌ରେ ୩୬ ମିଟର ଲମ୍ବର ୫ଟି ଗାର୍ଡର ସ୍ଥାପନ କରାଯାଇଥିଲା। ଏହାବ୍ୟତୀତ ୧୬୭ କି.ମି. ରେଲ, ୭.୫ କି.ମି. ସ୍ଲିପର, ୩୫୬ ସଂଖ୍ୟକ ଗ୍ଲୁଡ୍ ଜଏଣ୍ଟର ନବୀକରଣ, ୪୯ଟି ପୋଲର ପୁନଃନିର୍ମାଣ ଓ ୨୫୫୭ଟି ୱାଗନ୍‌ର ମରାମତି କାର୍ଯ୍ୟ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।


**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ଇସ୍ତାହାର**
**ତହସିଲ କାର୍ଯ୍ୟାଳୟ, ହିନ୍ଦୋଳ**
ବିଜ୍ଞାପନ ସଂଖ୍ୟା 2742/ ତା7.7.2020

No.F-20:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ହିନ୍ଦୋଳ ତହସିଲ, ଜିଲ୍ଲା: ଢେଙ୍କାନାଳ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡିକର 5 (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ପାଇଁ ତହସିଲଦାର, ହିନ୍ଦୋଳଙ୍କ କାର୍ଯ୍ୟାଳୟରେ ଜଉମୁଦ ଲଫାପା ମାଧ୍ୟମରେ ତା22.07.2020, 29.07.2020 ଓ 07.08.2020ରିଖ ଯଥାକ୍ରମେ 1ମ, 2ୟ ଓ 3ୟ ପର୍ଯ୍ୟାୟରେ ଚୟନ ପ୍ରକ୍ରିୟାରେ ଭାଗନେବା ପାଇଁ ଦରଖାସ୍ତ ଗ୍ରହଣ କରାଯିବ।

ସଇରାତ ଉସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.dhenkanal.nic.inରେ ଉପଲବ୍ଧ ଅଟେ।

ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଅଛି।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି।

ସ୍ୱା./- ତହସିଲଦାର, ହିନ୍ଦୋଳ
OIPR-24073/11/0003/2021



सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
**Central Mine Planning & Design Institute Ltd.**
( A Subsidiary of Coal India Limited)
Gondwana Place, Kanke Road, Ranchi - 834031, JHARKHAND, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."



**PARADIP PORT TRUST**
SAGARMALA
PARADIP-754142, ODISHA (INDIA)
(An Autonomous body under Ministry of Shipping, Govt. of India)
No. AD/RSC-I-21/16/2013(Pt.I)/1609 Dt. 06.07.2020

**INTERVIEW**

**Paradip Port Trust** intends to engage **Probationary Pilots on contractual basis.** Interested candidates may send the Curriculum Vitae by **10.07.2020** to the Email ID : **secy@paradipport.gov.in.** The interview will be conducted over **Video Conferencing**. For details regarding qualifications, remunerations and further details, refer to our website : **www.paradipport.gov.in.**

PPT/PR/111/2020-21, Dt.07.07.2020 Sr. Dy. Secretary



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org

ପତ୍ର ସଂଖ୍ୟା: ୭୧ ତା: ୦୧।୦୭।୨୦୨୦

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ ନିରୁପମା ଦାଶ<br>ପି. ଗଣେଶ୍ୱର ଦାଶ<br>ଗ୍ରା.: ଖାରୀପଡ଼ିଆ<br>(ଗୋପାଳପୁର)<br>ପୋ/ଥା: ରଘୁନାଥପୁର<br>ଜି.- ଜଗତ୍‌ସିଂହପୁର | ସି.ଏଲ୍-୨<br>ଭି.ଏସ୍.ଏସ୍. ନଗର<br>ଭୁବନେଶ୍ୱର<br>ଜି.- ଖୋର୍ଦ୍ଧା | ୧. ଶ୍ରୀ ଗଗନ ଚନ୍ଦ୍ର ଦାଶ (ପୁତ୍ର)<br>୨. ଶ୍ରୀମତୀ ସୌଭାଗ୍ୟବାଳା ଦାଶ (ବି. କନ୍ୟା)<br>୩. ଶ୍ରୀମତୀ ନିହାରବାଳା ଦାଶ (ବି. କନ୍ୟା) |

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**The Odisha Small Industries Corporation Ltd.**
( A Government of Odisha Undertaking) )
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicmd@gmail.com, website: osicltd.in

**QUOTATION CALL NOTICE**

Tender Notice No.2647 Date : 07.07.2020

Sealed quotations are invited from interested Firms / Persons having GST code along with PAN for **sale of Non-moving/ unserviceable materials** of about 32.8 MT strictly on **"as is where is basis"** lying at different Regional Branch Offices of the Corporation. The last date of submission of tender through Registered Post/Speed Post is **23rd July'2020 up to 2:00 PM** and the quotations will be opened on **the same day at 3:00 PM**. The detailed Quotation Call Notice can be downloaded from our website (www.osicltd.in). The undersigned reserves the right to either accept or reject any or all of the quotations without assigning any reason thereof.

MANAGING DIRECTOR



**Government of Odisha**
**e- Procurement Notice**
**INVITATION FOR BIDS (IFB)**
**Bid Identification No. S.E.Dkl.(R&B) 03/2020-21**
**Email Id- sedklpwd@gmail.com**

No. B-139: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building work as detailed in the table below:

1. Name of the work : Building work
2. No of works : 01 (One) No.
3. Estimated Cost : Rs.6,24,94,584/-
4. Cost of tender paper : Rs 10,000.00
5. Class of contractor : 'Special' & 'Super' Class
6. Period of Completion of work : 11(Eleven) Calendar months
7. Date and time of availability of bid Document in the website : From Dt.14.07.2020 to 16.00 hours of Dt.28.07.2020
8. Date of opening of bid : Dt.29.07.2020 at 11.30 hours

The bidders have to participate in ONLINE bidding only, further details can be seen from the e-Procurement Portal: **www.tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Superintending Engineer**
**Dhenkanal(R&B) Circle, Dhenkanal**
OIPR-34132/11/0003/2021



**OFFICE OF THE**
**CHIEF ENGINEER & BASIN MANAGER**
UPPER MAHANADI BASIN, BURLA, ODISHA, PIN - 768017
E-mail: cebmumbburla@rediffmail.com
**Government of Odisha**
**"e" Procurement Notice**
**Bid Identification No. UMB-01/2020-21**

No. A-169: Online tenders are invited from prospective bidders for **"CONSTRUCTION OF INTAKE STRUCTURE ALONG WITH PRESSURE MAIN FROM RD 0.00 KM TO 34.10 KM ALONG THE RIGHT BANK OF BARGARH MAIN CANAL TO PROPOSED INTAKE LOCATION AT RD 34.10 KM OF BMC OF GANGADHAR MEHER LIFT IRRIGATION PROJECT, BUEPUR ON "EPC-TURN KEY" BASIS INCLUDING POWER CONNECTIVITY SYSTEM AND OPERATION AND MAINTENANCE OF COMPLETE COMMISSIONER PROJECT FOR FIVE YEARS"** made by Engineer-in-Chief, Water Resources, Odisha, Bhubaneswar.

1. **Name of Work** : Construction of Intake structure with Pressure Main from RD 0.00 Km to RD 34.10 Km of BMC of Gangadhar Meher Lift Irrigation Project, Bijepur, Dist.- Bargarh.
2. **Period of Completion** : 30 (Thirty) Calendar Months including rainy season.
3. **Date & time of availability of Bid document in the Portal** : 13.07.2020, 11.00 A.M. to 26.08.2020 upto 05.00 P.M.
4. **Time and date for Pre-Bid Conference** : 28.07.2020 at 11.00 A.M. in the Conference Hall of O/o. the CE&BM, UMB, Burla.
5. **Last date/time for receipt of Bids in the portal** : 26.08.2020 upto 05.00 P.M.
6. **Name & address of the Officer Inviting Bid** : Chief Engineer & Basin Manager, Upper Mahanadi Basin, Burla, PIN - 768017, Dist.- Sambalpur.

Further details can be seen from the e-Procurement portal **"https://tendersodisha.gov.in"**.
Any Addendum/Corrigendum/Cancellation to the above notice will be published in the Govt. website **www.tenderodisha.gov.in**.

**Sd./- Chief Engineer & Bais Manager**
**Upper Mahanadi Basin, Burla**
OIPR-32048/11/0002/2021



**OFFICE OF THE MUNICIPAL COUNCIL, SUNDARGARH**
No.2441 Dt.07.07.2020
**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No.SNGM-02/2020-21 Dt.07.07.2020**

On behalf of the Sundargarh Municipality, on-line e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class/ category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under Sundargarh Municipality are also eligible to participate for the works.

1. Total No. of works for which tenders invited: 07 Nos.
2. Place of Execution : Inside of Sundargarh Municipality.
3. Estimated cost of works: Rs.2,67,882/- to Rs.24,43,537/-.
4. Eligible class of contractors: Registered contractors of Class-'D' to Class 'B' as indicated against each work mentioned in the tender call notice.
5. Intending bidders have to participate through "On-Line" bidding only. The website for online bidding is https:/;/www.tendersodisha.gov.in.
6. The bid documents will be available in the above website from 11A.M. on 09.07.2020 to 5 P.M. on 18.07.2020 for online bidding.
7. Bids received online will be opened at 11. A.M. on 23.07.2020.
8. The bidder must possess valid and compatible Digital Signature Certificate (DSC).
9. The DTCN for 07 Nos. of work shall be available in the e-procurement portal https://www.tendersodisha.gov.in for on-line bidding.

**Sd./- Executive Officer**
**Sundargarh Municipality**



**OFFICE OF THE**
**MUNICIPAL COUNCIL, SONEPUR**
**'e' Procurement Notice**
**BID Identification No.: SNP-MUN-01/2020-21**
**TENDER ID: 2020_ORULB_61874**
**Tender Call Notice No.1694/Date 06.07.2020**

Bid documents consisting of work, estiamted cost, cost of tender paper, EMD,time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in

1. Name of the work : As per DTCN
2. No. of works : 14 Nos.
3. Amount put to tender : As per DTCN
4. Period of completion : As per DTCN
5. Starting date & time of bidding : From Dt.07.07.2020 from 11.00 A.M.
6. Last date & time for receipt of tenders through online : On or before Dt.18.07.2020 upto 05.00 P.M.
7. Bids received online shall be opened on : On dt.20.07.2020 at 11.00 A.M.
8. Name and address of the Officer inviting bid : Executive Officer, Sonepur Municipality

Further details can be seen from the procurement portal i.e. www.tendersodisha.gov.in

**Sd./- Executive Officer**
**Sonepur Municipality**

ନାରୀ ଯଦି ତୁମକୁ ପ୍ରଲୁବ୍ଧ କରେ- ତେବେ ଦୋଷ ତୁମର ନା ତା'ର । ଏତେ ନିର୍ବୋଧ ଓ ଆତ୍ମ-ପ୍ରତାରକ ହୋଇ ଉଠନା । ଦୁଇଟି ବାଟରେ ନାରୀର ପାଶ-ବନ୍ଧନରୁ ନିଜକୁ ମୁକ୍ତ କରାଯାଇପାରେ । ନାରୀ ମାତ୍ରକେ ଇ ପରିହାର କର । ନତୁବା ସକଳ ଜୀବକୁ ଭଲ ପାଅ । -ଶ୍ରୀଅରବିନ୍ଦ



# ପାଣି ମାଡ଼ିଆସିଛି

ମିଳିଥିବା ଖବର ଅନୁଯାୟୀ ପୂର୍ବ ଲଦାଖର ଗଲୱାନ ଉପତ୍ୟକା ସଂଘର୍ଷ ସ୍ଥଳ ସମେତ ଗୋଗ୍ରା-ହଟ୍ ସ୍ପ୍ରିଙ୍ଗ ଅଞ୍ଚଳରୁ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍ଏ) ଓ ଭାରତର ସୈନ୍ୟମାନେ ପାଖାପାଖି ଦୁଇ କିଲୋମିଟର ପଛକୁ ଘୁଞ୍ଚିଛନ୍ତି । ୧୫ ଜୁନ୍‌ରେ ସେଠାରେ ଉଭୟ ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା । ଏଥିରେ ଭାରତର ୨୦ ଯବାନ ଶହୀଦ ହୋଇଥିବା ବେଳେ ଚାଇନାର କ୍ଷତି ନେଇ କୌଣସି ସ୍ପଷ୍ଟ ରିପୋର୍ଟ ମିଳିପାରି ନାହିଁ । ଚାଇନା-ଭାରତ ମୁହାଁମୁହିଁ ସ୍ଥିତି ଅନ୍ତର୍ଜାତୀୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା । ୬ ଜୁଲାଇରେ ଭାରତର ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲ ଓ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ ୟିଙ୍କ ମଧ୍ୟରେ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ପରେ ସୀମାରେ ଉତ୍ତେଜନା ହ୍ରାସ ନେଇ ବୁଝାମଣା ହୋଇଥିବା କୁହାଯାଉଛି ।

ଅନ୍ୟ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଲଦାଖର ଗଲୱାନ ଉପତ୍ୟକାଠାରୁ କିଛି ଦୂରରେ ଚାଇନା ସେନା ଶିବିର ସ୍ଥାପନ କରିଥିଲା । ବର୍ଷା ଋତୁର ଆରମ୍ଭ ଓ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଗଲୱାନ ନଦୀରେ ହଠାତ୍ ବନ୍ୟାଜଳ ଆସିବାରୁ ସମ୍ପୃକ୍ତ ଅଞ୍ଚଳକୁ ଜଳପ୍ଲାବିତ କରିଦେଇଛି । ଏହାକୁ ପାହାଡ଼ିଆ ଅଞ୍ଚଳରେ 'ଫ୍ଲାସ୍ ଫ୍ଲଡ୍' କୁହାଯାଏ । ଏଥିରୁ ବୁଝିବାକୁ ହେବ ଯେ, ଚାଇନାର ପିଏଲ୍ଏ ପ୍ରାକୃତିକ ଝଟ୍‌କା ପାଇ ପଛକୁ ଫେରି ଯାଇଥାଇପାରେ । ଅଜିତ୍ ଡୋଭାଲ ଓ ୱାଙ୍ଗ ୟିଙ୍କ ମଧ୍ୟରେ କଥାବାର୍ତ୍ତା ପୂର୍ବରୁ ଏଭଳି ସ୍ଥିତି ଉପୁଜିଥିଲା । ତେଣୁ କେଉଁ କାରଣ ଯୋଗୁ ଚାଇନା ସେନା ଅପସାରଣ କରିଛି ତାହାର ସ୍ପଷ୍ଟ ସୂଚନା ମିଳିପାରି ନାହିଁ । ଚାଇନା ସେନା ଗଲୱାନର ପିପି-୧୪ରୁ ପଛକୁ ଘୁଞ୍ଚିଥିବାରୁ ତାହାକୁ ଦେଖି ଭାରତୀୟ ସେନା ମଧ୍ୟ ବିବାଦୀୟ ଅଞ୍ଚଳରୁ ସେନା ଅପସାରଣ କରିଛି । ଏଭଳି ସ୍ଥଳେ ଭାରତୀୟ ସେନା ଚାଇନାର ପିଏଲ୍ଏ ଉପରେ ତୀକ୍ଷ୍ଣ ନଜର ରଖିବା ଉଚିତ । କାରଣ ଅତୀତରୁ ପ୍ରମାଣ ମିଳିଛି ଯେ, ୧୯୬୨ରେ ଭାରତ ଓ ଚାଇନା ମଧ୍ୟରେ ହୋଇଥିବା ଯୁଦ୍ଧ ପୂର୍ବରୁ ସମାନ ପରିସ୍ଥିତି ସେହି ସ୍ଥାନରେ ଉପୁଜିଥିଲା । ୧୫ ଜୁଲାଇ ୧୯୬୨ରେ ଭାରତର ଏକ ଜାତୀୟ ଇଂଲିଶ ଖବରକାଗଜରେ ପ୍ରକାଶ ପାଇଥିଲା-'ଚାଇନିଜ୍ ଟ୍ରୁପ୍ସ ୱିଥ୍‌ଡ୍ର ଫ୍ରମ୍ ଗଲୱାନ୍ ପୋଷ୍ଟ' । ସେତେବେଳେ ଚାଇନା ସେନା ଗଲୱାନ୍‌ରୁ ହଟିଯିବାର ୯୬ ଦିନ ପରେ ଅର୍ଥାତ୍ ୨୦ ଅକ୍ଟୋବରରେ ଭାରତ-ଚାଇନା ମଧ୍ୟରେ ଯୁଦ୍ଧ ହୋଇଥିଲା । ଏହି ଖବର ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ସେହି ଦୃଷ୍ଟିରୁ ଦେଖିଲେ ଚାଇନାକୁ ସହଜରେ ବିଶ୍ୱାସ କରାଯାଇ ନ ପାରେ । ସମ୍ଭବତଃ ଚାଇନାର ପିଏଲ୍ଏ ଏବେ ପ୍ରାକୃତିକ ପରିସ୍ଥିତିର ସାମ୍ନା କରି ନ ପାରି ପଛଘୁଞ୍ଚା ଦେଇଛି । ଏହାଦ୍ୱାରା ଭାରତୀୟମାନେ ଖୁସି ହୋଇପାରନ୍ତି । ଅଳ୍ପ ସଫଳତାରେ ସନ୍ତୁଷ୍ଟ ହେବା ଗୁଣ ଭାରତୀୟଙ୍କଠାରେ ବେଶ୍ ଦେଖିବାକୁ ମିଳିଥାଏ । ଏହା ହୋଇପାରେ ଯେ ଚାଇନା ଏପରି ତତ୍‌କ୍ଷଣାତ୍ ନିଷ୍ପତ୍ତି ନେଇ ଆଗକୁ ଏକ ବଡ଼ ଧରଣର ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥାଇପାରେ । ପ୍ରତି କ୍ଷେତ୍ରରେ ଚାଇନାର ବିସ୍ତାରବାଦୀ ଆଭିମୁଖ୍ୟ କୌଣସି ସମୟରେ ବି କିଛି ଅନିଷ୍ଟ କରିପାରେ । ସେଥିପାଇଁ ଭାରତୀୟ ସେନାକୁ ସମ୍ପୂର୍ଣ୍ଣ ଭାବେ ସଜାଗ ହୋଇ ରହିବାକୁ ପଡ଼ିବ ।

୧୯୬୨ ମସିହାର ଖବର ପ୍ରକାଶ କରିଥିବା ଜାତୀୟ ଇଂଲିଶ ଦୈନିକ ଏବେ ପୁନର୍ବାର ଏକ ଖବର ଲେଖିଛି, ଯେଉଁଥିରେ ଉଲ୍ଲେଖ ରହିଛି ଆମେରିକା ରାଷ୍ଟ୍ରପତି ଭବନ ହ୍ୱାଇଟ୍ ହାଉସ୍‌ର ଜଣେ ପ୍ରବକ୍ତା କହିଛନ୍ତି ଯେ, ଯଦି ଭାରତ ସହ ଚାଇନାର ଯୁଦ୍ଧ ଘଟେ, ତେବେ ଆମେରିକା ସେଥିରେ ଭାରତ ସପକ୍ଷରେ ଯୋଗଦାନ କରିବ । ସେହି ତାରିଖର 'ନ୍ୟୁୟର୍କ ଟାଇମ୍ସ' ଦେଖିଲେ ଜଣାପଡୁଛି ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ଏବେକାର ପରିସ୍ଥିତିରେ ଯେହେତୁ ପାକିସ୍ତାନ ଉପରେ ବିଶ୍ୱାସ କରିପାରୁ ନାହାନ୍ତି, ଆମେରିକା ଓ ତା'ର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଭାରତର ସମର୍ଥନ ଲୋଡୁଛନ୍ତି । ଏଥିନେଇ ଭାରତ ସହ ନିକଟରେ ଅଷ୍ଟ୍ରେଲିଆ ଏକ ସାମରିକ ଚୁକ୍ତି ସ୍ୱାକ୍ଷର କରିଛି, ଯେଉଁଥିରେ ଉଭୟ ଦେଶ ପରସ୍ପରର ସାମରିକ ଘାଟି ବ୍ୟବହାର କରିପାରିବେ । ପୃଥିବୀରେ ସମସ୍ତେ ଜାଣନ୍ତି ଯେ, ଅଷ୍ଟ୍ରେଲିଆ ମିଲିଟାରୀ ଦୃଷ୍ଟିରୁ ଶକ୍ତିଶାଳୀ ଦେଶ ନୁହେଁ । ଅର୍ଥାତ୍ ଏହି ଚୁକ୍ତି ମାଧ୍ୟମରେ ଆମେରିକା ଓ ଅନ୍ୟ ଇଚ୍ଛୁକ ପାଶ୍ଚାତ୍ୟ ଦେଶଗୁଡ଼ିକ ଅଷ୍ଟ୍ରେଲିଆର ବାହାନା ନେଇ ଭାରତର ସାମରିକ ଭିତ୍ତିଭୂମିକୁ ବ୍ୟବହାର କରିପାରିବେ । ଭାରତରେ ଏଭଳି ଅନେକ ନାଗରିକ ଅଛନ୍ତି, ସେମାନେ ସେହି ପରିସ୍ଥିତିକୁ ଖୁସିର ସହ ସ୍ୱାଗତ କରିବେ । ତାହାର ଏକମାତ୍ର କାରଣ ହେଉଛି ଅଜ୍ଞତା । ପୃଥିବୀର ଇତିହାସ ଦେଖିଲେ ଦକ୍ଷିଣ ଭିଏତ୍‌ନାମ, ଦକ୍ଷିଣ କୋରିଆ, ଫିଲିପାଇନ୍ସ ଭଳି ଅନେକ ଦେଶକୁ ନିଜ ଯୁଦ୍ଧରେ ଲଗାଇ ଆମେରିକା ତାହାର କାୟାବିସ୍ତାର କରିଛି । ସେଭଳି ପରିସ୍ଥିତି ଯଦି ଭାରତରେ ଉପୁଜେ ତେବେ ଭାରତ ପାଲଟିବ ରଣକ୍ଷେତ୍ର । ଆଧୁନିକ ଯୁଦ୍ଧରେ କେବଳ ଆଣବିକ ବୋମା ନୁହେଁ, କୋଭିଡ୍ ଦେଖାଇଛି ଯେ ଜୈବିକ ଯୁଦ୍ଧ କେଉଁଭଳି ପରିଣତି ସୃଷ୍ଟି କରିପାରିବ ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁଲାଇ ୧୯୯୫

- ଦକ୍ଷିଣ କୋରିଆ ରାଷ୍ଟ୍ରପତି କିମ ୟୋଙ୍ଗ୍-ସାମ୍ ଏବଂ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ନେଲସନ ମଣ୍ଡେଲାଙ୍କ ମଧ୍ୟରେ ଶିଖର ବୈଠକ ଅନୁଷ୍ଠିତ ।
- ନୋବେଲ ଶାନ୍ତି ପୁରସ୍କାର ବିଜେତା ଅଙ୍ଗସାନ୍ ସୁ'କିଙ୍କୁ ନିଃସର୍ତ୍ତମୂଳକ ଭାବରେ ମୁକ୍ତ କରିବା ପାଇଁ ଶ୍ରୀଲଙ୍କା ପାର୍ଲାମେଣ୍ଟରେ ଏକ ପ୍ରସ୍ତାବ ଗୃହୀତ ହୋଇଛି ।
- ସିବିଆଇ ଦ୍ୱାରା ଗିରଫ ହୋଇଥିବା ବିସ୍କୁଟ କିଙ୍ଗ୍ ଭାବେ ପରିଚିତ ବିଶିଷ୍ଟ ବ୍ୟବସାୟୀ ରାଜନ ପିଲାଇ ସରକାରୀ ଡାକ୍ତରଖାନାରେ ପ୍ରାଣ ହରାଇଛନ୍ତି ।
- ପୁରୀ-ଅହମଦାବାଦ ସାପ୍ତାହିକ ଏକ୍ସପ୍ରେସକୁ ରାଜ୍ୟ ରାଜସ୍ୱ ଓ ପରିବହନ ମନ୍ତ୍ରୀ କାହ୍ନୁଚରଣ ଲେଙ୍କା ପୁରୀ ଷ୍ଟେସନଠାରେ ସବୁଜ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଛନ୍ତି ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | D | | 7 | C | | | | 0 | | 1 | | 6 | 8 |
| 8 | | 1 | E | | | | 5 | B | | 9 | | | | 4 |
| | 7 | | | 0 | | 3 | | | | | | | E | C |
| | | | 5 | 8 | | | | | | | | | | |
| E | | 3 | | | 4 | | | | | 2 | | 1 | | |
| | 2 | 7 | 8 | | | | 4 | | | 0 | | | 5 | |
| | | | 9 | E | | | | B | | | D | A | 3 | |
| 7 | A | | 4 | | | | B | | B | | | | 0 | |
| 8 | | 1 | 5 | | 2 | | | A | | | 4 | D | | |
| B | 9 | D | | | C | | | | 1 | | | | | |
| 9 | B | | D | | | | | | | 2 | | 4 | | |
| C | 3 | 0 | | B | | A | | | | | 2 | | | |
| E | 6 | | 5 | | | | | | 0 | | | 9 | | |
| 5 | | | 2 | | E | | | | | 8 | | | | |
| | | 3 | | | 1 | 7 | 5 | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | 8 | 3 | 9 | B | A | 4 | 1 | 2 | C | 6 | D | 5 | E |
| C | A | 4 | D | E | 2 | 0 | 7 | 5 | B | 1 | 9 | 6 | 8 | 3 |
| D | 6 | 9 | 8 | 1 | 4 | 2 | E | C | 0 | 3 | 5 | 7 | A | B |
| 5 | 2 | B | A | 7 | 6 | 3 | 8 | 9 | 4 | D | E | 1 | 0 | C |
| 3 | E | 1 | 5 | 0 | C | D | B | 6 | 8 | A | 7 | 2 | 9 | 4 |
| 4 | 8 | 2 | 7 | C | 9 | B | 6 | D | E | 5 | 1 | A | 3 | 0 |
| B | 5 | 6 | 0 | 2 | A | E | 1 | 7 | 9 | 4 | 3 | C | D | 8 |
| 9 | 3 | D | 6 | 8 | 1 | 4 | A | 0 | C | 2 | B | E | 7 | 5 |
| 1 | C | E | B | D | 3 | 8 | 5 | 2 | 7 | 0 | A | 4 | 6 | 9 |
| 7 | 0 | A | E | 4 | 5 | C | 9 | 3 | 6 | 8 | D | B | 2 | 1 |
| 6 | 1 | 7 | 2 | 5 | 8 | 9 | 0 | E | A | B | 4 | 3 | C | D |
| 2 | D | 5 | C | 8 | 0 | 7 | 3 | 4 | 1 | 6 | 2 | 9 | E | A |
| 8 | 4 | 3 | 9 | A | D | 6 | C | B | 5 | E | 8 | 0 | 1 | 7 |
| E | B | 0 | 1 | 6 | 7 | 5 | D | A | 3 | 9 | C | 8 | 4 | 2 |
| A | 9 | C | 4 | 3 | E | 1 | 2 | 8 | D | 7 | 0 | 5 | B | 6 |

ଗତକାଲିର ଉତ୍ତର

# କାଳିଆ ପରେ ବଳରାମ

ନଟବର ଖୁଣ୍ଟିଆ

ଓଡ଼ିଶା ସରକାର ୨୦୧୮ ଡିସେମ୍ବରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ କୃଷି ଶ୍ରମିକ ଓ ଅକର୍ମଣ୍ୟ ବୃଦ୍ଧ ଚାଷୀଙ୍କର ଆୟ ବଢ଼ାଇବା ପାଇଁ 'କାଳିଆ' ଯୋଜନା କାର୍ଯ୍ୟକାରୀ କଲେ । ଏହି ଯୋଜନାର ପ୍ରକୃତ ନାମ ହେଲା 'Krushak Assistance for Livelihood and Income Augmentation (KALIA) । କାଳିଆ ଯୋଜନା ପ୍ରସ୍ତୁତ କଲାବେଳେ ସରକାର କହିଲେ ରାଜ୍ୟର ମୋଟ ଚାଷୀ ପରିବାର ସଂଖ୍ୟା ୩୨ ଲକ୍ଷ ଆଉ ସେମାନଙ୍କ ମଧ୍ୟରୁ ୩୦ ଲକ୍ଷ ହେଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, କିନ୍ତୁ ୨୦୧୦-୧୧ କୃଷି ଗଣନାରେ କୁହାଯାଇଛି ଯେ, ଓଡ଼ିଶାରେ ମୋଟ ଚାଷୀ ପରିବାର ସଂଖ୍ୟା ୪୭ ଲକ୍ଷ ଆଉ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା ୪୩ ଲକ୍ଷ । ଏହି ଭୁଲ୍ ତଥ୍ୟକୁ ଆଧାର କରି ସରକାର କାଳିଆ ଯୋଜନାରେ କହିଲେ ୩୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୧୦ ହଜାର ଟଙ୍କା କରି ସିଧାସଳଖ ଅର୍ଥ ଯୋଗାଇ ଦେବାବେଳେ ୧୦ ଲକ୍ଷ ଭୂମିହୀନଙ୍କୁ ୧୨ ହଜାର ୫୦୦ ଟଙ୍କା କରି ଅର୍ଥ ଦେବେ କୃଷି ଆନୁଷଙ୍ଗିକ ବୃତ୍ତି କରିବାକୁ ଏବଂ ୧୦ ଲକ୍ଷ ବୃଦ୍ଧ ଓ ଅକର୍ମଣ୍ୟ ଚାଷୀଙ୍କୁ ୧୦ ହଜାର ଟଙ୍କା କରି ସାହାଯ୍ୟ ଯୋଗାଇ ଦେବେ । ଆମେ ସେତେବେଳେ ମତ ରଖିଥିଲୁ ଯେହେତୁ ଠିକ୍ ତଥ୍ୟକୁ ବିଚାରକୁ ନ ନେଇ ସରକାର ତରବରିଆ ଭାବରେ ଏହି ଯୋଜନା ପ୍ରସ୍ତୁତ କରିଛନ୍ତି, ତେଣୁ ଧାର୍ଯ୍ୟ ଲକ୍ଷ୍ୟ କଦାପି ହାସଲ ହେବ ନାହିଁ ।

କୋଭିଡ୍-୧୯ ବିଶ୍ୱ ମହାମାରୀ ସଂକ୍ରମଣ ଫଳରେ ସାରା ପୃଥିବୀ ସମେତ ଭାରତର ଅର୍ଥନୈତିକ ସ୍ଥିତି ସଙ୍କଟରେ ପଡ଼ିଥିବା ବେଳେ ଓଡ଼ିଶା ସେଥିରୁ ବାଦ୍ ଯାଇ ନାହିଁ । ସାଧାରଣ ଲୋକଙ୍କର ଆୟ ଅସମ୍ଭବ ଭାବରେ ହ୍ରାସ ପାଇବାରେ ଲାଗିଛି । ଚାଷୀମାନଙ୍କର ସ୍ଥିତି ମଧ୍ୟ ସଂକଟରେ । ବିଶେଷକରି ଭୂମିହୀନ ଭାଗଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କ ପାଖରେ ଯଥେଷ୍ଟ ଅର୍ଥ ନ ଥିବାରୁ ଚାଷ କାମରେ ନିବେଶ କରି ନ ପାରିବାରୁ ସେମାନଙ୍କର ଆୟ ବୃଦ୍ଧି ପାଉନାହିଁ । ଏହି ସମୟରେ ଓଡ଼ିଶା ରାଜ୍ୟ ସରକାର ଭୂମିହୀନ ଭାଗ ଚାଷୀମାନେ କିପରି ସେମାନଙ୍କର ଆୟ ବୃଦ୍ଧି କରିବେ ସେଥିପାଇଁ 'ବଳରାମ' ନାମରେ ଏକ ଯୋଜନା ଗତ ଜୁନ୍ ୨ ତାରିଖରେ ଘୋଷଣା କରିଛନ୍ତି । ବଳରାମ ହେଉଛନ୍ତି କୃଷିର ଦେବତା । ତାଙ୍କୁ ମଧ୍ୟ ହଳଧର କୁହାଯାଏ । ସରକାର ପୁନଶ୍ଚ ଧାର୍ମିକ ଭାବପ୍ରବଣତାର ଉପଯୋଗ କରିବାକୁ ଉଦ୍ୟମ କରିଛନ୍ତି 'ବଳରାମ' ନାମକରଣ କରି । ଏହି ଯୋଜନାର ପ୍ରକୃତ ନାମ ହେଲା, 'Bhoomi-hin Agricultural Loan And Resource Augmentation Model (BALARAM)' ।

ଏହି ବଳରାମ ଯୋଜନାକୁ ବୁଝିବିଚାରି କରିଥିବା ପରି ମନେହେଉନାହିଁ । ପ୍ରକୃତ କ୍ଷେତ୍ରରେ ଏହା କେତେଦୂର କାର୍ଯ୍ୟକାରୀ ହୋଇପାରିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ବର୍ତ୍ତମାନ ସହରାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳରେ ବିଭିନ୍ନ ବ୍ୟାଙ୍କର ୭ ହଜାର ଶାଖା ଅଛି । ଯୋଜନାରେ କୁହାଯାଉଛି ଯେ, ପ୍ରତି ଶାଖା ଅନ୍ୟୂନ ୧୦ଟି ଯୁଗ୍ମ ଦାୟିତ୍ୱ ଗୋଷ୍ଠୀ (ଜଏଣ୍ଟ ଲାଏବିଲିଟି ଗ୍ରୁପ୍-ଜେଏଲ୍‌ଜି)ଙ୍କୁ ଦୁଇ ବର୍ଷରେ କୃଷି ବିକାଶ ପାଇଁ ଋଣ ଦେବେ । ଚଳିତ ଆର୍ଥିକ ବର୍ଷରେ ୫ ଜଣ ଲେଖା ୭୦ ହଜାର ଗୋଷ୍ଠୀଙ୍କୁ ଋଣ ଦେବେ ଆଉ ପରବର୍ତ୍ତୀ ବର୍ଷରେ ଆଉ ୭୦ ହଜାର ଗୋଷ୍ଠୀଙ୍କୁ ଋଣ ଦେବେ । ବର୍ଷକୁ ୩.୫ ଲକ୍ଷ ଭୂମିହୀନ ଚାଷୀଙ୍କୁ ଋଣ ଦେଇ ଦୁଇ ବର୍ଷରେ ୭ ଲକ୍ଷ ଭୂମିହୀନ ଚାଷୀ ଋଣ ପାଇବେ । ଗୋଟିଏ ପାଞ୍ଚଜଣିଆ ଗୋଷ୍ଠୀକୁ ଅତି ବେଶିରେ ୧ ଲକ୍ଷ ୬୦ ହଜାର ଟଙ୍କା ଋଣ ଦିଆଯିବ । ଏହି ଋଣର ସୁଧହାର ପ୍ରଚଳିତ ସୁଧହାର ହେବ ଏବଂ ରାଜ୍ୟ ସରକାର ମଧ୍ୟ ପ୍ରଚଳିତ ହାରରେ ସୁଧର ରିହାତି ଦେବେ ।

ଏଠି ପ୍ରଶ୍ନ ଉଠୁଛି ଏହି ୫ ଜଣିଆ ଗୋଷ୍ଠୀ ଋଣ ନେଇ କରିବେ କ'ଣ ? ପୂର୍ବରୁ ମଧ୍ୟ ଭୂମିହୀନମାନେ ବ୍ୟାଙ୍କରୁ ଋଣ ନେଇ ପାରୁଥିଲେ ଭୂମି ସହିତ ସଂପୃକ୍ତ ନ ଥିବା କୃଷି ଆନୁଷଙ୍ଗିକ ଉଦ୍ୟୋଗ କରିବାକୁ । ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ବିନା ବନ୍ଧକରେ ନେବାର ବ୍ୟବସ୍ଥା ରିଜର୍ଭ ବ୍ୟାଙ୍କ ଓ ନାବାର୍ଡ କରିଛନ୍ତି । କିନ୍ତୁ ଫସଲ ଚାଷ କରିବାକୁ ଭୂମିହୀନ ଭାଗଚାଷୀମାନେ ଋଣ ନେଇପାରୁ ନ ଥିଲେ । ତା'ର କାରଣ ଫସଲ ଉତ୍ପାଦନ ପାଇଁ ଋଣ ନେଲେ ଯେଉଁ ଜମିରେ ଚାଷ କରିବେ ସେ ଜମିର ଖାତା ନମ୍ବର ଓ ପ୍ଲଟ୍ ନମ୍ବର ଋଣ ଦରଖାସ୍ତରେ ଲେଖିବାକୁ ପଡ଼ିବ । ଯେହେତୁ ସେମାନେ ଜମିର ମାଲିକ ନୁହନ୍ତି ତେଣୁ ସେମାନେ ଜମି ମାଲିକଙ୍କ ଜମିର ଖାତା ନମ୍ବର ପ୍ଲଟ୍ ନମ୍ବର ପକାଇ ପାରିବେ ନାହିଁ । ପକାଇ ପାରିବେ ଯଦି ଭାଗ ଚାଷ କରିବା ପାଇଁ ଜମି ମାଲିକ ଓ ଭାଗଚାଷୀଙ୍କ ମଧ୍ୟରେ କିଛି ଲିଖିତ ବୁଝାମଣା ହୋଇଥିବ । କିନ୍ତୁ ଆମ ରାଜ୍ୟର ଭୂସଂସ୍କାର ଆଇନ ଯୋଗୁ କୌଣସି ଜମି ମାଲିକ ତା' ଜମିକୁ ଭାଗରେ ଚାଷ କରିବାକୁ ଦେଇ ପାରିବ ନାହିଁ ନା କେହି ଅନ୍ୟ ଜମି ଭାଗରେ ଚାଷ କରି ପାରିବ ନାହିଁ । ଏହା ଆଇନସମ୍ମତ ନୁହେଁ । ତେଣୁ ଓଡ଼ିଶାରେ ଭୂମିହୀନମାନେ ଭାଗରେ ଚାଷ କରୁଛନ୍ତି ମୌଖିକ ବୁଝାମଣା ମାଧ୍ୟମରେ । କୌଣସି ଲିଖିତ ବୁଝାମଣା ନାହିଁ । ତେଣୁ ସେମାନେ ଭାଗଚାଷ କରୁଥିଲେ ବି ବ୍ୟାଙ୍କରୁ ଫସଲ ଉତ୍ପାଦନ ପାଇଁ ଋଣ ଆଣିପାରନ୍ତି ନାହିଁ କି ଫସଲବୀମା କରିପାରନ୍ତି ନାହିଁ । ମଣ୍ଡିରେ ସେମାନଙ୍କର ଶସ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରିପାରନ୍ତି ନାହିଁ କି ପ୍ରାକୃତିକ ବିପର୍ଯ୍ୟୟରେ ଫସଲ ନଷ୍ଟ ହେଲେ କ୍ଷତିପୂରଣ ପାଆନ୍ତି ନାହିଁ । ଏଥିପାଇଁ ଭାଗଚାଷୀ ଆଣିଥିବା ଋଣ ଜମିରେ ନିବେଶ କରି ଅଧିକ ଉତ୍ପାଦନ କରିବା ସେମାନଙ୍କ ପକ୍ଷରେ ସମ୍ଭବ ହୁଏ ନାହିଁ । ମୌଖିକ ଭାବରେ ବୁଝାମଣା କରି ଭାଗଚାଷୀଟି ବେଳେବେଳେ ସାର, ପିଢ଼ିଆ ବାବଦକୁ କିଛି ଆର୍ଥିକ ସାହାଯ୍ୟ ଆଣେ ବା କିଏ ଆଣେ ନାହିଁ । ଫସଲ ଅମଳ ପରେ ବୁଝାମଣା ଅନୁଯାୟୀ ଉତ୍ପାଦିତ ଫସଲର କେଉଁ ଜମି ମାଲିକ ୫୦ ଭାଗ ଫସଲ ନିଏ ଅବା କିଏ ୩୩ ଭାଗ ଫସଲ ନିଏ । ଏହାଫଳରେ ଭାଗଚାଷୀର ବିଶେଷ କିଛି ଲାଭ ହୁଏ ନାହିଁ । କେବଳ ଯାହା ତା'ର ପରିଶ୍ରମର ମୂଲ୍ୟ ପାଏ । ଫସଲ ନଷ୍ଟ ହେଲେ ସମସ୍ତ ସରକାରୀ ସୁବିଧା ଜମି ମାଲିକ ପାଏ । ଏବେ ଯଦି ଫସଲ ପାଇଁ ଋଣ ମିଳିବ ତେବେ ଅଧିକ ଉତ୍ପାଦନ ପାଇଁ ଅଧିକ ନିବେଶ କରି ଭାଗଚାଷୀ ଯେଉଁ ଅଧିକ ଅମଳ କରିବ, ସେଥିରୁ କ'ଣ ୫୦ ଭାଗ ଅବା ୩୩ ଭାଗ ଫସଲ ଜମି ମାଲିକକୁ ଦେବ ? ଏହା କଲେ ତା'ର ଲାଭ ରହିବ କେଉଁଠି ? ସେ କ'ଣ ଋଣ ପରିଶୋଧ କରିପାରିବ ? ଏହି ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ଭାଗଚାଷୀ ଜମି ମାଲିକକୁ କେତେ ଦେୟ ଦେବ, ଟଙ୍କା ଆକାରରେ କି ଫସଲ ଆକାରରେ, ତାହା ସରକାର ସ୍ଥିର କରିବେ କି? ବର୍ତ୍ତମାନ ଭୂମିହୀନ ଭାଗଚାଷୀ ଋଣ ଆଣି ଫସଲ କଲେ ଫସଲବୀମା ପାଇବ କି? ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିପାରିବ କି? ପ୍ରାକୃତିକ ବିପର୍ଯ୍ୟୟରେ ଫସଲ ନଷ୍ଟ ହେଲେ ଭାଗଚାଷୀ ସରକାରୀ କ୍ଷତିପୂରଣ ପାଇପାରିବ କି? ଏସବୁର ବ୍ୟବସ୍ଥା ନ ହେଲେ ଋଣ ଆଣି ସେ ଋଣର ସଦ୍‌ବ୍ୟବହାର ଚାଷରେ ନ କରି ଅନ୍ୟତ୍ର କରିବ, ଯାହାଫଳରେ ସେ ଋଣ ପରିଶୋଧ କରିବା କଷ୍ଟକର ହେବ । ଏଣେ ବ୍ୟାଙ୍କର ଅଚଳ ସମ୍ପତ୍ତି ବା ଏନ୍‌ପିଏ ବୃଦ୍ଧି ପାଇବ । ବ୍ୟାଙ୍କ ଶାଖାମାନେ ଏନ୍‌ପିଏ ନ ବଢ଼ାଇବା ପାଇଁ ଋଣ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରି ଋଣ ଦେବାର ଲକ୍ଷ୍ୟ ହାସଲ କରିବେ ନାହିଁ । ସରକାର ଯେପର୍ଯ୍ୟନ୍ତ ନୀତି ଆୟୋଗର ହକ୍ କମିଟି ସୁପାରିସ ଅନୁସାରେ ଭାଗଚାଷ ଆଇନ ପ୍ରଣୟନ କରିନାହାନ୍ତି, ସେ ପର୍ଯ୍ୟନ୍ତ ଭାଗଚାଷୀ ନ୍ୟାୟ ପାଇପାରିବ ନାହିଁ । ସେ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହେବ । ଭାଗଚାଷ ଆଇନରେ ନୀତି ଆୟୋଗ ସୁପାରିସ କରିଛି, କସ୍ମିନ୍‌କାଳେ ଭାଗଚାଷୀ ଜମି ମାଲିକଠାରୁ ଜମିର ଅଧିକାର ଛଡ଼ାଇ ନେଇ ପାରିବ ନାହିଁ । ତଥାପି ରାଜ୍ୟ ସରକାର ଦୁଇ ତିନିବର୍ଷ ହେଲା ଚିଠା ଆଇନ କରି ବି ବିଧାନସଭାରେ ସେ ବିଲ୍‌କୁ ଉପସ୍ଥାପନ କରୁନାହାନ୍ତି ।

ଯେତେବେଳ ପର୍ଯ୍ୟନ୍ତ ଭାଗଚାଷୀ ଭାଗଚାଷ କରୁଛି ବୋଲି ଜମି ମାଲିକ ସହିତ ବୁଝାମଣାପତ୍ର ହାସଲ ନ କରିବ, ସେ ପର୍ଯ୍ୟନ୍ତ ଯେତେ ଯାହା ଋଣ ଦେଲେ ବି ଭାଗଚାଷୀ ଋଣର ପ୍ରକୃତ ଉପଯୋଗ କରିବ ନାହିଁ । ତା'ର ଉତ୍ପାଦନ ବୃଦ୍ଧି ପାଇବ ନାହିଁ କି ଆୟ ବଢ଼ିବ ନାହିଁ ।

ଏ୫୦୨, ମୋତିବ୍ଲକ୍, ତୋଷାଳୀ ଆପାର୍ଟମେଣ୍ଟ,
ସତ୍ୟନଗର, ଭୁବନେଶ୍ୱର,
ମୋ: ୯୯୩୭୯୫୧୨୬୨

# ଶିକ୍ଷାଦାନରେ ବିକଳ୍ପ

ସତ୍ୟବ୍ରତ ବାରିକ

କରୋନା ଭାଇରସର ଛାଇ ଯେତେ ଲମ୍ବା ହୋଇଚାଲିଛି ସେହି ମାତ୍ରାରେ ଏହା ଆମର ବ୍ୟକ୍ତି ଓ ସାମୂହିକ ଜୀବନକୁ ଯଥାର୍ଥ ଭାବେ ପୁନଃସଂଗଠିତ କରିବାକୁ ଏବଂ ବିକଳ୍ପ ଖୋଜିବାକୁ ବାଧ୍ୟ କରିଛି । ତିନିମାସରୁ ବେଶି ଶିକ୍ଷାନୁଷ୍ଠାନ ଫାଟକରେ ତାଲା, ପିଲାଙ୍କର ପାଠପଢ଼ା ବନ୍ଦ, ପୁଣି ଆଗକୁ ବି ଅନିଶ୍ଚିତତା ଲାଗି ରହିବ । ଯେଉଁ ପ୍ରକାର ଶିକ୍ଷାଦାନର ଧାରା ଓ ପରମ୍ପରା ସହ ଆମେ ଅଭ୍ୟସ୍ତ ଥିଲୁ ତାହା ନିଷ୍କ୍ରିୟ ହୋଇଯାଇଛି । ଶିକ୍ଷାନୁଷ୍ଠାନ, ଶିକ୍ଷକ ଓ ଶିକ୍ଷାର୍ଥୀ ପରସ୍ପରଠାରୁ ବିଚ୍ଛିନ୍ନ ହୋଇଯାଇଛନ୍ତି । ତେଣୁ ଆଜି ବିକଳ୍ପ ଖୋଜିବାର ସମୟ ।

ଶିକ୍ଷା ବିଭାଗ ତରଫରୁ ହ୍ୱାଟ୍ସଆପ ଓ ଦୂରଦର୍ଶନ ଯୋଗେ ଚାଲିଥିବା ଶିକ୍ଷାଦାନ ପ୍ରଭାବୀ ହୋଇପାରୁନାହିଁ ବୋଲି ପ୍ରତିକ୍ରିୟାମାନ ପ୍ରକାଶ ପାଇବାରେ ଲାଗିଛି । ପ୍ରଥମତଃ ଆପ୍ ମାଧ୍ୟମରେ ଅନ୍‌ଲାଇନ ପାଠପଢ଼ା ଓଡ଼ିଶାର ୫୦ଲକ୍ଷ ପାଖାପାଖି ସରକାରୀ ସ୍କୁଲର ପିଲାମାନଙ୍କ ପାଖରେ ପହଞ୍ଚିବା ସମ୍ଭବନୁହେଁ, କାରଣ ଅଧିକାଂଶ ପିଲାଙ୍କ ପାଖରେ ସ୍ମାର୍ଟ ଫୋନ କିମ୍ବା ବ୍ୟାଟେରି ଚାର୍ଜ କରିବା ସାମର୍ଥ୍ୟ ନାହିଁ । ତେଣୁ ମାତ୍ର ୧୫ରୁ ୨୦ ପ୍ରତିଶତ ପିଲା ଏହାର ସୁବିଧା ନେଇପାରୁଛନ୍ତି । ଦ୍ୱିତୀୟତଃ, ସ୍ୱଚ୍ଛଳ ପରିବାର ତାଙ୍କ ପିଲାଙ୍କୁ ଯଦିଓ ସ୍ମାର୍ଟଫୋନ, ଟାବ୍‌ଲେଟ ବା ଲାପ୍‌ଟପ ଯୋଗାଇଦେଇଛନ୍ତି ମନ ଓ ଆଖି ଉପରେ ଏହାର କୁପ୍ରଭାବ ରହିଛି । ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଜରିଆରେ ସପ୍ତାହକୁ ପାଞ୍ଚଦିନ, ଦିନକୁ ଦୁଇଟି କ୍ଲାସ କେବଳ ଦଶମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସାରିତ ହେଉଛି । ଏହା ମଧ୍ୟ ସମୁଦ୍ରକୁ ଶଙ୍ଖେ । ବେସରକାରୀ ନାମୀଦାମୀ ଇଂଲିଶ ମିଡିୟମ ସ୍କୁଲ ପିଲା ଅନ୍-ଲାଇନ ପାଠପଢା ମାଧ୍ୟମରେ ଏହି ସମୟର ଉପଯୋଗ କରୁଛନ୍ତି । ଲକ୍ଷ ଲକ୍ଷ ଅଭାବୀ ଘରର ପିଲା ଶିକ୍ଷା ଅଧିକାର ଅଭିଯାନ ଡାକରାରେ ସ୍କୁଲରେ ଯୋଗଦେଇଥିଲେ ହେଁ ସରକାର ସେମାନଙ୍କ ସମସ୍ୟାକୁ ଗୁରୁତ୍ୱ ନ ଦେଲା ପରି ଜଣାପଡୁଛି ।

ବର୍ତ୍ତମାନ ଯେତେ ପର୍ଯ୍ୟନ୍ତ ସ୍କୁଲ ଫାଟକ ଖୋଲିନାହିଁ ରେଡିଓ ଓ ଟେଲିଭିଜନ ଚାନେଲ ମାଧ୍ୟମରେ ପାଠଦାନ ହିଁ ପ୍ରକୃଷ୍ଟ ବିକଳ୍ପ । ଏଥିରେ ଇଣ୍ଟରନେଟ ଆବଶ୍ୟକ ନାହିଁ । କେବଳ ଦୂରଦର୍ଶନ କେନ୍ଦ୍ର କାହିଁକି, ରାଜ୍ୟରେ କାର୍ଯ୍ୟରତ ବଛାବଛା ଘରୋଇ ଟିଭି ଚାନେଲ ଓ ରେଡିଓ କେନ୍ଦ୍ରଗୁଡ଼ିକୁ ନିୟୋଜନ କରି ଖାଲି ଗୋଟିଏ ଦୁଇଟି ଶ୍ରେଣୀ ନୁହେଁ, ସରକାରୀ ସ୍କୁଲର ସବୁଶ୍ରେଣୀ ଏପରି କି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଗଣମାଧ୍ୟମରେ ସମ୍ଭବ । ଏହା ସମ୍ଭବ ବୋଲି କେରଳ ସରକାର କାମରେ କରି ଦେଖାଉଛନ୍ତି ।

ଜରୁରିକାଳୀନ ପରିସ୍ଥିତିରେ କରୋନାର ପ୍ରତିରୋଧ ପାଇଁ ଯେପରି ଦୃଢ଼ ପଦକ୍ଷେପମାନ ନେଉଛନ୍ତି, ସେହିପରି ପିଲାଙ୍କ ଶିକ୍ଷାର ଗୁରୁତ୍ୱ ଉପଲବ୍ଧି କରି ସମସ୍ତ ଟିଭି ଓ ରେଡିଓ କେନ୍ଦ୍ରଗୁଡ଼ିକୁ ଦିନରେ ଚାରି ପାଞ୍ଚଘଣ୍ଟା କେବଳ ପାଠ୍ୟବସ୍ତୁ ସମ୍ବଳିତ କାର୍ଯ୍ୟକ୍ରମ ପ୍ରସାରଣ ନିମନ୍ତେ ନିୟୋଜିତ କରିପାରିବେ । ଅଭୂତପୂର୍ବ ପରିସ୍ଥିତିରେ ସ୍ୱାସ୍ଥ୍ୟବିଭାଗ ଅନ୍ୟବିଭାଗର ସମ୍ବଳ ଓ ସୁଯୋଗ ଯେପରି ଯୋଜନାବଦ୍ଧ ଭାବେ ସଂକ୍ରମଣ ରୋକିବାରେ ବ୍ୟବହାର କରୁଛନ୍ତି, ସେମିତି ଶିକ୍ଷା ବିଭାଗ ମଧ୍ୟ ଏକ ଜରୁରୀ କାର୍ଯ୍ୟନିର୍ବାହୀ ଦଳ ଗଠନ କରି ବିଷୟଭିତ୍ତିକ ପାଠ୍ୟଦାନର ଭିଡିଓ, ଅଡିଓ ରେକର୍ଡମାନ ପ୍ରସ୍ତୁତ କରିପାରିବ । ଟିଭିରେ ସିଧାସଳଖ ଅଭିଜ୍ଞ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ଲାଇଭ ପାଠଦାନ ବେଶ୍ ଆକର୍ଷଣୀୟ ହେବ । ବିପର୍ଯ୍ୟୟ ସମୟରେ ଯେଉଁ କାମଟି ଅତି ଜରୁରୀ ତାହାକୁ ଅଗ୍ରାଧିକାର ଦିଆଯାଏ । ସରକାର ଇଚ୍ଛାକଲେ ବେସରକାରୀ ଟିଭି ଚାନେଲଗୁଡ଼ିକର ପ୍ରସାରଣ ସମୟକୁ ଅଧିଗ୍ରହଣ କରିପାରିବେ । ଶିକ୍ଷାଦାନ ପ୍ରସାରଣ ସମୟରେ, (ଉଦାହରଣ ସ୍ୱରୂପ ସକାଳ ୯ଟାରୁ ୧୨ଟା, ଅପରାହ୍ଣ ୩ଟାରୁ ୬ଟା) ସମସ୍ତ ଚାନେଲରେ ମନୋରଞ୍ଜନ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ବନ୍ଦ ହେବ ; ଫଳତଃ ଘରେ ରହି ଅଧ୍ୟୟନ କରୁଥିବା ପିଲାମାନଙ୍କ ଧ୍ୟାନଭ୍ରଷ୍ଟ ହେବନାହିଁ । ପରିବାର ମଧ୍ୟ ଏ ପ୍ରତି ସଚେତନ ରହିବେ ।

ଯୋଜନା ପ୍ରକ୍ରିୟାରେ ଅତି ପରିଚିତ ସ୍ୱଟ (SWOT) ବିଶ୍ଳେଷଣ, ଅର୍ଥାତ ସମ୍ବଳ, ଗତିରୋଧ, ସୁଯୋଗ ଓ ଆପଦ ଆଦି ବିଚାରକୁ ନିଆଯାଏ । ସମ୍ବଳ ଓ ସୁଯୋଗ କଥା ପୂର୍ବରୁ ଉଲ୍ଲେଖ କରାଯାଇଛି । ଗତିରୋଧ ଓ ଆପଦ (weakness, threat) ବିଚାରକୁ ଆଣିଲେ ଦେଖିପାରିବା ଅନଲାଇନ ଶିକ୍ଷାଦାନରେ ଅନେକ ପ୍ରତିବନ୍ଧକ ଥାଏ, ଯେମିତି ସୀମିତ ସମୟ, ବୈଦ୍ୟୁତିକ ବ୍ୟାଘାତ ତଥା ଦ୍ୱିପାକ୍ଷିକ ବାର୍ତ୍ତା ବିନିମୟରେ ବିଘ୍ନ । ତେଣୁ ଶୈକ୍ଷିକ ଲକ୍ଷ୍ୟଗୁଡିକର ସୀମା ଓ ସମ୍ଭାବନା ବିଷୟରେ ଆମେ ମୂଳରୁ ସ୍ପଷ୍ଟ ହୋଇଯିବା । ଟିଭି ଓ ରେଡିଓର ନିର୍ଦ୍ଦିଷ୍ଟ ଉପାଦେୟତା ଅନୁଯାୟୀ ନିର୍ଦ୍ଧାରିତ ପାଠ୍ୟପ୍ରସଙ୍ଗକୁ ପ୍ରାଞ୍ଜଳଭାବେ ଉପସ୍ଥାପନ କରାଯାଇପାରିବ ; ପ୍ରସଙ୍ଗଟିର ସାରମର୍ମ, ମୁଖ୍ୟଜ୍ଞାନ-ଅଂଶ, କୌଶଳ ଓ ମୂଲ୍ୟବୋଧମାନ ଶିକ୍ଷକ ବୁଝାଇ ଦେଇପାରିବେ । ପ୍ରଶ୍ନ-ଉତ୍ତର ପ୍ରକ୍ରିୟା ଏକପାଖିଆ ଯୋଗାଯୋଗ ବ୍ୟବସ୍ଥାରେ ଅସମ୍ଭବ । ଏହାର ଭରଣା ପାଇଁ ହ୍ୱାଟ୍ସଆପ ଓ ଫୋନ କନଫରେନସିଂ ଜରିଆରେ ସ୍ଥାନୀୟ ଶିକ୍ଷକମାନେ ସହାୟତା ଯୋଗାଇ ଦେଇପାରିବେ । ଟିଭି ଓ ରେଡିଓ ମାଧ୍ୟମରେ ଯେଉଁମାତ୍ରାରେ ଓ ଯେଉଁ ଗୁଣବତ୍ତା ସହିତ ଶିକ୍ଷାଦାନ ଓ ଗ୍ରହଣ ସମ୍ଭବ ହେବ, ତାହା କେବଳ ହ୍ୱାଟ୍ସଆପ୍ ବା ଜୁମ୍‌ରେ ସମ୍ଭବ ନୁହେଁ । କାରଣ ସମସ୍ତଙ୍କ ପାଖରେ ସ୍ମାର୍ଟଫୋନ ନାହିଁ, ସବୁ ସ୍ଥାନରେ ନେଟୱର୍କ ଆଶାନୁରୂପ କ୍ରିୟାଶୀଳ ନୁହେଁ, ତଥା କେବଳ ଗୁଡ଼ାଏ ପାଠ୍ୟ ସାମଗ୍ରୀ ବିତରଣ କରିଦେଲେ ପିଲାଏ ପଢିପକାଇବେ, ଏହା ଭାବିବା ଭୁଲ୍ ।

ମନୋରଞ୍ଜନ ଚାନେଲଗୁଡିକ ଆପଣା ଢ଼ଙ୍ଗରେ ଦର୍ଶକ ଓ ଶ୍ରୋତାଙ୍କୁ ଆକର୍ଷଣ କରିବା ପାଇଁ ଫୋନ-ଇନ୍ ଓ ଚିଠିପତ୍ର କାର୍ଯ୍ୟକ୍ରମ ଆୟୋଜନ କରନ୍ତି । ଚିଠିପତ୍ର ସ୍ଥାନରେ ଏବେ ହ୍ୱାଟ୍ସଆପ୍ ଓ ଚାଟିଂ, ଅତିବେଗଗାମୀ ଯୋଗାଯୋଗ ମାଧ୍ୟମ, ଯାହାକୁ ଆମେ ଶିକ୍ଷଣ ଧାରାରେ ପ୍ରଶ୍ନ-ଉତ୍ତର ଏବଂ ସନ୍ଦେହ ଦୂରୀକରଣ ପାଇଁ ଉପଯୋଗ କରିପାରିବା । ପ୍ରଶ୍ନ ଓ ସନ୍ଦେହର ସମାଧାନ ପାଇଁ ଖବରକାଗଜମାନେ ମଧ୍ୟ ଶିକ୍ଷକମାନଙ୍କ ସହାୟତାରେ ଯଥୋଚିତ ଭୂମିକା ନିର୍ବାହ କରିପାରିବେ । ସର୍ବୋପରି ଶିକ୍ଷାବିଭାଗ ଏ ସମସ୍ତ କାର୍ଯ୍ୟର ସମନ୍ୱୟ ପାଇଁ ମୁଖ୍ୟ କେନ୍ଦ୍ର ହୋଇପାରନ୍ତା ।

ପାଶ୍ଚାତ୍ୟର ବିକଶିତ ସମାଜରେ କମ୍ପ୍ୟୁଟର ଓ ଇଣ୍ଟରନେଟ ମାଧ୍ୟମରେ ଘରେ ବସି ପିଲାମାନେ ଅନେକ ଜ୍ଞାନ ହାସଲ କରନ୍ତି । ଶିକ୍ଷାର ଦୂରଗାମୀ ଲକ୍ଷ୍ୟ ବିଚାରରେ ତାହାକୁ ଖୁବ୍ ଉତ୍କୃଷ୍ଟ ଓ ଆଦର୍ଶ ବୋଲି ବିବେଚନା କରି ନ ପାରୁ, ମାତ୍ର ଜ୍ଞାନାର୍ଜନ ପାଇଁ ନିୟୋଜିତ ସେହି ପରମ୍ପରା ଆମ ସମାଜରେ ଏଯାଏ ତିଆରି ହୋଇନାହିଁ । କିନ୍ତୁ ବିପତ୍ତିକାଳରେ, ଯେତେବେଳେ ଘରେ ରହିବା ପିଲାଙ୍କ ପାଇଁ ନିରାପଦ ମଣୁଛୁ, ସେତେବେଳେ ସେମାନଙ୍କୁ ସୀମିତ ଶିକ୍ଷାପ୍ରଦାନ ପାଇଁ ବର୍ତ୍ତମାନ ସର୍ବୋତ୍କୃଷ୍ଟ ମାଧ୍ୟମ ଟିଭି ଓ ରେଡିଓ । ନାଚ, ଗୀତ, ସିରିଏଲ, ପ୍ରହସନ, ମଜା, ମଜଲିସରୁ କିଛି ଅଂଶକାଟି ବର୍ତ୍ତମାନ ଆମ ପିଲାଙ୍କ ଜ୍ଞାନ, କୌଶଳ, ନୈତିକତା ଓ ଚେତନାର ବିକାଶରେ ବ୍ୟବହାର କରାଯାଇପାରିବ ।

ପୂର୍ବତନ ନିର୍ଦ୍ଦେଶକ,
ରାଜ୍ୟ ଜନଶିକ୍ଷା ସାଧନକେନ୍ଦ୍ର,
ମୋ- ୯୯୩୮୦୦୯୧୮୧

## ଏଇ ଭାରତରେ

ସୁରଟ୍‌ର ସ୍ନେହାଲ ପଟେଲଙ୍କୁ ୮ବର୍ଷ ହେବ ବିଦ୍ୟୁତ୍ କି ପାଣି ବିଲ ଦେବାକୁ ପଡିନି । ତାଙ୍କ ଘର ନିର୍ମାଣ ହୋଇଛି ବ୍ୟବହୃତ କାଠରେ । ଏହାକୁ ସେ ବିଭିନ୍ନ ଟ୍ରେଡର ଓ ଶିପିଂ ୟାର୍ଡରୁ ସଂଗ୍ରହ କରିଛନ୍ତି । ସ୍ନେହାଲଙ୍କୁ ଏବେ ବୟସ ୫୫ । ପେସାରେ ମେକାନିକାଲ ଇଞ୍ଜିନିୟର । ଛାତ ଉପରେ ୭.୫ କିଲୋୱାଟ୍‌ର ସୋଲାର ଓ ୱିଣ୍ଡ ପାୱାର ସେଟ୍‌ଅପ୍‌ରୁ ବିଦ୍ୟୁତ୍ ସଂଗ୍ରହ କରୁଛନ୍ତି । ବର୍ଷାଦିନେ ସୌର ବିଦ୍ୟୁତ୍ କମିଗଲେ ୱିଣ୍ଡ ଜେନେରେଟର ଏହା ଯୋଗାଇଦିଏ । ଛାତ ଉପରେ ବର୍ଷାଜଳ ସଂରକ୍ଷଣ କରି ତାହାକୁ କ୍ଲଥ୍ ଫିଲ୍‌ଟରରେ ଫିଲ୍‌ଟର କରି ବାଥରୁମ୍ ଓ ରୋଷେଇ ପାଇଁ ବ୍ୟବହାର କରୁଛନ୍ତି । ଗ୍ରାଉଣ୍ଡ ଫ୍ଲୋର୍‌ରେ ଥିବା ଟାଙ୍କିରେ ୨ ଲକ୍ଷ ଲିଟର ପାଣି ଷ୍ଟୋର କରୁଛନ୍ତି । ଆଉ ଫିଲ୍‌ଟର ସିଷ୍ଟମ ନାହିଁ, କେବଳ ୫ଟି କପର ପଟ୍ ଦ୍ୱାରା ପ୍ରାକୃତିକ ଉପାୟରେ ପାଣିକୁ ଫିଲ୍‌ଟର କରୁଛନ୍ତି । ଏହାବାଦ୍ ଷଢ଼େଇରୁ ପ୍ରସ୍ତୁତ ଅଙ୍ଗାର, ମାର୍ବଲ ଚିପ୍ସ, ହ୍ୱାଇଟ୍ ସ୍ୟାଣ୍ଡ ଏବଂ ସିଲ୍‌ଭର କଏନ୍ ମଧ୍ୟଦେଇ ପାଣି ସଂଗ୍ରହ କରାଯାଇ ବ୍ୟବହାର କରାଯାଉଛି । ଏଥିପାଇଁ ବିଦ୍ୟୁତ୍‌ର ଆବଶ୍ୟକତା ପଡୁନାହିଁ । ସେ ବାଥ୍‌ରୁମ୍ ଓ ରୋଷେଇଘରୁ ବାହାରୁଥିବା ପାଣିକୁ ରୁଟ୍ ଜୋନ୍ ଫିଲ୍‌ଟର ସିଷ୍ଟମ୍‌ରେ ଅର୍ଥାତ୍ ବାଲି ଓ କିଛି ଜଳ ବିଶୋଧନକାରୀ ଗଛ ଲଗାଇ ପରିଷ୍କାର କରି ବଗିଚାରେ ଉପଯୋଗ କରୁଛନ୍ତି । ଟଏଲେଟ ପାଣିକୁ ଫିଲ୍‌ଟର କରି ବଗିଚାରେ ବ୍ୟବହାର କରାଯାଉଛି । ୧୯୮୪ରେ ସେ ସୁରଟ୍‌ରେ ନ୍ୟାଚୁରାଲ କ୍ଲବ୍ ଗଠନ କରିଥିଲେ, ଯାହା ଏବେ ଏକ ଏନ୍‌ଜିଓ ପାଲଟିଛି । ଏଥିରେ ୨,୦୦୦ ସଦସ୍ୟ ରହି ଜୈବବିବିଧତାର ସୁରକ୍ଷାରେ ଲାଗିଛନ୍ତି । ୪ ଏକର ହତା ମଧ୍ୟରେ ସ୍ନେହାଲ ୭୦ ପ୍ରକାରର ୭୦୦ ଗଛ ଲଗାଇଛନ୍ତି ।

## ଚିରନ୍ତନୀ

ହଜିଗଲା ବୁଦ୍ଧି ମୋର ଛନ୍ଦର କବଳେ,
ବୁଡ଼ିଗଲା ଚେତନା ମୁଁ ପଡ଼ିଗଲି ଭୂତଳେ ।
ନ ବିଚାରି କିଛି ତୁମେ ଆସ ମଧୁ ବଦନୀ,
କହି ଯାଅ କିମ୍ବା ଏଥି ଉଭା ହେଲ ସଜନୀ !
(ଛନ୍ଦ ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ବିନାଶକାଳେ ବିପରୀତ ବୁଦ୍ଧି

ମହାଶୟ,

ସୀମାନ୍ତରେ ଭାରତ ଓ ଚାଇନା ମଧ୍ୟରେ ଚାଲିଥିବା ଅଘୋଷିତ ଯୁଦ୍ଧ ଥମିଛି ଓ ଚାଇନା ପଛଘୁଞ୍ଚା ଦେଇଛି ସତ କିନ୍ତୁ ତା' ଉପରେ ଆଦୌ ବିଶ୍ୱାସ ନାହିଁ । ଯାହା ଜଣାପଡୁଛି ଗତ କିଛିଦିନ ମଧ୍ୟରେ ଭାରତ ଚାଇନା ବିରୋଧରେ ଯେଉଁ କଠୋର ପଦକ୍ଷେପ ନେଇଛି ସେଥିରେ ସେ ବିଚଳିତ ହୋଇପଡ଼ିଛି । ତେବେ ସେ ଜାଣିନାହିଁ ଯେ ବର୍ତ୍ତମାନର ଭାରତ ୧୯୬୨ ମସିହାର ଭାରତ ନୁହେଁ । ନିଜ ଜୀବନକୁ ଖାତିର ନ କରି ସୀମାରେ ଗୋଟିଏ ଇଞ୍ଚ ଜାଗା ମଧ୍ୟ ନ ଛାଡିବା ପାଇଁ ଶପଥ ନେଇଛନ୍ତି । ଚାଇନା ବିରୋଧରେ ଭାରତ ସହ ଅନେକ ରାଷ୍ଟ୍ର ଠିଆ ହେବା ଦେଖି ସେ ଭୟଭୀତ ହୋଇପଡ଼ିଛି । ତେଣୁ ଗଲୱାନ୍ ଘାଟିରୁ ତମ୍ବୁ ହଟାଇବା ସହ ସୈନ୍ୟ ପ୍ରତ୍ୟାହାର କରିନେଇଛି । ଓଡ଼ିଆରେ ଏକ ପ୍ରବାଦ ଅଛି ବିନାଶ କାଳେ ବିପରୀତ ବୁଦ୍ଧି । ଚାଇନାର ରାଷ୍ଟ୍ରପତି ଇତିମଧ୍ୟରେ ନିଜ ଦେଶରେ ଘୋର ବିରୋଧର ସମ୍ମୁଖୀନ ହେଲେଣି । ସବୁ ଦୃଷ୍ଟିରୁ ଚାଇନା ନିଜ ଗାତରେ ନିଜେ ଫସି ଯାଇଛି । କଥାରେ ଅଛି ଆପଣା ହସ୍ତେ ଜିହ୍ୱା ଛେଦି କେ ଅଛି ତା'ର ପ୍ରତିବାଦୀ ।

ପ୍ରଭାତ କୁମାର ମହାପାତ୍ର, କୋରାପୁଟ

## କରୋନା ସମୟରେ କଳାକାର

ଲୋକଙ୍କ ସୁଖଦୁଃଖର ସାଥୀ କଳାକାର । କରୋନା କାଳରେ ଆମ ରାଜ୍ୟର କଳାକାର ପରିବାର ଆର୍ଥିକ ସ୍ତରରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି । କଳାକାରଙ୍କୁ ସାହାଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ଅଭିଜିତ୍ ମଜୁମ୍‌ଦାର ଗୀତ ଗାଇ ଗୁହାରି କରିବାର କିଛିଦିନ ବିତିଗଲାଣି । କଳାକାର ପେନ୍‌ଶନ୍ ପାଇଁ ମହିଳାଙ୍କ କ୍ଷେତ୍ରରେ ବୟସ ସୀମା ଚାଳିଶରୁ ପଇଁତିରିଶକୁ ହ୍ରାସ କଲେ ଆହୁରି ଅନେକ ପରିବାର ଉପକୃତ ହୋଇପାରନ୍ତେ । ଚିଟ୍‌ଫଣ୍ଡରେ କ୍ଷତି ସହିଥିବା କଳାକାରଙ୍କୁ ଟଙ୍କା ଫେରାଇ ଦେବାର କିଛି ବ୍ୟବସ୍ଥା ହେବା ଦରକାର । କଳାକାର ପରିବାରକୁ ଅଗ୍ରାଧିକାର ଭିତ୍ତିରେ ପକ୍କା ଘର ଯୋଜନାରେ ସାମିଲ କରାଯିବା ଦରକାର ।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପୁଣି ବଢ଼ିଲା ତେଲ ଦର**

**ନୂଆଦିଲ୍ଲୀ,୭।୭:** ଗତ ୭ ଦିନ ପରେ ମଙ୍ଗଳବାର ପୁଣି ଥରେ ତୈଳ ଦର ବଢ଼ିଛି। ଡିଜେଲ ଲିଟର ପିଛା ୨୫ ପଇସା ବୃଦ୍ଧି ପାଇଥିବା ବେଳେ ପେଟ୍ରୋଲ ଦର ପୂର୍ବପରି ସ୍ଥିର ରହିଛି। ଫଳରେ ଶୁକ୍ରବାର ଦିଲ୍ଲୀରେ ପେଟ୍ରୋଲ ଦର ୮୦.୪୩ ଟଙ୍କାରୁ ବୃଦ୍ଧି ପାଇ ୮୦.୪୩ ଟଙ୍କା ଏବଂ ଡିଜେଲ ଦର ୮୦.୫୩ ଟଙ୍କାରୁ ବୃଦ୍ଧି ପାଇଁ ୮୦.୭୮ ଟଙ୍କାରେ ପହଞ୍ଚିଛି। ସେହିପରି ଭୁବନେଶ୍ୱରର ପେଟ୍ରୋଲ ଲିଟର ପିଛା ୮୦.୯୯ ଟଙ୍କା ଓ ଡିଜେଲ ଲିଟର ପିଛା ୭୮.୯୩ ଟଙ୍କାକୁ ଛୁଇଛି।

## ସଂକ୍ଷେପରେ

### ପେନ୍‌ସନ ଲାଗୁରେ ବିଳମ୍ବ ହେବନି

**ଭୁବନେଶ୍ୱର, ୭।୭(ବ୍ୟୁରୋ):** ସରକାରୀ କର୍ମଚାରୀ ସେମାନଙ୍କ ଅବସର ପରେ ପେନ୍‌ସନ ପାଇବାକୁ ଅସୁବିଧା ଭୋଗୁଥିଲେ। ଅବସର ପରେ ସେମାନଙ୍କ ଚୂଡ଼ାନ୍ତ ରିପୋର୍ଟ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି) କର୍ମଚାରୀଙ୍କ ବିଭାଗକୁ ପଠାଇ ଥାଆନ୍ତି। ସେଠାରୁ ଟ୍ରେଜେରି ଏବଂ ପେନ୍‌ସନ ଲାଗୁ କରିବା ଅଧିକାରୀଙ୍କ ପାଖରେ ପହଞ୍ଚିଥାଏ। ଏସବୁ ଚିଠି ଅଫିସ ପିଅନଙ୍କ ଜରିଆରେ ନେଣଦେଣ ହୋଇଥାଏ। ଅନେକ ସମୟରେ ଚିଠି ହଜିଯାଇଥାଏ। ଏହିଭଳି ବ୍ୟବସ୍ଥା ଭିତରେ ଅସୁବିଧା ଲକ୍ଷ୍ୟକରି ଅର୍ଥ ବିଭାଗ ପକ୍ଷରୁ ନୂଆ ବ୍ୟବସ୍ଥା ଲାଗୁ କରାଯାଇଛି। ସରକାର ୩ ବ୍ୟବସ୍ଥା ଉପରେ ଧ୍ୟାନ ଦେଇଛନ୍ତି। ଅଫିସ ପିଅନଙ୍କ ଜରିଆରେ ଚିଠି ନେଣଦେଣ ଯୋଗୁ ପେନ୍‌ସନରେ ବିଳମ୍ବ ହେଉଛି, କାଗଜ ହଜିବାର ଭୁଲ୍ ରହୁଛି। ପେନ୍‌ସନରେ ସମୟ ଲାଗୁଛି। ସରକାର ୫-ଟି ଅଧୀନକୁ ଆଣି ଅନ୍‌ଲାଇନରେ କରିବାକୁ ନିଷ୍ପତ୍ତି ହୋଇଛି। କିନ୍ତୁ ବିଧାୟକ, ହାଇକୋର୍ଟ ଜଜ୍, ସ୍ୱାଧୀନତା ସଂଗ୍ରାମୀ ଓ ଅନ୍ୟ କେତେକଙ୍କ କ୍ଷେତ୍ରରେ ପୁରୁଣା ବ୍ୟବସ୍ଥା ଚାଲିବ।

### ଦେବଗଡ଼ ପୌର ନିର୍ବାହୀ ଅଧିକାରୀ ଗିରଫ

**ଝାରସୁଗୁଡ଼ା ଅଫିସ/ ଦେବଗଡ଼,୭।୭ (ଡି.ଏନ.ଏ.):** ଦେବଗଡ଼ ପୌରପରିଷଦ ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ତାଙ୍କ ସରକାରୀ ବାସଭବନ ଓ କାର୍ଯ୍ୟାଳୟ ସମେତ ୪ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ଦାଶରଥି ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଦେବଗଡ ସରକାରୀ ବାସଭବନ ଓ ପୌରପରିଷଦ କାର୍ଯ୍ୟାଳୟରେ ଚଢ଼ାଉ କରି କାଗଜପତ୍ର ଯାଞ୍ଚ କରିଥିଲେ। ସେହିପରି ରାଉରକେଲା ଭିଜିଲାନ୍ସ ଡିଏସ୍‌ପିଙ୍କ ନେତୃତ୍ୱରେ ୨ ଦଳ ଝାରସୁଗୁଡ଼ା ରାଜପୁର କଟାପାଲି ପୈତୃକ ଘର ଓ ଝାରସୁଗୁଡ଼ା ଜଗନ୍ନାଥ ନଗରସ୍ଥିତ ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢ଼ାଉ କରିଥିଲା। ୪ ସ୍ଥାନରୁ ୭୦ ଲକ୍ଷ ୬୪ ହଜାର ୧୨୯ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ୩୫ ଲକ୍ଷ ୮୬ ହଜାର ୬୦୩ ଟଙ୍କାର ରହିଛି। ୨୮ ଲକ୍ଷ ୩୬ ହଜାର ୬୦୦ ଟଙ୍କା ମୂଲ୍ୟର ଏକ ଦୁଇ ମହଲା ବିଶିଷ୍ଟ ବାସ ଗୃହ, ୧ ଲକ୍ଷ ୩୪ ହଜାର ୨୨୪ ଟଙ୍କା ମୂଲ୍ୟର ୨ଟି ବାଇକ୍, ୯୨ ହଜାର ୩୭୦ ଟଙ୍କା ନଗଦ ଅର୍ଥ , ୫୭ ହଜାର ୫୫୦ ଟଙ୍କା ମୂଲ୍ୟର ସୁନା ଓ ରୁପା ଗହଣା ଏବଂ ୩ଲକ୍ଷ ୫୬ ହଜାର ୭୮୨ ଟଙ୍କାର ଅସବାବପତ୍ର ଠାବ କରାଯାଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି।

# କଷ୍ଟମ ମିଲିଂରେ ୧.୩୨କୋଟି ଆତ୍ମସାତ୍

**ସୋନପୁର,୭।୭(ନି.ପ୍ର.)**

**ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ**
- ୭ ତତ୍କାଳୀନ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ
- ୫ ଅଧିକାରୀ ଅବସର ଗ୍ରହଣ କରିଛନ୍ତି
- ୨ ଅଧିକାରୀଙ୍କ ପଦୋନ୍ନତି ହୋଇଛି

ସୁବର୍ଣ୍ଣପୁର ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାରେ ହୋଇଥିବା ଏକ ବଡ ଧରଣର ଦୁର୍ନୀତି ସାମ୍ନାକୁ ଆସିଛି। ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। କଷ୍ଟମ ମିଲିଂ ପାଇଁ ଯୋଗାଣ ନିଗମରୁ ଧାନ ନେଇ ନିର୍ଦ୍ଧାରିତ ପରିମାଣର ଚାଉଳ ଫେରସ୍ତ କରା ନ ଯିବାରୁ ଏଥିରେ ୧କୋଟି ୩୨ଲକ୍ଷ ୭୦ହଜାର ୭୮୦ଟଙ୍କାର ଦୁର୍ନୀତି ହୋଇଛି। ୨୦୧୩-୧୪ ଖରିଫ ଧାନ ସଂଗ୍ରହ ଋତୁରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କନ୍ଦୋମୁଣ୍ଡାସ୍ଥିତ ନବୀନ ରାଇସ ମିଲରେ ଏହି ହେରଫେର ହୋଇଛି। ଦାୟିତ୍ୱରେ ଥିବା ସରକାରୀ ଅଧିକାରୀଙ୍କ ଅହେତୁକ ଅନୁକମ୍ପା କାରଣରୁ ମିଲର୍ସ ସରକାରୀ ଅର୍ଥ ଆତ୍ମସାତ କରିଛନ୍ତି। ଅଡିଟ୍ ରିପୋର୍ଟରେ ଦାୟିତ୍ୱରେ ଥିବା ଯୋଗାଣ ବିଭାଗ ଓ ନିଗମର ତତ୍କାଳୀନ ଅଧିକାରୀଙ୍କୁ ଦାୟୀ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ପାଇଁ ଓଡିଶା ରାଜ୍ୟ ଯୋଗାଣ ନିଗମର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ(ପ୍ରୋକ୍ୟୁରମେଣ୍ଟ) କିଶୋର ଚନ୍ଦ୍ର ଦାଶ, ସୁବର୍ଣ୍ଣପୁରର ପ୍ରାକ୍ତନ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ନରେନ୍ଦ୍ର କୁମାର ରାଉତ, ପ୍ରାକ୍ତନ ଏସିଏସଓ ରବୀନ୍ଦ୍ର ସେଠୀ, ରାମ ପ୍ରସାଦ ମାଝୀ ଓ ଡୁଙ୍ଗୁରିପାଲି ବ୍ଲକର ପ୍ରାକ୍ତନ ଯୋଗାଣ ନିରୀକ୍ଷକ ରୋହିତ କୁମାର ଦାସଙ୍କ ନାମରେ ଡ୍ରାଫ୍ଟ ଚାର୍ଜ ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଛି। ଓଡିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ କେଶରୀ ଦାସ ଚିଠି ନଂ. ୮୬୨୯/୩୦।୬।୨୦ ରେ ଅତିରିକ୍ତ ଶାସନ ସଚିବ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କୁ ଚିଠି କରିଛନ୍ତି।

ସେହିପରି କର୍ତ୍ତବ୍ୟରେ ଅବହେଳା କରିଥିବାରୁ ପୂର୍ବତନ ସପ୍ଲାଇ ଆସିଷ୍ଟାଣ୍ଟ(ଏସଏ) ତଥା ଗୋଡାଉନ ଆସିଷ୍ଟାଣ୍ଟ(ଜିଏ) ମନୋଜ କୁମାର ପାଢୀଙ୍କୁ ମଧ୍ୟ ଦାୟୀ କରାଯାଇଛି। କାର୍ଯ୍ୟାନୁଷ୍ଠାନ ଲାଗି ସୁପାରିଶ ହୋଇଥିବା ୫ ଅଧିକାରୀ ଅବସର ଗ୍ରହଣ କରି ସାରିଛନ୍ତି। ପ୍ରାକ୍ତନ ଯୋଗାଣ ନିରୀକ୍ଷକ ରୋହିତ ଦାସ ପଦୋନ୍ନତି ପାଇ ବର୍ତ୍ତମାନ ତାଳଚେର ଏସିଏସଓ ଭାବେ ଓ ମନୋଜ କୁମାର ପାଢୀ ଭୁବନେଶ୍ୱରସ୍ଥିତ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ଡୋମେନ ଏକ୍ସପର୍ଟ ଭାବେ କାମ କରୁଛନ୍ତି।

ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ବ୍ୟବସ୍ଥା ଅନୁଯାୟୀ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଜରିଆରେ ଚାଷୀଙ୍କ ଠାରୁ ଧାନ କିଣି କଷ୍ଟମ ମିଲିଂ ପାଇଁ ସେହି ଧାନକୁ ରାଇସ୍ ମିଲ୍‌କୁ ଦେଇଥାନ୍ତି। କଷ୍ଟମ ମିଲିଂ ପାଇଁ ରହିଥିବା ନିର୍ଦ୍ଦିଷ୍ଟ ଖର୍ଚ୍ଚ ନିଗମ ମିଲ୍ ମାଲିକଙ୍କୁ ଦେଇ ନିର୍ଦ୍ଧାରିତ ପରିମାଣର ଚାଉଳ ଉଠାଇ ଥାନ୍ତି। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଏଥିଲାଗି ଯୋଗାଣ ନିଗମ ସହିତ ରାଇସ୍ ମିଲ ମାଲିକମାନେ ଚୁକ୍ତି କରିଥାନ୍ତି। ଏହି କ୍ରମରେ ନବୀନ ରାଇସ୍ ମିଲ ମାଲିକ ନବୀନ କୁମାର ସାହୁ ଯୋଗାଣ ନିଗମ ସହିତ ଚୁକ୍ତି କରିଥିଲେ। ତଦନୁଯାୟୀ ନବୀନ ରାଇସ ମିଲ ୨୦୧୩-୧୪ରେ ୬୮ ହଜାର ୩୩୯ କୁଇଣ୍ଟାଲ ଧାନ ନେଇଥିଲା। ତେବେ ମିଲର୍ସ ସରକାରଙ୍କୁ ନିର୍ଦ୍ଧାରିତ ସମୟରେ କଷ୍ଟମ ମିଲିଂ ଚାଉଳ ଦେଇ ପାରି ନ ଥିଲେ। ତଦନ୍ତ ପରେ ମିଲର୍ସଙ୍କ ଦ୍ୱାରା ୬୪୯.୭୯ କୁଇଣ୍ଟାଲ ଧାନ ଓ ୮୧୭୪.୩୫୩ କୁଇଣ୍ଟାଲ ଚାଉଳ ଆତ୍ମସାତ ହୋଇଥିବା ଜଣା ପଡିଥିଲା। ମିଲର୍ସଙ୍କ ସିକ୍ୟୁରିଟି ଓ ବିଲ୍ ଆଡଜଷ୍ଟମେଣ୍ଟ ପରେ ୧.୩୨ କୋଟି ଆତ୍ମସାତ ହୋଇଥିବା ଅଡିଟ୍ ରିପୋର୍ଟରୁ ଜଣାପଡିଛି। ଡୁଙ୍ଗୁରିପାଲି ବ୍ଲକର ତତ୍କାଳୀନ ଯୋଗାଣ ନିରୀକ୍ଷକ ରୋହିତ ଦାସ ଏହି ମିଲ୍‌ର ତଦାରଖ ଅଧିକାରୀ ରହିଥିଲେ। ତେବେ ଦାସ ମିଲ୍‌ରେ ପ୍ରକୃତ ଗଚ୍ଛିତ ଥିବା ଧାନର ସାପ୍ତାହିକ ହିସାବ କିତାବ ଠିକ୍ ସମୟରେ ଉପଯୁକ୍ତ ଭାବେ ଦେଇ ପାରି ନ ଥିଲେ। ସେହିପରି ଜିଲା କାର୍ଯ୍ୟାଳୟକୁ ସରଜମିନ୍ ତଦନ୍ତ ରିପୋର୍ଟ ଦେବାରେ ମଧ୍ୟ ଅବହେଳା କରିଥିଲେ। ଅନ୍ୟପକ୍ଷରେ ତତ୍କାଳୀନ ଜିଲା ଯୋଗାଣ ଅଧିକାରୀ କିମ୍ବା ତାଙ୍କ ଅଧୀନରେ ଥିବା କୌଣସି ଅଧିକାରୀ ନିୟମିତ ମିଲ୍‌ଗୁଡିକୁ ତନଖି କରି ନ ଥିଲେ। ଏହି ମିଲ୍ ସିକ୍ୟୁରିଟି ବାବଦକୁ ଜମା ତୁଳନାରେ ଅଧିକ ଧାନ ସଂଗ୍ରହ କରିଥିଲା। ଯଦ୍ୱାରା ମିଲର୍ସ ସରକାରଙ୍କ ଧାନ ହଡପ୍ କରିବାରେ ସକ୍ଷମ ହୋଇଥିଲେ। ସରକାରୀ ଅବହେଳା ଏହି ଦୁର୍ନୀତିର କାରଣ ବୋଲି ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି।

# ଯୁବକଙ୍କୁ ଟାଣିନେଲା କୁମ୍ଭୀର

## ହାତଗୋଡ଼ ନ ଥାଇ ମୃତଦେହ ଉଦ୍ଧାର



ବୋଟ୍ ସାହାଯ୍ୟରେ ନଦୀରେ ଖୋଜାଖୋଜି କରୁଛନ୍ତି ବନ କର୍ମଚାରୀ।

**ରାଜନଗର, ୭।୭ (ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବାଉଁଶଗଡ ନଦୀରେ ମଙ୍ଗଳବାର ଜଣେ ଯୁବକଙ୍କୁ କୁମ୍ଭୀର ଟାଣିନେଇ ମାରିଦେଇଛି। ହାତଗୋଡ଼ ନ ଥିବା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ସାତଭାୟା ଗ୍ରାମର ରଞ୍ଜନ ମହାନ୍ତି (୩୫)।

ରଞ୍ଜନ ଓ ତାଙ୍କ ଭାଇ ବାସୁଆ ମହାନ୍ତି ୬୦ରୁ ଊର୍ଦ୍ଧ୍ୱ ମଇଁଷିକୁ ନଦୀରେ ଓକିଲପାଳ ପଟୁ ପାର କରାଉଥିଲେ। ଦୁଇ ଭାଇ ପୃଥକ୍ ଭାବେ ୩୦ଟି ଲେଖାଏ ମଇଁଷି ସହ ନଦୀ ଅତିକ୍ରମ କରୁଥିଲେ। ବଡଭାଇ ବାସୁଆ ପ୍ରଥମେ ମଇଁଷିକୁ ପାର କରାଇ ନିଜେ ଡଙ୍ଗାରେ ଆସୁଥିଲେ। ସେ ନଈ ମଝିରେ ହୋଇଥିବା ବେଳେ ରଞ୍ଜନ ମଇଁଷି ସହ ଘାଟ ନିକଟରେ ପହଞ୍ଚିଥିଲେ। କୂଳଠାରୁ ଅଳ୍ପ ବାଟ ଯିବା ପରେ ହଠାତ୍ ଏକ ବିରାଟକାୟ କୁମ୍ଭୀର ଝାମ୍ପ ମାରି ରଞ୍ଜନଙ୍କୁ ଟାଣି ନେଇଥିଲା। ବାସୁଆଙ୍କଠାରୁ ଖବର ପାଇ ଫରେଷ୍ଟର ପଦ୍ମନାଭ ରାଉତ, ପ୍ରଦୀପ ସ୍ୱାଇଁ, ମହନ୍ତ ମଲ୍ଲିକ ପ୍ରମୁଖ ଦୁଇଟି ବୋଟ୍ ଯୋଗେ ନଈରେ ଖୋଜାଖୋଜି କରିଥିଲେ। ଦୀର୍ଘ ୫ ଘଣ୍ଟା ପରେ ରଞ୍ଜନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କର ବାମ ହାତ ଓ ଡାହାଣ ଗୋଡକୁ କୁମ୍ଭୀର ଛିଡାଇ ନେଇଥିବା ଦେଖାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

# ସରକାରୀ କର୍ମଚାରୀଙ୍କୁ ସାମାଜିକ ଗଣମାଧ୍ୟମ ବାରଣ

**ଭୁବନେଶ୍ୱର, ୭।୭(ବ୍ୟୁରୋ):** ପୂର୍ବରୁ ସରକାରୀ କର୍ମଚାରୀମାନେ ନିଜ ଚାକିରି ସମ୍ପର୍କିତ ସମସ୍ୟା ବିଷୟରେ ଗଣମାଧ୍ୟମରେ କହିପାରିବେ ନାହିଁ ବୋଲି ଚାକିରି ସର୍ତ୍ତାବଳୀ ଅନୁସାରେ ନିୟମ ରହିଥିଲା। ହେଲେ ସେହି ବ୍ୟବସ୍ଥା ଭିତରେ ଏବେ ସାମାଜିକ ଗଣମାଧ୍ୟମକୁ ମଧ୍ୟ ସରକାର ଯୋଡ଼ି ଦେଇଛନ୍ତି। ସରକାରୀ କର୍ମଚାରୀଙ୍କ ସୋସିଆଲ ମିଡିଆ ବ୍ୟବହାର ଉପରେ ରାଜ୍ୟ ସରକାର କଟକଣା ଜାରି କରିଛନ୍ତି। ବିଶେଷକରି ଠିକା କର୍ମଚାରୀ ଚାକିରି ସମ୍ବନ୍ଧୀୟ ସମସ୍ୟା ଉପରିସ୍ଥ ଅଧିକାରୀଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ ଜଣାଇବା ସମୟରେ ବିଶେଷଭାବେ ନିୟମ ଉଲ୍ଲଂଘନ କରୁଛନ୍ତି। ଏହା ବିଶୃଙ୍ଖଳା ଏବଂ ଅବ୍ୟବସ୍ଥିତ ଉପସ୍ଥାପନା ଯାହା ସରକାରୀ କର୍ମଚାରୀ ନିୟମର ଉଲ୍ଲଂଘନ। ରାଜ୍ୟ ସରକାରୀ କର୍ମଚାରୀ ଚାକିରି ସର୍ତ୍ତାବଳୀ ୧୯୫୯ ବ୍ୟବସ୍ଥା ଅନୁସାରେ, ସରକାରୀ କର୍ମଚାରୀ କୌଣସି ସରକାରୀ ବ୍ୟବସ୍ଥା ଏବଂ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସାଧାରଣରେ ଏବଂ ଗଣମାଧ୍ୟମ ଆଗରେ କହିପାରିବେ ନାହିଁ। ସେହିପରି ସରକାରୀ କର୍ମଚାରୀ ବୈଦ୍ୟୁତିକ ଏବଂ ଛାପା ଗଣମାଧ୍ୟମରେ କୌଣସି ଲେଖାଦେଇପାରିବେ ନାହିଁ। ଏହାକୁ ବିଶୃଙ୍ଖଳା ଏବଂ ଦଣ୍ଡନୀୟ ଅପରାଧ ଭାବେ ଗଣାଯିବ।

ଏନେଇ ସମସ୍ତ ବିଭାଗୀୟ ସଚିବଙ୍କୁ ସାଧାରଣ ପ୍ରଶାସନ ବିଭାଗ ସଚିବ ମଙ୍ଗଳବାର ଚିଠି ଲେଖି ସୂଚନା ଦେଇଛନ୍ତି। ସରକାରୀ କର୍ମଚାରୀମାନେ କେବଳ ନିଜ ଚାକିରି ସମ୍ବନ୍ଧିତ ସମସ୍ୟା ସମ୍ପର୍କରେ କଣ୍ଟ୍ରୋଲିଂ ଅଥରିଟି କିମ୍ବା ନିଜ ବିଭାଗୀୟ ଅଧିକାରୀଙ୍କୁ ସ୍ଥିରୀକୃତ ବ୍ୟବସ୍ଥାରେ ଜଣାଇପାରିବେ। ଯଦି କୌଣସି ସରକାରୀ କର୍ମଚାରୀ ନିଜ ଚାକିରି ସମ୍ବନ୍ଧିତ ସମସ୍ୟା ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ ଜଣାଇ ଚାକିରି ସର୍ତ୍ତାବଳୀର ଉଲ୍ଲଂଘନ କରନ୍ତି ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ସହିତ ଦଣ୍ଡନୀୟ ଅପରାଧ ଭାବେ ଗ୍ରହଣ କରାଯିବ। ଠିକା ହୁଅନ୍ତୁ ବା ସ୍ଥାୟୀ କର୍ମଚାରୀ ବ୍ୟବସ୍ଥା ଭିତରେ ନିଜର ସମସ୍ୟା ଜଣାଇବେ। ତେବେ ସରକାରଙ୍କ ଏହି ନିୟମ ପରେ ରାଜ୍ୟ ସରକାରଙ୍କ ଜଣେ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସରକାର ଯଦି ତାଙ୍କ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା କିମ୍ବା ଦାବିକୁ ନିଜ ତରଫରୁ ତତ୍ପରତା ପ୍ରକାଶକରି ଠିକ୍ ସମୟରେ ଏବଂ ଠିକ୍ ଭାବରେ ସମାଧାନ କରୁଥାଆନ୍ତେ ତେବେ ସେମାନଙ୍କ ଦୁଃଖ ବା ଆକ୍ରୋଶ ଗଣମାଧ୍ୟମରେ ଆସନ୍ତା ନାହିଁ। କେବଳ ଅଙ୍କୁଶ ଲଗାଇଲେ ତାହା କର୍ମଚାରୀଙ୍କ କଣ୍ଠରୋଧ କରାଯାଉଛି ବୋଲି ଅଧିକାରୀ ଜଣଙ୍କ କହିଛନ୍ତି।

# ମାଲକାନଗିରିରେ ଭାଜପା ଟିମ୍

**ମାଲକାନଗିରି,୭।୭(ଡି.ଏନ.ଏ./ସ୍ୱ.ପ୍ର.)**

ମାଲକାନଗିରି ପୋଲିସ କ୍ୟାଣ୍ଟିନରେ ଜଣେ ମହିଳାଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ଅନୁଧ୍ୟାନ ପାଇଁ ସୋମବାର ଭାଜପାର ଏକ ଟିମ୍ ମାଲକାନଗିରିରେ ପହଞ୍ଚିଛନ୍ତି। ଭାଜପାର

**ପୋଲିସ କ୍ୟାଣ୍ଟିନରେ ବଳାତ୍କାର ମାମଲା**

ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାପତି ପ୍ରଭାତି ପରିଡାଙ୍କ ସହ ଏକ ୫ ଜଣିଆ ପ୍ରତିନିଧି ଦଳ ପହଞ୍ଚି ପୀଡିତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ପଚରାଉଚରା କରିଥିଲେ। ପୋଲିସ ଜାଣିଶୁଣି ଘଟଣାକୁ ଚପାଇଦେବାକୁ ଉଦ୍ୟମ କରୁଛି ବୋଲି ପ୍ରଭାତି କହିଛନ୍ତି। ନିଶ୍ଚିତ ଭାବେ ଏଥିରେ ହୁଏତ ପୋଲିସର କେହି ସଂପୃକ୍ତ ଅଛନ୍ତି। ପୀଡ଼ିତାଙ୍କ ସ୍ୱାମୀଙ୍କୁ ନ୍ୟାୟ ନ ଦେବାକୁ ପୋଲିସର ଉଦ୍ୟମକୁ ସଫଳ ହେବାକୁ ଦେବୁନାହିଁ। ନ୍ୟାୟ ନ ମିଳିଲେ ଭାଜପା ନ୍ୟାୟାଳୟକୁ ଯିବ ବୋଲି ସେ କହିଛନ୍ତି। ସେଠାରୁ ଟିମ୍ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଏସ୍‌ପି ଋଷିକେଶ ଡି. ଖିଲାରିଙ୍କୁ ଭେଟି ଘଟଣାର ସରଜମିନ ତଦନ୍ତ କରି ଫେରିଛନ୍ତି। ଏନେଇ ରାଜ୍ୟ ଭାଜପାକୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଟିମ୍‌ରେ ବଳଭଦ୍ର ମାଝୀ, ବିଧାୟକ ଆଦିତ୍ୟ ମାଢ଼ୀ ଓ ସୋନାଲି ସାହୁ, ବବିତା ପାତ୍ର, ଗୌତମ ସାମନ୍ତରାୟ, ସୁରଭି ପାଣି, କୋରାପୁଟ ଜିଲା ସଭାପତି ସୁମନ୍ତ ପ୍ରଧାନ, ଦେବି ମାଢ଼ି, ଜିଲା ପରିଷଦ ଉପାଧ୍ୟକ୍ଷା ସୁଲତା ମଣ୍ଡଳ, କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପଡ଼ିଆମି ପ୍ରମୁଖ ସାମିଲ ହୋଇଥିଲେ।

# ଷଡ଼ଯନ୍ତ୍ର ରଚିଥିଲେ ବିଫଳ ପ୍ରେମିକ

**ଶିକ୍ଷୟିତ୍ରୀଙ୍କୁ ତଣ୍ଟିକାଟି ହତ୍ୟା ଘଟଣା**

**ଧର୍ମଶାଳା/ଜେନାପୁର, ୭।୭ (ଡି.ଏନ୍.ଏ.)**


ସୁନୀଲ ଜେନାଙ୍କୁ କୋର୍ଟ ଚାଲାଣ କରାଯାଉଛି।

ଧର୍ମଶାଳା ଥାନା ମିର୍ଜାପୁର ପଞ୍ଚାୟତ ମହାନ୍ତି ସାହିରେ ଶିକ୍ଷୟିତ୍ରୀ ତରୁଲତା ବିଶ୍ୱାଳଙ୍କୁ ତଣ୍ଟିକାଟି ହତ୍ୟା ଘଟଣାରେ ପୋଲିସ ସାଲେପୁର ଗ୍ରାମର ନୀଳମଣି ଜେନାଙ୍କ ପୁଅ ସୁନୀଲ(୨୩)ଙ୍କୁ ମଙ୍ଗଳବାର ଗିରଫ କରିଛି। ଶିକ୍ଷୟିତ୍ରୀଙ୍କୁ ହତ୍ୟା ଓ ତାଙ୍କ ସ୍ୱାମୀ ନିତ୍ୟରଞ୍ଜନ ମଲିକ, ଝିଅ ଜୟଶ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ସୁନୀଲଙ୍କୁ କୋର୍ଟ ଚାଲାଣ କରିଥିବା ଯାଜପୁର ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ ପ୍ରେସ୍ ବିବୃତି ଯୋଗେ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ସୋମବାର ତରୁଲତାଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲା। ତଦନ୍ତ ସମୟରେ ପୋଲିସ ସୁନୀଲଙ୍କୁ ସନ୍ଦେହରେ ଥାନାକୁ ନେଇ ପଚରାଉଚରା କରିଥିଲା। ଏହାପରେ ସେ ତରୁଲତାଙ୍କୁ ହତ୍ୟା କରିଥିବା ସହ ତାଙ୍କ ସ୍ୱାମୀ ଓ ଝିଅଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ସ୍ୱୀକାର କରିଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ନାବାଳିକା ଝିଅକୁ ଏକତରଫା ପ୍ରେମ କରି ବିଫଳ ହେବା ପରେ ପୂରା ପରିବାରକୁ ଜୀବନରୁ ମାରିଦେବାକୁ ସେ ନିଷ୍ପତ୍ତି ନେଇଥିଲେ। ଯୋଜନା ଅନୁଯାୟୀ ସେ ରବିବାର ରାତି ସାଢ଼େ ୧୦ଟା ବେଳେ ନିଜ ଘରୁ ଏକ କାଙ୍କ (ମାରଣାସ୍ତ୍ର) ନେଇ ତରୁଲତାଙ୍କ ଘର ପଛପଟେ ଲୁଚି ରହିଥିଲେ। ତରୁଲତା ବାହାରକୁ ମୁହଁ ଧୋଇବାକୁ ଆସିବାରୁ ସୁନୀଲ ତାଙ୍କୁ କାଙ୍କରେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ନିତ୍ୟରଞ୍ଜନ ଓ ଜୟଶ୍ରୀ ବାହାରକୁ ଆସିବାରୁ ସୁନୀଲ ସେମାନଙ୍କୁ ମଧ୍ୟ ସେହି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସେମାନେ ମଧ୍ୟ ଚିତ୍କାର କରି ତଳେ ପଡ଼ିଯାଇଥିଲେ। ଏହାପରେ ସୁନୀଲ ସେଠାରୁ ପଳାଇ ନିଜ ଘରେ ଲୁଚି ରହିଥିଲେ। ସୁନୀଲଙ୍କ ବୟାନ ଆଧାରରେ ପୋଲିସ ତାଙ୍କ ଘରେ ଲୁଚା ଯାଇଥିବା ମାରଣାସ୍ତ୍ରକୁ ଜବତ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଛି ବୋଲି ଏସଡିପିଓ ସୂଚନା ଦେଇଛନ୍ତି। ଅନ୍ୟପଟେ ଗୁରୁତର ବାପା ଓ ଝିଅଙ୍କୁ କଟକ ବଡ଼ ମେଡିକାଲରୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

ସୂଚନାଥାଉ କି, ପୋଲିସ ସୋମବାର ସକାଳୁ ଭଡ଼ା ଘର ଅଗଣାରୁ ତରୁଲତାଙ୍କ ମୃତଦେହ ଜବତ କରିବା ସହ ନିତ୍ୟରଞ୍ଜନ ଓ ଶୁଭଶ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବା ପରେ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତରୁଲତାଙ୍କ ଭାଇ ଭଜମୋହନ ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ସ୍ୱର୍ଗଦ୍ୱାରରେ ବିଷ୍ଣୁ ଦାସଙ୍କ ଶେଷକୃତ୍ୟ ସମ୍ପନ୍ନ



ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଗାର୍ଡ ଅଫ୍ ଅନର ଦିଆଯାଉଛି।

**ଜଗତ୍‌ସିଂହପୁର ଅଫିସ/ପୁରୀ ଅଫିସ,୭।୭**

- ସାରା ଜିଲାରେ ଶୋକାକୁଳ ପରିବେଶ
- ଜିଲା ପରିକ୍ରମା କରି ପୁରୀ ଗଲା ପାର୍ଥିବ ଶରୀର
- ଯୋଗଦେଲେ ବହୁ ମନ୍ତ୍ରୀ, ବିଧାୟକ

ବରିଷ୍ଠ ବିଜେଡି ନେତା ତଥା ତିର୍ତ୍ତୋଲ ବିଧାୟକ ବିଷ୍ଣୁଚରଣ ଦାସଙ୍କ ବିୟୋଗରେ ସାରା ଜିଲାରେ ଶୋକର ଛାୟା ଖେଳିଯାଇଛି। ଦାସଙ୍କ ମରଶରୀର ଭୁବନେଶ୍ୱରରୁ ପ୍ରଥମେ ବିରିଡ଼ି ଓ ପରେ ରଘୁନାଥପୁର ଦେଇ ତିର୍ତ୍ତୋଲ ଅଭିମୁଖେ ଯାତ୍ରା କରିଥିଲା। ଏହାପରେ ଜଗତ୍‌ସିଂହପୁର ନିଆଯାଇଥିଲା। ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ୱର୍ଗତ ଦାସଙ୍କୁ ଜିଲାବାସୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ ନିଆ ଯାଇଥିଲା। ଏହି ସମୟରେ ପଡିଆ ଲୋକାରଣ୍ୟ ହୋଇଥିଲା। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଜଳସେଚନ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଏସ୍‌ପି ପ୍ରକାଶ ଆର୍, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶେଷରେ ଆରକ୍ଷୀ ବାହିନୀ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ଜିଲା ଓକିଲ ସଂଘ ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ତାଙ୍କ


ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଉଛି।

ମରଶରୀର ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯାଇଥିଲା। କାରଣ ସେ ଦୀର୍ଘବର୍ଷ ଧରି ଏହି ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଥିଲେ। ଏହାପରେ ସେ ରହୁଥିବା ସ୍ଥାନୀୟ ଦୁର୍ଗାବଜାରସ୍ଥିତ ମାମୁଘର ଓ ମକୁନ୍ଦପୁରସ୍ଥିତ ଜନ୍ମ ମାଟିକୁ ନିଆଯାଇଥିଲା ସେଠାରୁ ମରଶରୀରକୁ ଆଳିପିଙ୍ଗଳ-ଅଡ଼ଶପୁର ଦେଇ ପୁରୀ ନିଆଯାଇଥିଲା।

ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଦାସଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପୁତ୍ର ବିଜୟ ଶଙ୍କର ଦାସ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଦାସ, ବିଧାୟକ ମୁଦୁଲି, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ବେହେରା, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ସ୍ୱର୍ଗତ ଦାସଙ୍କ ବ୍ୟକ୍ତିଗତ ସହାୟକ ନିରଞ୍ଜନ ସେଠୀ ପ୍ରମୁଖ ଦିବଂଗତ ଆତ୍ମାପ୍ରତି ଶେଷ ସମ୍ମାନ ଜଣାଇଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

BUSINESS
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପାଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଆଥାନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

କୋଭିଡ୍-19 (ସ୍ପେଶାଲ ଋଣ ଅଫର)
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ଛାଡ଼
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
079061-42337
094682-97482
ADDRESS: T-51, GAUTAMPURI, DELHI

**ସଂକ୍ଷେପରେ**

## ଚାଇନା ଆପ୍ ଉପରେ ପ୍ରତିବନ୍ଧକ ଭାରତ ପାଇଁ ଲାଭଦାୟକ

**ଭୁବନେଶ୍ୱର, ୭।୭(ବ୍ୟୁରୋ):** ଦେଶର ସୁରକ୍ଷା ଓ ସାର୍ବଭୌମତ୍ୱ ପ୍ରତି ବିପଜ୍ଜନକ ୫୯ଟି ବିଦେଶୀ ମୋବାଇଲ ଆପ୍ଲିକେଶନ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି କେନ୍ଦ୍ର ସରକାର। ଏନେଇ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଓଡ଼ିଶା ଶାଖାର ଅତିରିକ୍ତ ମହାନିର୍ଦ୍ଦେଶକ ଓ ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଶୈଳେଶ କୁମାର ମାଲବ୍ୟ ୱେବିନାରରେ ଅଧ୍ୟକ୍ଷତା କରି କହିଥିଲେ, ଏହି ୫୯ଟି ବିଦେଶୀ ମୋବାଇଲ ଆପ୍ ଉପରେ ପ୍ରତିବନ୍ଧକ ଭାରତ ପାଇଁ ଲାଭଦାୟକ ହେବ। ଏହାଦ୍ୱାରା ଘରୋଇ ଉଦ୍ୟୋଗୀ ଓ ବୈଷୟିକ ପ୍ରତିଷ୍ଠାନଗୁଡ଼ିକୁ ସ୍ୱଦେଶୀ ଜ୍ଞାନକୌଶଳରେ ନୂତନ ମୋବାଇଲ ଆପ୍ଲିକେଶନ ବିକଶିତ କରିବା ନିମନ୍ତେ ସୁଯୋଗ ମିଳିବ। ଦେଶର ଉଦ୍ୟୋଗୀମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ 'ଆତ୍ମନିର୍ଭର ଭାରତ ଆପ୍ ଇନୋଭେଶନ ଚ୍ୟାଲେଞ୍ଜ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହା ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହେବ ବୋଲି ମାଲବ୍ୟ କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର ଯୋଗଦେଇ ଭାରତ ଓ ଚାଇନା ଦ୍ୱିପାକ୍ଷିକ ସମ୍ପର୍କର ଇତିହାସ ଉପରେ ଆଲୋକପାତ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଭାରତ ଓ ଚାଇନା କୂଟନୈତିକ ସମ୍ପର୍କର ଉଭୟ ଅର୍ଥନୈତିକ ଓ ସାମରିକ ଦିଗ ଉପରେ ସେ ବକ୍ତବ୍ୟ ରଖିଥିଲେ। ଆଲୋଚନାରେ ଭାଗନେଇ ଖବରଦାତା ସନ୍ଦୀପ ସାହୁ ଏବଂ ତପନ ମିଶ୍ର ଲଦାଖର ଗଲୱାନ ଘାଟି ଓ ଅନ୍ୟାନ୍ୟ ସୁରକ୍ଷା ପ୍ରସଙ୍ଗ ସମ୍ପର୍କରେ କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ଦାଶରଥୀ ଭୂୟାଁ ଏହି ୫୯ ମୋବାଇଲ ଆପ୍ ଉପରେ ପ୍ରତିବନ୍ଧକ ଲଗାଇବା ଦ୍ୱାରା ଭାରତ-ଚାଇନା ରାଜନୈତିକ ଓ କୂଟନୈତିକ ସମ୍ପର୍କ କିଭଳି ପ୍ରଭାବିତ ହେବ ସେ ବିଷୟରେ ଆଲୋକପାତ କରିଥିଲେ। ସେହିପରି ବୈଷୟିକ ବିଶେଷଜ୍ଞ ଭାବେ ବିଶ୍ୱରଞ୍ଜନ ମିଶ୍ର ଏବଂ ଅନିମେଶ ପଟ୍ଟନାୟକ ଯୋଗଦେଇ ଡାଟା ଗୋପନୀୟତା, ସାଇବର କ୍ରାଇମ ଓ ଅନ୍ୟାନ୍ୟ ବୈଷୟିକ ଦିଗ ଉପରେ ଆଲୋଚନା କରିଥିଲେ। ଏହି ୱେବିନାରକୁ ପିଆଇବିର ଗଣଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବତୀ ମୃତ

**ବେଗୁନିଆ,୭।୭(ଡି.ଏନ୍.ଏ.):** ବେଗୁନିଆ ଥାନା କୋହ୍ଲୁଆପାଟଣା ଗ୍ରାମରେ ସୋମବାର ରାତିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ଜ୍ୟୋତ୍ସ୍ନାରାଣୀ ନାହାକ(୧୮)। ସୂଚନା ଅନୁଯାୟୀ, ଦୀର୍ଘ ବର୍ଷ ହେବ ଜ୍ୟୋତ୍ସ୍ନାରାଣୀ ତାଙ୍କ ମାମୁ ଘର କୋହ୍ଲୁଆପାଟଣାରେ ରହି ଆସୁଥିଲେ। ସୋମବାର ରାତି ପ୍ରାୟ ୮ଟା ୩୦ରେ ସେ ଏକ ପଙ୍ଖାକୁ ସଂଯୋଗ କରୁଥିବା ବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ତାଙ୍କ ମାମୁ ଘର ଜିମା ଦେଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୦)ରୁଜୁ ହୋଇଛି।

## ୧୮,୧୦୦ ଟଙ୍କା ଜରିମାନା ଆଦାୟ

**ଖୋର୍ଦ୍ଧା ଅଫିସ,୭।୭:** ଖୋର୍ଦ୍ଧା ଜିଲାରେ କରୋନା ସଂକ୍ରମଣ ରୋକିବା ପାଇଁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ରକ୍ଷା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି। ଏ ନେଇ ମଙ୍ଗଳବାର ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଉପଜିଲାପାଳ ଅଶୋକ କୁମାର ବେଉରିଆ ଓ ପୋଲିସ କର୍ମଚାରୀ ନୂଆ ବସଷ୍ଟାଣ୍ଡ, ଜିଲାପାଳଙ୍କ କାର୍ଯ୍ୟାଳୟ, ଏସ୍‌ବିଆଇ ଛକ, ପୋଷ୍ଟ ଅଫିସ ଛକରେ ଯାଞ୍ଚ କରିଥିଲେ। ଯେଉଁମାନେ ମାସ୍କ ପିନ୍ଧି ନ ଥିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ପ୍ରାୟ ୨୬୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ବାଣପୁର ତହସିଲ ଅଞ୍ଚଳରେ ପ୍ରଶାସନ ପକ୍ଷରୁ କୋଭିଡ୍ ନିୟମ ଉଲ୍ଲଂଘନ ଏବଂ ବିନା ମାସ୍କରେ ଗାଡି ଚଳାଉଥିବା ବାଇକ୍ ଚାଳକଙ୍କଠାରୁ ୧୫ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାପଡିଛି।

# ଟ୍ରେନ୍ ଲାଇନ୍‌ରୁ ଆଦିତ୍ୟଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୭।୭ (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର(ଡିଏନ୍ଏ)

ଜୀବନ ଯୁଦ୍ଧରେ ସଂଘର୍ଷ କରିବାକୁ ଅନ୍ୟକୁ ପ୍ରେରଣା ଦେଉଥିବା ବ୍ୟକ୍ତି ଶେଷରେ ନିଜେ ଏହି ଯୁଦ୍ଧରେ ହାରିଯାଇଛନ୍ତି। ପ୍ରେରଣାଦାୟୀ ଭାଷଣ(ମୋଟିଭେଶନାଲ ସ୍ପିଚ୍) ଦେଇ ଅନ୍ୟକୁ ବଞ୍ଚିବାକୁ ରାହା ଦେଖାଉଥିବା ସାମାଜିକ କର୍ମୀ ଆଦିତ୍ୟ ଦାଶ ଆତ୍ମହତ୍ୟା କରିଛନ୍ତି। ରହସ୍ୟଜନକ ଭାବେ ତାଙ୍କର ମୃତଦେହ ଭୁବନେଶ୍ୱର ଲିଙ୍ଗରାଜ ଷ୍ଟେଶନ ଟ୍ରେନ୍ ଲାଇନ୍‌ରୁ ମଙ୍ଗଳବାର ସକାଳ ୬.୩୦ରେ ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଆତ୍ମହତ୍ୟା ବୋଲି ଜଣାପଡୁଥିଲେ ହେଁ ପରିବାର ଏବଂ ପ୍ରଶଂସକ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହା ଆତ୍ମହତ୍ୟା ନୁହେଁ ବରଂ ଏକ ସୁପରିକଳ୍ପିତ ହତ୍ୟା ବୋଲି ଆଦିତ୍ୟଙ୍କ ବାପା ନନ୍ଦକିଶୋର ଦାଶ ଅଭିଯୋଗ କରିଛନ୍ତି। ତେଣୁ ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ଏନେଇ ଭୁବନେଶ୍ୱର ଜିଆର୍‌ପି ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ-୨୨/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଆଦିତ୍ୟଙ୍କ ମୃତଦେହ ଲିଙ୍ଗରାଜ ଷ୍ଟେଶନ ଟ୍ରେନ୍ ଲାଇନର ମଝିରେ ପଡ଼ିଥିଲା। ଟ୍ରେନ୍‌ରେ ମାଡ଼ ହୋଇଯାଇଥିବାରୁ ମୁଣ୍ଡ ସମ୍ପୂର୍ଣ୍ଣ ନଷ୍ଟ ଯାଇଛି।



■ ଆତ୍ମହତ୍ୟାକୁ ଗ୍ରହଣ କରିପାରୁନାହାନ୍ତି ପରିବାର
■ ତଦନ୍ତ ଦାବିକଲେ ଆଦିତ୍ୟଙ୍କ ବାପା
■ କିଛି ଦିନ ହେବ ଭୟଭୀତ ଥିଲେ: ସ୍ତ୍ରୀ

ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଏହା ଆତ୍ମହତ୍ୟା କି ହତ୍ୟା ତାହା ସ୍ପଷ୍ଟ ହେବ ବୋଲି ଜିଆର୍‌ପି ପୋଲିସ କହିଛି।

ଆଦିତ୍ୟ ଦାଶ ଓରଫ ମାନବପ୍ରେମୀଙ୍କ ଘର ବୌଦ୍ଧ ଜିଲାର ତଳଶରଦା ଅଞ୍ଚଳରେ। ସେ ସ୍ଥାନୀୟ ସୁନ୍ଦରପଦାରେ ପରିବାର ସହ ରହୁଥିଲେ। ସୋସିଆଲ ମିଡିଆରେ ଖୁବ୍ ସକ୍ରିୟ ଥିଲେ ଆଦିତ୍ୟ। ତାଙ୍କର ଗୋଟିଏ ଭିଡିଓ ହଜାର ହଜାର ଲୋକଙ୍କୁ ପ୍ରେରଣା ଯୋଗାଉଥିଲା। ଗତ ମାସ ୯ତାରିଖରେ କଟକ ଖପୁରିଆରେ ସେ ବିଦ୍ୟାଶ୍ରୀଙ୍କୁ ପ୍ରେମ ବିବାହ କରିଥିଲେ। ସୁନ୍ଦରପଦାରେ ସେ ଏକ ବୃଦ୍ଧାଶ୍ରମ ମଧ୍ୟ ଚଳାଉଥିଲେ। ଏହି ବୃଦ୍ଧାଶ୍ରମ ପାଇଁ ଏକ ଜାଗା କିଣିବା ପାଇଁ ଯୋଜନା କରିଥିଲେ। ଏହାସହ ଆଦିତ୍ୟ ପିପୁଲ ଫର୍ ସେବା ନାମକ ଏକ ସଂଗଠନ ଜରିଆରେ ସାମାଜିକ ସେବାକାର୍ଯ୍ୟ ମଧ୍ୟ କରୁଥିଲେ। ନିଶା ନିବାରଣ କ୍ଷେତ୍ରରେ ମଧ୍ୟ ସେ ଅନେକ କାର୍ଯ୍ୟ କରିଛନ୍ତି। ବିବାହ ପରେ ପାରିବାରିକ ସମ୍ପର୍କ କିପରି ଭଲ ରହିପାରିବ ସେସମ୍ପର୍କିତ ଏକ ଭିଡିଓ କରି ସେ ସୋସିଆଲ୍ ମିଡିଆରେ ଶେୟାର କରିଥିଲେ। ନିକଟରେ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ପରେ ଆଦିତ୍ୟ ମଧ୍ୟ ଆତ୍ମହତ୍ୟା ସମାଧାନ ବାଟ ନୁହେଁ ବୋଲି ଏକ ପୋଷ୍ଟ ଶେୟାର କରିଥିଲେ। ଅନ୍ୟପଟେ ତାଙ୍କ ପେଜ୍‌ର ପୋଷ୍ଟଗୁଡ଼ିକ ଦେଖିଲେ ସେ ଆତ୍ମହତ୍ୟା କରିବେ ବୋଲି କେହି ସହଜରେ ବିଶ୍ୱାସ କରି ପାରୁନାହାନ୍ତି। ଏ ନେଇ ସ୍ତ୍ରୀ ବିଦ୍ୟାଶ୍ରୀ କହିଛନ୍ତି, ଗତ ୩ ଦିନ ହେବ ସେ ଭୟଭୀତ ଅବସ୍ଥାରେ ଥିଲେ। ଘର ବାହର ଗେଟ ଦେବାକୁ କହିଲେ ଭୟ କରୁଥିଲେ। ଏପରିକି ବାଥରୁମ୍‌କୁ ଗଲେ ମଧ୍ୟ ଭୟ କରୁଥିଲେ। କିଛି ଦିନ ତଳେ ହଠାତ ଲଣ୍ଡା ହୋଇଥିଲେ। ଏନେଇ ପଚାରିବାରେ ଏକ ନୂଆ ଭିଡିଓ ପ୍ରସ୍ତୁତି ପାଇଁ ଏକ୍ସପ୍ରିମେଣ୍ଟ କରୁଛି, ତେଣୁ ନଣ୍ଡା ହୋଇଛି ବୋଲି କହିଥିଲେ। ସୋମବାର ଅପରାହ୍ନରେ ସାମାନ୍ୟ କଥାକୁ ନେଇ ରାଗିଥିଲେ। ରାତି ପ୍ରାୟ ୯ଟାରେ ସେ ଘରୁ ବାହାରକୁ ଯାଇଥିଲେ। ରାତିରେ ଆଉ ଫେରି ନ ଥିଲେ। ତାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସମ୍ଭବ ହୋଇ ନ ଥିଲା। ସକାଳୁ ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କ ମୃତଦେହ ମିଳିଛି। କେହି ଗୁଣି କରି ଷ୍ଟେଶନକୁ ଡାକି ଆଦିତ୍ୟଙ୍କୁ ହତ୍ୟା କରିଥିବା ସ୍ତ୍ରୀ ବିଦ୍ୟାଶ୍ରୀ କହିଛନ୍ତି।

### ଶେଷ ପୋଷ୍ଟକୁ ନେଇ ଚର୍ଚ୍ଚା

ଆଦିତ୍ୟଙ୍କ ଶେଷ ପୋଷ୍ଟକୁ ନେଇ ଏବେ ସବୁଠି ଚର୍ଚ୍ଚା। ମୃତ୍ୟୁ ପୂର୍ବରୁ ତାଙ୍କର ଫେସ୍‌ବୁକ୍ ପେଜ୍‌ରେ ଆଦିତ୍ୟ ଲେଖିଛନ୍ତି ଯେ, ମୃତ୍ୟୁ ଯେତେବେଳେ ଆସେ ବହୁତ ଧୀରେ ଧୀରେ ଆସେ.. କେହି ଜାଣିପାରନ୍ତି ନାହିଁ। ଆଦିତ୍ୟ ଏହି ପୋଷ୍ଟ କ'ଣ ପାଇଁ କରିଥିଲେ ତାହାକୁ ନେଇ ଚର୍ଚ୍ଚା ହେଉଛି। ସେ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇ ଏଭଳି ପୋଷ୍ଟ କରିଥିବା ଅନେକେ କହୁଛନ୍ତି।

## ମହିଳାଙ୍କ ମୃତଦେହ ଜବତ

ଖୋର୍ଦ୍ଧା ଅଫିସ,୭।୭

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତା ମହିଳା ହେଲେ ଗୁରୁଜଙ୍ଗ ଦେଓ୍ୱାନ ସାହିରେ ରହୁଥିବା ଶିବ ଖଟେଇଙ୍କ ସ୍ତ୍ରୀ ସାଲିନା। ଅଧିକ ଯୌତୁକ ଲାଗି ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ସାଲିନାଙ୍କ ମା' ଅହଲ୍ୟା ଚମ୍ପତି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୪୯୮(ଏ), ୩୦୪(ବି), ୩୦୨ ଓ ୩୪ରେ ଏକ ମାମଲା (ନଂ.୨୩୦/୨୦) ରୁଜୁକରି ତଦନ୍ତ ଚଳାଇଛି। ଅହଲ୍ୟାଙ୍କ ଅଭିଯୋଗ ଅନୁଯାୟୀ, ୨୦୧୭ ମସିହାରେ ଶିବ ଜଙ୍କିଆ ଥାନା ଅନ୍ତର୍ଗତ କାୟାଗୋଳବାଇ ଗ୍ରାମର ସାଲିନାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ସମସ୍ତ ଯୌତୁକ ଓ ଆସାବାବପତ୍ର ଦିଆଯାଇଥିଲା। କିଛି ମାସ ପରେ ଅଧିକ ଯୌତୁକ ଦାବି କରି ଶ୍ୱଶୁର ଘର ଲୋକେ ସାଲିନାକୁ ନିର୍ଯ୍ୟାତନା ଦେଉଥିଲେ। ସୋମବାର ରାତି ପ୍ରାୟ ସାଢେ ୯ଟାରେ ସାଲିନା ଆତ୍ମହତ୍ୟା ଉଦ୍ୟମ କରିଥିବା ଏବଂ ଡାକ୍ତରଖାନାରେ ମୃତ୍ୟୁ ଘଟିଥିବା ଖବର ଅହଲ୍ୟା ଜାଣିବାକୁ ପାଇଥିଲେ। ଖବରପାଇ ମେଡିକାଲରେ ପହଞ୍ଚିବା ସହ ସାଲିନାଙ୍କ ଶରୀରରେ କ୍ଷତ ଚିହ୍ନ ଥିବା ଦେଖିବାକୁ ପାଇଥିଲେ।

# ଆର୍‌ଟିଓ-୧ ଅଫିସ୍, ବ୍ୟାଙ୍କ ଶାଖା ସିଲ୍

### ପଜିଟିଭ୍ ବାହାରିବା ପରେ ବିଏମ୍‌ସିର କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୭।୭(ବ୍ୟୁରୋ)

ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ଆର୍‌ଟିଓ-୧ କାର୍ଯ୍ୟାଳୟରୁ ମଙ୍ଗଳବାର ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଅଫିସ୍‌କୁ ସିଲ୍ କରାଯାଇଥିବା ବିଏମ୍‌ସି ମଙ୍ଗଳବାର ଟୁଇଟ୍ କରିଛି। ସେହିପରି ଆଇସିଆଇସିଆଇ ବ୍ୟାଙ୍କର କଟକ ରୋଡ୍ ଶାଖା ଓ ଶ୍ରୀୟାଛକସ୍ଥିତ ବ୍ୟାଙ୍କର ସେଲ୍ ସେକ୍ସନରୁ ୧୫ ଜଣ ଆକ୍ରାନ୍ତ ବାହାରିବା ପରେ ଅଫିସ୍




ସିଲ୍ ସହ ସମସ୍ତ କର୍ମଚାରୀଙ୍କୁ କ୍ୱାରାଣ୍ଟାଇନରେ ପଠାଯାଇଥିବା ଜଣାପଡ଼ିଛି। ନଖରାସ୍ଥିତ ଗତି ଗୋଡାଉନ୍‌ରୁ ୨ ଜଣ ପଜିଟିଭ୍ ବାହାରିବା ପରେ ତାହାକୁ ସିଲ୍ କରାଯାଇଥିବା ବିଏମ୍‌ସି ସୂଚନା ଦେଇଛି।

ରାଜଧାନୀରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ଆଉ ୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୪ ସ୍ଥାନୀୟ ସଂକ୍ରମିତ, ୧୪ ସଙ୍ଗରୋଧରୁ ଏବଂ ଜଣେ କୋଭିଡ୍ ହସ୍ପିଟାଲର ମହିଳା କର୍ମଚାରୀ ବୋଲି ବିଏମ୍‌ସି ଟୁଇଟ୍ କରିଛି। ରାଜଧାନୀରୁ ଏଯାବତ୍ ୪୭୯ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୭୭ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୯୫ ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

# ଯାତ୍ରୀ ଅଭାବରୁ ବନ୍ଦ ହେବ ୩ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୭।୭(ବ୍ୟୁରୋ)

ଆବଶ୍ୟକ ସଂଖ୍ୟକ ଯାତ୍ରୀ ହେଉ ନ ଥିବାରୁ ରାଜ୍ୟ ଭିତରେ ଚଳାଚଳ କରୁଥିବା ୩ଟି ସ୍ୱତନ୍ତ୍ର ଟ୍ରେନ୍‌କୁ ବନ୍ଦ କରାଯିବ। ମଙ୍ଗଳବାର ପୂର୍ବତଟ ରେଳପଥ ପକ୍ଷରୁ ଏନେଇ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ଭିତରେ ଜରୁରିକାଳୀନ ଯାତାୟାତ ଏବଂ ଲକ୍‌ଡାଉନ ସମୟରେ ଅଟକି ରହିଯାଇଥିବା ଅସହାୟ ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଜୁନ ୮ରୁ ୩୦ ତାରିଖ ମଧ୍ୟରେ ସ୍ୱତନ୍ତ୍ର ରେଳସେବା ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ରେଳସେବାକୁ ଜୁଲାଇ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ତେବେ ଯାତ୍ରୀ ପରିବହନ ପରିଚାଳନାକୁ ସମୀକ୍ଷା କରି ଏବଂ ରାଜ୍ୟରେ କରୋନା ପଜିଟିଭ୍ କେସ୍‌ର ବୃଦ୍ଧିକୁ ଦୃଷ୍ଟିରେ ରଖି କମ୍ ଯାତ୍ରୀ ହେଉଥିବା ୩ଟି ସ୍ୱତନ୍ତ୍ର ଟ୍ରେନ୍‌କୁ ବନ୍ଦ କରାଯାଇଛି। ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର, ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ଏବଂ ସମ୍ବଲପୁର-ଖୋର୍ଦ୍ଧାରୋଡ-ସମ୍ବଲପୁର ମାର୍ଗରେ ପରିଚାଳିତ ସ୍ୱତନ୍ତ୍ର ରେଳସେବାକୁ ବାତିଲ କରାଯିବ। ସପ୍ତାହକୁ ୩ ଥର ଚଳାଚଳ କରୁଥିବା ସମ୍ବଲପୁର-ଖୋର୍ଦ୍ଧାରୋଡ-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ଉଭୟ ଦିଗରୁ ଜୁଲାଇ ୧୦ ତାରିଖଠାରୁ ବାତିଲ ହେବ। ସେହିଭଳି ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରରୁ ଜୁଲାଇ ୧୩ ଏବଂ ଭଦ୍ରକରୁ ୧୪ ତାରିଖରୁ ବାତିଲ ହେବ। ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରରୁ ଜୁଲାଇ ୧୩ ଏବଂ ବ୍ରହ୍ମପୁରରୁ ୧୪ ତାରିଖରୁ ବାତିଲ ରହିବ।

# ପାଲଟା ଅଭିଯୋଗ ଆଣିଲେ ଓଏଏସ୍ ଅଫିସର

ଭୁବନେଶ୍ୱର, ୭।୭ (ବ୍ୟୁରୋ)

**ଅଶ୍ଳୀଳ ଭିଡିଓ ପଠାଇବା ଘଟଣା**
■ 'ମୋତେ ଫସାଇବା ପାଇଁ ଷଡ଼ଯନ୍ତ୍ର ହୋଇଛି'
■ ୨ ମାମଲା ରୁଜୁ କରି ତଦନ୍ତ ଚଳାଇଛି ପୋଲିସ

ମହିଳା କର୍ମଚାରୀଙ୍କ ପାଖକୁ ଅଶ୍ଳୀଳ ଭିଡିଓ ଏବଂ ମେସେଜ ପଠାଇ ଅଡୁଆରେ ପଡ଼ିଛନ୍ତି ଜଣେ ଓଏଏସ୍ ଅଫିସର। ସମ୍ପୃକ୍ତ ମହିଳା କର୍ମଚାରୀ ତାଙ୍କ ନାମରେ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ. ୩୪/୨୦ ଆଇପିସି ଦଫା ୩୫୪ (ଡି), ୨୯୪, ୫୦୬, ୫୦୭, ୫୦୯ ଏବଂ ଆଇଟି ଆକ୍ଟ ୬୭ ଓ ୬୭(ଏ)ରେ ମାମଲା ରୁଜୁ କରିଛି। ସମ୍ପୃକ୍ତ ଅଫିସରଙ୍କୁ ଥାନାରେ ହାଜର ହୋଇ ବୟାନ ରଖିବାକୁ ତଦନ୍ତକାରୀ ଅଧିକାରୀଙ୍କ ପକ୍ଷରୁ ନୋଟିସ କରାଯାଇଥିବା ଭୁବନେଶ୍ୱର ଡିସିପି ଅନୁପ ସାହୁ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ମଙ୍ଗଳବାର ନୂଆ ମୋଡ଼ ଆସିଛି। ଅଭିଯୁକ୍ତ ଅଫିସର ଜଣଙ୍କ ମଧ୍ୟ ସମ୍ପୃକ୍ତ ମହିଳା କର୍ମଚାରୀଙ୍କ ନାମରେ ପାଲଟା ଅଭିଯୋଗ ଆଣିଛନ୍ତି। ସେ ଏ ନେଇ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଫିସର ଜଣକ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଯୁବତୀ ଜଣଙ୍କ ଚାକିରି କରୁଥିବା ଠିକା ସଂସ୍ଥା ଅଧୀନରେ ଯୁବତୀଙ୍କ ପୁରୁଷ ବନ୍ଧୁ ପ୍ରୋଗ୍ରାମିଂ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ତେବେ ଚାକିରି ପାଇଁ ପ୍ରୋଗ୍ରାମିଂ ମ୍ୟାନେଜର ଦେଇଥିବା ଡକ୍ୟୁମେଣ୍ଟ ସବୁ ଜାଲ୍ ରହିଥିଲା। ଏହା ଜାଣିବା ପରେ ସେ ସମ୍ପୃକ୍ତ ଉକ୍ତ ପ୍ରୋଗ୍ରାମିଂ ମ୍ୟାନେଜରଙ୍କୁ ୨ତାରିଖରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ହେଲେ ତାଙ୍କଠାରୁ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ତେଣୁ ତାଙ୍କୁ କାର୍ଯ୍ୟରୁ ବିଦା କରିଦେଇଥିଲେ। ସେ ଯୁବତୀଙ୍କୁ ଅଶ୍ଳୀଳ ମେସେଜ ଏବଂ ଭିଡିଓ ପଠାଇ ନାହାନ୍ତି। ତାଙ୍କୁ ଫସାଇବା ପାଇଁ ଯୁବତୀ ଏବଂ ତାଙ୍କ ବନ୍ଧୁ ମିଶି ଏଭଳି ଷଡ଼ଯନ୍ତ୍ର କରିଛନ୍ତି। ତାଙ୍କ ମୋବାଇଲ୍ କେହି ବ୍ୟବହାର କରି ଏଭଳି ଭିଡିଓ ପଠାଇଛନ୍ତି। ଏହାର ଫରେନ୍‌ସିକ୍ ଯାଞ୍ଚ କଲେ ପ୍ରକୃତ ଘଟଣା ପଦାକୁ ଆସିବ। ସେପଟେ ପ୍ରୋଗ୍ରାମିଂ ମ୍ୟାନେଜର କହିଛନ୍ତି, କର୍ମକ୍ଷେତ୍ରରେ ନିର୍ଯ୍ୟାତନା ପାଉଥିବାରୁ ସେ ନିଜେ ଉକ୍ତ ଠିକା ସଂସ୍ଥାରୁ ୨ ତାରିଖ ପୂର୍ବରୁ ଇସ୍ତଫା ଦେଇଛନ୍ତି।

## ପଶ୍ଚିମବଙ୍ଗ ପ୍ରବାସୀଙ୍କୁ ନେଇ ଉତ୍ତେଜନା

କଟକ ଅଫିସ,୭।୭

ପଶ୍ଚିମବଙ୍ଗ ପ୍ରବାସୀଙ୍କୁ ନେଇ ଅରବିନ୍ଦ ନଗରରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଛି। ମଙ୍ଗଳବାର ଦିନ ତମାମ ଏଭଳି ସ୍ଥିତି ଲାଗି ରହିଛି। କେତେକ ସ୍ଥାନୀୟ ଯୁବକ ଖଣ୍ଡା, ଭୁଜାଲି ଧରି ପ୍ରବାସୀଙ୍କୁ ତଡ଼ିବାକୁ ଚେଷ୍ଟା କରିଥିଲେ। ମଧୁପାଟଣା ଥାନା ପୋଲିସ ଓ ଅରବିନ୍ଦ ନଗରର କେତେଜଣ ବରିଷ୍ଠ ବ୍ୟକ୍ତି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି। ଅରବିନ୍ଦ ନଗର ସିଏମ୍‌ସିର ୱାର୍ଡ ନଂ-୫୨ ଅନ୍ତର୍ଗତ ଅଞ୍ଚଳ। ସୋମବାର ରାତିରେ ୧୦ ଜଣ ପଶ୍ଚିମବଙ୍ଗ ପ୍ରବାସୀ ଏଠାକୁ ଆସିଥିଲେ। ସେମାନେ ପୂର୍ବରୁ ଏଠାରେ ଭଡ଼ାରେ ରହିଥିବା ବେଳେ କିଛି ଦିନ ତଳେ ଉଭାନ ହୋଇଯାଇଥିଲେ। ମଙ୍ଗଳବାର ସକାଳେ ସେହି ୧୦ଜଣ ସାହିରେ ବୁଲୁଥିବା ଦେଖି ସ୍ଥାନୀୟ ଯୁବକମାନେ ଘର ମାଲିକଙ୍କୁ ଏନେଇ ପଚାରିଥିଲେ। ଯୁକ୍ତିତର୍କ ଚାଲିବା ପରେ କେତେକ ଯୁବକ ଉତ୍ତ୍ୟକ୍ତ ହୋଇ ଖଣ୍ଡା, ଭୁଜାଲି ନେଇ ପ୍ରବାସୀଙ୍କୁ ଡରାଇବାକୁ ଚେଷ୍ଟା କରିଥିଲେ। କେତେ ଜଣ ବରିଷ୍ଠ ବ୍ୟକ୍ତି ଉତ୍ତ୍ୟକ୍ତ ଯୁବକଙ୍କୁ ବୁଝାଶୁଝା କରିବା ସହ ପୋଲିସକୁ ଖବର ଦେଇଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଦିବସରେ ବିଶ୍ୱବିଦ୍ୟାଳୟ ସମାଚାର ପତ୍ରିକାକୁ ଉନ୍ମୋଚନ କରାଯାଉଛି।

ପୁରୀ ଅଫିସ,୭।୭

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ନବନିର୍ମିତ ମାର୍ଗର ଉଭୟ ପାର୍ଶ୍ୱରେ ଶତାଧିକ ବୃକ୍ଷରୋପଣ କରାଯାଇଛି। କୋଭିଡ୍-୧୯ର ନିୟମକୁ ଅନୁପାଳନ କରି ବିଶ୍ୱବିଦ୍ୟାଳୟରେ ଏସ୍‌ବିଆଇ ଏବଂ ପୁରୀ ବନଖଣ୍ଡର ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ ହୋଇଛି। ଏଥିରେ ଶାନ୍ତିପାଠ, ବିଶ୍ୱବିଦ୍ୟାଳୟର କୁଳଗୀତ ଗାନ ସହ ବୃକ୍ଷରୋପଣ କରାଯାଇଥିଲା। କୁଳପତି ପ୍ରଫେସର ହରିହର ହୋତା, କୁଳସଚିବ ଡ. ଧରଣୀଧର ରଣା, ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ପୁରୀ ବନଖଣ୍ଡର ରେଞ୍ଜ ଅଧିକାରୀ ରଜତ କୁମାର ମହାପାତ୍ର, ଏସ୍‌ବିଆଇ ଭୁବନେଶ୍ୱର ଆଞ୍ଚଳିକ ପ୍ରବନ୍ଧକ ଶଙ୍କର୍ଷଣ ମଲ୍ଲିକ, ପୁରୀ ମୁଖ୍ୟ ଶାଖା ପ୍ରବନ୍ଧକ ସମ୍ବିତ ପଟ୍ଟନାୟକ, ବିଶ୍ୱବିଦ୍ୟାଳୟ ଶାଖା ପ୍ରବନ୍ଧକ ଅମଲ ଘୋଷ, ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘ ଉପସଭାପତି ଚକ୍ରଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟ ସମାଚାର ପତ୍ରିକା ଉନ୍ମୋଚନ କରାଯାଇଥିଲା। ଏଥିରେ ଯୋଗଦେଇଥିବା ସମସ୍ତ କର୍ମକର୍ତ୍ତା ମାସ୍କ ପରିଧାନ କରିବା ସହ ସାମାଜିକ ଦୂରତା ରକ୍ଷା କରିଥିଲେ।

# ଏସ୍‌ସିବିରେ ଆଣ୍ଟିଜେନ ଟେଷ୍ଟ ଆରମ୍ଭ

କଟକ ଅଫିସ,୭।୭

■ ପ୍ରଥମ ଦିନରେ ଜଣେ ପଜିଟିଭ, ୧୩ ନେଗେଟିଭ
■ ଟେଷ୍ଟ ଅଧିକ ହେଲେ ହସ୍ପିଟାଲରୁ କମିବ ସଂକ୍ରମଣ

ଏସ୍‌ସିବିରେ ମଙ୍ଗଳବାର ଅପରାହ୍ନରେ ଆରମ୍ଭ ହୋଇଛି ରାପିଡ୍ ଆଣ୍ଟିଜେନ ଟେଷ୍ଟ। ପ୍ରଥମ ଦିନ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୪ ଜଣ ରୋଗୀଙ୍କଠାରେ ଏହି ପରୀକ୍ଷା କରାଯାଇଛି। ଏଥିରେ ୧୩ ଜଣଙ୍କ ରିପୋର୍ଟ ନେଗେଟିଭ ଆସିଥିବା ବେଳେ କେବଳ ଜଣଙ୍କର ରିପୋର୍ଟ ପଜିଟିଭ ଆସିଛି ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ଜଣାଇଛନ୍ତି।

ପ୍ରଥମ ଦିନ ପରୀକ୍ଷା ପାଇଁ ସ୍ତ୍ରୀ ଓ ପ୍ରସୂତି ବିଭାଗର ଆଇସୋଲେଶନ ୱାର୍ଡ ଓ ଆଶୁ ଚିକିତ୍ସା ବିଭାଗର କେତେ ଜଣ ରୋଗୀଙ୍କ ନମୁନା ଭିଆର୍‌ଡିଏଲ୍ ପରୀକ୍ଷାଗାର (ଭାଇରୋଲୋଜି ରିସର୍ଚ୍ଚ ଡାଇଗ୍ନୋଷ୍ଟିକ ଲାବରେଟୋର)ରେ ଯାଞ୍ଚ କରାଯାଇଥିଲା। ଖୁବ୍ କମ୍ ସମୟ ମଧ୍ୟରେ ରୋଗୀଙ୍କୁ ରିପୋର୍ଟ ମିଳିଥିଲା। ପ୍ରଥମ ଦିନର ପରୀକ୍ଷା ପାଇଁ ମାଇକ୍ରୋ ବାୟୋଲୋଜି (ଅଣୁଜୀବ) ବିଭାଗର ମୁଖ୍ୟ ଡା. ନିରୁପମା ଚୟନୀ ସମସ୍ତ ବିଭାଗୀୟ ମୁଖ୍ୟ ତଥା ନୋଡାଲ ଅଫିସରଙ୍କ ସହ ଟେଷ୍ଟ ଷ୍ଟ୍ରାଟେଜି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରେ ସର୍ବସମ୍ମତିକ୍ରମେ ଅପରାହ୍ନରେ ଏହି ପରୀକ୍ଷା ହୋଇଥିଲା। ନମୁନା ସଂଗ୍ରହ ବେଳେ ଏସ୍‌ସିବି ଅଧୀକ୍ଷକ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ, ପ୍ରିନ୍ସିପାଲ ଡା. ଦତ୍ତେଶ୍ୱର ହୋତା, ପଲମୋନାରୀ ମେଡିସିନ ବିଭାଗ ମୁଖ୍ୟ ଡା. ଏମ୍.ଆର୍. ପଟ୍ଟନାୟକ, ଡା. ଜନ୍ମେଜୟ ମହାପାତ୍ର ଉପସ୍ଥିତ ଥିଲେ। ବୁଧବାରଠାରୁ ଏହି ପରୀକ୍ଷା ଅଧିକ ସଂଖ୍ୟାରେ କରାଯିବ। ଏହି ଟେଷ୍ଟ କରାଇବା ପାଇଁ ଚିକିତ୍ସା କରୁଥିବା ଡାକ୍ତର ହିଁ କାହାର ଟେଷ୍ଟ କରାଯିବ ଓ କାହାର କରାଯିବ ନାହିଁ, ସେଇ ନିଷ୍ପତ୍ତି ନେବେ।

# ୨୦୨୦ ରଥଯାତ୍ରାର ହେବ ଡକ୍ୟୁମେଣ୍ଟେଶନ

ପୁରୀ ଅଫିସ,୭।୭

■ ଆସନ୍ତା ବର୍ଷରୁ ରଥ ଉପରକୁ ମୋବାଇଲ ମନା
■ ପୁଣିଥରେ ସେବାୟତଙ୍କର ହେବ କୋଭିଡ୍ ଟେଷ୍ଟ
■ ଉତ୍ତମ ସେବକ ନିର୍ମାଣ କରିବାକୁ ହେବ

ଚଳିତବର୍ଷ ରଥଯାତ୍ରା ଏକ ଐତିହାସିକ ଯାତ୍ରା। ରଥ ନିର୍ମାଣଠାରୁ ଆରମ୍ଭ କରି ରଥଯାତ୍ରା ଶେଷ ନିଷ୍ପତ୍ତିରେ ସମ୍ଭବ ହେବା, ସମସ୍ତେ ଏକଜୁଟ ହୋଇ ସେବା କରିବା ତାହା ନିଶ୍ଚିତ ସମସ୍ତଙ୍କ ପାଇଁ ଅନୁକରଣୀୟ। ତେଣୁ ଏହାକୁ ସ୍ମରଣୀୟ କରିବା ପାଇଁ ୨୦୨୦ ରଥଯାତ୍ରାର ଡକ୍ୟୁମେଣ୍ଟେଶନ କରାଯିବ। ଏଥିରେ ଆଲେଖ୍ୟ ସହ ଫଟୋ, ଭିଡିଓ ରଖାଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର। ନୀଳାଦ୍ରି ଭକ୍ତ ନିବାସ ପରିସରରେ ମଙ୍ଗଳବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ଛତିଶା ନିଯୋଗର ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ମୁଖ୍ୟ ପ୍ରଶାସକ କହିଥିଲେ, ଏଥିରେ ରଥଯାତ୍ରାର ସମୀକ୍ଷା କରାଯାଇଛି। ସେବାୟତମାନେ ଶୃଙ୍ଖଳାରେ ରଥ ଟାଣିବା ଓ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଭକ୍ତମାନେ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି। ରଥଯାତ୍ରାରେ ସାମିଲ ସମସ୍ତ ସେବାୟତ, କର୍ମଚାରୀଙ୍କର ଆସନ୍ତା ୧୧, ୧୨, ୧୩ ଓ ୧୪ ତାରିଖରେ ପୁଣିଥରେ କୋଭିଡ୍ ଟେଷ୍ଟ କରାଯାଇ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ରିପୋର୍ଟ ଦିଆଯିବ। ସେବାୟତଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ସହାୟତା ଲାଗି ସେବକ କଲ୍ୟାଣ ସବ୍ କମିଟି ବୈଠକ ବସି ପଦକ୍ଷେପ ନିଆଯିବ। ଏହାସହ ଏଥର ରଥଯାତ୍ରାରେ ଅଣସେବାୟତ ପ୍ରବେଶର ତଦନ୍ତ ହେବ। ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆସନ୍ତା ବର୍ଷଠାରୁ



ରଥ ଉପରକୁ କୌଣସି ସେବାୟତ ମୋବାଇଲ ଫୋନ ନେଇପାରିବେ ନାହିଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ଗଜପତି ମହାରାଜା କହିଛନ୍ତି, ଏଥର ରଥଯାତ୍ରା ମହାପ୍ରଭୁ ହିଁ କରାଇଲେ। ବିନା ଭକ୍ତରେ ରଥଯାତ୍ରା ହେଲା, ସେବକମାନେ ରଥ ଟାଣି ଏକ ଅପୂର୍ବ ଦୃଶ୍ୟ ମଧ୍ୟ ଦେଖାଇଲେ। ତେଣୁ ନିର୍ଦ୍ଦେଶ ମାନିଥିବା ଅଗଣ୍ୟ ଭକ୍ତ ଓ ସେବକମାନଙ୍କୁ ଧନ୍ୟବାଦ ଦିଆଗଲା। ଅକ୍ଷୟ ତୃତୀୟାଠାରୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦିଗ୍‌ଦର୍ଶନ ଏବଂ ଆଶୀର୍ବାଦ ପ୍ରାପ୍ୟ ହେଲା। ତେଣୁ ଗୁରୁଜୀଙ୍କୁ ସମସ୍ତେ ସାଷ୍ଟାଙ୍ଗ ପ୍ରଣିପାତ ଜଣାଇଛନ୍ତି। ଆଗକୁ ମହାପ୍ରଭୁଙ୍କ ଦୈନିକ ସେବାପୂଜା, ନୀତିକାନ୍ତି କିପରି ଠିକ୍ ଭାବେ କରାଯିବ ସେନେଇ ଆଲୋଚନା ହୋଇଛି। ସେବକଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କେତେକ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ଯଦି ସେବକମାନେ ଖୁସିରେ ରହି ସେବା ପୂଜା କଲେ ମହାପ୍ରଭୁ ଖୁସି ହେବେ। ନାଗାର୍ଜୁନ ବେଶ ନେଇ କୌଣସି ଆଲୋଚନା ହୋଇ ନଥିବାବେଳେ ସମୟ ପୂର୍ବରୁ ଆଲୋଚନା ହେବ ବୋଲି ଗଜପତି ମହାରାଜା କହିଛନ୍ତି। ବୈଠକରେ ପରିଚାଳନା କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ କମିଟି ସଦସ୍ୟ, ଅନ୍ୟାନ୍ୟ ଅଧିକାରୀ ଏବଂ ଛତିଶା ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏମ୍‌ବିଏ ପାସ୍ କଲେ, ଚାଷକୁ ଆପଣାଇ ନେଲେ

ପିଲାଟିବେଳରୁ ପାଠପଢ଼ା ପ୍ରତି ତାଙ୍କର ଯେପରି ଆଗ୍ରହ ଥିଲା ସେହିପରି ଆଗ୍ରହ ବି ଥିଲା ଚାଷପ୍ରତି। ଆଉ ଦିନକୁ ଦିନ ଚାଷକାର୍ଯ୍ୟ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବାର ଝୁଙ୍କ୍ ବଢୁଥିଲା। ପରବର୍ତ୍ତୀ ସମୟରେ ସେ ଏମ୍‌ବିଏ ଡିଗ୍ରୀ ହାସଲ କଲେ, ମାତ୍ର ଚାକିରି ଆଡ଼କୁ ତାଙ୍କର ମନବଳି ନ ଥିଲା। ସ୍ୱରୋଜଗାରକ୍ଷମ ହେବାକୁ ସେ ଚାଷକୁ ଆପଣାଇନେଲେ। ମାତ୍ର ବର୍ଷ କେଇଟାରେ ସେ ସ୍ୱାବଲମ୍ବୀ ହେବା ସହ ଆଉ କେତେଜଣଙ୍କୁ ରୋଜଗାରର ଆଉ ପ୍ରଥମ ବର୍ଷ ହିଁ ୪୦ରୁ ୪୫ କି.ଗ୍ରା. ଓଜନର କଦଳୀ କାନ୍ଦି ଉତ୍ପାଦନ ହେଲା। ପାଞ୍ଚ ଏକର ଜାଗାରୁ ପ୍ରାୟ ପାଞ୍ଚଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ କରିଥିବା କୁହନ୍ତି ରଣଦୀପ୍। ତା'ପରେ କଦଳୀ ଚାଷରେ ବିଭିନ୍ନ ଯନ୍ତ୍ରପାତି ପ୍ରୟୋଗ, ଉତ୍କୃଷ୍ଟ ଧରଣର କଦଳୀ ଉତ୍ପାଦନ କଲେ। ପୁଣି ଏହି କାର୍ଯ୍ୟରେ ଆଉ କେତେଜଣଙ୍କୁ ରୋଜଗାର ମଧ୍ୟ ଯୋଗାଇଦେଲେ। ଏଥିସହ କିଛିବର୍ଷ ମଧ୍ୟରେ ଦେବଗଡ଼ ଜିଲାରେ ଅଗ୍ରଣୀ କଦଳୀ ଚାଷୀ ଭାବେ ନିଜ ପରିଚୟ




ବାଟ ଦେଖାଇଲେ। ଏଥିସହ ଜଣେ ଅଗ୍ରଣୀ ଯୁବଚାଷୀଭାବେ ନିଜକୁ ପରିଚିତ କରାଇବାରେ ହୋଇଛନ୍ତି ସକ୍ଷମ। ସେ ହେଲେ ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ଅକ୍ଷରଶିଳା ଗ୍ରାମର ରଣଦୀପ୍ ପ୍ରଧାନ(ମୋ: ୯୭୭୭୦୯୦୮୦୫)। ମା' ମାଳତୀ ପ୍ରଧାନ ଓ ବାପାଙ୍କ ନାମ ମଧୁସୂଦନ ପ୍ରଧାନ। ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ନିଷ୍ପତ୍ତି ନେବା ପରେ ୨୦୧୧ରେ ରଣଦୀପ୍ ଆରମ୍ଭ କଲେ କଦଳୀ ଚାଷ। ପ୍ରଥମେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସହ ପରାମର୍ଶ କରି ନିଜ ପାଞ୍ଚ ଏକର ଜମିର ମାଟି ପରୀକ୍ଷା କରାଇଥିଲେ। ତା'ପରେ ଜି-୯ କିସମର ଟିସୁ କଲ୍ଚର ଚାରା ଆଣି ଉତ୍ତମ ଖାଦ୍ୟସାର ଦେଇ ଚାଷ କଲେ। ଏଥିସହ ବୁନ୍ଦା ଜଳସେଚନ, ଜିଆଖତ ପ୍ରୟୋଗ, ଘାସ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଲେ। ସୃଷ୍ଟି କଲେ ରଣଦୀପ୍। କିନ୍ତୁ ଗତ ମାର୍ଚ୍ଚ ମାସରୁ କରୋନା ମହାମାରୀ ଯୋଗୁ ଲକ୍‌ଡାଉନ୍ ହୋଇଗଲା। ଏଭଳି ପରିସ୍ଥିତିରେ କଦଳୀ ବିକ୍ରିରେ ଘୋର ଅସୁବିଧା ହେଲା। ସ୍ୱଳ୍ପ ମୂଲ୍ୟରେ କଦଳୀ ବିକ୍ରି ହେବାରୁ ଆୟ କମିଲା। ଆର୍ଥିକ ଦୃଷ୍ଟିକୋଣରୁ କ୍ଷତି ହୋଇଥିଲେ ବି ତାଙ୍କ ମନୋବଳ ଭାଙ୍ଗିଯାଇନି। ଲକ୍‌ଡାଉନ୍ ଖୋଲିବା ପରେ ଧୀରେ ଧୀରେ କଦଳୀ ବିକ୍ରି ବଢ଼ିବା ସହ ଆୟ ବଢୁଥିବା କୁହନ୍ତି ରଣଦୀପ୍। ତେବେ ଚାକିରି ପଛରେ ନ ଗୋଡ଼ାଇ ଜଣେ ଚାଷକାର୍ଯ୍ୟ ମାଧ୍ୟମରେ ନିଶ୍ଚିତ ସ୍ୱାବଲମ୍ବୀ ହୋଇପାରିବ ବୋଲି ଦୃଢୋକ୍ତି ବ୍ୟକ୍ତ କରନ୍ତି ଏହି ଉଚ୍ଚଶିକ୍ଷିତ ଯୁବଚାଷୀ।

*- ଶଶାଙ୍କ ଶେଖର ଝାଙ୍କର*

# କୁକୁଡ଼ା ପାଳନ



-କୁକୁଡ଼ାଘର ଭିତରକୁ ଶୁଖିଲା ରଖନ୍ତୁ।
- ପ୍ରତି ୧୦୦ ବର୍ଗଫୁଟରେ ୮ କି.ଗ୍ରା. ଚୂନ ପକାନ୍ତୁ।
- କକ୍‌ସିଡ଼ିଆ ପ୍ରତିଷେଧକ ଔଷଧ ଦାନା କିମ୍ବା ପାଣିରେ ମିଶାଇ ଖାଇବାକୁ ଦିଅନ୍ତୁ।
- ରାଣୀକ୍ଷେତ, ଆଇ.ବି.ଡ଼ି. ରୋଗର ଟିକା ଯଥାକ୍ରମେ ୫ ରୁ ୭ ଦିନ ଓ ୧୨ ରୁ ୧୪ ଦିନ ବୟସର ବ୍ରଏଲର୍ କୁକୁଡ଼ାଙ୍କୁ ଦିଅନ୍ତୁ।
-କୁକୁଡ଼ା ଘରର ଲିଟର / ତୃଣଶଯ୍ୟାକୁ ଓଦା ହେବାକୁ ଦିଅନ୍ତୁ ନାହିଁ ଏବଂ ପ୍ରତି ୩-୪ ଦିନ ବ୍ୟବଧାନରେ ଏହାକୁ ବଦଳାନ୍ତୁ।

# ମାଛ ଚାଷ ଓ ମହିଳା ଗୋଷ୍ଠୀ



ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ, ମିଶନ ଶକ୍ତି ବିଭାଗ ଓ ୱାର୍ଲ୍ଡ ଫିସ୍ ମିଳିତ ଉଦ୍ୟମରେ ''ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ'' କାର୍ଯ୍ୟକ୍ରମ ଚାଲିଛି। ରାଜ୍ୟରେ ମିଶନ ଶକ୍ତି ମାଧ୍ୟମରେ ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି। ସେଥିମଧ୍ୟରୁ ସ୍ଥିରୀକୃତ ଗୋଷ୍ଠୀଙ୍କୁ ପଞ୍ଚାୟତ ପୋଖରୀ ଦୀର୍ଘମିଆଦୀ (୩ବର୍ଷ ବା ତତୁର୍ଦ୍ଧ) ଲିଜ୍ ସୂତ୍ରରେ ପ୍ରଦାନ କରି ସେଥିରେ ମାଛ ଚାଷ କରାଯାଉଛି।

ରାଜ୍ୟରେ ମୌସୁମୀ ପ୍ରବାହ ଆରମ୍ଭ ହୋଇଯାଇଛି ଓ ଜଳାଶୟଗୁଡ଼ିକରେ ଜଳ ମଧ୍ୟ ଗଚ୍ଛିତ ହୋଇସାରିଲାଣି। ଓଡ଼ିଶାରେ ଏବର୍ଷ ଆଗୁଆ ଭାବେ ସରକାରୀ ମାଛ ଫାର୍ମଗୁଡ଼ିକରେ ଯାଆଁଳ ଉତ୍ପାଦନ ଆରମ୍ଭ ହୋଇଯାଇଥିବାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ଲିଜ ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପ୍ରସ୍ତୁତି ଆରମ୍ଭ କରିଦେବା ଆବଶ୍ୟକ। ଲିଜ୍ ହୋଇଥିବା ପୋଖରୀର ହୁଡାକୁ ଉତ୍ତମ ରୂପେ ପରୀକ୍ଷା କରାନ୍ତୁ। ଆବଶ୍ୟକ ହେଲେ ମରାମତି ମଧ୍ୟ କରନ୍ତୁ। ଯେପରି ବାହାରୁ ବର୍ଜ୍ୟଜଳ ପୋଖରୀ ମଧ୍ୟକୁ ପ୍ରବେଶ କରି ନ ପାରିବ ଏବଂ ପୋଖରୀ ମଧ୍ୟରୁ ଜଳ ଯେପରି ବାହାରକୁ ଚାଲି ନ ଯାଏ। ହୁଡା ଓ ପୋଖରୀରୁ ଦଳ ଏବଂ ଘାସ ଆଦି ସଫା କରନ୍ତୁ। ପୋଖରୀ ମଧ୍ୟରେ ସୂର୍ଯ୍ୟକିରଣ ପଡିବାର ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛର ଡାଳପତ୍ର ହାଣି ଦିଅନ୍ତୁ। ହୁଡାରେ ବଡ ବଡ ଗଛ ରହିଲେ ଏହାର ପତ୍ର ଝଡି ପୋଖରୀ ପାଣିକୁ ଦୂଷିତ କରିବା ସହ ପୋଖରୀ ମଧ୍ୟକୁ ସୂର୍ଯ୍ୟାଲୋକ ପଡିବାରେ ବାଧା ସୃଷ୍ଟି କରିଥାଏ। ପୋଖରୀ ଶୁଖାଇ ଦେଲେ ଭଲ, ନଚେତ ବାରମ୍ବାର ଜାଲ ପକାଇ ଶିକାରୀ ଓ ଅନାବଶ୍ୟକ ମାଛ ବାହାର କରିଦିଅନ୍ତୁ। ଆବଶ୍ୟକ ସ୍ଥଳେ ମହୁଲ ପିଡିଆ କିମ୍ବା ବ୍ଲିଚିଂ ପାଉଡର ଓ ୟୁରିଆ ସାରର ମିଶ୍ରଣ ପ୍ରୟୋଗ ଦ୍ୱାରା ଶିକାରୀ ମାଛ ନିରାକରଣ କରାଯାଇପାରିବ। ଶିକାରୀ ମାଛ ଓ ଅଦରକାରୀ ମାଛ ମାରିବା ପାଇଁ ଏକ ଏକର/ମିଟର ଜଳାୟତନ ମିଛା ଏକ ହଜାର କିଗ୍ରା ମହୁଲ ପିଡିଆ କିମ୍ବା ୧୦୦ କିଗ୍ରା ବ୍ଲିଚିଙ୍ଗ ପାଉଡର, ୩୦ କିଗ୍ରା ୟୁରିଆ ସାର ମିଶାଇ ପ୍ରୟୋଗ କଲେ ଏସବୁ ମାଛ ମରିଯାଆନ୍ତି। ଏହା ପ୍ରୟୋଗ କରିବାର ୨୦ ଦିନ ପରେ ମାଛ ଯାଆଁଳ ଛଡାଯାଇପାରେ।

**ଚୂନ ପ୍ରୟୋଗ :** ପୋଖରୀରେ ମାଛଙ୍କ ପ୍ରାକୃତିକ ଖାଦ୍ୟ ସୃଷ୍ଟି ପାଇଁ ପୋଖରୀର ଉର୍ବରତା ନିହାତି ଆବଶ୍ୟକ। ଏହି ଉର୍ବରତା ବୃଦ୍ଧି ଲାଗି ସେଥିରେ ଚୂନ ଓ ଖତସାର ଇତ୍ୟାଦି ପ୍ରୟୋଗ କରନ୍ତୁ। ଚୂନ ମାଛ ଚାଷ ପାଇଁ ଏକାନ୍ତ ଆବଶ୍ୟକ। ପୋଖରୀ ଜଳର ଖାରତ୍ୱ ପୋଖରୀର ଉର୍ବରତା ଶକ୍ତିର ପ୍ରଧାନ ମାପକାଠି। ଚୂନ ପୋଖରୀର ପାଣି ଓ ମାଟିର ଅମ୍ଳତ୍ୱ ଦୂର କରେ। ପୋଖରୀ ପାଣିକୁ ବିଶୋଧନ କରି ଏହାକୁ ଜୀବାଣୁମୁକ୍ତ କରିଥାଏ। ଜଳରେ ଅମ୍ଳଜାନ ଦ୍ରବୀଭୂତ କରିବାରେ ସାହାଯ୍ୟ କରେ। ଚୂନ ମାଛର ହାଡ ଓ କାତିକୁ ଦୃଢ଼ କରେ। ପ୍ରଥମ ପର୍ଯ୍ୟାୟରେ ଏକର ପିଛା ୧୦୦ କିଗ୍ରା ଚୂନ ପ୍ରୟୋଗ କରିବାକୁ ପଡିଥାଏ।



**ଖତ ଓ ସାର ପ୍ରୟୋଗ :** ପୋଖରୀରେ ମାଛର ପ୍ରାକୃତିକ ଖାଦ୍ୟ (ପ୍ଲାଙ୍କଟନ୍) ସୃଷ୍ଟି ପାଇଁ ଖତ ଓ ସାର ପ୍ରୟୋଗ ନିହାତି ଆବଶ୍ୟକ। ଚୂନ ପ୍ରୟୋଗର ଏକ ସପ୍ତାହ ପରେ ୧ଏକର ଜଳଆୟତନ ପାଇଁ ୧୦ କୁଇଣ୍ଟାଲ କଞ୍ଚା ଗୋବର ପ୍ରୟୋଗ କରନ୍ତୁ। ଏହାର ୭ଦିନ ପରେ ୨୦ କିଗ୍ରା ସିଙ୍ଗିଲ୍ ଫସଫେଟ୍ ଓ ୪ କିଗ୍ରା ଅଣୁସାର/ଖଣିଜସାର ପ୍ରୟୋଗ କରନ୍ତୁ।


ପ୍ରକାଶ ତ୍ରିପାଠୀ

**ମାଛ ଯାଆଁଳ :** ଲାଭପ୍ରଦ ମାଛଚାଷରେ ଗୁଣାତ୍ମକ ତଥା ଉନ୍ନତ ମାଛ ଯାଆଁଳ ପୋଖରୀରେ ଛାଡିବା ଆବଶ୍ୟକ। ବର୍ତ୍ତମାନ ରାଜ୍ୟରେ ଚାଷ ଉପଯୋଗୀ ବିଭିନ୍ନ ପୋଖରୀରେ ବଡ ଯାଆଁଳ ବା ଆଙ୍ଗୁଳିକା ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି। ସରକାରୀ ହ୍ୟାଚେରୀଗୁଡ଼ିକରେ ଅଙ୍ଗୁଳିକା ଯାଆଁଳ ଉପଲବ୍ଧ ହେଉଥିବାରୁ ମହିଳାଗୋଷ୍ଠୀମାନେ ସେଠାରୁ ଯାଆଁଳ କିଣିବା ପାଇଁ ପରାମର୍ଶ ଦିଆଯାଉଛି। ହେକ୍ଟର ପିଛା ୨୭୦୦ (୫୦ରୁ ୧୦୦ ଗ୍ରାମ) ମିଶ୍ରିତ ଯାଆଁଳ (ରୋହି,ଭାକୁର ଓ ମିରିକାଳି) ଛାଡିବା ସହ ମହୁରାଳି ବା ଜଳଖିଆ ମାଛ (ଗ୍ରାସ୍ କାର୍ପ) ଯାଆଁଳ ଛାଡିଲେ ଅଧିକ ଅମଳ ମିଳିଥାଏ। ଯଦି ବର୍ଷିକିଆ ଜାଆଁଳ ଛାଡି ମାଛ ଚାଷ କରାଯାଏ, ତେବେ ଏହାର ବଞ୍ଚିବା ହାର ଅଧିକ ଥିବାରୁ ଲାଭ ଅଧିକ ମିଳେ।

**ପରବର୍ତ୍ତୀ ଯତ୍ନ :** ଯାଆଁଳ ଛାଡିବା ପରେ ପୋଖରୀରେ ମାସିକ ଖତସାର ପ୍ରୟୋଗ କରନ୍ତୁ। ଜାଆଁଳ ଛାଡିବାର ୧୫ଦିନ ପରେ ଏକର ପିଛା ମାସିକ ୧୦ କିଗ୍ରା ଚୂନ ପାଣିରେ ଗୋଳାଇ ଚାରିଆଡେ ଛିଞ୍ଚନ୍ତୁ। ଚୂନ ପ୍ରୟୋଗର ୭-୧୦ଦିନ ପରେ ଏକର ପିଛା ମାସିକ ୩୦୦ କିଗ୍ରା କଞ୍ଚା ଗୋବର ପ୍ରୟୋଗ କଲେ ଭଲ। ଏହାଦ୍ୱାରା ପୋଖରୀରେ ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତ ହୁଏ। ଏହି ଖତସାର ଯାଆଁଳ ଛାଡିବା ଠାରୁ ପ୍ରତ୍ୟେକ ମାସରେ ଦଶ ମାସ ପର୍ଯ୍ୟନ୍ତ ବା ମାଛ ଧରିବା ପର୍ଯ୍ୟନ୍ତ ଦିଆଯାଏ।

**କୃତ୍ରିମ ଖାଦ୍ୟ ପ୍ରୟୋଗ :** ମାଛ ଚାଷରେ ଖାଦ୍ୟ ପରିଚାଳନାର ଗୁରୁତ୍ୱ ଅଧିକ। ମାଛ ଉତ୍ପାଦନ ଖର୍ଚ୍ଚର ୬୦ ପ୍ରତିଶତ କେବଳ ଖାଦ୍ୟ ବାବଦରେ ବ୍ୟୟ ହୋଇଥାଏ। ପ୍ରାକୃତିକ ଖାଦ୍ୟ ସହ ଚାଷୀକୁ ଅତିରିକ୍ତ ଖାଦ୍ୟ ଦେବାକୁ ପଡିଥାଏ। ଏହା ମାଛକୁ ରୋଗମୁକ୍ତ କରିବା ସହ ମାଛ ବୃଦ୍ଧିରେ ସହାୟକ ହୋଇଥାଏ ଓ ଚାଷ ଅବଧିକୁ ହ୍ରାସ କରେ। ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ନିମନ୍ତେ ନିୟମିତ ଭାବେ ପ୍ରତିଦିନ ପ୍ରୋଟିନଯୁକ୍ତ ଖାଦ୍ୟ ପ୍ରୟୋଗ ଆବଶ୍ୟକ। ଏହା ମୁଖ୍ୟତଃ ଭାସମାନ ଖାଦ୍ୟ ଓ ବୁଡା ଖାଦ୍ୟ ହିସାବରେ ମିଳୁଅଛି। ଯେଉଁଠାରେ ଏହି କୃତ୍ରିମ ଖାଦ୍ୟ ମିଳୁନାହିଁ, ସେଠାରେ ପାରମ୍ପରିକ କାଣ୍ଡିଆକୁଣ୍ଡା ଓ ପିଡିଆର ମିଶ୍ରଣକୁ ମିଶାଇ ପୋଖରୀରେ ପ୍ରୟୋଗ କରିବାକୁ ପଡିବ।

**ମାଛ ରୋଗ :** ବିଭିନ୍ନ କାରଣ ପାଇଁ ପୋଖରୀରେ ମାଛକୁ ରୋଗ ଆକ୍ରମଣ କରିଥାଏ। ଜଳ ପରିଚାଳନାରେ ତ୍ରୁଟି, ଅତ୍ୟଧିକ ଯାଆଁଳ ଛାଡିବା, ଅନୁନ୍ନତ ଯାଆଁଳ ଛାଡିବା, ଖାଦ୍ୟ ଅଭାବ ଆଦି କାରଣରୁ ମାଛଙ୍କୁ ରୋଗ ହୋଇଥାଏ। ଉତ୍ତମ ପରିଚାଳନା ପଦ୍ଧତି ଦ୍ୱାରା ଅଣ ସଂକ୍ରାମକ ରୋଗ ନିରାକରଣ କରାଯାଇପାରିବ। ସଂକ୍ରାମକ ରୋଗ ହେଲେ ମହିଳା ଗୋଷ୍ଠୀମାନେ ତୁରନ୍ତ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ପ୍ରତିକାର ବ୍ୟବସ୍ଥା କରିବେ।

**ମାଛ ଅମଳ :** ବଜାରର ଆବଶ୍ୟକତା ଓ ପୋଖରୀର ମାଛ ଚାଷର ଅବଧି ଉପରେ ନିର୍ଭର କରି ମହିଳା ଗୋଷ୍ଠୀମାନେ ମାଛ ଧରନ୍ତୁ। ଆବଶ୍ୟକତା ଅନୁଯାୟୀ ଜାଲ ଦ୍ୱାରା ମାଛ ଧରିପାରିବେ, ନଚେତ୍ ପୋଖରୀରେ ପାଣି ଶୁଖିଯିବାର ଆଶଙ୍କା ହେଲେ ପୋଖରୀ ଶୁଖାଇ ମାଛ ଧରିପାରିବେ। ପୋଖରୀରୁ ବାରମ୍ବାର ମାଛ ଅମଳ କରିବା ଓ ତା'ପରେ ଯାଆଁଳ ଛାଡିବା ସବୁଠାରୁ ଅଧିକ ଲାଭଜନକ ପଦ୍ଧତି। ଯେଉଁ ସଂଖ୍ୟାରେ ପୁଣି ସମ ଅନୁପାତରେ ମାଛ ଯାଆଁଳ (୧୦୦ ଗ୍ରାମରୁ ଅଧିକ) ଛଡାଯାଏ। ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ଛଅମାସ ଅବଧି ମଧ୍ୟରେ ୫୦-୧୦୦ ଗ୍ରାମର ଯାଆଁଳ ଗଚ୍ଛିତ କରି ମାଛ ଚାଷ କଲେ ଦେଢ଼ ଲକ୍ଷ ଟଙ୍କା ଲାଭ ମିଳିପାରିବ।

*-ରଚନା ଅଧିକାରୀ, ମତ୍ସ୍ୟ ନିର୍ଦ୍ଦେଶାଳୟ, କଟକ, ମୋ: ୬୩୭୦୫୩୭୩୭୯*

## ଚିନାବାଦାମ

ମଞ୍ଜିକୁ ଫିମ୍ପିନାଶକ (ମେଟାଲାକ୍‌ସିଲ୍ + ମାନ୍‌କୋଜେବ୍ -୨ ଗ୍ରାମ୍, କାର୍‌ବୋକ୍ସିନ୍ + ଥିରାମ୍ - ୨ ଗ୍ରାମ୍ / ୧ କି.ଗ୍ରା. ମଞ୍ଜି ହିସାବରେ) ଓ ରାଇଜୋବିୟମ ୧୦ କି.ଗ୍ରା. ମଞ୍ଜି ପ୍ରତି ୨୦୦ ଗ୍ରାମ୍ ହିସାବରେ ଉପଚାର କରାଇ ପ୍ରଥମ ସପ୍ତାହ ମଧ୍ୟରେ ବୁଣି ଦିଅନ୍ତୁ। ବୁଣିବାର ଏକ ସପ୍ତାହ ପୂର୍ବରୁ ଫିମ୍ପି ନାଶକ ଔଷଧ ଏବଂ ବୁଣିବା ଦିନ ଜୀବାଣୁ କଲ୍‌ଚର ଉପଚାର କରନ୍ତୁ।
- ୩ ସପ୍ତାହର ଫସଲ ହୋଇଥିଲେ କୋଡ଼ାଖୋସା କରି ଘାସ ବାଛି ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ଦେଇ ଦିଅନ୍ତୁ।

## ସୂର୍ଯ୍ୟମୁଖୀ ଓ ରାଶି

ଏହାର ବିହନକୁ ଫିମ୍ପିନାଶକ (କାର୍ବୋକ୍ସିନ୍+ ଥିରାମ୍/ମେଟାଲାକ୍‌ସିଲ୍ + ମାନ୍‌କୋଜେବ୍ କି.ଗ୍ରା. ପ୍ରତି ୨ ଗ୍ରାମ୍ ହିସାବରେ) ଉପଚାର କରାଇ ଏ ମାସର ମଧ୍ୟଭାଗ ସୁଦ୍ଧା ବୁଣା କାର୍ଯ୍ୟ ଶେଷ କରନ୍ତୁ। ରାଶି ଗଛ ସଂଖ୍ୟା ଅଧିକ ଥିଲେ ଦୁଇ ସପ୍ତାହ ମଧ୍ୟରେ ଆବଶ୍ୟକ ଗଛ ରଖି ଅନାବଶ୍ୟକ ଗଛ ଉପାଡ଼ି ଦିଅନ୍ତୁ ଏବଂ ୨୦-୨୧ ଦିନରେ କୋଡ଼ାଖୋସା କରି ଘାସ ବାଛି ଅନୁମୋଦିତ ସାର ପ୍ରୟୋଗ କରନ୍ତୁ।

## ଗୋପାଳନ

ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ।
- ଫାଟୁଆ, ପ୍ଳିହା ଜ୍ୱର, ବଜବଜିଆ, ସାହାଣ ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବର୍ଷା ପୂର୍ବରୁ ଟିକା ଦିଅନ୍ତୁ।
- ଗୋରୁଙ୍କ ଝାଡ଼ା ପରୀକ୍ଷା କରି କୃମି ଔଷଧ ଦିଅନ୍ତୁ।
-ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ଔଷଧ ସିଞ୍ଚନ କରନ୍ତୁ।
- ଗୁହାଳରୁ ବର୍ଜ୍ୟବସ୍ତୁ ଏବଂ ଜଳ ନିଷ୍କାସନର ଉପଯୁକ୍ତ ବ୍ୟବସ୍ଥା କରନ୍ତୁ। ଗୁହାଳ ଚତୁଃପାର୍ଶ୍ୱରେ ପାଣି ଜମାହେବାକୁ ଦିଅନ୍ତୁ ନାହିଁ।

## ଫଳଚାଷ



ଆମ୍ବ, ନଡ଼ିଆ, ପିଜୁଳି, ସପେଟା, ଲିଚୁ, ପଣସ, ସଜନା, ଅମୃତଭଣ୍ଡା, କମଳା, ଲେମ୍ବୁ ଆଦିର ଉନ୍ନତ ବା ସଙ୍କର କିସମ ଗଛ କିମ୍ବା କଲମୀ ଗଛ ଆଣି ଅନୁମୋଦିତ ପ୍ରଣାଳୀରେ ରୋପଣ କରନ୍ତୁ।
- କଲମୀ ଚାରାର ମାଆ ଗଛ ଅଂଶରୁ ବାହାରୁଥିବା ସମସ୍ତ ଗଜା ଡାଳକୁ ପ୍ରଥମରୁ ନଷ୍ଟ କରିଦିଅନ୍ତୁ।
- ଫଳ ବଗିଚାରୁ ଘାସ ଓ ଅନାବନା ଗଛ ନଷ୍ଟ କରି ସଫା ସୁତୁରା ରଖନ୍ତୁ।
- ପ୍ରଥମ ଦଫା ସାରକୁ ଏହି ସମୟରେ ଗଛମୂଳରେ ପ୍ରୟୋଗ କରନ୍ତୁ।
- ଆବଶ୍ୟକ ଅନୁଯାୟୀ ଫଳ ଗଛରେ କାଟଛାଣ୍ଟ କରନ୍ତୁ।
- ଗଛ ମୂଳରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।

# ବ୍ୟବସାୟିକ ଭିତ୍ତିରେ ପାଣି ସିଙ୍ଗଡା ଚାଷ


କିଶୋର ଚନ୍ଦ୍ର ପଣ୍ଡା

ବର୍ଷାଋତୁରେ ପୋଖରୀ/ଗାଡିଆ ବା ପାଣି ଜମି ରହୁଥିବା ସ୍ଥାନରେ ପାଣି ସିଙ୍ଗଡା ମିଳିଥାଏ। ଏହାର ଔଷଧୀୟ ଗୁଣକୁ ଆଖି ଆଗରେ ରଖି ଏହାର ବ୍ୟବସାୟିକ ଭିତ୍ତିରେ ଚାଷ ଆରମ୍ଭ କରାଗଲାଣି। ବିଶେଷତଃ ଉତ୍ତର ପ୍ରଦେଶର ଲକ୍ଷ୍ନୌ, ବାରବାଙ୍କି, ରାୟବରେଲି, ଉନ୍ନାଓ, ସୀତାପୁର ଆଦି ପାଣି ସିଙ୍ଗଡା ଚାଷରେ ଆଗୁଆ ଅଟନ୍ତି। ଏପରି କି ଆମ ରାଜ୍ୟର ବାଲେଶ୍ୱର ଜିଲାରେ କେତେକ ଚାଷୀ ଏହାକୁ ବ୍ୟବସାୟିକ ଭିତ୍ତିରେ ଚାଷ କରୁଥିବାର ନଜରକୁ ଆସିଲାଣି। ଓଡିଶାରେ ଏହାର ଦାମ୍ ୬୦-୮୦ ମଧ୍ୟରେ ରହିଥାଏ।

**ଚାଷ ପ୍ରଣାଳୀ:** ଏହା ଏକ ଜଳଦ ଉଦ୍ଭିଦ। ଏବେଠାରୁ ଅଗଷ୍ଟ ମାସର ପ୍ରଥମ ପକ୍ଷ ଯାଏ ଏହାକୁ ଲଗାଯାଇପାରିବ। ଗ୍ରାମାଞ୍ଚଳର ଅନୁଭବୀ ବୟସ୍କମାନେ ଏହାକୁ ଚାଷ କରିବାର କଳା କୌଶଳ ଭଲ ଭାବରେ ଜାଣିଥାଆନ୍ତି। ଛୋଟ ପୋଖରୀ ବା ଗାଡିଆରେ ଏହାର ବିହନକୁ ଲଗାଇ ଚାରା ପ୍ରସ୍ତୁତ କରାଯାଇଥାଏ। ପ୍ରାୟ ମାସକ ପରେ ଏହା ପ୍ରସ୍ତୁତ ହୋଇଯାଇଥାଏ। ତା'ପରେ ଏହି ଲଟାକୁ ବାହାର କରି ଚାଷ ଉପଯୋଗୀ ବଡ ପୋଖରୀରେ ଲଗାଯାଇଥାଏ। ଏହା ପ୍ରାକୃତିକ ଭାବରେ ପୋଖରୀ ସାରା ମାଡିଯାଇ ପ୍ରଚୁର ଅମଳ ଦେଇଥାଏ। ଏଥିରେ ସାର ପ୍ରୟୋଗର ବିଶେଷ ଆବଶ୍ୟକତା ନ ଥାଏ। ନିମ୍ବ ବା କରଞ୍ଜ ତେଲକୁ ମଝିରେ ମଝିରେ ପାଣିରେ ମିଶାଇ ସିଞ୍ଚନ କଲେ ରୋଗ ପୋକର ଭୟ ମଧ୍ୟ ନ ଥାଏ।





**ବ୍ୟବହାର:** ଏଥିରେ ପ୍ରଚୁର ପରିମାଣର ଆୟୋଡିନ୍ ତଥା ଅନ୍ୟାନ୍ୟ ପୋଷକତତ୍ତ୍ୱ ଥିବାରୁ ଏହାକୁ କଞ୍ଚା ଖିଆଯାଇଥାଏ। ଏହା ବଳବର୍ଦ୍ଧକ ତଥା ଶରୀର ସୁଗଠିତ କରୁଥିବାରୁ ଏଥିରୁ ବିଭିନ୍ନ ପ୍ରକାର ଆୟୁର୍ବେଦୀୟ ଔଷଧ ତଥା ପଥ୍ୟ ପ୍ରସ୍ତୁତ କରାଯାଇଥାଏ। କେବଳ ସେତିକି ନୁହେଁ, ଏହାର ଚୋପା ଛଡାଇ ଶୁଖାଇ ଏଥିରୁ ସ୍ୱତନ୍ତ୍ର ପ୍ରକାରର ଅଟା ପ୍ରସ୍ତୁତ କରାଯାଇଥାଏ, ଯାହାକୁ ବିଶେଷଭାବରେ ବ୍ରତ ବା ପୂଜା ଉପବାସ ଦିନମାରେ ଖିଆଯାଏ। କେତେକ ବ୍ୟବସାୟିକ ସଂସ୍ଥା ଏପରି ଅଟା ପ୍ରସ୍ତୁତ କରି ବିକ୍ରୟ କଲେଣି। ଏସିଆ ମହାଦେଶରେ ଏହାର ବ୍ୟବହାର ସର୍ବାଧିକ ହେଉଥିବାର ଏକ ସର୍ବେକ୍ଷଣରୁ ଜଣାଯାଏ।

ତେବେ ଅନ୍ୟ ଫସଲ ଭଳି ଏହାର ମଞ୍ଜି ବା ଚାରା କୌଣସି ନର୍ସରିରେ ଏ ପର୍ଯ୍ୟନ୍ତ ମିଳିନାହିଁ। ବ୍ୟକ୍ତିଗତ ଭାବରେ ଏହାକୁ ସଂଗ୍ରହ କରି ଚାଷ କରାଯାଇପାରେ। ଆମ ରାଜ୍ୟର କୃଷି, ଉଦ୍ୟାନ, ଫଳବିଜ୍ଞାନୀମାନେ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଚାଷୀ, ଯୁବବର୍ଗ ତଥା ମହିଳାମାନଙ୍କର ଆର୍ଥିକ ଉନ୍ନତି ହେବା ସହ ଏକ ନୂତନ ଅଧ୍ୟାୟର ସୂତ୍ରପାତ ହୋଇପାରନ୍ତା।

*-ଜୈବିକ କୃଷି ବିଶେଷଜ୍ଞ, ମୋ : ୯୦୭୮୦୬୦୦୪୩*

# ଡାଲି ଜାତୀୟ ଫସଲରେ ଔଷଧ ପ୍ରୟୋଗ



ଆଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇ.ପି.ଏମ୍. ୦୨-୩, ଆଇ.ପି.ଏମ୍. ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶି), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶି କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ।
- ବିହନକୁ ଫିମ୍ପିନାଶକ ଔଷଧ ଓ ଜୀବାଣୁ କଲ୍‌ଚର ଉପଚାର କରି ବୁଣନ୍ତୁ। ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପି.ଏସ୍.ବି.) ସହିତ ଗୋଳାଇ ବୁଣନ୍ତୁ।
- ଘାସମରା ଔଷଧ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୫ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ।
- ଘାସମରା ଔଷଧ ପ୍ରୟୋଗ କରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ।



ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲାର ମେଣ୍ଢର ତହସିଲ୍‌ରେ ବିଦ୍ୟୁତ୍ ବିଭାଗର ଅବହେଳା ସାମ୍ନାକୁ ଆସିଛି। ବିଭାଗ ପକ୍ଷରୁ ଜଣେ ଉପଭୋକ୍ତାଙ୍କୁ ପ୍ରାୟ ୧୦କୋଟି ଟଙ୍କାର ବିଲ୍ ପଠାଯାଇଥିବା ଦେଖିବାକୁ ମିଳିଛି। ମେଣ୍ଢର ଡିଭିଜନ୍‌ର ବିଦ୍ୟୁତ୍ ବିଭାଗ ପକ୍ଷରୁ ମହମ୍ମଦ ହିନଫ ନାମକ ସାଧାରଣ ଉପଭୋକ୍ତାଙ୍କ ନିକଟକୁ ୯କୋଟି ୯୫ଲକ୍ଷ ୩୯ହଜାର ୭୯୨ଟଙ୍କାର ଏକ ବିଲ୍ ପଠାଯାଇଛି।



ନେହା କକ୍କର



# ମେକ୍‌ଅପ୍ ସମୟରେ ନେହାଙ୍କ ମସ୍ତି

ମୁମ୍ବାଇ: ସିଙ୍ଗିଙ୍ଗ୍ କୁଇନ୍ ନେହା କକ୍କର ନିଜର ସ୍ୱର ପାଇଁ ସମସ୍ତଙ୍କ ହୃଦୟରେ ରାଜ୍ କରୁଛନ୍ତି। ସେ କେବଳ ଗୀତ ବୋଲିବା ନୁହେଁ ବରଂ ଡ୍ୟାନ୍ସ କରିବା ଏବଂ କମେଡ଼ି କରିବାରେ ମଧ୍ୟ ମାହିର। ନେହା ସବୁବେଳେ ସୋସିଆଲ ମିଡିଆରେ ଆକ୍ଟିଭ ରୁହନ୍ତି। ସବୁବେଳେ ସୋସିଆଲ ମିଡିଆରେ ମଜାଦାର ଭିଡିଓ ମଧ୍ୟ ଶେୟାର କରନ୍ତି। ନିକଟରେ ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ନେହା ନିଜର ମେକ୍‌ଅପ କରିବା ସମୟରେ 'ଧିମେ ଧିମେ' ଗୀତରେ ମସ୍ତି କରିବା ସହିତ ଡ୍ୟାନ୍ସ କରୁଥିବା ନଜର ଆସିଛନ୍ତି।

ଏହି ଭିଡିଓରେ ନେହା କେତେକ ଲୋକଙ୍କ ସହିତ ନଜର ଆସିଛନ୍ତି। ଏହାସହିତ ତାଙ୍କ ମେକ୍‌ଅପ ଆର୍ଟିଷ୍ଟ ମଧ୍ୟ ଡ୍ୟାନ୍ସ କରୁଥିବା ନଜର ଆସିଛନ୍ତି। ସେ ଆଉ ମଧ୍ୟ କହୁଛନ୍ତି ଯେ, ଆମର ମେକ୍‌ଅପ ଏମିତି ହୋଇଥାଏ। ସେ ଏହି ଭିଡିଓ ଶେୟାର କରିବା ସହିତ କ୍ୟାପ୍‌ସନ ଲେଖିଛନ୍ତି, 'ମୁଁ ମୋ ଟିମ୍‌କୁ ବହୁତ ମିସ୍ କରୁଛି।' ବହୁତ ଶୀଘ୍ର ଆପଣମାନଙ୍କୁ ଦେଖା କରିବି। ନେହା ବହୁତ ଚୁଲ୍‌ବୁଲି ଏବଂ ସମସ୍ତଙ୍କ ସହ ବହୁତ କ୍ଲୋଜ୍ ମଧ୍ୟ। ତାଙ୍କ ସହ କାମ କରୁଥିବା ମେକ୍‌ଅପ୍ ଆର୍ଟିଷ୍ଟଙ୍କ ସହିତ ସେ ବହୁତ ମସ୍ତି ମଧ୍ୟ କରିଥାନ୍ତି। ସେଟ୍‌ରେ ନେହାଙ୍କୁ ସମସ୍ତେ ବହୁତ ଭଲ ପାଆନ୍ତି। କରୋନା ପାଇଁ ସବୁ ବନ୍ଦ ହୋଇ ରହିଛି। ନେହା ପୁରୁଣା ଦିନଗୁଡ଼ିକୁ ମନେପକାଇ ଭାବବିହ୍ୱଳ ହୋଇପଡ଼ିଛନ୍ତି। ସୂଚନାଯୋଗ୍ୟ, ନିକଟରେ ଟୋନୀଙ୍କ ସହିତ ନେହା ଗୀତ 'ଭିଗୀ ଭିଗୀ' ଗୀତ ରିଲିଜ୍ କରିଥିଲେ। ଗୀତଟି ରିଲିଜ୍ ହେବା ପରେ ୟୁଟ୍ୟୁବ୍‌ରେ ଧମାଲ କରିଥିଲା। ଏହାଛଡା ନେହାଙ୍କ 'ଦିଲ୍‌ବର, କାଲା ଚଷମା, ଗର୍‌ମୀ, ଆଖଁ ମାରେ, ସେକେଣ୍ଡ ହ୍ୟାଣ୍ଡ୍ ଜଓାନୀ, କୋକା କୋଲା ଭଳି ଗୀତ ଜବରଦସ୍ତ ହିଟ୍ ହୋଇଛି।

# ଛିଣ୍ଡିଗଲା ସମ୍ପର୍କ ସେତୁ

**ଜାତୀୟ ସୁରକ୍ଷା କାରଣରୁ ଭାରତ ସରକାର ୫୯ଟି ଚାଇନିଜ୍ ଆପ୍ ଉପରେ କଟକଣା ଲଗାଇଛନ୍ତି। ଏହିସବୁ ଆପ୍ ଜନସାଧାରଣଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ଚୋରି କରୁଥିବା ନେଇ ଗୋଇନ୍ଦା ବିଭାଗ ପକ୍ଷରୁ ସତର୍କ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଏପରି ପଦକ୍ଷେପ ତିବ୍ବତୀୟ ଶରଣାର୍ଥୀଙ୍କ ସମସ୍ୟା ବଢ଼ାଇ ଦେଇଛି। ଆପ୍ ବ୍ୟାନ୍ ସହ ପରିବାର ସହିତ ସେମାନଙ୍କ ସମ୍ପର୍କର ସୂତା କଟିଯାଇଛି।**

**ନୂଆଦିଲ୍ଲୀ**

ଗଲୱାନ୍ ସଂଘର୍ଷ ପରେ ଚାଇନା ବିରୋଧୀ ଆଭିମୁଖ୍ୟକୁ କଠୋର କରିଛନ୍ତି ସରକାର। ଡ୍ରାଗନ୍‌କୁ ପାନେ ଦେବାକୁ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫର୍ମେଶନ ଟେକ୍ନୋଲୋଜି (ଇଆଇଟି) ମନ୍ତ୍ରଣାଳୟ ୫୯ ଆପ୍ ଉପରେ ବ୍ୟାନ୍ ଲଗାଇଛି। ତନ୍ମଧ୍ୟରୁ ଟିକ୍‌ଟକ୍, 'ୱି-ଚାଟ', ଏମ୍‌ଆଇ କମ୍ୟୁନିଟି ଭଳି ଲୋକପ୍ରିୟ ଆପ୍ ଭାରତୀୟଙ୍କ ପ୍ରିଭେସି ପ୍ରତି ବିପଦ ସୃଷ୍ଟି କରୁଥିବା କୁହାଯାଉଛି। ଆପ୍ ଉପରେ କଟକଣା ଲଗାଯିବା ପରେ ପ୍ରାୟ ସବୁ ବର୍ଗର ଲୋକେ ଏହାକୁ ସ୍ୱାଗତ କରିଛନ୍ତି। ହେଲେ ଭାରତରେ ଶରଣ ନେଇଥିବା ତିବ୍ବତୀୟ ଶରଣାର୍ଥୀଙ୍କ ପାଇଁ ଆପ୍‌ବ୍ୟାନ୍ ନିଷ୍ପତ୍ତି ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ସେମାନେ ଏହାକୁ ମାଧ୍ୟମ କରି ପରିବାର ସହିତ ଯୋଡ଼ି ହେଉଥିଲେ। ଆପ୍ ବ୍ୟାନ୍ ପରେ ସେମାନେ ଏଥିରୁ ବଞ୍ଚିତ ହୋଇ ରହିଛନ୍ତି।

ବ୍ୟାନ୍ ହୋଇଥିବା ଆପ୍‌ଗୁଡ଼ିକ ଭିତରେ 'ୱି-ଚାଟ୍' ଅନ୍ୟତମ। ପୃଥିବୀର ଏହି ଲୋକପ୍ରିୟ ମେସେଞ୍ଜର ଆପ୍‌ର ୧.୧୭ ବିଲିୟନ ୟୁଜର୍ସ ଅଛନ୍ତି। ଖାସ୍ କରି ତିବ୍ବତରେ ପ୍ରଚଳିତ ଆପ୍ ମଧ୍ୟରେ ଏହା ବେଶ୍ ଆଦୃତ। ଏହାକୁ ବ୍ୟବହାର କରି ଭାରତରେ ରହୁଥିବା ତିବ୍ବତୀୟ ଶରଣାର୍ଥୀ ନିଜ ଦେଶର ସମ୍ପର୍କୀୟଙ୍କ ସହ ବାର୍ତ୍ତାଳାପ କରୁଥିଲେ। କାରଣ ତିବ୍ବତ ଚାଇନା କବ୍‌ଜାକୁ ଯିବା ପରେ ସେଠାରେ ମଧ୍ୟ ସମସ୍ତ ବିଦେଶୀ ଆପ୍ ଉପରେ କଟକଣା ଲାଗିଛି। 'ୱି-ଚାଟ୍' ମାଧ୍ୟମରେ ଭାରତରେ ଥିବା ୭୧% ତିବ୍ବତୀୟ ଶରଣାର୍ଥୀ ତିବ୍ବତରେ ରହୁଥିବା ସେମାନଙ୍କ ସମ୍ପର୍କୀୟଙ୍କ ସହ କଥାବାର୍ତ୍ତା କରୁଥିଲେ। ଏହି ଆପ୍ ଉପରେ ବ୍ୟାନ୍ ଲାଗିବା ପରେ ପରିବାର ସହ ଏକପ୍ରକାର ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଛି। ସୂଚନାଯୋଗ୍ୟ, ଚାଇନିଜ ଆପ୍‌ର ଗୋଇନ୍ଦାଗିରି ବିଷୟରେ ତିବ୍ବତୀୟମାନେ ଭଲଭାବେ ପରିଚିତ। ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ଛବି ଏବଂ ବୌଦ୍ଧ ଧର୍ମର ତତ୍ତ୍ୱକୁ ସୋସିଆଲ ମିଡିଆରେ ଶେୟାର କରୁଥିବା ୟୁଜର୍ସଙ୍କ ଉପରେ ଚାଇନା କମ୍ୟୁନିଷ୍ଟ ପାର୍ଟି ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ନଜିର ରହିଛି। ଗତ ମାର୍ଚ୍ଚରେ କରୋନା ଭାଇରସ୍ ଉପରେ ବ୍ୟକ୍ତିଗତ ମତ ରଖିବା ଅଭିଯୋଗରେ ୧୦ଜଣ ଗିରଫ ହୋଇଥିଲେ। ତଥାପି ଭାରତରେ ରହୁଥିବା ନିଜ ପରିବାର ଏବଂ ଆତ୍ମୀୟସ୍ୱଜନଙ୍କ ସହ ଯୋଡ଼ିହୋଇ ରହିବା ଲାଗି 'ୱି-ଚାଟ୍' ପ୍ରମୁଖ ମାଧ୍ୟମ ପାଲଟିଥିଲା।

ମାଡ୍ରାସ୍ ଆଇଆଇଟି ଚାଇନିଜ୍ ଷ୍ଟଡିଜ୍‌ର ଆସୋସିଏଟ୍ ପ୍ରଫେସର ଡା. ସୋନିକା ଗୁପ୍ତାଙ୍କ କହିବା ହେଲା, 'ୱି-ଚାଟ୍' ଉପରେ ବ୍ୟାନ ଲଗାଯିବା ପରେ ଭାରତୀୟଙ୍କ ବ୍ୟକ୍ତିଗତ ଗୋପନୀୟତା ଉପରେ ହେଉଥିବା ଆକ୍ରମଣକୁ କିଛିମାତ୍ରାରେ କମାଇ ଦିଆଯାଇପାରିଛି। ହେଲେ ତିବ୍ବତ ବାସିନ୍ଦା ଏବଂ ଶରଣାର୍ଥୀଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଛି। ନବେ ଦଶକରେ ଭାରତକୁ ଅଧ୍ୟୟନ ପାଇଁ ଆସିଥିବା ତିବ୍ବତୀୟ ଛାତ୍ରୀଛାତ୍ରମାନେ ଏଯାଏ ପ୍ରତ୍ୟାବର୍ତ୍ତନ କରିନାହାନ୍ତି। ସେମାନଙ୍କ ପରିବାର ସହିତ ବାର୍ତ୍ତାଳାପ କରିବା ଲାଗି ସୁଲଭ 'ୱି-ଚାଟ୍' ପ୍ରମୁଖ ମାଧ୍ୟମ ଥିଲା। ଆପ୍ ବ୍ୟାନ୍ ସହ ସେମାନଙ୍କ ସମ୍ପର୍କ ଯୋଡ଼ିବାର ମାଧ୍ୟମ ବି ବନ୍ଦ ହୋଇଯାଇଥିବା ପ୍ରଫେସର ଗୁପ୍ତା କହିଛନ୍ତି।

**'ୱି-ଚାଟ୍' ବ୍ୟାନ୍ ପରେ ଚିନ୍ତାରେ ତିବ୍ବତୀୟ ଶରଣାର୍ଥୀ**



# କୁକୁର ମିଳିଲେ ୧୦ହଜାର

କୋଲକାତା: ବିଭିନ୍ନ ସ୍ଥାନରେ ଲୋକେ ନିରୁଦ୍ଦିଷ୍ଟ ହେଲେ ସେମାନଙ୍କୁ ଖୋଜିବା ପାଇଁ ପୁରସ୍କାର ଘୋଷଣା କରାଯାଇଥାଏ। କିନ୍ତୁ କୁକୁରକୁ ଖୋଜି ଆଣିବା ପାଇଁ ବି କିଛି ଲୋକ ପୁରସ୍କାର ଘୋଷଣା କରିପାରନ୍ତି। ଏଭଳି ଏକ ଘଟଣା ଏବେ କୋଲକାତାରେ ବେଶ୍ ଚର୍ଚ୍ଚିତ ହୋଇପାରିଛି। କୋଲକାତାର ଏୟାରପୋର୍ଟ ଅଞ୍ଚଳର ବିଭିନ୍ନ ସ୍ଥାନରେ 'ଲଷ୍ଟ ଆଣ୍ଡ ଫାଉଣ୍ଡ' ନାମରେ ଏକ ପୋଷ୍ଟର ଲଗାଯାଇଛି, ଯେଉଁଥିରେ ଏକ ମାଈ କୁକୁର ହଜି ଯାଇଥିବା କୁହାଯାଇଛି ଏବଂ ଏହି କୁକୁରକୁ ଖୋଜି ଆଣିପାରିଲେ ସେହି ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି। ନନ୍ଦିନୀ ନାମ୍ନୀ ଜଣେ ମହିଳାଙ୍କଠାରୁ ଏହି କୁକୁରକୁ ପୋଷ୍ୟଭାବେ ଗ୍ରହଣ କରିଥିଲେ କୋଲକାତାର ନୀଳାଞ୍ଜନା କୋଠାରୀ। ନୀଳାଞ୍ଜନା ତାକୁ ଏକ ପିଞ୍ଜରାରେ ବନ୍ଦ କରି କୋଲକାତା ଏୟାରପୋର୍ଟକୁ ସାଙ୍ଗରେ ନେଇ ଯାଇଥିଲେ। କିନ୍ତୁ ଭୁଲ୍‌ରେ ସେହି ପିଞ୍ଜରାର ମୁହଁ ଖୋଲି ଯାଇଥିଲା ଓ କୁକୁରଟି କୁଆଡ଼େ ଚାଲି ଯାଇଥିଲା। ଏହା ପରଠାରୁ ନୀଳାଞ୍ଜନା କୁକୁରକୁ ଖୋଜିବା ପାଇଁ ଅନେକ ଥର ଆସି ନିରାଶ ହୋଇଥିଲେ। ଶେଷରେ ସେ ତାଙ୍କ କୁକୁର ଖୋଜିବା ପାଇଁ ପୋଷ୍ଟର ଲଗାଇଛନ୍ତି।




# ୨୫୦୦ ଟଙ୍କାରେ ବିକ୍ରି ହେଉଛି ମୃତ୍ୟୁ

ମିରଠ: କରୋନା ଭାଇରସ୍ ସଂକ୍ରମଣ ଦେଶର ପ୍ରାୟ ସବୁ ସ୍ଥାନରେ ବ୍ୟାପିସାରିଛି। ଏହାର ମୁକାବିଲା ପାଇଁ ସାରା ବିଶ୍ୱ ଏକ ହୋଇଥିବା ବେଳେ ଯେଉଠି କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ସେଠାରେ କରୋନା ରିପୋର୍ଟକୁ ନେଇ ଜାଲିଆତି ହେଉଥିବା ଘଟଣା ସାମ୍ନାକୁ ଆସିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ମିରଠ ସହରରେ। ଉକ୍ତ ସହରରେ ୨୫୦୦ଟଙ୍କା ବଦଳରେ ଏକ ହସ୍ପିଟାଲ ଜାଲ୍ କୋଭିଡ୍-୧୯ ସାର୍ଟିଫିକେଟ ଦେଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା। ଯେଉଁଥିରେ ମିରଠର ଏକ ନର୍ସିଂ ହୋମରେ ୨୫୦୦ଟଙ୍କା ନେଇ କରୋନା ନେଗେଟିଭ୍ ରିପୋର୍ଟ ଦେଉଥିବା ଦେଖିବାକୁ ମିଳିଛି। କିଛି ଲୋକ ଲାଇନ୍‌ରେ ଠିଆ ହୋଇ ହସ୍ପିଟାଲର କର୍ମଚାରୀଙ୍କୁ କରୋନା ନେଗେଟିଭ୍‌ର ଜାଲ୍ ସାର୍ଟିଫିକେଟ ଦେବାକୁ କହୁଥିବା ନଜର ଆସିଥିଲା। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଘଟଣା ସର୍ବସମ୍ମୁଖକୁ ଆସିବା ପରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ଘଟଣାରେ ନର୍ସିଂହୋମ ବିରୋଧରେ ଏକ ମାମଲା ରୁଜୁ ହେବା ସହ ହସ୍ପିଟାଲର ଲାଇସେନ୍ସକୁ ରଦ୍ଦ କରାଯାଇଛି। ଏଥିସହ ନର୍ସିଂ ହୋମ୍‌କୁ ସିଲ୍ କରାଯାଇଥିବା ଜଣାପଡ଼ିଛି। ଯଦି ଏହି ଘଟଣା ପୁର୍ନବାର ଘଟୁଥିବା ଦେଖାଯାଏ ତେବେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିରଠ ଜିଲାପାଳ କହିଛନ୍ତି।

**ମିଳୁଛି କରୋନା ନେଗେଟିଭ୍ ସାର୍ଟିଫିକେଟ**



# ଚାଇନାକୁ ମାତ୍ ଦେଉଛି ପାନିପତ୍‌ର ଥ୍ରିଡି ଚାଦର

ଚଣ୍ଡିଗଡ଼: ଚାଇନା ଜିନିଷକୁ ବର୍ଜନ କରିବା ପାଇଁ ଏବେ ପ୍ରାୟ ସବୁଆଡ଼େ ଲୋକେ ସଚେତନ ହେବାରେ ଲାଗିଛନ୍ତି। ଏହି ଲକ୍ଷ୍ୟରେ ଅନେକ ସ୍ଥାନରେ ସ୍ୱଇଚ୍ଛାରେ ଲୋକେ ଚାଇନା ଜିନିଷକୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ଲୋକଙ୍କର ଏହି ମାନସିକତା କାରଣରୁ ଏବେ ହଠାତ୍ ହରିୟାଣା ପାନିପତର ଥ୍ରିଡି ଚାଦର ଓ କପଡ଼ାର ଚାହିଦା ବୃଦ୍ଧି ପାଇଛି। ପାନିପତର ଥ୍ରିଡି ଚାଦର ଓ କପଡ଼ାର ଦାମ୍ ଅପେକ୍ଷାକୃତଭାବେ ବହୁତ କମ୍। ଏହା ସହିତ କପଡ଼ାର ମାନ ମଧ୍ୟ ବହୁତ ଭଲ। ତେଣୁ କମ୍ ଦାମରେ ଭଲ କ୍ୱାଲିଟିର ଜିନିଷ ମିଳୁଥିବାରୁ ଏହି କପଡ଼ାର ଆଦର ଯଥେଷ୍ଟ ବୃଦ୍ଧି ପାଇଛି। ତେବେ ୱାଟରଜେଟ୍ ମେଶିନ୍ ବସିବା ଫଳରେ ଏହା ସମ୍ଭବ ହୋଇପାରିଛି। ଘରୋଇ



ମାର୍କେଟରେ ସ୍ଥାନୀୟ ଅଞ୍ଚଳରେ ଚାଇନା କପଡ଼ାକୁ ଲୋକେ ବହୁ ପରିମାଣରେ କିଣୁଥିଲେ। କିନ୍ତୁ ଏବେ ମାର୍କେଟରେ ୯୦ ପ୍ରତିଶତ ଲୋକେ ପାନିପତ କପଡ଼ାକୁ ହିଁ ପସନ୍ଦ କରୁଛନ୍ତି। ଥ୍ରିଡି ଚାଦର ଓ କମ୍ବଳ କରୁଥିବା ଟେକ୍ସଟାଇଲ୍ କମ୍ପାନୀମାନଙ୍କର କହିବା ଅନୁସାରେ ଏଠାରେ ଏବେ ଶସ୍ତାରେ କପଡ଼ା ତିଆରି କରିବା ଏକ ଚ୍ୟାଲେଞ୍ଜ ଭଳି। ତେଣୁ ମାର୍କେଟରେ ଲୋକଙ୍କୁ କମ୍ ଟଙ୍କାରେ ଜିନିଷ ଯୋଗାଇଦେବା କମ୍ପାନୀଙ୍କ ପାଇଁ ଏକ ବଡ଼ ସଫଳତା। ପାନିପତରେ ଏବେ ପ୍ରତିଦିନ ୧୫ ଲକ୍ଷ ମିଟର କପଡ଼ା ତିଆରି କରାଯାଉଛି। ତେବେ ଏହି ଉଦ୍ୟୋଗକୁ ବୃଦ୍ଧି କରିବା ପାଇଁ ସରକାରଙ୍କର ସହଯୋଗ ମିଳିଲେ ପାନିପତ କପଡ଼ା ତିଆରି କରିବାର ଏକ ହବ୍ ହୋଇପାରିବ।

# ନିଆଁରେ ନାଚିଲେ ଭଲହୁଏ ରୋଗ



**ଅଜବ ବିଶ୍ୱାସ**

**ମିନ୍ସକ୍**

ପୃଥିବୀର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ମଧ୍ୟରେ କେତେକ ଅଜବ ବିଶ୍ୱାସ ରହିଥିବାର ଦେଖିବାକୁ ମିଳେ। ବେଲାରୁଷ୍‌ର ଲୋକଙ୍କ ମଧ୍ୟରେ ଏଭଳି ବିଶ୍ୱାସ ରହିଛି। ଏଠାରେ ପ୍ରତିବର୍ଷ ଜୁଲାଇ ୬ରେ ଏକ ଉତ୍ସବ ପାଳିତ ହୋଇଥାଏ। ଉତ୍ସବରେ ଜଳନ୍ତା ନିଆଁରେ ଲୋକେ ଡେଇଁ ନାଚିଥାନ୍ତି। ଏହା ଦ୍ୱାରା ଶରୀରର ସମସ୍ତ ରୋଗ ଦୂର ହୋଇଥାଏ ବୋଲି ଲୋକେ ବିଶ୍ୱାସ କରନ୍ତି। ଚଳିତ ବର୍ଷ ଜୁଲାଇ ୬ରେ ବେଲାରୁଷ୍ ରାଜଧାନୀ ମିନ୍ସକ୍‌ରେ ଏହି ଉତ୍ସବ ପାଳିତ ହୋଇଯାଇଛି। ଶହ ଶହ ଲୋକ ରାତି ସାରା ଉଜାଗର ରହି ନିଆଁରେ ନାଚିଛନ୍ତି। ଏହି ଉତ୍ସବକୁ ସ୍ଥାନୀୟ ଭାଷାରେ କୁପାଲା କୁହାଯାଇଥାଏ। ଏହି ଉତ୍ସବ ଦିନ ରାତିରେ ଶୋଇବାକୁ ବାରଣ କରାଯାଇଥାଏ। ରୋଗମୁକ୍ତ ରହିବା ଲାଗି ଲୋକେ ଗୋଟିଏ ରାତି ଉଜାଗର ରହିଥାନ୍ତି। ଏହି ଉତ୍ସବକୁ ୟୁକ୍ରେନ୍, ରୁଷ୍ ଏବଂ ପୋଲାଣ୍ଡରେ ମଧ୍ୟ ଅତି ଆନନ୍ଦ ଉତ୍ସାହ ମଧ୍ୟରେ ପାଳନ କରାଯାଇଥାଏ।

# ନୂଆ ପ୍ରତିଭା ଅପେକ୍ଷାରେ ବିବେକ

ମୁମ୍ବାଇ: ଗତ କିଛିଦିନ ହେଲା ବଲିଉଡ୍ ଅଭିନେତା ବିବେକ ଓବରୟ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍ ରହୁଛନ୍ତି। ଏବେ ସେ ନିଜର ୨ ବଡ଼ ପ୍ରୋଜେକ୍ଟର ଘୋଷଣା କରିଛନ୍ତି। ସେ ମନ୍ଦିରା ଏଣ୍ଟରଟେନ୍‌ମେଣ୍ଟ ସହ ମିଶି 'ଇଟି' ଏବଂ 'ରୋଜି' ନାମରେ ୨ଟି ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଥ୍ରିଲର ଫିଲ୍ମ 'ରୋଜି'– ଦ ସାଫ୍ରନ ଚାପ୍ଟରରେ ସେ ନୂଆ ଟ୍ୟାଲେଣ୍ଟକୁ ସୁଯୋଗ ଦେବାପାଇଁ ଘୋଷଣା କରିଛନ୍ତି। ସେ ଏହି ମୁଭି ମାଧ୍ୟମରେ ବାହାର ପ୍ରତିଭାକୁ ସୁଯୋଗ ଦେବାକୁ ଚାହୁଁଛନ୍ତି ବୋଲି ନିଜ ଇନ୍‌ଷ୍ଟାଗ୍ରାମରେ ଆକାଉଣ୍ଟରେ ଶେୟାର କରି କହିଛନ୍ତି। ଏହା ନେପୋଟିଜିମ୍ ବିରୋଧରେ ବଡ଼ ପଦକ୍ଷେପ ବୋଲି ସେ କହିଛନ୍ତି। 'ରୋଜି' ଫିଲ୍ମର ନିର୍ଦ୍ଦେଶନା ଦେବେ ବିଶାଲ ମିଶ୍ରା। ଏହି ଫିଲ୍ମର ଶୁଟିଂ ଅକ୍ଟୋବର୍‌ରୁ ଆରମ୍ଭ ହେବ ବୋଲି ବିବେକ କହିଛନ୍ତି।



# ଜୋରରେ ହସିଲେ ହୋଇପାରେ ପକ୍ଷାଘାତ

**ୱାଶିଂଟନ, ୭।୭**

କୁହାଯାଏ ହସ ସମସ୍ତ ଶାରୀରିକ ରୋଗରୁ ମୁକ୍ତି ଦେଇଥାଏ। ତେଣୁ ପୃଥିବୀର ବିଭିନ୍ନ ସ୍ଥାନରେ ରହିଛି ଲାଫିଙ୍ଗ୍ କ୍ଲବ୍। ହସିବା ଯୋଗୁ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ତେବେ ବିଶେଷଜ୍ଞଙ୍କ ଅନୁସାରେ ଅତ୍ୟଧିକ ହସିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ଏପରିକି ଜୋରରେ ହସିବା ଦ୍ୱାରା ପକ୍ଷାଘାତ ଭଳି ସମସ୍ୟା ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଥାଏ। ଏଭଳି ସମସ୍ୟାକୁ ଡାକ୍ତରୀ ଭାଷାରେ କାଟାପ୍ଲେକ୍ସ୍ କୁହାଯାଇଥାଏ। ଏହା ପ୍ରକୃତରେ ଏକ ପ୍ରକାର ମାନସିକ ଅସନ୍ତୁଳନ ଅବସ୍ଥା। ଏହାଦ୍ୱାରା ମସ୍ତିଷ୍କର କିଛି ଅଂଶରେ ସୂକ୍ଷ୍ମ ରକ୍ତବାହୀ ନଳୀରେ ରକ୍ତ ଜମାଟ ବାନ୍ଧି ଯାଇଥାଏ। ଫଳରେ ଏହି ଅଂଶ ସହିତ ଜଡ଼ିତ ଥିବା ଅଙ୍ଗର ସ୍ୱାଭାବିକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥାଏ। ଏହାକୁ ପକ୍ଷାଘାତ କୁହାଯାଇଥାଏ। ଏହାଦ୍ୱାରା କଥା କହିବାରେ ସମସ୍ୟା ଦେଖାଦିଏ। ପାଟି ଖନି ମାରିଯାଏ। ଏହି ରୋଗର ମଧ୍ୟ କୌଣସି ଚିକିତ୍ସା ନାହିଁ। ନିୟମିତ ଧ୍ୟାନ କରିବା ଦ୍ୱାରା ଶରୀର ଉପରେ ନିୟନ୍ତ୍ରଣ ଅଣାଯାଇପାରେ ବୋଲି ବିଶେଷଜ୍ଞ କହିଛନ୍ତି। ଏହା ନାର୍କୋଲେପ୍ସି ରୋଗର ଅନ୍ତର୍ଗତ। ନାର୍କୋଲେପ୍ସି ଦ୍ୱାରା ସମ୍ପୃକ୍ତ ବ୍ୟକ୍ତି ଯେ କୌଣସି ସ୍ଥାନରେ ନିଜ ଅଜାଣତରେ ଶୋଇପଡ଼େ। ଏହି ଦୁଇ ପ୍ରକାର ସମସ୍ୟା ଥିବା ଲୋକଙ୍କ ମସ୍ତିଷ୍କରେ ଆବଶ୍ୟକ ଅନୁସାରେ ହାଇପୋକ୍ରିଟିନ୍ ରାସାୟନିକ ପଦାର୍ଥ ନ ଥାଏ। ଏହି ରାସାୟନିକ ପଦାର୍ଥ ମସ୍ତିଷ୍କକୁ ସଚେତନ ଏବଂ ନିୟନ୍ତ୍ରିତ କରିଥାଏ। ହାଇପୋକ୍ରିଟିନ୍ ନିଦ ଆସିବା ସମୟକୁ ମଧ୍ୟ ନିୟନ୍ତ୍ରିତ କରିଥାଏ। ଔଷଧ ବନ୍ଦ ହେଲେ ଏହା ପୁଣି ଦେଖାଦେଇଥାଏ। ମସ୍ତିଷ୍କକୁ ଶକ୍ତିଶାଳୀ କରିବା ଦ୍ୱାରା ଏହାର ଦୂର ହୋଇପାରିବ। ତେଣୁ ଅଭିଜ୍ଞ ଯୋଗଗୁରୁଙ୍କ ସହାୟତାରେ ଧ୍ୟାନ ଏବଂ ଯୋଗ କରାଗଲେ ଏହି ସମସ୍ୟାରୁ ମୁକ୍ତି ମିଳିବାର ଆଶା ରହିଥାଏ ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି।



ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି ଉପଲକ୍ଷେ



ସ୍ୱର୍ଗତ ଅଭିଳାଷ ସ୍ୱରୂପ ମହାପାତ୍ର
ଟିଟିଲାଗଡ଼
ଆବିର୍ଭାବ: ୧୩।୦୨।୧୯୮୬
ତିରୋଧାନ: ୨୭।୦୬।୨୦୨୦
ବାବୁରେ! ଅବେଳରେ ତୋର ବିୟୋଗକୁ ବିଶ୍ୱାସ କରିହେଉନି ଧନ! ଆଗକୁ ସବୁଦିନ ବାପା ମାଆଙ୍କୁ ଲୁହଝରାଇ ଜିଇଁବାକୁ ଛାଡ଼ିଦେଲୁ, ଆମ ପାଇଁ ଗୌରବ ଆଣିଦେବାକୁ ତୁ ସବୁକିଛି ତ୍ୟାଗକରି ନିଜକୁ ଯୋଗ୍ୟ ବୋଲି ପ୍ରମାଣିତ କଲୁ। ହେଲେ, ଭୋଗ କରିବା ଦିନହିଁ କେଉଁ ଅଭିମାନରେ ବାପା ମାଆଙ୍କ ମୁହଁକୁ ଭୁଲିଗଲୁ ବାପା! ଛୋଟବେଳୁ ଏତେଦିନ ପର୍ଯ୍ୟନ୍ତ ତୋର ଜ୍ଞାନ, ମେଧା, ଅନାବିଳ ସ୍ନେହ, ପୂର୍ଣ୍ଣ ଆଳାପ ଆଜି ଆମ ସମସ୍ତଙ୍କୁ ନିଃସ୍ୱ କରିଦେଉଛି। ତୁ କ୍ଷଣଜନ୍ମା ଆମର ଯୋଗ୍ୟତମ ପୁଅ, ଯେଉଁଠି ଥିବୁ ଏଣିକି ଶାନ୍ତିରେ ରହିଥିବୁ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଆଜିର ପ୍ରଥମ ଶ୍ରାଦ୍ଧଦିବସରେ ଆମର ଏତିକି ଆକୁଳ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବାପା, ମା', ପରିବାର ଓ ବନ୍ଧୁବର୍ଗ।
ଧ-୧୭୬୯୮

ଦଶମ ଶାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚିତ୍ତରଞ୍ଜନ ଶର୍ମା
ଆବିର୍ଭାବ: ୩୦।୦୬।୧୯୭୫
ତିରୋଧାନ: ୦୮।୦୭।୨୦୧୦
Som Communication
Jail Chhak, Jharpada, BBSR-6
ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଆତ୍ମୀୟସ୍ୱଜନ।
ଧ-୬୮୬୯୮

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ବ୍ରଜ କିଶୋର ପାତ୍ର
ଲକ୍ଷ୍ମୀସାଗର, ବ୍ରିଟ୍ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୧୫।୦୯।୧୯୩୫
ତିରୋଧାନ: ୨୮।୦୬।୨୦୨୦
ସ୍ୱର୍ଗଦ୍ୱାରରେ ଆପଣଙ୍କ ଶରୀର ପଞ୍ଚତତ୍ତ୍ୱରେ ବିଲୀନ ହୋଇଯିବା ୧୦ଦିନ ବିତିଯାଇଛି, କିନ୍ତୁ ପ୍ରତିଟି ଅନୁଭବରେ ଆପଣ ଆମ ସହିତ ରହି ଆସିଛନ୍ତି। ଆପଣଙ୍କ ଅବର୍ତ୍ତମାନରେ ଆପଣଙ୍କ ଉନ୍ନତ ବ୍ୟକ୍ତିତ୍ୱ, ତ୍ୟାଗ, ନିଷ୍ଠା, ସ୍ନେହ, କର୍ତ୍ତବ୍ୟ ପରାୟଣତା, ପରୋପକାରିତା, ସଚ୍ଚୋଟତା ଓ ଈଶ୍ୱର ଭକ୍ତି ଆମ ଜୀବନର ପାଥେୟ।
-:ସ୍ମୃତିରେ:-
ସ୍ତ୍ରୀ, ପୁଅ, ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ପରିବାରବର୍ଗ।
ଧ-୧୭୬୬୨

# ଭାରତୀୟ କମ୍ପାନୀ ଅଂଶଧନ କିଣୁଛି ଚାଇନା ବ୍ୟାଙ୍କ

ମୁମ୍ବାଇ,୭।୭

ଚାଇନା ସେନାର ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଦୁଇ ଦେଶର ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ଭାରତରେ ଚାଇନା ସାମଗ୍ରୀକୁ ବର୍ଜନ କରିବା ନେଇ ସାରା ଦେଶରେ ଅଭିଯାନ ଆରମ୍ଭ ହୋଇଛି। ଚାଇନାକୁ ଭିନ୍ନ ଉପାୟରେ ଚେକ୍ ଦେବା ଲାଗି ସରକାର ମଧ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ଭାରତୀୟ କମ୍ପାନୀଗୁଡ଼ିକରେ ଚାଇନାର କେନ୍ଦ୍ରୀୟ ବ୍ୟାଙ୍କ ଧୀରେ ଧୀରେ ଅଂଶଧନ କ୍ରୟ କରୁଥିବା ଜଣାପଡ଼ିଛି। ଷ୍ଟକ୍ ଏକ୍ସଚେଞ୍ଜ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଏପ୍ରିଲ ମଧଭାଗରେ ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା (ପିବିଓସି) ଭାରତୀୟ ଫାଇନାନ୍ସ କମ୍ପାନୀ ଏଚ୍‌ଡିଏଫ୍‌ସିରେ ୧% ଅଂଶଧନ କ୍ରୟ କରିଛି। କେବଳ ଏହି କମ୍ପାନୀ ନୁହେଁ, ଦେଶର ଅନ୍ୟ କମ୍ପାନୀଗୁଡିକରେ ଚାଇନା ବ୍ୟାଙ୍କ ଅଂଶଧନ ହାସଲ କରିଥିବା ସୂଚନା ମିଳିଛି। ଅମ୍ବୁଜା ସିମେଣ୍ଟରେ ପିବିଓସି ୦.୩୨%, ଫାର୍ମା କମ୍ପାନୀ ପିରାମଲ ଏଣ୍ଟରପ୍ରାଇଜେସ୍‌ରେ ୦.୪୩% ଅଂଶଧନ ଏହି ବ୍ୟାଙ୍କ ରଖିଛି। ଏଚ୍‌ଡିଏଫ୍‌ସିରେ ଚାଇନା ବ୍ୟାଙ୍କର ଅଂଶଧନର ମୂଲ୍ୟ ୩,୧୦୦ କୋଟି ଟଙ୍କା ଥିବା ବେଳେ ପିରାମଲ ଏଣ୍ଟରପ୍ରାଇଜେସ୍‌ରେ ୧୩୭ କୋଟି ଏବଂ ଅମ୍ବୁଜା ସିମେଣ୍ଟରେ ୧୨୨ କୋଟି ଟଙ୍କା ରହିଛି। ଗତ ୨ ବର୍ଷ ପୂର୍ବେ ଭାରତରେ ପ୍ରବେଶ କରିବା ଲାଗି ଚାଇନା କେନ୍ଦ୍ରୀୟ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କଠାରୁ ଅନୁମତି ଲାଭ କରିଥିଲା। ମାତ୍ର ଚାଇନା ନିବେଶ ନେଇ ନିକଟରେ ପ୍ରକାଶିତ ୨ ରିପୋର୍ଟରେ ଆଶଙ୍କା ପ୍ରକଟ କରାଯାଇଛି। ଭାରତରେ ନିବେଶ କରୁଥିବା ବିଭିନ୍ନ ଫଣ୍ଡ ଏବଂ ନିବେଶ କମ୍ପାନୀଗୁଡିକ ଚାଇନା ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ ନିୟନ୍ତ୍ରିତ କିମ୍ବା ପରୋକ୍ଷ ଭାବେ ପ୍ରଭାବିତ। ଏଭଳି ସ୍ଥିତିରେ ଭାରତରେ ନିବେଶକୁ ବିଚାର କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ ମତ ପ୍ରକାଶ କରନ୍ତି।

୨୦୧୯ ଯାଏ ଚାଇନା ବ୍ୟାଙ୍କ ଭାରତରେ ନିବେଶ କ୍ଷେତ୍ରରେ ଏତେ ଆଗ୍ରହୀ ନ ଥିବା ବେଳେ ସ୍ୱଳ୍ପ ଅଂଶଧନ ହାସଲ କରିଥିଲା। ବଜାର ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଚାଇନାର କେନ୍ଦ୍ରୀୟ ବ୍ୟାଙ୍କ ଅନ୍ୟ କମ୍ପାନୀଗୁଡ଼ିକରେ ମଧ ଅଂଶଧନ ହାସଲ କରିବାକୁ ଲାଗିଲା। ଜର୍ମାନ ଭିତ୍ତିକ କମ୍ପାନୀର ଭାରତୀୟ ୟୁନିଟ ଏବଂ ଅନ୍ୟ ଭାରତୀୟ ସାର କମ୍ପାନୀଗୁଡ଼ିକରେ ଚାଇନା ଅଂଶଧନ ରହିଛି। ମାତ୍ର ଏହା ୧% ନିମ୍ନରେ ରହିଥିବାରୁ ଏ ନେଇ କୌଣସି ସୂଚନା ସାମ୍ନାକୁ ଆସିନାହିଁ। ୨୦୧୯ରେ ଅମ୍ବୁଜା ସିମେଣ୍ଟର ବାର୍ଷିକ ରିପୋର୍ଟରେ କୁହାଯାଇଛି ଯେ, ଚାଇନା କେନ୍ଦ୍ରୀୟ ବ୍ୟାଙ୍କ ଏହାର ୬୩ ଲକ୍ଷ ଶେୟାର କ୍ରୟ କରିଛି। ୨୦୧୯ର ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ୧୯ ଲକ୍ଷ ଶେୟାର ରହିଥିଲା। ପୂର୍ବରୁ ପିରାମଲ ଏଣ୍ଟରପ୍ରାଇଜେସ୍‌ରେ ଅଂଶଧନକୁ ଚାଇନା ବ୍ୟାଙ୍କ ବଢ଼ାଇଥିବା ଜଣାପଡିଛି। ଏଚ୍‌ଡିଏଫ୍‌ସିରେ ଚାଇନା ବ୍ୟାଙ୍କର ଅଂଶଧନ ବଢ଼ିବା ପରେ ସରକାର ବିଦେଶୀ ନିବେଶ ଆଇନରେ ସଂଶୋଧନ କରିଛନ୍ତି। ଭାରତର ସୀମାକୁ ଲାଗିଥିବା ଦେଶଗୁଡିକ ଭାରତରେ ନିବେଶ କରିବାକୁ ହେଲେ ସରକାରଙ୍କଠାରୁ ଅନୁମତି ନେବାକୁ ପଡିବ। ଏହି ନିୟମ ପୂର୍ବରୁ ପାକିସ୍ତାନ ଏବଂ ବାଂଲାଦେଶ ପର୍ଯ୍ୟନ୍ତ ସୀମିତ ରହିଥିଲା।

କୋଭିଡ୍ ଯୋଗୁ ବଜାର ପ୍ରଭାବିତ ଥିବାରୁ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ହ୍ରାସ ଘଟିଛି। ଏହାର ଲାଭ ନେଇ ଚାଇନାର ବିଭିନ୍ନ ସଂସ୍ଥା ଶେୟାର କିଣୁ ଥିବା ଦେଖାଯାଉଛି।



**୨୦୧୮ରେ ଆର୍‌ବିଆଇ ମଞ୍ଜୁରୀ ଦେଇଥିଲା**

# ଭେଣ୍ଟିଲେଟର ଦେଲା ଏସ୍‌ବିଆଇ ଫାଉଣ୍ଡେଶନ

**ଭୁବନେଶ୍ୱର,୭।୭:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ନିଜସ୍ୱ ସଂସ୍ଥା ଏସ୍‌ବିଆଇ ଫାଉଣ୍ଡେଶନ୍ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କୁ ୪୪ଟି ଛୋଟ ଭେଣ୍ଟିଲେଟର ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। କୋଭିଡ୍-୧୯ ସହ ଲଢ଼ିବା ପାଇଁ ମେଡିକାଲ ଯନ୍ତ୍ରପାତି ବିଶେଷ କରି ଭେଣ୍ଟିଲେଟର ଆବଶ୍ୟକତା ବେଶି। ଏହାକୁ ନଜରରେ ରଖି ପ୍ରଥମ ପର୍ଯ୍ୟାୟରେ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ରୁମା ଦେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ୧୦ଟି ଛୋଟ ଭେଣ୍ଟିଲେଟର ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ବିଭାଗୀୟ ଅଧିକାରୀ ଯାମିନୀ ଷଡଙ୍ଗୀଙ୍କ ସମେତ ଏସ୍‌ବିଆଇର ମହାପ୍ରବନ୍ଧକ ସିଏଲ୍ଏନ୍ ଚାରିୟୁଲୁ, ମହାପ୍ରବନ୍ଧକ ବିଜୟ କୁଜୁର, ମହାପ୍ରବନ୍ଧକ ଅନୁପ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।




# କଠିନ ପରିଶ୍ରମ, ଧୈର୍ଯ୍ୟ, ନିଷ୍ଠା ସଫଳତା ଦେଇଛି

ଓଡ଼ିଶା ବାଣିଜ୍ୟ ଇତିହାସରେ ମସଲା ରପ୍ତାନି ବହୁ ପୁରାତନ। ଦେଶ ବିଦେଶରେ ଓଡ଼ିଶା ମସଲାର ଖୁବ ଆଦର ରହି ଆସିଛି। ଓଡିଶା ମସଲାକୁ ଦେଶ ବିଦେଶରେ ଲୋକପ୍ରିୟ କରିବା ଦିଗରେ କଟକରେ ଜନ୍ମିତ ରୁଚି ମସଲା କାମ କରୁଛି। ଦୀର୍ଘ ୪୫ବର୍ଷ ଧରି କମ୍ପାନୀ ଭାରତର ୧୮ଟି ରାଜ୍ୟ ଏବଂ ବିଦେଶରେ ନିଜର ସେବା ଯୋଗାଇ ଦେଉଛି। ଚଳିତବର୍ଷ ଶ୍ରୀଗୁଣ୍ଡିଚାରେ କମ୍ପାନୀ ତା'ର ୪୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିଛି। ଓଡ଼ିଶାର ମସଲା ମଣିଷ ଭାବେ ଘରେ ଘରେ ପରିଚିତ ତଥା ରୁଚି ଉଦ୍ୟୋଗର ପ୍ରତିଷ୍ଠାତା ଏବଂ ରାଜ୍ୟର ପାରମ୍ପରିକ ଖାଦ୍ୟ ଓ ପିଠାପଣାକୁ ବିଶ୍ୱ ଦରବାରରେ ପରିଚିତ କରାଇଥିବା ସଫଳ ଉଦ୍ୟୋଗୀ ଡକ୍ଟର ଶରତ କୁମାର ସାହୁଙ୍କ ସହ ଧରିତ୍ରୀର ବିଶେଷ ଆଳାପ....

**ଚାକିରି ପରିବର୍ତ୍ତେ ଆପଣ ବ୍ୟବସାୟ ପ୍ରତି ମନବଳାଇବାର କାରଣ କ'ଣ ଥିଲା?**

● ସ୍ଥାନୀୟ ରାଣୀହାଟ ହିନ୍ଦ ସିନେମା ନିକଟରେ ମୋ ବାପାଙ୍କର ଏକ ଛୋଟ ହୋଟେଲ ଥିଲା। ଚାଳିଆଘରେ ଥିବା ସେହି ହୋଟେଲରେ ପରସା ଯାଉଥିବା ମଟନ ଚାମ୍ପ ବହୁ ସ୍ୱାଦିଷ୍ଟ ଥିଲା। ଏହା ଲୋକଙ୍କର ମନପସନ୍ଦର ଖାଦ୍ୟ ଥିଲା। ହୋଟେଲରେ ଗ୍ରାହକଙ୍କ ଭିଡ ରହୁଥିଲା। ବାପାଙ୍କୁ ହୋଟେଲରେ ସାହାଯ୍ୟ କରୁକରୁ ବ୍ୟବସାୟରେ ପ୍ରବେଶ କରିବା ପାଇଁ ଇଛା ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ବିକ୍ରି ସରିବା ପରେ ବାପାଙ୍କ ସହ ଲାଭ ଟଙ୍କା ଗଣିବାରେ ଆନନ୍ଦ ମିଳୁଥିଲା। ଏଭଳି ବ୍ୟବସାୟ ପ୍ରତି ଉତ୍ସାହ ବଢିଗଲା। ୧୯୭୪ରେ କଟକ ପୌରସଂସ୍ଥା ପକ୍ଷରୁ ବାପାଙ୍କ ହୋଟେଲଟିକୁ ଭାଙ୍ଗି ଦିଆଗଲା। ପରେ ବାପା ଆଉ ଏକ ସ୍ଥାନରେ ଏକ ଛୋଟ ଦୋକାନ କଲେ। ସେହି ସମୟରେ ରୋଜଗାର ଅନ୍ୱେଷଣରେ ଥିଲି।

**ରୁଚିର ସ୍ଥାପନ କିପରି ହେଲା ?**

● ମହାଜନ(ତେଲି) ଘରର ପୁଅ ଥିବାରୁ ବ୍ୟବସାୟ କୁଳ ବେଉସା ଥିଲା। ହୋଟେଲ ଭାଙ୍ଗିବା ପରେ ଚିନ୍ତିତ ଥିଲୁ। ସେହି ସମୟରେ ଓଏସ୍ଆଇସି ପ୍ରଦତ୍ତ ଉଦ୍ୟୋଗୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଉଳିଯାଇଥିବା ବ୍ୟବସାୟ ଚିନ୍ତାଧାରାକୁ ଜାଗ୍ରତ କରାଇଲା। କଲିକତା ଯାଇ ଏକ ମସଲା କାରଖାନାରେ କାମ କଲି। ବେତନ କମ୍ ଥିଲେ ସୁଦ୍ଧା କାରଖାନର ଯନ୍ତ୍ରପାତି, କଞ୍ଚାମାଲ, ଆମଦାନୀ, ମସଲା ପ୍ରସ୍ତୁତି ଓ ପ୍ୟାକେଜିଂ ସହ ବିକ୍ରିବଟା ଏବଂ ପରିଚାଳନା ଉପରେ ମନ ରହିଥିଲା। କିଛି ଦିନ କାମ କଲାପରେ ପରେ ଓଡ଼ିଶା ଫେରି ଏକ ଅଟା କଳ ସ୍ଥାପନ କରି ବ୍ୟବସାୟ ଆରମ୍ଭ କଲି।

**ରୁଚି ର ନାମ ବଜାରକୁ କିପରି ଆସିଲା ?**

● ବାପାଙ୍କ ହୋଟେଲର ସ୍ୱାଦିଷ୍ଟ ଭୋଜନକୁ ଗ୍ରାହକମାନେ ରୁଚିକର ଭୋଜନ ବୋଲି କହୁଥିଲେ। ସାଙ୍ଗମାନଙ୍କ ପରାମର୍ଶରେ ଏକ ଅଟା କଳ ସ୍ଥାପନ କରିଥିଲୁ। ଅଟାର କିଛି ସ୍ୱାତନ୍ତ୍ର୍ୟ ରହିବା ପାଇଁ ଉକ୍ତ ଚକି ଅଟାକୁ ରୁଚି ଅଟା ଭାବେରେ ନାମିତ କରାଯାଇଥିଲା।

**ମସଲା ଉଦ୍ୟୋଗ କ୍ଷେତ୍ରକୁ କିପରି ଆସିଲେ?**

● ହୋଟେଲ ଥିଲା ବେଳୁ ବୋଉ ଶିଳରେ ବିଭିନ୍ନ ପ୍ରକାରର ସାମଗ୍ରୀକୁ ବାଟି ମସଲା ପ୍ରସ୍ତୁତ କରୁଥିବାର ଦେଖିଥିଲି। ମସଲା ପ୍ରସ୍ତୁତି ବେଳେ ଅତ୍ୟଧିକ ପରିଶ୍ରମ କରିବାକୁ ପଡୁଥିଲା। ମା'ଙ୍କର ଅକ୍ଳାନ୍ତ ପରିଶ୍ରମକୁ ଅନୁଭବ କରିଥିଲି। ଅଟା ସହ ସେହି ଚକିରେ ହଳଦୀ, ଲଙ୍କା, ଜିରା, ଧନିଆକୁ ଆଦି ଗୁଣ୍ଡ କରି ଗ୍ରାହକମାନଙ୍କ ନିକଟରେ ପହଞ୍ଚାଇବାର ପ୍ରୟାସ ଆରମ୍ଭ ହେଲା। ସେହି ସମୟରେ କଟକରେ ଗୁଣ୍ଡ ମସଲାର ପ୍ରଚଳନ ପ୍ରାୟ ନ ଥିଲା କହିଲେ ଚଳେ।

**ବର୍ତ୍ତମାନର ଅତ୍ୟାଧୁନିକ କାରଖାନା କିପରି ରହିଛି।**

● ପ୍ରଥମେ ଖପୁରିଆରେ ୪୦୦ ବର୍ଗଫୁଟ ପରିମିତ ଭଡା ଘରେ ମସଲା ଉତ୍ପାଦନ କାମ ଆରମ୍ଭ ହୋଇଥିଲା। ଏହାର ନାମ ଓମ୍ ଅଏଲ ଆଣ୍ଡ ଫ୍ଲୋର ମିଲ୍ ଥିଲା। ଖାଇବା ତେଲର କାରଖାନା ଏବଂ ଅଟା ଉତ୍ପାଦନ କରିବା ଲକ୍ଷ୍ୟ ଥିଲା। ତେଲ କାରଖାନାର କଞ୍ଚାମାଲ ଏତେ ସହଜ ସାଧ ନ ଥିଲା। ପୂର୍ବ ଅଭିଜ୍ଞତା ଓ ଅଟା ଚକିରେ ଅଟା ଓ ମସଲା ଉଭୟ ହୋଇପାରିବା ସହଜ ଥିବାରୁ ରୁଚି ସମଲା ସୃଷ୍ଟି ହେଲା। ସେହି ସମୟରେ ଓଡ଼ିଶାରେ ମିଶ୍ରିତ ମସଲା ବ୍ଲେଟେଡ ଆରମ୍ଭ ହୋଇ ନ ଥିଲା। ହୋଟେଲର ଅଭିଜ୍ଞତା ଏଥିରେ କାମ ଆସିଥିଲା । ଏହାବାଦ ବିଦେଶଗସ୍ତ କରି ଅତ୍ୟାଧୁନିକ ପ୍ୟାକେଜିଂ ମେସିନ ଆଣିବା ଫଳରେ ଓଡ଼ିଶାର ମସଲା ବଜାର ବେଶ ଉତ୍ସାହିତ ହୋଇଥିଲା। ଏହା ଆଗକୁ ବଢିବାକୁ ଆହୁରି ପ୍ରେରଣା ଦେଲା।

**କମ୍ପାନୀ ସାମ୍ନାରେ ସବୁଠୁ ବଡ ଚ୍ୟାଲେଞ୍ଜ କ'ଣ ?**

● ଗୁଣବତ୍ତାକୁ ବଜାୟ ରଖିବା ପାଇଁ ଗୁଣଯୁକ୍ତ କଞ୍ଚାମାଲର ଆବଶ୍ୟକତା ରହିଛି। ଏହା ସଂଗ୍ରହ ହେଲା ପରେ ବିଶ୍ୱସ୍ତରୀୟ ପ୍ରକ୍ରିୟାକରଣ ଓ ଗୁଣବତ୍ତାକୁ ଅତୁଟ ରଖିବା ପାଇଁ ସର୍ବୋତ୍କୃଷ୍ଟ ପ୍ୟାକେଜିଂ ଆବଶ୍ୟକ। ବଜାରରେ ନାମ ଓ ଗୁଣବତ୍ତାକୁ ସନ୍ତୁଳିତ ରଖି ଗ୍ରାହକମାନଙ୍କ ନିକଟତର ହେବା ସବୁଠୁ ବଡ ଚ୍ୟାଲେଞ୍ଜ ପାଲଟିଛି।

**କମ୍ପାନୀର ଆଗାମୀ ଯୋଜନା କଣ ରହିଛି ?**

● କଟକ ବାଙ୍କୀ ମଧ୍ୟରେ ଥିବା ରାମଦାସପୁରଠାରେ ଏକ ସର୍ବୋତ୍ତମ ଅତ୍ୟାଧୁନିକ ସ୍ୱୟଂକ୍ରିୟ ମେସିନ ସ୍ଥାପନ ଦ୍ୱାରା ଏକ ଡ୍ରିମ ୟୁନିଟ ସ୍ଥାପନ କରାଯିବ। ଏଠାରେ ଅର୍ଗାନିକ ସାମଗ୍ରୀରୁ ରେଡି ଟୁ ଇଟ ଫ୍ରୋଜେନ ଫୁଡ୍ ପ୍ରସ୍ତୁତି କରାଯିବ। ୩୦ ପ୍ରକାରର ଖାଦ୍ୟ ଓ ୩୦୦୦ ନିଯୁକ୍ତି ସମ୍ଭାବନା ରହିଛି। ସମଗ୍ର ବିଶ୍ୱରେ ଓଡିଶାର ପାରମ୍ପରିକ ଖାଦ୍ୟକୁ ପହଞ୍ଚାଇବା ଲକ୍ଷ୍ୟ ରହିଛି। ଆରିସା, କାକରା, ମଣ୍ଡା, ପୋଡପିଠା,ଏଣ୍ଡୁରି ଓ ପଖାଳ ଆଦିକୁ ଉପଲବ୍ଧ କରାଇବାରେ ଚେଷ୍ଟା ଅବ୍ୟାହତ ରହିଛି। ଶୁଦ୍ଧ କେମିକାଲ ରହିତ ଉତ୍ପାଦରେ ଏହି ସବୁ ଜିନିଷ ପ୍ରସ୍ତୁତ କରାଯିବ। ଝିଅ ରଶ୍ମୀ ସାହୁ ରୁଚି ଫୁଡ ଲାଇନର ଦାୟିତ୍ୱ ଥିବା ବେଳେ ପୁଅ ଅରବିନ୍ଦ ସାହୁ କାମରେ ସହଯୋଗ କରୁଛି।



ଡକ୍ଟର ଶରତ କୁମାର ସାହୁ

# ଖେଳ ଖବର

## ମୁଖ୍ୟ କୋଚ୍‌ରୁ ଅବ୍ୟାହତି ନେଲେ ବାହାଦୁର



**ନୂଆଦିଲ୍ଲୀ, ୭।୭ (ପି.ଟି.):** ଭାରତୀୟ ଆଥଲେଟିକ୍ସ କୋଚ୍ ପଦବୀରୁ ବାହାଦୁର ସିଂ ଅବ୍ୟାହତି ନେଇଛନ୍ତି। ସେ ଦୀର୍ଘ ୨୫ବର୍ଷ ଧରି ଏହି ପଦବୀରେ ଥିଲେ। ଭାରତରେ କୌଣସି କୋଚ୍ ଏତେ ଦିନ ଧରି କାର୍ଯ୍ୟକରି ନାହାନ୍ତି। ବୟସ କଟକଣା ଯୋଗୁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ତାଙ୍କ କାର୍ଯ୍ୟକାଳ ମିଆଦ ବୃଦ୍ଧି କରି ନ ଥିଲା। ୭୪ ବର୍ଷୀୟ ଏସିଆନ ଗେମ୍ସ ସ୍ୱର୍ଣ୍ଣପଦକ ବିଜେତା (୧୯୭୮ ଓ ୧୯୮୨) ଏହି ଶଟ୍‌ପୁଟର କାର୍ଯ୍ୟକାଳ ଜୁନ୍ ୩୦ରେ ଶେଷ ହୋଇଥିଲା। ସ୍ପୋର୍ଟ୍ସ ଗାଇଡ୍‌ଲାଇନ୍ ଅନୁସାରେ ଜାତୀୟ କ୍ୟାମ୍ପଗୁଡ଼ିକରେ କୋଚ୍‌ମାନଙ୍କ ସର୍ବାଧିକ ବୟସ ସୀମା ୭୦ବର୍ଷ ରଖାଯାଇଛି। ସିଂ ୧୯୯୫ ଫେବୃୟାରୀରେ ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପ୍ରଥମେ ଜଣେ ଅନ୍ତର୍ଜାତୀୟ ପଦକ ବିଜେତା ଏବଂ ପରେ ମୁଖ୍ୟ କୋଚ୍‌ଭାବେ ଭାରତୀୟ ଆଥଲେଟିକ୍ସ ପ୍ରତି ବାହାଦୁରଙ୍କ ଅବଦାନ ଉଲ୍ଲେଖନୀୟ ବୋଲି ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍ଆଇ) ସଭାପତି ଆଦିଲ ସୁମାରିୱାଲ କହିଛନ୍ତି। କୋଭିଡ୍ ୧୯ ଯୋଗୁ ବରିଷ୍ଠ ନାଗରିକମାନଙ୍କ ଆତଯାତ ଉପରେ ଗୃହ ମନ୍ତ୍ରଣାଳୟ କଟକଣା ଲଗାଇଛନ୍ତି। ଏହି ଦୃଷ୍ଟିରୁ ବାହାଦୁର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଟୋକିଓ ୨୦୨୦ ଗେମ୍ସ ଯଦି ସ୍ଥଗିତ ହୋଇ ନ ଥାନ୍ତା ତେବେ ତାଙ୍କୁ ଭାରତୀୟ ଅଲିମ୍ପିକ୍ସ ଦଳରେ ଦେଖିବାକୁ ମିଳିଥାନ୍ତା। ବାହାଦୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆଥଲେଟିକ୍ସରେ ୨ ସ୍ୱର୍ଣ୍ଣ ସହ ୧୨ ପଦକ ହାସଲ କରିଥିଲା। ଜାକର୍ତ୍ତାରେ ୨୦୧୮ ଏସିଆନ ଗେମ୍ସରେ ଶ୍ରେଷ୍ଠ ପ୍ରଦର୍ଶନ ସହ ଭାରତ ଦୌଡ଼କୁଦ ପ୍ରତିଯୋଗିତାରେ ୮ ସ୍ୱର୍ଣ୍ଣ ଓ ୯ ରୌପ୍ୟ ସହ ମୋଟ ୨୦ଟି ପଦକ ଜିତିଥିଲା।

# ଆଜିଠାରୁ ପ୍ରଥମ ଟେଷ୍ଟ

ସାଉଥାମ୍ପଟନ, ୭।୭

ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ପ୍ରଥମ କ୍ରିକେଟ ଟେଷ୍ଟ ବୁଧବାରଠାରୁ ଏଜାସ ବାଓଲ ଷ୍ଟାଡିୟମରେ ଆରମ୍ଭ ହେବ। କରୋନା ଭାଇରସ ସଂକ୍ରମଣ ଜନିତ ପ୍ରଭାବ ପରେ ଏହା ହେବ ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ଜୈବ-ସୁରକ୍ଷିତ ପରିବେଶରେ ହେବାକୁ ଯାଉଥିବା ଏହି ଟେଷ୍ଟ ପାଇଁ ଉଭୟ ଦଳ ପରସ୍ପର ମଧ୍ୟରେ ଗୋଟିଏ ଲେଖାଏ ୱାର୍ମଅପ୍ ମ୍ୟାଚ ଖେଳିବା ସହ କଡ଼ା ଅଭ୍ୟାସ କରିଛନ୍ତି। ଜାସନ ହୋଲ୍ଡର ୱେଷ୍ଟଇଣ୍ଡିଜର ନେତୃତ୍ୱ ନେଉଥିବାବେଳେ ଜୋ ରୁଟ୍‌ଙ୍କ ଅନୁପସ୍ଥିତିରେ ଇଂଲଣ୍ଡ ଦଳ ବେନ୍ ଷ୍ଟୋକ୍ସଙ୍କ ଅଧୀନରେ ଖେଳିବ। ୩ ମ୍ୟାଚ ବିଶିଷ୍ଟ ଏହି ସିରିଜ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅନ୍ତର୍ଗତ। ତେଣୁ ଏଥିରେ ବିଜୟୀ ଦଳକୁ ଚାମ୍ପିୟନଶିପ୍ ପଏଣ୍ଟ ମିଳିବ। ଘରୋଇ ପରିବେଶରେ ଖେଳିବାକୁ ଯାଉଥିବାରୁ ଇଂଲଣ୍ଡକୁ ଫେଭରାଇଟ କୁହା ଯାଉଛି। ତେବେ ୱେଷ୍ଟଇଣ୍ଡିଜର ପେସ୍ ଆକ୍ରମଣ ଶାଣିତ ଥିବାରୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ବିନା ଦର୍ଶକରେ ହେବାକୁ ଥିବା ଏହି ମ୍ୟାଚର ପ୍ରଥମ ଦୁଇଦିନ ବର୍ଷାଦ୍ୱାରା ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି।

**ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ**

**ଇଂଲଣ୍ଡ ସମ୍ଭାବ୍ୟ ଏକାଦଶ:** ବେନ୍ ଷ୍ଟୋକ୍ସ(ଅଧିନାୟକ), ରୋରୀ ବର୍ନ୍ସ, ଡମ୍ ସିବ୍‌ଲେ, ଜୋ ଡେନ୍‌ଲି, ଜ୍ୟାକ କ୍ରାୱଲେ, ଓଲି ପୋପ୍, ଜୋସ୍ ବଟଲର, ଡମ୍ ବେସ୍, ଜୋଫ୍ରା ଆର୍ଚର, ଷ୍ଟୁଆର୍ଟ ବ୍ରଡ୍, ଜେମ୍ସ ଆଣ୍ଡରସନ।

**ସମ୍ଭାବ୍ୟ ୱେଷ୍ଟଇଣ୍ଡିଜ ଏକାଦଶ:** ଜାସନ ହୋଲ୍ଡର(ଅଧିନାୟକ), ଜନ୍ କ୍ୟାମ୍ପବେଲ, କ୍ରେଗ୍ ବ୍ରାଥୱେଟ, ଶାଇ ହୋପ୍, ଶାମରା ବ୍ରୁକ୍ସ, ରଷ୍ଟନ ଚେଜ୍, ଶେନ ଡୋଉରିଚ୍, ରାଖିମ କର୍ନୱେଲ, ଆଲଜାରି ଜୋସେଫ, କେମର ରୋଚ୍, ଶାନନ ଗାବ୍ରିଏଲ।



ଜାସନ ହୋଲ୍ଡର



ବେନ୍ ଷ୍ଟୋକ୍ସ

## ସିପିଏଲ୍ ଖେଳିବେ ଟାମ୍ବେ

**ମୁମ୍ବାଇ, ୭।୭ (ପି.ଟି.):** ଅଭିଜ୍ଞ ସ୍ପିନର ପ୍ରବୀଣ ଟାମ୍ବେ ପୁଣି ଥରେ ଆନୁଷ୍ଠାନିକ ଭାବେ ଅବସର ଘୋଷଣା କରିଛନ୍ତି। ଫଳରେ ୪୮ ବର୍ଷରେ ସେ କାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍) ଖେଳିବା ନେଇ ରାସ୍ତା ସଫା ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ ପ୍ରତିବନ୍ଧକ ସାଜିବ ନାହିଁ। ପୂର୍ବରୁ ପ୍ରଥମେ ସେ ଅବସର ଘୋଷଣା କରିଥିଲେ ଓ ପୁଣି ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଥମ ଭାରତୀୟ ଖେଳାଳି ଭାବେ ଟାମ୍ବେ ସିପିଏଲ୍ ଖେଳିବାକୁ ଯାଉଛନ୍ତି। କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଥିବାରୁ ବିସିସିଆଇ ନିୟମ ଅନୁସାରେ ସେ ସିପିଏଲ୍ ଖେଳିବାକୁ ଯୋଗ୍ୟ। ଟାମ୍ବେ ଏବେ ଅବସର ନେଇ ସାରିଛନ୍ତି ବୋଲି ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ର ଜଣେ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଏମ୍‌ସିଏ ରେକର୍ଡ ଅନୁସାରେ ସେ ଅବସର ନେଇଛନ୍ତି। ପ୍ରଥମେ ସେ ଅବସର ନେଇଥିଲେ। ପରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏବେ ପୁଣି ସେ ଅବସର ଘୋଷଣା କରିଛନ୍ତି। ଏ ନେଇ ଟାମ୍ବେ ଏମ୍‌ସିଏକୁ ଇମେଲ ଯୋଗେ ଅବଗତ କରାଇଛନ୍ତି।

# ଡିଟି ଗ୍ରୁପ ନେଲା ଆର୍ଯ୍ୟନଙ୍କ ଦାୟିତ୍ୱ

**ଭୁବନେଶ୍ୱର, ୭।୭(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ପ୍ରତିଭା ଆର୍ଯ୍ୟନ ବ୍ରାହ୍ମିନ ଏବେ ବିନା ଚାପରେ ଆଗକୁ ବଢ଼ିବା ପଥ ପରଷ୍କାର ହୋଇଛି। କାରଣ ଡିଟି (ଦୂତୀ ଚାନ୍ଦ-ତପି ମିଶ୍ର) ଗ୍ରୁପ ଏବେ ଆର୍ଯ୍ୟନଙ୍କ ଦାୟିତ୍ୱ ହାତକୁ ନେଇଛି। ଫଳରେ ଏଣିକି ଆର୍ଯ୍ୟନଙ୍କ ବ୍ରାଣ୍ଡିଙ୍ଗ୍, ପ୍ରତିଯୋଗିତାରେ ଅଂଶଗ୍ରହଣ, ପ୍ରସ୍ତୁତି ଓ ମିଡିଆ ମ୍ୟାନେଜମେଣ୍ଟ ଆଦିର ପରିଚାଳନା ଏବଂ ଜଣେ ପ୍ରତିଷ୍ଠିତ ଖେଳାଳିଭାବେ ଗଢ଼ି ତୋଳିବା ଦାୟିତ୍ୱ ଏଣିକି ଡିଟି ଗ୍ରୁପ ନେବ। ଦୁଇ ବର୍ଷିଆ ଚୁକ୍ତି ସମୟସୀମା ମଧ୍ୟରେ ଆର୍ଯ୍ୟନଙ୍କୁ ବିଭିନ୍ନ ପ୍ରାୟୋଜକଙ୍କ ସହ ଯୋଡ଼ିବା ପାଇଁ ଏହି ଗ୍ରୁପ ପ୍ରୟାସ କରିବ ବୋଲି ଏହାର ପରିଚାଳନା ନିର୍ଦ୍ଦେଶକ ତପି ମିଶ୍ର ପ୍ରକାଶ କରିଛନ୍ତି। ପୂର୍ବରୁ ଅଲିମ୍ପିଆନ ଦୂତୀଙ୍କ ପାଇଁ ଏହି ଗ୍ରୁପ କାର୍ଯ୍ୟ କରି ଆସୁଛି। ମୁଁ ଏହି କମ୍ପାନୀ ଆରମ୍ଭ କରିଥିଲେ ହେଁ ଦୂତୀ ଏକ ଲକି ନାମ ହୋଇଥିବାରୁ ତାଙ୍କ ନାମରେ ଏହାର ନାମକରଣ କରାଯାଇଛି। ରାଜ୍ୟର ଅନ୍ୟ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ମଧ ଏହାର ପରିସରକୁ ଆଣିବାକୁ ଉଦ୍ୟମ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

୧୦୦ ମିଟରରେ ଜାତୀୟ ରେକର୍ଡଧାରିଣୀ ସ୍ପ୍ରିଣ୍ଟ କୁଇନ୍ ଦୂତୀ ମଧ ଏପରି ଏକ ପ୍ରୟାସ ନିହାତି ଆବଶ୍ୟକ ଥିଲା ବୋଲି ପ୍ରକାଶ କରିଛନ୍ତି। ''ରାଜ୍ୟରେ ଯେଉଁ ସକ୍ରିୟ ଆଥଲେଟ୍‌ମାନେ ପ୍ରତିଷ୍ଠା ଅର୍ଜନ କରିଛନ୍ତି କିମ୍ବା ଯେଉଁ ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି ସେମାନଙ୍କ କଥା ବୁଝିବାକୁ କେହି ନାହିଁ। ତେଣୁ ଏହି ଗ୍ରୁପ ଆଗାମୀ ଦିନରେ ସେହି ଲକ୍ଷ୍ୟରେ କାର୍ଯ୍ୟ କରିବ। ଫଳରେ ଆଥଲେଟ୍‌ମାନେ ଚାପର ବଶବର୍ତ୍ତୀ ନ ହୋଇ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇ ପାରିବେ'' ବୋଲି ଏସିଆନ ଗେମ୍ସରେ ଡବଲ ସିଲଭର ମେଡାଲିଷ୍ଟ ଦୂତୀ କହିଛନ୍ତି। ଆର୍ଯ୍ୟନ ଗତବର୍ଷ ତାସକେଣ୍ଟରେ ଅନୁଷ୍ଠିତ ଇଣ୍ଡିପେଣ୍ଡେଣ୍ଟ କପ୍ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ଗତ ୨ ବର୍ଷ ମଧ୍ୟରେ ସେ ୪ଟି ଅନ୍ତର୍ଜାତୀୟ ଏବଂ ଏକାଧିକ ଜୁନିୟର ବର୍ଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଆର୍ଯ୍ୟନଙ୍କ ଏହି ପ୍ରଗତିରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ତାଙ୍କ ବାପା ତଥା ଆଥଲେଟ୍ ଗୌରୀଶଙ୍କର ମିଶ୍ର। ''ଆର୍ଯ୍ୟନର ଖାଦ୍ୟପେୟଠାରୁ ଆରମ୍ଭ କରି ଟ୍ରେନିଂ ଏବଂ ବାହାରକୁ ଯିବା ପାଇଁ ଯାହାସବୁ ଖର୍ଚ୍ଚ ମୋତେ ବହନ କରିବାକୁ ପଡୁଥିଲା। ମାତ୍ର ଏବେ ଅତିକମ୍‌ରେ ୨ ବର୍ଷ ପାଇଁ ଏ ସବୁ ସମସ୍ୟା ଆଉ ନାହିଁ। ଫଳରେ ତା' ଖେଳ ପ୍ରତି ମୋତେ ଏବେ ଅଧିକ ଫୋକସ କରିବାକୁ ସମୟ ମିଳିବ'' ବୋଲି ସେ ପ୍ରକାଶ କରିଛନ୍ତି।



ତପି ମିଶ୍ରଙ୍କ ସହ ଆର୍ଯ୍ୟନ ବ୍ରାହ୍ମିନ (ବାମ)।

# ଜନ୍ମଦିନରେ ଧୋନୀଙ୍କୁ ଶୁଭେଚ୍ଛାର ସୁଅ

**ନୂଆଦିଲ୍ଲୀ,୭।୭ (ପି.ଟି.):** ଭାରତୀୟ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୩୯ ବର୍ଷରେ ପଦାର୍ପଣ କରିଛନ୍ତି। ଆଧୁନିକ ଭାରତର ସବୁଠାରୁ ଲୋକପ୍ରିୟ କ୍ରିକେଟର ରୂପେ ପରିଗଣିତ ହେଉଥିବା ଧୋନୀ ମଙ୍ଗଳବାର ଜନ୍ମଦିନ ପାଳନ କରିଛନ୍ତି। ଏଥିପାଇଁ ସବୁମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ଟାଇଗର ପଟୌଦିଙ୍କଠାରୁ ବିରାଟ କୋହଲିଙ୍କ ପର୍ଯ୍ୟନ୍ତ ଭାରତର ସବୁ ଅଧିନାୟକଙ୍କଠାରେ କିଛି ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ। କିନ୍ତୁ ଧୋନୀଙ୍କ ଭଳି ଶାନ୍ତ ସ୍ୱଭାବର କେହି ନୁହନ୍ତି।

ଗତ ୧୬ ବର୍ଷ ହେବ ସେ ଦେଶ ପାଇଁ ଏକ ଚର୍ଚ୍ଚିତ ଚେହେରା ରହିଆସିଛନ୍ତି। ଏବେ ତାଙ୍କ ଅବସର ନେଇ ଚର୍ଚ୍ଚା ହେଉଛି। ତେବେ ତାଙ୍କ ପ୍ରଶଂସକମାନେ ଏହି ଚର୍ଚ୍ଚାକୁ ଆଦୌ ପସନ୍ଦ କରନ୍ତି ନାହିଁ। ପୂର୍ବପରି ସେ ଖେଳ ଜାରି ରଖନ୍ତୁ ବୋଲି ତାଙ୍କ ପ୍ରଶଂସକମାନେ ଚାହାନ୍ତି। ତାଙ୍କର ଏହି ଜନ୍ମ ଦିନରେ ଓପନର ଶିଖର ଧାୱନ, ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା, ମହିଳା କ୍ରିକେଟର ବେଦା କ୍ରିଷ୍ଣମୂର୍ତ୍ତି, ଯୁବ କ୍ରିକେଟର ଶ୍ରେୟାସ ଆୟାର, ଅଭିଜ୍ଞ ଦ୍ରୁତ ବୋଲର ଈଶାନ୍ତ ଶର୍ମା, ରେସଲର ଯୋଗେଶ୍ୱର ଦତ୍ତ, ସ୍ପିନର ୟୁଜବେନ୍ଦ୍ର ଚହଲ ଭଳି ଖେଳାଳି ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଟିମ୍ ମେଟ୍ ସୁରେଶ ରାଇନା, ଡ୍ୱେନ ବ୍ରାଭୋ, ଦୁଇଥର ଅଲିମ୍ପିକ୍ସ ପଦକ ବିଜେତା ରେସଲର ସୁଶୀଲ କୁମାର, ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ମଧ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ମହମ୍ମଦ କୈଫ୍‌ଙ୍କ ଟୁଇଟ୍‌କୁ ନେଇ ସବୁଠାରୁ ଅଧିକ ଚର୍ଚ୍ଚା ହେଉଛି। ଆଉ ଜଣେ ଧୋନୀଙ୍କୁ ଦେଖିବାକୁ ମିଳିବ ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି। ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କଠାରୁ ଆରମ୍ଭ କରି କେଦାର ଯାଦବଙ୍କ ପର୍ଯ୍ୟନ୍ତ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଶଂସା କରିଛନ୍ତି।




ଧୋନୀଙ୍କୁ ଶୁଭେଚ୍ଛା ଜଣାଇ ପୁରୀଠାରେ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ଆନିମେଶନ।

## ଟପ୍ ଅର୍ଡରରେ ଧୋନୀଙ୍କୁ ଚାହୁଁଥିଲେ ଗାଙ୍ଗୁଲି

**କୋଲକାତା,୭।୭(ପି.ଟି.):** ମହେନ୍ଦ୍ର ସିଂ ଧୋନୀ ଜଣେ ବିଶ୍ୱସ୍ତରୀୟ ଫିନିଶର ବୋଲି ସମସ୍ତଙ୍କୁ ଜଣା। ତେବେ ତାଙ୍କ ୩୯ତମ ଜନ୍ମଦିନ ଅବସରରେ ପୂର୍ବତନ ଅଧିନାୟକ ତଥା ଭାରତୀୟ କ୍ରିକେଟ କେଣ୍ଟ୍ରୋଲ ବୋର୍ଡ (ବିସିସିଆଇ ସଭାପତି ଏକ ଭିନ୍ନ ପ୍ରକାର ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି। ଭଲ ଫିନିଶର ହୋଇଥିଲେ ମଧ ଧୋନୀ ଉପରକ୍ରମରେ ବ୍ୟାଟିଂ କରିଥିଲେ ଆହୁରି ଅଧିକ ପ୍ରଭାବୀ ସାବ୍ୟସ୍ତ ହୋଇଥାନ୍ତେ ବୋଲି ସେ କହିଛନ୍ତି। ଜନ୍ମଦିନ ଅବସରରେ ସେ ଧୋନୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ବିଶ୍ୱର ଜଣେ ଅନ୍ୟତମ ଶ୍ରେଷ୍ଠ କ୍ରିକେଟର ବୋଲି ବିସିସିଆଇ ଟୁଇଟର ହ୍ୟାଣ୍ଡଲରେ ମୟଙ୍କ ଅଗ୍ରୱାଲଙ୍କ ସହ କଥା ହେବା ବେଳେ ସେ କହିଛନ୍ତି। ସେ ଜଣେ ପରିପକ୍ୱ ଖେଳାଳି ଓ ଚାପରେ ସେ ଆହୁରି ଭଲ ପ୍ରଦର୍ଶନ କରିଥାନ୍ତି।

## ୮ ବେଆଇନ ବାଲି ଗାଡ଼ି ଜବତ

ନରାଜ, (ଡି.ଏନ୍.ଏ.) ବାରଙ୍ଗ ତହସିଲ ପକ୍ଷରୁ ମଙ୍ଗଳବାର ବାଙ୍କୀ ଓ ବାରଙ୍ଗ ରାସ୍ତାରେ ବେଆଇନ ବାଲି ଚାଲାଣ କରୁଥିବା ଗାଡ଼ିଗୁଡ଼ିକ ଉପରେ ଚଢ଼ାଉ କରାଯାଇଛି। ଏହି ସମୟରେ ୮ ଗାଡ଼ିରୁ ୧ଲକ୍ଷ ୪୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଗାଡ଼ିଗୁଡ଼ିକ ମଧ୍ୟରେ ୬ ହାଇୱା ଥିବା ବେଳେ ଗୋଟିଏ ଲେଖାଏ ଟିପ୍ପର ଓ ଟ୍ରାକ୍ଟର ରହିଛି। ଏହି ଚଢ଼ାଉରେ ବାରଙ୍ଗ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଓ ରାଜସ୍ୱ ନିରୀକ୍ଷକ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ଇନଫୋର୍ସମେଣ୍ଟ ଫୋର୍ସ ସାମିଲ ହୋଇଥିଲେ।

### ସଂକ୍ଷେପରେ

## ଖୋର୍ଦ୍ଧାରେ ୧୧ କରୋନା ପଜିଟିଭ୍

ଖୋର୍ଦ୍ଧା ଅଫିସ,୭।୭: ଖୋର୍ଦ୍ଧା ଜିଲା (ଭୁବନେଶ୍ୱରକୁ ବାଦ୍ ଦେଇ)ରେ ମଙ୍ଗଳବାର ୧୧ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବାଲୁଗାଁର ୨, ଟାଙ୍ଗୀର ୧, ବାଲିପାଟଣାର ୩, ମେଣ୍ଢାଶାଳର ୪ ଏବଂ ବାଲକାଟୀର ଜଣେ ରହିଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ଲାଗି କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ଅନ୍ୟପଟେ ଜିଲାର ୯ଟି ସ୍ୱାବ୍ କେନ୍ଦ୍ରରୁ ୩୭୦ଜଣଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି। ସେଥିରେ ଖୋର୍ଦ୍ଧାରୁ ସର୍ବାଧିକ ୧୪୫, ଟାଙ୍ଗୀର ୩୦, ବାଲୁଗାଁର ୧୯, ବାଣପୁରର ୨୦, ବେଗୁନିଆର ୧୮, ବୋଲଗଡ଼ର ୧୧, ବାଲକାଟୀର ୫୬, ବାଲିପାଟଣାର ୩୩, ମେଣ୍ଢାଶାଳର ୩୮ଜଣ ରହିଛନ୍ତି।

## ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ରର ୬ କର୍ମଚାରୀ ପଜିଟିଭ

କଣ୍ଟାପଡା,୭।୭(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅଧୀନ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୬ଜଣ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ ମହିଳା ଓ ୩ ପୁରୁଷ କର୍ମଚାରୀ ଥିବା ଜଣାପଡିଛି। ସମସ୍ତ କର୍ମଚାରୀ ମେଡିକାଲ ଅଫିସରେ କାର୍ଯ୍ୟରତ କିରାଣି ଓ ଅନ୍ୟ କର୍ମଚାରୀ ବୋଲି ଜଣାପଡିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ୩ଦିନ ତଳେ ସ୍ୱାବ ପରୀକ୍ଷା ପାଇଁ ଯାଇଥିବାବେଳେ ଏହି ୬ଜଣଙ୍କ ମଙ୍ଗଳବାର ପଜିଟିଭ ବାହାରିଛି। ଏହାପରେ ସଂକ୍ରମଣକୁ ଦୃଷ୍ଟିରେ ରଖି ତଣ୍ଡିକଣା ଛକଠାରୁ ଅଡ଼ଶପୁର ତ୍ରିଛକ ଓ ବରାଇପୁର କଲେଜ ଛକ ପର୍ଯ୍ୟନ୍ତ ସରପଞ୍ଚ ଡଲି ସ୍ୱାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହା ମଙ୍ଗଳବାର ମଧ୍ୟରାତ୍ରରୁ ଶୁକ୍ରବାକର ମଧ୍ୟରାତ୍ର ପର୍ଯ୍ୟନ୍ତ ନିୟମ ବଳବତ୍ତର ରହିବ ବୋଲି ପ୍ରଶାସନ ପକ୍ଷରୁ ଜଣାପଡ଼ିଛି। ଏହାକୁ ନେଇ ଅଡଶପୁର ସମେତ କଣ୍ଟାପଡା ବ୍ଲକରେ ଭୟର ବାତାବରଣ ସୃଷ୍ଟିହୋଇଛି।

## କାଠଯୋଡ଼ିରୁ ଯୁବକଙ୍କ ମୃତଦେହ ଉଦ୍ଧାର

କଟକ ଅଫିସ,୭।୭: ଖାନ୍‌ନଗର ନିକଟରେ କାଠଯୋଡ଼ି ନଦୀରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଅଞ୍ଚଳର ବାସିନ୍ଦା ସକାଳ ୮ଟାରେ କାଠଯୋଡ଼ି ନଦୀକୁ ଗାଧୋଇବାକୁ ଯିବାବେଳେ ମୃତଦେହ ଭାସୁଥିବା ଦେଖିଥିଲେ। ବାଦାମବାଡ଼ି ଥାନା ପୋଲିସ ଖବର ପାଇ ସେଠାରୁ ମୃତଦେହ ଉଦ୍ଧାର କରିଥିଲା। ମୃତକଙ୍କ ବୟସ ୨୩ରୁ ୨୫ ବର୍ଷ ମଧ୍ୟରେ ହେବ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସ୍ୱଚ୍ଛଜଳ ଧାରା ଉଦ୍‌ଘାଟିତ

ବାଲିପାଟଣା,୭।୭(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅନ୍ତର୍ଗତ ଆମେଣାକୁଦ ପଞ୍ଚାୟତର ତିହୁରି ପ୍ରକଳ୍ପଠାରେ ମଙ୍ଗଳବାର ଜୟଦେବ ବିଧାୟକ ଅରବିନ୍ଦ ଢାଲିଙ୍କ ଦ୍ୱାରା ସ୍ୱଚ୍ଛ ଜଳ ଧାରା ଉଦ୍‌ଘାଟିତ ହୋଇଯାଇଛି। ଯଉଁ ଅଞ୍ଚଳରେ ସ୍ୱଚ୍ଛ ଜଳଧାରା ପ୍ରକଳ୍ପ ଥିବ ସେହି ସ୍ଥାନର ସମସ୍ତ ଜନସାଧାରଣ ଏହାର ସୁବିଧା ପାଇପାରିବେ। ଏହି କାର୍ଯ୍ୟକ୍ରମରେ ଆମେଣାକୁଦ ସରପଞ୍ଚ ମମତା ଭୋଇ , ସମିତି ସଭ୍ୟ ବାବୁରାମ ମଲ୍ଲିକ, ଯନ୍ତ୍ରୀ ସୁନିଲ କୁମାର ପାଢୀ, ବିଧାୟକଙ୍କ ପ୍ରତିନିଧି ପ୍ରତାପ କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମ୍‌ସି କମିଶନରଙ୍କ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ

■ ସିଭିଲ ସୋସାଇଟି ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା
■ କମିଶନର କହିଲେ ଖବରଦାତା ସମ୍ମିଳନୀରେ ପ୍ରତିକ୍ରିୟା ରଖିବି



ଭୁବନେଶ୍ୱର, ୭।୭(ବ୍ୟୁରୋ)

ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ବିରୋଧରେ କୋଭିଡ ଗାଇଡ୍‌ଲାଇନ ଉଲ୍ଲଂଘନ ଅଭିଯୋଗ ହୋଇଛି। ଏ ନେଇ ସିଭିଲ ସୋସାଇଟି ତରଫରୁ ସାମାଜିକ କର୍ମୀ ସଂଯୁକ୍ତା ପାଣିଗ୍ରାହୀ ମଙ୍ଗଳବାର କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ପାଣିଗ୍ରାହୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ସଭା ସମିତି, ଜନସମାବେଶ ଉପରେ କଟକଣା ଜାରି କରିବା ସହ ସାମାଜିକ ଦୂରତ୍ୱ ରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ଭୁବନେଶ୍ୱରରେ ପ୍ରତି ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା କରିଛନ୍ତି। କିନ୍ତୁ ବିଏମ୍‌ସି କମିଶନର ସମସ୍ତ ନୀତିନିୟମ ଉଲ୍ଲଂଘନ କରି ଶନିବାର ଓ ରବିବାର ବିଭିନ୍ନ ଅଞ୍ଚଳରେ ବୈଠକ, ସଭାସମିତି କରୁଛନ୍ତି। ସେ କୋଭିଡ ନିୟମର ଧାରା ୮(ଇ)ଉଲ୍ଲଂଘନ କରିଥିବାରୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପାଣିଗ୍ରାହୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏଭଳି ଅଭିଯୋଗ ସମ୍ପର୍କରେ ବିଏମ୍‌ସି କମିଶନର ଚୌଧାରୀଙ୍କୁ ପଚାରିବାରେ କହିଛନ୍ତି, ତାଙ୍କ ନାମରେ ଆସିଥିବା ଅଭିଯୋଗର ପ୍ରତିକ୍ରିୟା ସେ ଖବରଦାତା ସମ୍ମିଳନୀରେ ରଖିବେ। ସେହିପରି ଅଭିଯୋଗ ଭିତ୍ତିରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି।

# ଜିଲାରେ ଲଗାଯିବ ୧୬.୫ ଲକ୍ଷ ଚାରା

■ ୪ ଭ୍ରାମ୍ୟମାଣ ଯାନରେ ଚାରା ବିତରଣ ବ୍ୟବସ୍ଥା
■ ସହରାଞ୍ଚଳରେ ଜଣଙ୍କ ପିଛା ୫, ଗ୍ରାମାଞ୍ଚଳରେ ୧୦ଚାରା
■ ମହାନଦୀ ଅବବାହିକା ବାସିନ୍ଦାଙ୍କୁ ମାଗଣା ଚାରା

ଖୋର୍ଦ୍ଧା ଅଫିସ,୭।୭

ଚଳିତବର୍ଷ ଖୋର୍ଦ୍ଧା ଜିଲାରେ ୧୬ଲକ୍ଷ ୫୦ହଜାର ୬ଶହ ଚାରା ରୋପଣ କରାଯିବ। ସେଥିରୁ ୧୦ଲକ୍ଷ ୫୦ହଜାର ୬ଶହ ଚାରା ନୂତନ ଜଙ୍ଗଲ ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରହିଥିବା ବେଳେ ୬ଲକ୍ଷ ଚାରା ଜନସାଧାରଣଙ୍କୁ ବଣ୍ଟନ କରାଯିବ ବୋଲି ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଏସ୍.ସାମନ୍ତରାୟ କହିଛନ୍ତି। ୭୧ତମ ବନ ମହୋତ୍ସବ ଅବସରରେ ଜୁଲାଇ ପହିଲାରୁ ଚାରା ବିତରଣ କରାଯାଉଛି। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କ ନିକଟରେ ଚାରା ପହଞ୍ଚାଇବା ଲକ୍ଷ୍ୟରେ ୧୨ଟି ଚାରା ଉତ୍ପାଦନ କେନ୍ଦ୍ର, ୫ଟି ଚାରା ବିତରଣ କେନ୍ଦ୍ର ଏବଂ ୪ଟି ଭ୍ରାମ୍ୟମାଣ ମୋଟରଯାନ ଚାରା ବିତରଣ ବ୍ୟବସ୍ଥା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ଚାରାରୋପଣ ନେଇ ସଚେତନ କରାଯାଉଛି। ସହାରାଞ୍ଚଳରେ ଜଣଙ୍କ ପିଛା ସର୍ବଧିକ ୫ଟି ଏବଂ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ଟି ଚାରା ଭ୍ରାମ୍ୟମାଣ ଚାରାଯାନ ଏବଂ ଚାରା ଷ୍ଟଲ ଜରିଆରେ ଯୋଗାଇ ଦିଆଯିବ। ଅଧିକ ଚାରା ଲାଗି ଆଗ୍ରହ ରଖିଥିବା ବ୍ୟକ୍ତି ଚାରା ଉତ୍ପାଦନ କେନ୍ଦ୍ରରୁ ନେଇପାରିବେ। ସଂସ୍ଥା, ବେସରକାରୀ ତଥା ସରକାରୀ ଅନୁଷ୍ଠାନ, ଏନଜିଓକୁ ଭ୍ରାମ୍ୟମାଣ ଚାରାଯାନ ଏବଂ ଚାରାଷ୍ଟଲ ପକ୍ଷରୁ ଶହେ ଚାରା ଦିଆଯିବ। କୌଣସି ସଂସ୍ଥା, ଅନୁଷ୍ଠାନ ଅଧିକ ଚାରା ଆବଶ୍ୟକ କରୁଥିଲେ, ବନାଞ୍ଚଳ ଅଧିକାରୀଙ୍କୁ ଦରଖାସ୍ତ କରିପାରିବେ। ସେମାନଙ୍କ ଆବଶ୍ୟକତାକୁ ବିଚାର କରାଯାଇ ସର୍ବାଧିକ ୧ହଜାର ପର୍ଯ୍ୟନ୍ତ ଚାରା ଯୋଗାଇ ଦିଆଯିବ। ସର୍ବସାଧାରଣ ନିମନ୍ତେ ପ୍ରତି ଚାରା ପ୍ରତି ୧ଟଙ୍କା ଦେବାକୁ ପଡିବ। ସମସ୍ତ ଅନୁଷ୍ଠାନ, ସଂସ୍ଥା, ପଞ୍ଜୀକୃତ ଅନୁଷ୍ଠାନ, ବନସୁରକ୍ଷା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ମୂଲ୍ୟରେ ଚାରା ଯୋଗାଇ ଦିଆଯିବ। ମହାନଦୀ ଅବବାହିକାର ୨କି.ମି. ମଧ୍ୟରେ ବସବାସ କରୁଥିବା ଜନସାଧାରଣଙ୍କୁ ବିନା ମୂଲ୍ୟରେ ଚାରା ଯୋଗାଇ ଦିଆଯିବ। ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍କୁଲ, କଲେଜ, ରାସ୍ତା ପାର୍ଶ୍ୱରେ ବ୍ୟାପକ ଚାରା ରୋପଣ ଯୋଜନା ରହିଛି। ଏ ନେଇ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି ବୋଲି ଡିଏଫ୍‌ଓ ସାମନ୍ତରାୟ କହିଛନ୍ତି।



ଅଭିନେତା ବିଜୟ ମହାନ୍ତିଙ୍କ ମୃତ୍ୟୁ ଗୁଜବ ସୃଷ୍ଟି କରୁଥିବା ୱେବ୍‌ସାଇଟ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଓଡ଼ିଶା ସିନେ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ମଙ୍ଗଳବାର କ୍ୟାପିଟାଲ ଥାନାର ଜଣେ ଅଧିକାରୀଙ୍କୁ ଅଭିଯୋଗପତ୍ର ଦିଆଯାଉଛି।

# ମଦ୍ୟପାନ କରି ପୋଲିସକୁ ଗାଳି

### ୩ ଅଟକ, ଜଣେ ଫେରାର

ଭୁବନେଶ୍ୱର, ୭।୭(ବ୍ୟୁରୋ)

ଶହୀଦନଗର ଥାନା ଅନ୍ତର୍ଗତ ରୁପାଲି ଛକ ନିକଟ ଏକ ପେଟ୍ରୋଲ ପମ୍ପ ପରିସରରେ ମଙ୍ଗଳବାର ମଦ୍ୟପାନ କରି ଏକ ରାଜନୈତିକ ଦଳର ଜଣେ ଛାତ୍ରନେତା ଓ ୩ଜଣ କର୍ମୀ ବୋବାଲ କରୁଥିଲେ। ଖବର ପାଇ ପୋଲିସ ପହଞ୍ଚି ସେମାନଙ୍କୁ ବାରଣ କରିବାରୁ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ସେମାନେ ଗାଳିଗୁଲଜ କରିଥିଲେ। ଏପରି କି କାର୍ଯ୍ୟାନୁଷ୍ଠାନ ନେଲେ ଥାନା ଘେରାଉ କରିବାକୁ ସମୟ ଲାଗିବନି ବୋଲି ଧମକ ଦେଇଥିଲେ। ଫଳରେ ପୋଲିସ ୩ ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିବାବେଳେ ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ୩ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

■ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଲେ ଲୋକେ

ଭୁବନେଶ୍ୱର, ୭।୭(ବ୍ୟୁରୋ)

ଦୁଇ ଦିନ ତଳେ ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ଶିଶୁଙ୍କୁ ବଳାତ୍କାର ଘଟଣା ମନରୁ ନ ଲିଭୁଣୁ ପୁଣି ଏକ ଘଟଣା ସାମ୍ନାକୁ ଆସିଛି। କ୍ୟାପିଟାଲ ଥାନା ଅଞ୍ଚଳରେ ୧୦ ବର୍ଷୀୟା ନାବାଳିକାଙ୍କୁ ଉଠାଇ ନେଇ ଜଣେ ୫୦ ବର୍ଷୀୟ ବ୍ୟକ୍ତି ବଳାତ୍କାର ଉଦ୍ୟମ କରିଛନ୍ତି। ତେବେ ସୌଭାଗ୍ୟବଶତଃ ନାବାଳିକା ପାଟି କରିବାକୁ ସ୍ଥାନୀୟ ଲୋକେ ଧାଇଁ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଏଥିସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାବୁ କରି ନିଘୁଞ୍ଚ ମାଡ଼ ମାରି ପୋଲିସ ଜିମା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି। ପୋଲିସ ମଙ୍ଗଳବାର ନାବାଳିକାଙ୍କ ବୟାନ ରେକର୍ଡ଼ କରିବା ସହ ଡାକ୍ତରୀ ମାଇନା କରାଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

## ନକଲି ପୋଲିସ ସାଜି ବଟି ଆଦାୟ : ୨ ଗିରଫ

ଭୁବନେଶ୍ୱର, ୭।୭(ବ୍ୟୁରୋ)

ଆର୍‌ପିଏଫ୍ ଆଇଜିଙ୍କ ଗାଡ଼ିରେ ଫେକ୍ ନମ୍ବର ଲଗାଇ ନକଲି ପୋଲିସ ସାଜି ଜାତୀୟ ରାଜପଥରେ ଟ୍ରକରୁ ବଟି ଆଦାୟ କରୁଥିବା ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ କଟକ ବାରଙ୍ଗର ସୌମ୍ୟରଞ୍ଜନ ରାଉତ (୨୯) ଓ ଯାଜପୁର ବରୀର ଚନ୍ଦ୍ରଶେଖର ଦାଶ (୪୦)। ଉଭୟ ଚନ୍ଦ୍ରଶେଖରପୁର ଲକ୍ଷ୍ମୀପୁର ବସ୍ତିରେ ରହୁଥିଲେ। ସେମାନଙ୍କ ବିରୋଧରେ ପୋଲିସ କେସ୍ ନଂ. ୨୪୦/୨୦ ଆଇପିସି ଦଫା ୪୧୯, ୩୮୪ ରୁଜୁ କରି ତଦନ୍ତ ଚଳାଇଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

# ଚ୍ୟାଲେଞ୍ଜ ପାଲଟିଛି କ୍ୟାନ୍‌ସର ପୀଡ଼ିତଙ୍କ କୋଭିଡ୍ ପରିଚାଳନା



କୋଭିଡ୍ ତାଲିମ୍ କାର୍ଯ୍ୟକ୍ରମ ।

■ ସ୍ୱତନ୍ତ୍ର କୋଭିଡ୍ ତାଲିମ ଆୟୋଜନ କଲା ସ୍ୱାସ୍ଥ୍ୟ ବିଭାଗ
■ ତାଲିମ ନେଲେ ବିଭିନ୍ନ କୋଭିଡ୍ ହସ୍ପିଟାଲର ୫୧ ଡାକ୍ତର

କଟକ ଅଫିସ,୭।୭

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ଶତାଧିକ ରୋଗୀ, ସମ୍ପର୍କୀୟ ଓ କର୍ମଚାରୀ କରୋନା ସଂକ୍ରମିତ ହେବା ପରେ ସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ଏଭଳି ପରିସ୍ଥିତିରେ କ୍ୟାନ୍‌ସର ପୀଡ଼ିତଙ୍କ କୋଭିଡ୍ ପରିଚାଳନା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଅନ୍ୟ ଜଟିଳ ରୋଗୀଙ୍କ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ସାମ୍ନା କରୁଛନ୍ତି ସ୍ୱାସ୍ଥ୍ୟକର୍ମୀ। ଏହାର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏକ ସ୍ୱତନ୍ତ୍ର କୋଭିଡ୍ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଛି। କ୍ୟାନ୍‌ସର ପୀଡ଼ିତଙ୍କ କୋଭିଡ୍‌ଜନିତ ମୃତ୍ୟୁହାର କମାଇବା ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ବିଭିନ୍ନ କୋଭିଡ୍ ହସ୍ପିଟାଲରୁ ପ୍ରାୟ ୫୧ ଜଣ ଡାକ୍ତର ଏହି ସ୍ୱତନ୍ତ୍ର ତାଲିମରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଏସ୍‌ସିବି ପ୍ରିନ୍ସିପାଲ ଡା. ଦଣ୍ଡେଶ୍ୱର ହୋତା, ଅଧୀକ୍ଷକ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ, ପଲମୋନାରୀ ମେଡିସିନ ମୁଖ୍ୟ ଡା. ଏମ୍.ଆର୍. ପଟ୍ଟନାୟକ, ମେଡିସିନ ବିଭାଗ ମୁଖ୍ୟ ଡା. ବି.ଏନ୍. ମହାପାତ୍ର, ନିଶ୍ଚେତକ ବିଭାଗର ଡା. ନିବେଦିତା ପାଣି, ଅଣୁଜୀବ ବିଭାଗ ମୁଖ୍ୟ ଡା. ନିରୁପମା ଚୟନୀ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଲଳାଟେନ୍ଦୁ ଷଡ଼ଙ୍ଗୀ, ଡା. ଜନ୍ମେଜୟ ମହାପାତ୍ର ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ କୋଭିଡ ବୈଷୟିକ ମୁଖପାତ୍ର ଡା. ଜୟନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ସଂଯୋଜନା କରିଥିଲେ।

## ଜନସାଧାରଣଙ୍କୁ ସରକାରୀ ଅଫିସ୍ ମନା

ପୁରୀ ଅଫିସ,୭।୭

କରୋନା ଏବେ ଉଗ୍ରରୂପ ନେଉଥିବାରୁ ସଂକ୍ରମଣକୁ ରୋକିବା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେଣୁ ଏହାକୁ ନଜରରେ ରଖି ପୁରୀ ଜିଲା ପ୍ରଶାସନ କେତେକ ପଦକ୍ଷେପ ଗ୍ରହଣ କରିଛି। ଆସନ୍ତା ୧୫ ଦିନ ଜିଲାର କୌଣସି ସରକାରୀ କାର୍ଯ୍ୟାଳୟ ବା ଅନୁଷ୍ଠାନକୁ ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ମଙ୍ଗଳବାର ଏକ ଭିଡିଓ ବାର୍ତ୍ତାରେ ଜିଲାପାଳ କହିଛନ୍ତି, କରୋନା ପରିସ୍ଥିତିକୁ ଦେଖି ଜିଲାର ସମସ୍ତ ସରକାରୀ ଅଫିସ ଜନସାଧାରଣଙ୍କ ପାଇଁ ବନ୍ଦ ରହିବ। କାହାର କାମ ଥିଲେ ସମସ୍ତ ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରି ସେବା ପାଇପାରିବେ। କାରଣ ପୂର୍ବରୁ କୋର୍ଟ, ଅଗ୍ନିଶମ ବିଭାଗ, ଜିଲାପାଳଙ୍କ ଅଫିସ କର୍ମଚାରୀଙ୍କଠାରେ ପଜିଟିଭ ଚିହ୍ନଟ କରାଯାଇଛି। ତେଣୁ ସଂକ୍ରମଣଠାରୁ ଦୂରେଇ ରହିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ୧୫/୨୦ ଦିନ ଆମକୁ ଜଗି ରଖି ଚଳିବାକୁ ହେବ। କାହାଠାରେ କୌଣସି ଫ୍ଲୁ ଲକ୍ଷଣ ଦେଖାଗଲେ ନ ଲୁଚାଇ ତୁରନ୍ତ ଏଏନ୍‌ଏମ୍/ଆଶାକର୍ମୀଙ୍କୁ ଜଣାନ୍ତୁ। ବିଶେଷକରି ସହରାଞ୍ଚଳରେ ମାସ୍କ ଏବଂ ସାମାଜିକ ଦୂରତା ନିୟମକୁ ବୁଧବାରଠାରୁ ଅଧିକ କଡ଼ାକଡ଼ି କରାଯିବ ବୋଲି ଜିଲାପାଳ ସ୍ପଷ୍ଟ କରିଛନ୍ତି। ସେହିପରି ଅତ୍ୟାବଶ୍ୟକ ନ ଥିଲେ ଜିଲା ବାହାରୁ କେହି ଆସନ୍ତୁ ନାହିଁ। ଅତ୍ୟନ୍ତ ଜରୁରୀ କ୍ଷେତ୍ରରେ ଚେକ୍ ପଏଣ୍ଟରେ ସଦର ମହକୁମାରୁ ପ୍ରବେଶ ଅନୁମତି ଦିଆଯିବ। ଯେଉଁମାନେ ଆସିଛନ୍ତି ସେମାନଙ୍କୁ କ୍ୱାରେଣ୍ଟାଇନରେ ରହିବାକୁ ପଡ଼ିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## 'ସୁସ୍ଥ ବାତାବରଣ ଲାଗି ଚାରାଟିଏ ଲଗାଅ'

ଖୋର୍ଦ୍ଧା ଅଫିସ,୭।୭

ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ଭାରତ-ତିବ୍ବତୀୟ ସୀମା ପୋଲିସ(ଆଇଟିବିପି) ୪୧ବିଏନ୍ ବାଟାଲିୟନ ପରିସରରେ ଜିଲାସ୍ତରୀୟ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ଏସ୍.ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିନ୍ଦ୍ରନାଥ ମିତ୍ର ଯୋଗଦେଇ କହିଥିଲେ, ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ପରିବେଶ ସୁରକ୍ଷା ଲାଗି ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଚାରା ରୋପଣ କରିବା ଲାଗି ସଙ୍କଳ୍ପ ନେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ପରିବେଶ ସୁରକ୍ଷା ଲାଗି ବ୍ୟାପକ ଚାରା ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଚାରାରୋପଣ ଲାଗି କୌଣସି ଏକ ନିର୍ଦ୍ଦିଷ୍ଟ ଦିନ ନ ଥାଏ। ଏକ ସୁସ୍ଥ ବାତାବରଣ ଲାଗି ଚାରାଟିଏ ଲଗାଅ ବୋଲି ଡିଏଫ୍‌ଓ ସାମନ୍ତରାୟ କହିଛନ୍ତି। କମାଣ୍ଡାଣ୍ଟ ଉମେଶ ବାଦୋଲା, ଉପଜିଲାପାଳ ଅଶୋକ ବେହେରିଆ, କମାଣ୍ଡାଣ୍ଟ ସୁରେଶ ତରିଆ, ଡେପୁଟି କମାଣ୍ଡାଣ୍ଟ ଦିପକ ଭଟ୍ଟ, ଇ.ଦୀପକ କୁମାର ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଖୋର୍ଦ୍ଧା ରେଞ୍ଜର ୟୁ.କେ.ଗଡ଼ନାୟକ, ଆଇଟିବିପିର ଏସଏମ ହରଦିୟାଲ ସିଂ, ଏଏସଆଇ ନରେନ୍ଦ୍ର ସିଂ, ହାବିଲଦାର(ଜିଡି) ସଞ୍ଜୟ କୁମାର ପ୍ରମୁଖ ସହଯୋଗ କରିଥିଲେ।

# ବିଏମ୍‌ସି ନିଷ୍ପତ୍ତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ୯ ରାଜନୈତିକ ଦଳ

ଭୁବନେଶ୍ୱର, ୭।୭(ବ୍ୟୁରୋ)

ରାଜଧାନୀରେ କୌଣସି ପ୍ରକାର ବିକ୍ଷୋଭ, ଶୋଭାଯାତ୍ରା ଓ ସଭା ଇତ୍ୟାଦି ଉପରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ କଟକଣା ଜାରି କରାଯାଇଛି। ବିଏମ୍‌ସିର ଏଭଳି କଟକଣା ସମ୍ପୂର୍ଣ୍ଣଭାବେ ଅଗଣତାନ୍ତ୍ରିକ ବୋଲି ବିରୋଧୀ ଦଳଗୁଡିକ ଅଭିଯୋଗ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଫେରାଦ ହେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହାସହିତ ରାଜନୈତିକ ଦଳଗୁଡିକ ବିରୋଧରେ ମାମଲା ରୁଜୁ କରିବାକୁ ମଧ୍ୟ ନିନ୍ଦା କରାଯାଇଛି। କଂଗ୍ରେସ ନେତୃତ୍ୱରେ ମଙ୍ଗଳବାର ଭୁବନେଶ୍ୱରଠାରେ ୯ଟି ବିରୋଧୀ ଦଳର ନେତାମାନେ ଏକାଠି ହୋଇଛନ୍ତି। କରୋନା ମହାମାରୀ ଆଳରେ ସରକାର ଯେଉଁଭଳି ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି ସେନେଇ ସେମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସରକାରଙ୍କ ଜନବିରୋଧୀ ନୀତି ଓ ପଦକ୍ଷେପ ବିରୋଧରେ ବିକ୍ଷୋଭ ଏବଂ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଆୟୋଜନ କରୁଥିବା କାରଣରୁ ଗତ ୪ ତାରିଖରେ ପୋଲିସ ପକ୍ଷରୁ ୫ଟି ରାଜନୈତିକ ଦଳ ଏବଂ ସଙ୍ଗଠନ ବିରୋଧରେ ମାମଲା ରୁଜୁ କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବିଏମ୍‌ସି ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇ ରାଜଧାନୀରେ କୌଣସି ବିକ୍ଷୋଭ, ସଭା, ଶୋଭାଯାତ୍ରା ଇତ୍ୟାଦିକୁ ବାରଣ କରାଯାଇଛି। ଏହାକୁ ଅବମାନନା କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ମଧ୍ୟ ଦିଆଯାଇଛି। ଏହା ଦେଶର ସମ୍ବିଧାନ ପ୍ରଦତ୍ତ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁଣ୍ଣ କରୁଛି ବୋଲି ବୈଠକରେ ଉପସ୍ଥିତ ନେତାମାନେ କହିଛନ୍ତି। ଏହା ସହିତ ବିଏମ୍‌ସିର ଏଭଳି ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ଓ ମହାମାରୀ ଆଇନର ଦୁରୁପଯୋଗ କରି ରାଜନେତା ଓ ସାମାଜିକ କର୍ମୀମାନଙ୍କ ବିରୋଧରେ ହୋଇଥିବା ମକଦ୍ଦମା ପ୍ରତ୍ୟାହାର ଦାବିରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀମାନେ ପ୍ରଦାନ କରିବେ।

# ହାତ ବାନ୍ଧି ବସିଛନ୍ତି ୨୫୦ ସଂସ୍ଥା

### କଟକଣା କୋହଳ ସତ୍ତ୍ୱେ ରୋଜଗାର ବାଟ ଶୂନ

■ କେହି ଖୋଜୁନାହାନ୍ତି ଡିଜେ-ସାଉଣ୍ଡ

କଟକ ଅଫିସ,୭।୭

ଲକ୍‌ଡାଉନ କଟକଣା କୋହଳ ହେବା ପରେ ଦୋକାନ ବଜାର ଖୋଲିଛି। ରୋଜଗାର ହରାଇଥିବା ଅଧିକାଂଶ ବ୍ୟବସାୟ ଆଶ୍ୱସ୍ତ ହୋଇଛନ୍ତି। କିନ୍ତୁ ଏଯାବତ୍ ଡିଜେ ସାଉଣ୍ଡ ମାଲିକ ଏବଂ କର୍ମଚାରୀ ହାତବାନ୍ଧି ବସିଛନ୍ତି। ବିବାହ ଋତୁ ସରିବାକୁ ବସିଲାଣି। କିନ୍ତୁ ଚଳିତବର୍ଷ ଗୋଟିଏ ହେଲେ ବି ବିବାହ କାର୍ଯ୍ୟକ୍ରମରେ ଡିଜେ ବାଜିନାହିଁ। ଫଳରେ ଡିଜେ ମାଲିକମାନେ କର୍ମଚାରୀଙ୍କୁ ଅନ୍ୟ କାମ ଦେଖିବାକୁ ବାଧ୍ୟ କରୁଛନ୍ତି।

ଡିଜେ ଏବଂ ସାଉଣ୍ଡ ସଂସ୍ଥାର ବ୍ୟବସାୟ ଋତୁକାଳୀନ। ବର୍ଷର ୮ ମାସ କାର୍ଯ୍ୟକ୍ରମରୁ ରୋଜଗାର ହୁଏ, ବାକି ୪ ମାସ ଘରେ ବସିବାକୁ ପଡ଼େ। ଅନ୍ୟ ଦିନଠାରୁ ବିବାହ ଋତୁରେ ଭଲ ରୋଜଗାର ହୋଇଥାଏ। ମାତ୍ର ଚଳିତବର୍ଷ ଆରମ୍ଭରୁ ଡିଜେ ମାଲିକ ଓ କର୍ମଚାରୀଙ୍କ ପେଟରେ ଗୋଇଠା ମାରିଛି କରୋନା। ମାର୍ଚ୍ଚ ମାସରୁ ଲକ୍‌ଡାଉନ ଓ ଅନ୍‌ଲକ୍ ପର୍ଯ୍ୟାୟରେ ସାମାଜିକ କାର୍ଯ୍ୟକ୍ରମ ଉପରେ କଟକଣା ବଳବତ୍ତର ରହିଛି। ଫଳରେ ଡିଜେ ଓ ସାଉଣ୍ଡ ମାଲିକ ରୋଜାଗାର ହରାଇ ବସିଛନ୍ତି। ପ୍ରଥମ ମାସ କାମ ବନ୍ଦ ଥିଲେ ମଧ୍ୟ କେତେଜଣ ମାଲିକ ନିଜ କର୍ମଚାରୀଙ୍କୁ ଦରମା ଦେଉଥିଲେ। କିନ୍ତୁ କଟକଣା ଏତେ ସମୟ ଧରି ରହିବା ଯୋଗୁ ସେମାନେ ଦରମା ଦେବାକୁ ନିଜ ଅସାମର୍ଥ୍ୟ ପ୍ରକାଶ କଲେଣି। କଟକରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଡିଜେ ଓ ସାଉଣ୍ଡ ସଂସ୍ଥା ରହିଛି। ବିବାହ ଋତୁ ବିନା ଡିଜେ ସାଉଣ୍ଡରେ ଯାଇଛି। ଆଗକୁ ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ଦଶହରା ମଧ୍ୟ ନିରାଡମ୍ବରରେ ହେବ ବୋଲି ଅନୁମାନ କରାଯାଉଛି। ଗୋଟିଏ ବର୍ଷ ପାଇଁ ରୋଜଗାର ଉଜୁଡ଼ିଥିବା ସେମାନେ ଆଶଙ୍କା କଲେଣି।

### ସେମାନେ କୁହନ୍ତି...

**ସରକାର କିଛି ବ୍ୟବସ୍ଥା କରନ୍ତୁ**



ଆମ ବ୍ୟବସାୟ ମାର୍ଚ୍ଚରୁ ବନ୍ଦ ହେଲାଣି। ଘର ଚଳାଇବା କଷ୍ଟକର ହୋଇପଡ଼ିଲାଣି। ଏତେ ସବୁ ପରେ ବି ଆମେ କର୍ମଚାରୀଙ୍କୁ ଦରମା ଦେଉଛୁ। ସରକାର ନିହାତି ଭାବେ ଆମ ପାଇଁ କିଛି ବ୍ୟବସ୍ଥା କରିବା ଜରୁରୀ। – ଚନ୍ଦନ ଦାସ, ସାଇ ଶ୍ରଦ୍ଧା ସାଉଣ୍ଡ

**୫ ମାସ ହେଲା ହାତ ଖାଲି**



ଏହା ମଧ୍ୟରେ ୫ ମାସ ହେବାକୁ ବସିଲାଣି। ରାଜ୍ୟ ସରକାର ଆମମାନଙ୍କ ପାଇଁ କିଛି ବ୍ୟବସ୍ଥା ବା ସାହାଯ୍ୟ କରିଲେ ନାହିଁ। ଯଦି ଆମ ପାଇଁ କିଛି ଆଖିଦୃଶିଆ ପଦକ୍ଷେପ ନିଅନ୍ତି, ତେବେ ଅବସ୍ଥାର ସୁଧାର ଆସିବ। – ଅନୀଲ ପାତ୍ର, ସାଇଶ୍ରୀ ସାଉଣ୍ଡ

**ପଢ଼ା ସାଙ୍ଗକୁ ରୋଜଗାର ବନ୍ଦ**



ପାଠପଢ଼ା ସହ କିଛି ରୋଜଗାର କରୁଛି। ସନ୍ଧ୍ୟାରେ କାମ ପଡ଼ିଲେ ମାଲିକମାନେ ଡାକନ୍ତି। ମାତ୍ର ଏବେ ସୁଦ୍ଧା କିଛି କାର୍ଯ୍ୟକ୍ରମ ହେଉନି। ବାହାଘର ହେଉଥିଲେ ବି ସାଉଣ୍ଡ ପାଇଁ କେହି କହୁନାହାନ୍ତି। ଫଳରେ ଘରେ ବସିବାକୁ ପଡୁଛି। – ସୁଧାଂଶୁ ଶେଖର ବେହେରା, କର୍ମଚାରୀ

**ଏ ବର୍ଷ ବହୁତ କଷ୍ଟଦାୟକ**



କରୋନାର ମାତ୍ରା ବଢ଼ିବା ଯୋଗୁ ସବୁ ବ୍ୟବସାୟୀଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ଆମ ପାଇଁ ଏ ବର୍ଷଟା ବହୁତ କଷ୍ଟଦାୟକ। ବିବାହ, ବ୍ରତ ତଥା ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ଥିବାରୁ ସାଉଣ୍ଡ ଓ ଲାଇଟ ବେପାର ବନ୍ଦ ରହିଛି। ଦୋକାନ ଭଡ଼ା ଦେବାରେ ଅସୁବିଧା ହେଉଛି। – ଧୀରେନ୍ଦ୍ର ବେହେରା, ମା' ବରୁଣେଇ ସାଉଣ୍ଡ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଜୁଲାଇ ୮/୨୦୨୦ | Bhubaneswar, Wednesday, July 8/ 2020


# ଏମ୍‌ଭି ଟ୍ୟାକ୍ସ ଦାଖଲ ସମୟ ବୃଦ୍ଧି

**ଭୁବନେଶ୍ୱର,୭।୭(ବ୍ୟୁରୋ):** ଦେଶରେ କରୋନା ମହାମାରୀ ଯୋଗୁ ଲକ୍‌ଡାଉନ୍ ଜାରି ରହିଛି। ରାଜ୍ୟ ସରକାର ମଧ୍ୟ କରୋନା ମୁକାବିଲା କରିବାକୁ ସମାନ ପଦ୍ଧତି ଗ୍ରହଣ କରିଛନ୍ତି। ତେଣୁ ଏଭଳି ସମୟରେ ଗାଡ଼ି ମାଲିକମାନେ ଜୁଲାଇ ମାସର ମୋଟର ଯାନ(ଏମ୍‌ଭି) ଶୁଳ୍କ ଏବଂ ଅତିରିକ୍ତ ଶୁଳ୍କ ଦେବାରେ ଅସମର୍ଥ ଅଛନ୍ତି। ତେଣୁ ସରକାର ଲାଇନ ବସ୍, ଯାତ୍ରୀବାହୀ ବସ୍, କାର ଆଦି ପାଇଁ ଜୁଲାଇର ଟ୍ୟାକ୍ସ ଏବଂ ଅତିରିକ୍ତ ଟ୍ୟାକ୍ସ ଦାଖଲ ଅବଧି ଜୁନ୍ ୩୦ରୁ ଜୁଲାଇ ୩୧କୁ ବୃଦ୍ଧି କରାଯାଇଛି। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ ନେବା ଆଣିବା କରୁଥିବା ଟ୍ରକ୍ ଆଦି ଗାଡି ଲାଗି ମଧ୍ୟ ଟ୍ୟାକ୍ସ ଓ ଅତିରିକ୍ତ ଟ୍ୟାକ୍ସ ଦେବା ସମୟ ଘୁଞ୍ଚାଯାଇଛି। ଟ୍ରକ୍‌ଗୁଡିକ ପାଇଁ ଏପ୍ରିଲରୁ ଜୁନ ପର୍ଯ୍ୟନ୍ତ ୩ ମାସର ଟ୍ୟାକ୍ସ ଜୁନ୍ ୩୦ ସୁଦ୍ଧା ଦେବା ପାଇଁ କୁହାଯାଇଥିଲା। ହେଲେ 'ବାହନ' ସର୍ଭର ଧିମା ରହିବା ଯୋଗୁ ଏହା ସମ୍ଭବ ହୋଇପାରି ନ ଥିବା ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି କରାଯାଇଥିବା ଚିଠି ମାଧ୍ୟମରେ କୁହାଯାଇଛି। ଗାଡ଼ି ମାଲିକମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ଟ୍ୟାକ୍ସ ଦେବା ସମୟକୁ ଆହୁରି ବଢ଼ାଯାଇଥିବା ସରକାର ଦର୍ଶାଇଛନ୍ତି। ବସ୍ ଏବଂ ଯାତ୍ରୀବାହୀ ଗାଡ଼ି ମାଲିକମାନେ ଜୁଲାଇ ୩୧ସୁଦ୍ଧା ସେମାନଙ୍କ ଟ୍ୟାକ୍ସ ପ୍ରଦାନ କରିବେ। ସେହିପରି ଟ୍ରକ୍ ମାଲିକମାନେ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ଟ୍ୟାକ୍ସ ଜୁଲାଇ ୧୫ ସୁଦ୍ଧା ଦାଖଲ କରିବେ।

# ଯବାନଙ୍କ ମା' ବାପାଙ୍କୁ ଅପହରଣ କଲେ ମାଓବାଦୀ

**ମାଲକାନଗିରି,୭।୭(ସ୍ୱ.ପ୍ର.):** କିଛିଦିନର ନୀରବତା ପରେ ମାଓବାଦୀମାନେ ସେମାନଙ୍କ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। କେଉଁଠି ପ୍ରଜାମେଳି କରିଛନ୍ତି ତ କେଉଁଠି ରାସ୍ତା ନିର୍ମାଣକୁ ବିରୋଧକରି ଏଥିରେ ବ୍ୟବହୃତ ଜେସିବି ପୋଡ଼ିଛନ୍ତି। ଏବେ ଜଣେ ଯବାନଙ୍କ ମା'ବାପାଙ୍କୁ ମାଓବାଦୀମାନେ ଅପହରଣ କରି ନେଇଛନ୍ତି। ଏଭଳି ଘଟଣା ଘଟିଛି ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡା ଜିଲା ଗୁମିୟାପାଲ ଗ୍ରାମରେ। ଏଥିସହ ତାଙ୍କ ଭଉଣୀଙ୍କୁ ମାଡ଼ ମାରି ମାଓବାଦୀମାନେ ମୋବାଇଲ ଫୋନ ଛଡାଇ ନେଇଛନ୍ତି। ଖବରରୁ ଜଣାପଡିଛି ଗତ ବର୍ଷେ ତଳେ ମାଓବାଦୀ ସଙ୍ଗଠନ ଛାଡି ପୋଲିସ ଚାକିରି କରୁଥିବା ଅଜୟ ତେରାମିଙ୍କ ଗୁମିୟାପାଲସ୍ଥିତ ଘରେ ସୋମବାର ରାତି ୧୦ଟାରେ ୩୦ରୁ ୩୫ ଜଣ ମାଓବାଦୀ ଓ ତାଙ୍କ ସମର୍ଥକମାନେ ପହଞ୍ଚି ଡାକିଥିଲେ। ପରିବାର ଲୋକେ ଭୟରେ କବାଟ ନ ଖୋଲିବାରୁ ସେମାନେ କବାଟ ଭାଙ୍ଗି ଘରେ ପଶି ତାଙ୍କ ଭଉଣୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ତାଙ୍କଠାରୁ ଫୋନ ଛଡ଼ାଇ ନେବା ସହ ତାଙ୍କ ମା'ବାପାଙ୍କୁ ଅପହରଣ କରି ନେଇଥିବା ଦନ୍ତେୱାଡା ଏସ୍‌ପି ସଲ୍ଲଭ ସିହ୍ନା କହିଛନ୍ତି। ମଙ୍ଗଳବାର ସମ୍ପୃକ୍ତ ଗ୍ରାମକୁ ପୋଲିସ ତଦନ୍ତ ପାଇଁ ଯାଇଛି। ତେବେ ଗ୍ରାମକୁ ପୋଲିସ ଆସିଥିବା ଜାଣିବା ପରେ ଗ୍ରାମ ପୁରୁଷ ଶୂନ୍ୟ ହୋଇଯାଇଥିଲା।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ